ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୯/୨୦୨୩ (୨୦ ପୃଷ୍ଠା) Bhubaneswar, Wednesday, November 29/2023 Page 20 ₹ 7.00
୫୦ଶ ଭାଗ ୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 6 ମୂଲ୍ୟ ₹୭/-



**ରତୁରାଜଙ୍କ ଶତକ**

ଗୁଆହାଟୀରେ ମଙ୍ଗଳବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ଭାରତର ରତୁରାଜ ଗାଏକ୍ୱାଡ୍। ୧୮

୧୬ **ଅଭିନୟରୁ ବିରତି ନେବାକୁ ଚାହୁଁଛନ୍ତି ରଣବୀର**

ବଲିଉଡ୍ ଅଭିନେତା ରଣବୀର କପୁର ତାଙ୍କ ଝିଅ ରାହାଙ୍କ ସହିତ ସମୟ ବିତାଇବାକୁ ଅଭିନୟରୁ ବିରତି ନେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି।



# ସୁଡ଼ଙ୍ଗରୁ ମୁକ୍ତି ପାଇଲେ

## ୧୭ ଦିନ ଧରି ଫସିରହିଥିଲେ ୪୧ ଶ୍ରମିକ

ଉତ୍ତରକାଶୀ,୨୮।୧୧

ଦୀର୍ଘ ୧୭ ଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସିଲ୍କ୍ୟାରା ସୁଡ଼ଙ୍ଗରେ ଫସିରହିଥିବା ୫ ଓଡ଼ିଆଙ୍କ ସମେତ ସମସ୍ତ ୪୧ ଶ୍ରମିକଙ୍କୁ ମଙ୍ଗଳବାର ରାତିରେ ଉଦ୍ଧାର କରି ବାହାରକୁ ଅଣାଯାଇଛି। ଏଥିପାଇଁ ୪୦୦ରୁ ଊର୍ଦ୍ଧ୍ୱ ଘଣ୍ଟା ଧରି ଅନେକ ଏଜେନ୍ସି ପକ୍ଷରୁ ମିଳିତ ଅପରେଶନ ଜାରି ରହିଥିଲା। ଶେଷ ପର୍ଯ୍ୟାୟରେ ର୍ୟାଟ୍ ହୋଲ୍ ମାଇନରମାନେ ଶ୍ରମିକଙ୍କ ପାଖରେ ପାଇପ୍ ଲାଇନ୍ ପହଞ୍ଚାଇବାରେ ସଫଳ ହୋଇଥିଲେ। ପରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୩ଟି ଟିମ୍ ସୁଡ଼ଙ୍ଗ ଭିତରକୁ ଯାଇ ଫସିଥିବା ଶ୍ରମିକମାନଙ୍କୁ ଚକଲଗା ଷ୍ଟ୍ରେଚରରେ ଜଣ ଜଣ କରି ବାହାରକୁ ଆଣିଛନ୍ତି। ସୁଡ଼ଙ୍ଗ ବାହାରେ ଅପେକ୍ଷାରତ ଆମ୍ବୁଲାନ୍ସଗୁଡ଼ିକ ସେମାନଙ୍କୁ ହସ୍ପିଟାଲକୁ ନେଇଛନ୍ତି। ଗୁରୁତର ଅସୁସ୍ଥ ଥିବା ଶ୍ରମିକଙ୍କୁ ତୁରନ୍ତ ହସ୍ପିଟାଲ ନେବା ଲାଗି ସେଠାରେ ବାୟୁସେନାର ହେଲିକପ୍ଟର ମଧ୍ୟ ଷ୍ଟାଣ୍ଡବାଏରେ ଥିଲା। ☞ପୃଷ୍ଠା-୨



ଉଦ୍ଧାର ହୋଇଥିବା ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି।

## ୫ ଓଡ଼ିଆ ସୁରକ୍ଷିତ ଉଦ୍ଧାର



ଭୁବନେଶ୍ୱର,୨୮।୧୧

ଉତ୍ତରକାଶୀ ସୁଡ଼ଙ୍ଗ ମଧ୍ୟରୁ ୪୧ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ୫ ଓଡ଼ିଆ ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ବଡ଼କୁଦରର ଧୀରେନ ନାଏକ ଏବଂ ଯୋଗୀବନ୍ଧର ବିଶ୍ୱେଶ୍ୱର ନାଏକ, ବାଲେଶ୍ୱରର କୁଲଡିହା ଅଞ୍ଚଳର ରାଜୁ ନାଏକ, ନବରଙ୍ଗପୁରର ଭଗବାନ ଭୋତ୍ରା ଏବଂ ଭଦ୍ରକ ଜିଲାର ତପନ ମଣ୍ଡଳ। ଗତ ୧୨ ତାରିଖରେ ସିଲ୍କ୍ୟାରା ଟନେଲର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ସେମାନେ ୧୭ ଦିନ ହେଲା ଏହା ଭିତରେ ଫସିରହିଥିଲେ। ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆରଏଫ୍‌ ଏ ଅନ୍ୟାନ୍ୟ ସଂସ୍ଥା ତଥା ଖନନ ବିଶେଷଜ୍ଞମାନଙ୍କ ଅକ୍ଳାନ୍ତ ଉଦ୍ୟମ ଫଳରେ ମଙ୍ଗଳବାର ରାତିରେ ସମସ୍ତ ୪୧ ଶ୍ରମିକଙ୍କୁ ସୁଡ଼ଙ୍ଗ ବାହାରକୁ ଅଣାଯାଇଛି। ସ୍ଥିତି ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାଏକଙ୍କୁ ଉତ୍ତରାଖଣ୍ଡ ପଠାଇଥିଲେ। ଓଡ଼ିଆ ଶ୍ରମିକମାନଙ୍କୁ ପାଛୋଟିବା ପାଇଁ ସେମାନଙ୍କ ପରିବାରରୁ ଜଣେ ଲେଖାଏ ଉତ୍ତରାଖଣ୍ଡ ଯାଇଥିଲେ।

## ୩ ଗୋରୁ ମାରିଲା ମହାବଳ

ଆର.ଉଦୟଗିରି,୨୮।୧୧
(ମନୋଜ କୁମାର ପାଢୀ)

ଗଜପତି ଜିଲାରେ କିଛିଦିନ ହେଲା ଏକ ମହାବଳ ବାଘ ଆତଙ୍କ ଖେଳାଇଛି। ବାଘଟି ଗତ ୨୨ ତାରିଖରେ ରାୟଗଡା ବ୍ଲକରେ ଏକ ଗାଈକୁ ଶିକାର କରିଥିଲା। ଏହାର ୪ଦିନ ପରେ ଆର.ଉଦୟଗିରି ବନ ବିଭାଗର ପରିମଳ ବିଟ୍‌ରେ ଗତ ଦୁଇଦିନ ହେଲା ଆତଙ୍କ ଖେଳାଇଥିବା ଅଞ୍ଚଳବାସୀ କହିଛନ୍ତି। ସେହିପରି ଅନୁଗୁରୁ ପଞ୍ଚାୟତ ଉଆମା ଗ୍ରାମଠାରୁ ୨ କି.ମି. ଦୂରରେ ଗୁହାଳେ ବନ୍ଧା ଯାଇଥିବା ଗୋରୁଙ୍କ ମଧ୍ୟରୁ ୩ଟି ଗୋରୁ ଶୀକାର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କଠାରୁ ଏହି ଖବରପାଇ ବନ ବିଭାଗ ଟିମ୍ ମଙ୍ଗଳବାର ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ବାଘକୁ ଟ୍ରାକିଂ ପାଇଁ ପାରଳାଖେମୁଣ୍ଡିରୁ ୧୦ ଜଣିଆ ଟିମ ଆସିଛନ୍ତି। ଗୁହାଳଠାରୁ କିଛି ଦୂରରେ ପଡିଥିବା ଗୋରୁ ମୁଣ୍ଡ ଓ ଗୋଡ ନିକଟରେ ୩ଟି ଟ୍ରାପ କ୍ୟାମେରା ଲଗାଇ ଅନୁଧ୍ୟାନ କରୁଛନ୍ତି। ବାଘ କେତୋଟି ଗୋରୁ ମାରିଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ରେଞ୍ଜର ଉମାଶଙ୍କର ବିଷୋୟୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବୈଷୟିକ ଜ୍ଞାନ ନୁହେଁ**

# ବୈପାରୀଗୁଡ଼ା ଥାନାଧିକାରୀ ଗିରଫ



## ୩୭.୨୭ ଲକ୍ଷ ଜବତ

ଭୁବନେଶ୍ୱର,୨୮।୧୧
(ସତ୍ୟଜିତ୍ ରାଉତ)

ଭିଜିଲାନ୍ସ ଜାଲରେ ପଡ଼ିଥିବା କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ଶତପଥୀଙ୍କ କଟକ ବକ୍ସିବଜାରସ୍ଥିତ ସରକାରୀ ବାସଭବନରୁ ମଙ୍ଗଳବାର ଆଉ ୨୯.୭୭ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଜବତ କରାଯାଇଛି। ଫଳରେ ତାଙ୍କଠାରୁ ଜବତ ହୋଇଥିବା ମୋଟ ଟଙ୍କାର ପରିମାଣ ୩୭ ଲକ୍ଷ ୨୭ ହଜାରରେ ପହଞ୍ଚିଛି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୩୮/୨୦୨୩) ରୁଜୁ କରାଯାଇ ସୁଶାନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଅଭିଯୁକ୍ତ ଥାନା ଅଧିକାରୀ ସୁଶାନ୍ତ କିଛିଦିନ ହେଲା ବିଭିନ୍ନ ଲୋକଙ୍କଠାରୁ ବଡ଼ ପରିମାଣରେ ଟଙ୍କା ଗ୍ରହଣ କରିଥିବା ନେଇ ସୂଚନା ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଉପରେ ନଜର ରଖାଯାଇଥିଲା। ସୁଶାନ୍ତ ଟଙ୍କା ଧରି ନିଜ ଘରକୁ ବସ୍‌ରେ ଯାଉଥିବା ଜୟପୁର ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲା। ଏହାପରେ ଭିଜିଲାନ୍ସର ଅଧିକାରୀମାନେ ସୋମବାର ସନ୍ଧ୍ୟାରେ ଜୟପୁର ଟାଙ୍କୁଆ ନିକଟରେ କଟକ ଯାଉଥିବା ଉକ୍ତ ବସ୍‌ରେ ଚଢ଼ାଉ କରି ସୁଶାନ୍ତଙ୍କୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ତାଙ୍କ ପାଖରୁ ୨.୭୦ ଲକ୍ଷ ଟଙ୍କା ମିଳିଥିଲା। ଭିଜିଲାନ୍ସ ଉକ୍ତ ଟଙ୍କାକୁ ଜବତ କରିବା ସହ ସୁଶାନ୍ତଙ୍କୁ ଧରି ତାଙ୍କ ଅଫିସ୍, ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରିଥିଲା। ବୈପାରିଗୁଡ଼ା ଥାନାର ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା, ସରକାରୀ କ୍ୱାର୍ଟର୍ସରୁ ୩ ଲକ୍ଷ ଟଙ୍କା ମିଳିଥିଲା। ପରେ କଟକ ବକ୍ସିବଜାରସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରାଯାଇ ବିପୁଳ ଟଙ୍କା ସହ ସୁନା ଅଳଙ୍କାର ଜବତ କରିଥିଲା ଭିଜିଲାନ୍ସ ଟିମ୍। ତେବେ ଏହି ମାମଲାରେ ଅଧିକ ତଦନ୍ତ ଚାଲୁ ରହିଛି। ସୁଶାନ୍ତଙ୍କ ନିବେଶ ଓ ଜମା ସମେତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଦି ସଂକ୍ରାନ୍ତରେ ଯାଞ୍ଚ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ୪ମାସ ହେବ ବଦଳି ହୋଇ ଆସିଥିଲେ

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ସୁଶାନ୍ତ ୧୯୭୮ ମାର୍ଚ୍ଚ ୧୧ରେ ଜନ୍ମ ହୋଇଥିବାବେଳେ ୧୯୯୯ରେ କନ୍‌ଷ୍ଟେବଲ ଭାବେ ସରକାରୀ ସେବାରେ ଯୋଗଦେଇ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ☞ପୃଷ୍ଠା-୨




## ‘ଥଣ୍ଡା, କାଶ ହେଲେ ମାସ୍କ ପିନ୍ଧ’

### ‘ଏଚ୍‌୯ଏନ୍‌୨’ ଭାଇରସ୍‌କୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ

ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)

ଚାଇନାରେ ‘ଏଚ୍‌୯ଏନ୍‌୨’ ଭାଇରସ୍ ଯୋଗୁ ନିମୋନିଆ ଦ୍ରୁତ ଗତିରେ ବ୍ୟାପୁଛି। ଏହାକୁନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ସରକାରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହି ପରିପ୍ରେକ୍ଷୀରେ ଆଗୁଆ ସଚେତନତା ଅବଲମ୍ବନ କରିଛନ୍ତି ରାଜ୍ୟ ସରକାର। ଚାଇନାର ଏହି ଭାଇରସକୁ ନେଇ ଭୟଭୀତ ☞ପୃଷ୍ଠା-୨



# ନିୟମଗିରି ପାଦଦେଶରେ ଷ୍ଟ୍ରବେରୀ ଚାଷ



ରାୟଗଡ଼ା ଜିଲାର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ନିୟମଗିରି ପାଦଦେଶରେ ଷ୍ଟ୍ରବେରି ଚାଷ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ପୂର୍ବରୁ ଡଙ୍ଗରିଆମାନେ କଦଳୀ, ସପୁରି, ହଳଦୀ, ଅଦା, ପାଳୁଅ, ପଣସ, ଆମ୍ବ, ଫୁଲ ଝାଡୁ, କମଳା ଆଦି ଚାଷ କରି ସଫଳତା ହାସଲ କରିଥିଲେ। ହେଲେ ଚଳିତ ବର୍ଷ ପ୍ରଥମ ଥର ପାଇଁ ନିୟମଗିରି ପାଦଦେଶରେ ଷ୍ଟ୍ରବେରୀ ଚାଷ କରି ଜଣେ ଡଙ୍ଗରିଆ ଚାଷୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସହାୟତାରେ ବିଷମକଟକ ବ୍ଲକ ଅନ୍ତର୍ଗତ କୁର୍ଲି ଗ୍ରାମରେ ଲାକୁନୁ ଯାକେଶିକାଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ କରାଯାଉଛି।

ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର କର୍ମୀଙ୍କ ସହ ଗତ ମାର୍ଚ୍ଚରେ ଡଙ୍ଗରିଆ ଚାଷୀମାନେ ନୂଆପଡା ଜିଲାକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ ଥିବା ଚୁକଟିଆ ଏବଂ ଭୁଞ୍ଜିଆ ସମ୍ପ୍ରଦାୟ ଜନଜାତିଙ୍କ ଷ୍ଟ୍ରବେରୀ ଚାଷରୁ ଅନୁପ୍ରାଣିତ ହୋଇ ନିୟମଗିରି ପାଦଦେଶରେ ଏହି ଫଳ ଚାଷ କରିବାକୁ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କୁର୍ଲି ଗ୍ରାମର ପାହାଡ଼ ପାଦଦେଶରେ ଚାଷୀ ଲାକୁନୁ ଯାକେଶିକା ପ୍ରାୟ ଏକ ଏକର ଜମିରେ ଷ୍ଟ୍ରବେରୀ ଚାଷ କରିଛନ୍ତି। ସେ ଏଠାରେ ୨୦ ହଜାର ଷ୍ଟ୍ରବେରି ଗଛ ଲଗାଇଛନ୍ତି। ଗଛ ଲାଗିବାର ପ୍ରାୟ ୪୫ ଦିନ ପରେ ଫଳ ହେବ। ୨ ମାସ ପର୍ଯ୍ୟନ୍ତ ଫଳ ଫଳିବ। ଆନୁମାନିକ ୬୦ କୁଇଣ୍ଟାଲ ଉତ୍ପାଦନ ହେବ ବୋଲି ଚାଷୀ ଲାକୁନୁ ଆଶା ରଖିଛନ୍ତି। ଯାହାର ମୂଲ୍ୟ ବଜାର ଦରରେ ଅତିକମରେ ୧୦ରୁ ୧୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ୧ ଏକର ପିଛା ଚାରା, ସାର, ବୁନ୍ଦା ଜଳସେଚନ, ଶ୍ରମ ବାବଦକୁ ସବୁ ମିଶି ଅତି ବେଶୀରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଷ୍ଟବେରି ଚାଷ ପାଇଁ ଓପିଲିପି ଏବଂ ଚାଟିକଣା କନ୍ଧ ଉନୟନ ସଂସ୍ଥା ପକ୍ଷରୁ ସହାୟତା ଯୋଗାଇ ଦେଇଥିବା ଚାଷୀ ଲାକୁନୁ ଯାକେଶିକା କହିଛନ୍ତି। ଏହି ଚାଷ ଫଳପ୍ରଦ ହେଲେ ଆଗକୁ ସେ ଆହୁରି ଅଧିକ ଜମିରେ ଷ୍ଟବେରି ଚାଷ କରିବେ ବୋଲି କହିଛନ୍ତି।

- ପ୍ରଥମ ଥର ପାଇଁ ଚାଷ କରିଛନ୍ତି ଡଙ୍ଗରିଆ କନ୍ଧ
- ସହାୟତା ଯୋଗାଉଛି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା

ରାୟଗଡାର ଥଣ୍ଡା ଜଳବାୟୁ ଷ୍ଟ୍ରବେରି ପାଇଁ ବେଶ୍ ଉପଯୋଗୀ। ପରୀକ୍ଷାମୂଳକ ଭାବେ ଜଣେ ଡଙ୍ଗରିଆଙ୍କୁ ନେଇ ଏହି ଚାଷ କରାଯାଉଛି। ଏହା ଫଳପ୍ରଦ ହେଲେ ଆହୁରି ଅଧିକ ଡଙ୍ଗରିଆଙ୍କୁ ଏଥିରେ ସାମିଲ କରାଯିବାର ଲକ୍ଷ୍ୟ ଥିବା ଓପିଲିପି ତଥା କନ୍ଧ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ। ଏହା ସହ ଡ୍ରିପ ସିଷ୍ଟମ ପାଇଁ ଉଦ୍ୟାନ ବିଭଗର ସହଯୋଗ ରହିଥିବା ସେ କହିଛନ୍ତି।

**– ରିପୋର୍ଟ: ଭାଗ୍ୟଶ୍ରୀ ମିଶ୍ର, ରାୟଗଡ଼ା**

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର
"ପ୍ରିୟ"
ସ୍ୱେଚ୍ଛାସେବୀ ଅନୁଷ୍ଠାନ
ଲାଉଳଇ, ଢେଙ୍କାନାଳ

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି
ଅବସରରେ
ଶୁଭେଚ୍ଛା ଓ ଅଭିନନ୍ଦନ
ସରୋଜ କୁମାର ପଟ୍ଟନାୟକ
ସଭାପତି, ଢେଙ୍କାନାଳ ଜିଲ୍ଲା କଂଗ୍ରେସ

ସ୍ୱନକ୍ଷତ୍ର ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହରିବୋଲ ପ୍ରଡକ୍ସନ ସାନ୍ତାଳୀ ଆଲବମ୍ ୟୁଟ୍ୟୁବ୍ ପକ୍ଷରୁ ଉଦଳା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
କାବୁ ତ୍ରିପାଠୀ
ଉଦଳା, ମୟୂରଭଞ୍ଜ

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଶୁଭେଚ୍ଛା ଜଣାଉଛି।
ଜାରକା ପରି ଗ୍ରାମାଞ୍ଚଳରୁ ଦୀର୍ଘ ୪୬ ବର୍ଷ ଧରି ପ୍ରକାଶ ପାଇଆସୁଥିବା 'ଗୋକର୍ଣ୍ଣିକା' ସାହିତ୍ୟ ପତ୍ରିକା ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ପର୍ବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରୁ ଆରମ୍ଭ ହୋଇଛି ଓ ମା' ବିରଜା ପୀଠ ହୋଇ ଗୋକର୍ଣ୍ଣେଶ୍ୱରଠାରେ ଉଦ୍‌ଯାପିତ ହେବ। ସମସ୍ତଙ୍କ ସହଯୋଗ କାମନା କରୁଛି।
ଶ୍ରୀଯୁକ୍ତ ରମାକାନ୍ତ ଜେନା
ସଭାପତି, ଗୋକର୍ଣ୍ଣିକା ସାହିତ୍ୟ ସମାଜ

ADIVASI KRUSHI SWASTHYA SIKHYA UNNAYANA SAMITI (AKSSUS)
(Non Government Organisation)
Regd. Office At - Papadambu, Post- Murteli
Block - Bissamcuttack, District - Rayagada, Odisha, Pin-765019
ଆମ୍ଭ ଅନୁଷ୍ଠାନ ରାୟଗଡ଼ ଜିଲ୍ଲାରେ ଦୀର୍ଘ ୩୧ ବର୍ଷ ଧରି ବିଭିନ୍ନ ସରକାରୀ ଯୋଜନାର ସହଭାଗିତାରେ ଆଦିମ ଜନଜାତି, ଅନୁସୂଚିତ ଜାତି ଓ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ଜୀବିକା ତଥା ଭିତ୍ତିଭୂମିର ବିକାଶ ପାଇଁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ପ୍ରାକୃତିକ ସମ୍ପଦର ସଠିକ୍ ପରିଚାଳନା କରି କୃଷି ଓ ଜଳସେଚନର ସୁବିଧା, ମହିଳା ସଶକ୍ତୀକରଣ, ପଶୁପାଳନ ପାଇଁ ତାଲିମ୍ ଓ ସହାୟତା ଯୋଗାଇବା, ମହିଳା ଓ ଶିଶୁର ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ମାଣ୍ଡିଆ/କାଙ୍ଗୁ/ସୁଆଁ/ଜହ୍ନା ଇତ୍ୟାଦି କ୍ଷୁଦ୍ରଦାନା ପୁଷ୍ଟିଶସ୍ୟର ପୁନରୁଦ୍ଧାର ଓ ଉନ୍ନତୀକରଣ ଭଳି ବହୁମୁଖୀ ଉନ୍ନୟନମୂଳକ କାର୍ଯ୍ୟ କରିଆସୁଅଛି।
ଶ୍ରୀ ଦୀପକ କୁମାର ସାହୁ
ସମ୍ପାଦକ, ଆକ୍ ସୁସ୍ ଅନୁଷ୍ଠାନ, ରାୟଗଡ଼, ଓଡ଼ିଶା

ସ୍ୱନକ୍ଷତ୍ର ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଦଳା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଲିଲି ଭୋଳ
ଉପାଧ୍ୟକ୍ଷା
ଉଦଳା ଏନ୍.ଏ.ସି.,
ଉଦଳା, ମୟୂରଭଞ୍ଜ

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ ଧର୍ମଶାଳାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ବଜ୍ରଙ୍ଗବାଲି ଷ୍ଟୋନ୍ ପ୍ରଡକ୍ଟ
ବାଜବାଟୀ, ଧର୍ମଶାଳା, ଯାଜପୁର
ଏଠାରେ ଉନ୍ନତମାନର ମେଟାଲ, ଚିପ୍ସ, ବଜୁରୀ ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ।
ପାର୍ଟନର-ସୁଧାଂଶୁ ମୋହନ ଜେନା
କାନପୁର, ମୋ: ୯୪୩୭୩୬୪୬୫୫

With Best Complements From:
BAJRAGIRI MAHAVIDYALAYA
PRINCIPAL & STAFFS
ଜଙ୍ଗଲ ପରିବେଶ ମଧ୍ୟରେ ବଜ୍ରଗିରି ପାହାଡ଼ ଉପରେ ସ୍ଥାପିତ ଏହି କଲେଜରେ ଉନ୍ନତମାନର ଶିକ୍ଷାଦାନ କରାଯାଉଛି। ଏଠାରେ ବହୁ ଛାତ୍ରୀଛାତ୍ର ଅଧ୍ୟୟନରତ।
Sj. PATITAPABAN BALSAMANTA
PRINCIPAL
KOTAPUR, DHARMASALA, JAJPUR-755008

ସ୍ୱନକ୍ଷତ୍ର ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଦଳା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଭାରତୀ ସିଂ
ପୂର୍ବତନ ଡେପୁଟି ମେୟର, ଭୁବନେଶ୍ୱର ତଥା ୨୬ ନମ୍ବର ୱାର୍ଡ କର୍ପୋରେଟର, ଭୁବନେଶ୍ୱର

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା
ନବୀନଚନ୍ଦ୍ର ନାରାୟଣ ଦାସ
ବରିଷ୍ଠ ଆଇନଜୀବୀ ଓ ପୂର୍ବତନ ମନ୍ତ୍ରୀ

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ଦେବୀ ପ୍ରସାଦ ଭୁତିଆ
ଉପଦେଷ୍ଟା
ରାଜ୍ୟ ବନ ନିଗମ,
ଭୁବନେଶ୍ୱର, ଓଡ଼ିଶା

With Best Complements From:
DHARMASALA MAHILA JUNIOR COLLEGE & STAFF
ପାହାଡ଼ ଘେରାମଧ୍ୟରେ ଧର୍ମଶାଳା ବ୍ଲକ୍‌ରେ ଏକମାତ୍ର ମହିଳା କଲେଜ ଅବସ୍ଥାପିତ। ଉଚ୍ଚଶିକ୍ଷା ପାଇଁ ଏଠାରେ ବହୁ ସଂଖ୍ୟାରେ ଛାତ୍ରୀମାନେ ଅଧ୍ୟୟନରତ।
Smt. Namita Parida
PRINCIPAL
DHARMASALA JUNIOR MAHILA COLLEGE

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଶୁଭ ଅବସରରେ ଧର୍ମଶାଳା ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ କରି ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ।
ଶ୍ରୀ ନଗେନ୍ ଦାସ
ପୂର୍ବତନ ସରପଞ୍ଚ
ପାଟପୁର ଗ୍ରାମପଞ୍ଚାୟତ ଓ ବିଜେଡି ସଂଗଠକ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୯/୨୦୨୩ | Bhubaneswar, Wednesday, November 29/2023


# 'ଆମ ବ୍ୟାଙ୍କ' ଯୋଜନା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)




- ପ୍ରଥମ ପର୍ଯ୍ୟାୟରେ ୭୫୪ ପଞ୍ଚାୟତକୁ ମିଳିଲା ବ୍ୟାଙ୍କ ସେବା
- ୪୩୭୩ ପଞ୍ଚାୟତ ପାଇଁ ୫୦୦ କୋଟି ଖର୍ଚ୍ଚ କରିଛନ୍ତି ରାଜ୍ୟ ସରକାର
- ଯୋଜନାରେ ଯୋଡ଼ିହେଲେ ୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କ
- ଅନ୍ୟ ରାଜ୍ୟ ପାଇଁ ମଡେଲ ହେବ 'ଆମ ବ୍ୟାଙ୍କ': ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ୬ ମାସରେ ସମ୍ଭବ ହୋଇଛି: ୫-ଟି ଅଧକ୍ଷ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜ୍ୟର ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳ ପାଇଁ 'ଆମ ବ୍ୟାଙ୍କ' ଯୋଜନା ଆରମ୍ଭ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କ ସୁବିଧା ନ ଥିବା ୪୩୭୩ ପଞ୍ଚାୟତରେ ଲୋକମାନେ ବ୍ୟାଙ୍କିଙ୍ଗ୍ ସୁବିଧା ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ୭୫୪ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସୁବିଧା ଆରମ୍ଭ କରାଯାଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଅବଶିଷ୍ଟ ସମସ୍ତ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ପହଞ୍ଚିବ।

ନବୀନ ନିବାସରୁ ଏହି କାର୍ଯ୍ୟକ୍ରମକୁ ଅନ୍‌ଲାଇନ ଜରିଆରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ଚାହେଁ ରାଜ୍ୟର ସବୁ ଲୋକ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସୁବିଧା ପାଆନ୍ତୁ। ଜମିପଟ୍ଟା, ଆଧାର କାର୍ଡ, ଭୋଟର ଆଇଡି କାର୍ଡ ପରି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୁବ୍ ଜରୁରୀ। ଘର ପାଖରେ ବ୍ୟାଙ୍କ ସୁବିଧା ମିଳିଲେ କାଳିଆ, ମମତା, ମଧୁବାବୁ ପେନ୍‌ସନ ଭଳି ବିଭିନ୍ନ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ତଥା ଛୋଟ ଛୋଟ ବ୍ୟବସାୟୀଙ୍କ ପାଇଁ ଋଣ ଆଦି ସୁବିଧା ଲୋକଙ୍କ ପାଖରେ ସିଧାସଳଖ ଓ ସୁବିଧାରେ ଉପଲବ୍ଧ ହୋଇପାରିବ। ଏହା ହିଁ ଆମ ୫-ଟି ନୀତିର ମୁଖ୍ୟ ଲକ୍ଷ୍ୟ। ଆମ ବ୍ୟାଙ୍କ ଲୋକଙ୍କ ଅର୍ଥନୈତିକ ସଶକ୍ତୀକରଣ ଦିଗରେ ଆଉ ଏକ ମାଇଲଷ୍ଟୋନ ହେବ। ଏହି ବ୍ୟାଙ୍କିଙ୍ଗ୍ ମଡେଲ ସାରା ଦେଶ ପାଇଁ ଏକ ରୋଲ ମଡେଲ ହେବ। ଏହାଦ୍ୱାରା ଗାଁରେ ରହୁଥିବା ଲକ୍ଷ ଲକ୍ଷ ଲୋକ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିବେ। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ଏହା ଆରମ୍ଭ କରାଯାଇଛି। ଏଭଳି ଯୋଜନା ଆରମ୍ଭ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ। ଏଥିପାଇଁ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାସହିତ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମମାନଙ୍କୁ ବ୍ୟାଙ୍କ ସେବା ସେମାନଙ୍କ ଘରେ ହିଁ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିନା କୌଣସି ଦେଶ ବା ରାଜ୍ୟ ସବୁ ବର୍ଗର ଲୋକଙ୍କ ପାଇଁ ବିକାଶ ଆଣିପାରିବ ନାହିଁ। ଆଜି ଆର୍ଥିକ କ୍ଷେତ୍ରରେ ଉନ୍ନତି, ସାମାଜିକ ବିକାଶ, ଡିଜିଟାଲ ରୂପାନ୍ତର, ଉତ୍ତମ ପ୍ରଶାସନିକ ବ୍ୟବସ୍ଥା, ସବୁ କ୍ଷେତ୍ରରେ ଓଡ଼ିଶା ଏକ ରୋଲ ମଡେଲ ହୋଇପାରିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଓଡ଼ିଶା ଆର୍ଥିକ କ୍ଷେତ୍ରରେ ରୂପାନ୍ତର ଆଣିପାରିଛି। ଏହି କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚାଳନା କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତଗୁଡ଼ିକୁ ବ୍ୟାଙ୍କ ସେବା ଆଣିବା ପାଇଁ ଯେଉଁ ଗତିରେ କାମ ଚାଲିଛି ସେହି ଗତିରେ କାମ ଚାଲିଲେ, ସବୁ ପଞ୍ଚାୟତରେ ପହଞ୍ଚିବା ପାଇଁ ୩୦ ବର୍ଷ ଲାଗିଥାନ୍ତା। କିନ୍ତୁ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଏହା ମାତ୍ର ୬ ମାସ ମଧ୍ୟରେ ସମ୍ଭବ ହୋଇପାରିଛି। ଏହା ହେଉଛି ରୂପାନ୍ତର ବୋଲି ସେ କହିଛନ୍ତି। ☞ପୃଷ୍ଠା-୨

## ମହାନଦୀ ଟ୍ରିବ୍ୟୁନାଲରେ ସାକ୍ଷ୍ୟ ଆରମ୍ଭ

### ଓଡ଼ିଶାର ପ୍ରଥମ ସାକ୍ଷୀ ଦେଇପାରିଲେନି ଯଥାର୍ଥ ତଥ୍ୟ

ନୂଆଦିଲ୍ଲୀ, ୨୮।୧୧

ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରିପ୍ରେକ୍ଷୀରେ ଟ୍ରିବ୍ୟୁନାଲ ମଙ୍ଗଳବାର ସାକ୍ଷୀଙ୍କ ଜେରା ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ବିବୃତ୍ତି ରେକର୍ଡ କରିବା ଲାଗି ଓଡ଼ିଶା ପ୍ରଥମ ସାକ୍ଷୀ ଦେଇଛି।

ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋନୋମିକ୍ ଗ୍ରୋଥ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ମନୋଜ ପଣ୍ଡାଙ୍କୁ ଟ୍ରିବ୍ୟୁନାଲ ଆଗରେ ଓଡ଼ିଶାର ମହାନଦୀ ଅବବାହିକା ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ସମ୍ବନ୍ଧରେ ବିବୃତ୍ତି ରଖିବା ସକାଶେ ଓଡ଼ିଶା ତାଙ୍କୁ ପ୍ରଥମ ସାକ୍ଷୀ ଭାବେ ଉପସ୍ଥାପନ କରିଛି। ସେଠାରେ ସେ ଛତିଶଗଡ଼ ପକ୍ଷରୁ ନିଯୁକ୍ତ ସିନିୟର ଆଡ୍‌ଭୋକେଟ ଏ. କେ. ଗାଙ୍ଗୁଲିଙ୍କ ଦ୍ୱାରା ଜେରାର ସମ୍ମୁଖୀନ ହୋଇଛନ୍ତି। ଡ. ପଣ୍ଡା କେଉଁ ଅଞ୍ଚଳରୁ ଆସିଛନ୍ତି ଓ ତାହା ମହାନଦୀ ଅବବାହିକା ଅଞ୍ଚଳର କି ନୁହେଁ, ସେ ସମ୍ପର୍କରେ ଗାଙ୍ଗୁଲି ତାଙ୍କୁ ପ୍ରଶ୍ନ ପଚାରିଥିଲେ। କିନ୍ତୁ ପଣ୍ଡା କଳାହାଣ୍ଡି ଜିଲାର ହୋଇଥିବା ବେଳେ ମହାନଦୀ ଅବବାହିକାରେ ତାଙ୍କ ଅଞ୍ଚଳ ଅଂଶବିଶେଷ ନେଇ କୌଣସି ତଥ୍ୟ ଦେଇପାରି ନ ଥିଲେ। ଏହି ଅବସରରେ ମହାନଦୀ ଅବବାହିକା ଅଞ୍ଚଳରେ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ବିଭିନ୍ନ ବର୍ଗଙ୍କଠାରୁ ସଂଗୃହୀତ ତଥ୍ୟ ସହିତ ରାଜ୍ୟ ସରକାରଙ୍କ ସହ ସେ କରିଥିବା ଆଲୋଚନା ସଂକ୍ରାନ୍ତ ସମସ୍ତ ଦସ୍ତାବିଜ ☞ପୃଷ୍ଠା-୨

## ରତ୍ନଭଣ୍ଡାରର ୩୭ ପଏଣ୍ଟରେ ଲେଜର ସ୍କାନିଂ

ପୁରୀ, ୨୮।୧୧(ଅଜିତ ମହାନ୍ତି)



ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁସାରେ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଅର୍ଥାତ ମଙ୍ଗଳବାରଠାରୁ ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪ ଘଣ୍ଟା ଧରି ୩୭ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଛି। ଲେଜର ସ୍କାନିଂ ସମୟରେ ୭ଜଣିଆ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ, ପରିଚାଳନା କମିଟି ସଦସ୍ୟ ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ)ର ୧୫ଜଣିଆ ଟିମ୍ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଏଏସ୍ଆଇର ନିଷ୍ପତ୍ତି ଅନୁଯାୟୀ ରତ୍ନଭଣ୍ଡାର ଲେଜର ସ୍କାନିଂ କାର୍ଯ୍ୟ ବୈଷୟିକ ଟିମ୍ ଦ୍ୱାରା ଆରମ୍ଭ ହୋଇଛି। ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସ୍କାନିଂ କରାଯିବା ସହ ଏ ସଂକ୍ରାନ୍ତ ରିପୋର୍ଟ ଭିତ୍ତିରେ ରତ୍ନଭଣ୍ଡାରର ମରାମତି ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ମୁମ୍ବାଇସ୍ଥିତ ସେନ୍‌ଜେନ୍ କମ୍ପାନୀର ୩ଜଣ ଇଞ୍ଜିନିୟରଙ୍କ ସମେତ ଏଏସ୍ଆଇ ଏବଂ କୋର କମିଟି ଉପସ୍ଥିତିରେ ଏହି ସ୍କାନିଂ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ପାଟଅଗଣାରେ ଥିବା ସୂର୍ଯ୍ୟମନ୍ଦିର ସମ୍ମୁଖରେ ରତ୍ନଭଣ୍ଡାର ରହିଛି। ଏହାକୁ ଅମୁହାଁ ମନ୍ଦିର ବୋଲି କୁହାଯାଇଥାଏ। ଏଏସ୍ଆଇ ପକ୍ଷରୁ ପ୍ରଥମେ ନାଭିକଟା ମଣ୍ଡପ ସମ୍ମୁଖରୁ ପର୍ଯ୍ୟାୟ କ୍ରମେ ଲେଜର ସ୍କାନିଂ କରାଯାଇଥିଲା। ବାହାର ପାର୍ଶ୍ୱରୁ ଏହି ସ୍କାନିଂ କରାଯାଉଥିବାବେଳେ ସ୍କାନିଂ ରିପୋର୍ଟକୁ ସମସ୍ତଙ୍କ ଅପେକ୍ଷା ରହିଛି। ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଥ୍ରୀଡି ରୋଟେଟିଂ ଲେଜର ସ୍କାନିଂ ଦ୍ୱାରା ଭଣ୍ଡାରଘର ବାହାର ପାର୍ଶ୍ୱରୁ ଏହି ସ୍କାନିଂ ଆରମ୍ଭ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟା ଦ୍ୱାରା ଭଣ୍ଡାରର ସମ୍ପୂର୍ଣ୍ଣ ଅବସ୍ଥିତିର ଏକପ୍ରକାର ଆକଳନ କରିବାରେ ସହାୟକ ହୋଇପାରିବ। ଏହି ଲେଜର ସ୍କାନର ଦ୍ୱାରା ପଥର କାନ୍ଥର ସୂକ୍ଷ୍ମ ଫାଟ ସ୍ପଷ୍ଟ ଭାବେ ଜଣାପଡ଼ିବ। ଏହା ୩୬୦ ଡିଗ୍ରୀର ଥ୍ରୀଡି ଫଟୋ ଉଠାଇବା ସହ ଡିଜିଟାଲ ପ୍ରକ୍ରିୟାରେ ଦୁର୍ବଳ ସ୍ଥିତି ଚିହ୍ନଟ ହୋଇପାରିବ। ଏହି ଲେଜର ସ୍କାନରର ଉଚ୍ଚତା ୭ଇଞ୍ଚ ଓ ଚଉଡ଼ା ୪ଇଞ୍ଚ ରହିଛି। ଏଥିରେ ପଏଣ୍ଟ କ୍ଲାଉଡ୍ ପ୍ରୋସେସିଂରେ ଫଟୋ ଉତ୍ତୋଳନ ଏବଂ ଅଟୋଡେସ୍କ ସଫ୍ଟୱେରରେ କ୍ୟାପ୍‌ଚର ପ୍ରୋସେସ ହେବ। ଏହା ୩ ମିନିଟରେ ଫୁଲ୍ ଡୋମ୍ ସ୍କାନ କରିବା ସହ ୧୫୦ ମେଗାପିକ୍ସ ସ୍ଫିଆରିକାଲ ଇମେଜ କରିବ। ଏଥିରେ ପୂରା ଫାଟର ସମ୍ପୂର୍ଣ୍ଣ ମାପ ଅନୁସାରେ ଫଟୋ ଆସିବ ବୋଲି ସୂଚନା ମିଳିଛି। ଥ୍ରୀଡି କ୍ୟାମେରା ବ୍ୟବହାର ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ** “ଉତ୍ତରାଖଣ୍ଡ ସୁଡ଼ଙ୍ଗରେ ଫସିଥିବା ୪୧ ଶ୍ରମିକଙ୍କ ଧୈର୍ଯ୍ୟକୁ ରାଷ୍ଟ୍ର ସାଲ୍ୟୁଟ୍ କରୁଛି। ବିପଦ ମଧ୍ୟରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନିର୍ମାଣ କରିଥିବାରୁ ଦେଶ କୃତଜ୍ଞ। ଇତିହାସର ସବୁଠୁ କଷ୍ଟସାଧ ରେସ୍କ୍ୟୁ ମିଶନକୁ ନିଜର ଅବିଶ୍ୱସନୀୟ ଧୈର୍ଯ୍ୟ ଏବଂ ପ୍ରତିବଦ୍ଧତା ବଳରେ ସଫଳ କରିଥିବା ସମସ୍ତ ଟିମ୍ ଓ ବିଶେଷଜ୍ଞମାନଙ୍କୁ ଅଭିନନ୍ଦନ। – ଦ୍ରୌପଦୀ ମୁର୍ମୁ, ଭାରତର ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିରି ଥିରି ଚାଲୁଥିବ, ଧୀର ଧୀର ବୋଲୁଥିବ।**

ଜୋରରେ ଚାଲିବା ଅପେକ୍ଷା ଆସ୍ତେ ଆସ୍ତେ ବା ଅପେକ୍ଷାକୃତ ଧୀର ଭାବେ ଚାଲିବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ। କଥା ବା ମୁହଁର ଭାଷା ମଣିଷର ପରିଚୟ ହୋଇଥାଏ। ତେଣୁ ଧୀର ବା ନମ୍ର ସହକାରେ କଥା ହେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଥାକୁଲାଟାକୁ ଥାକୁଲିଟାଏ; ବିହି ଖଞ୍ଜିଛି ଏକାଠାଏ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ, ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀକୁ ଈଶ୍ୱର ସୃଷ୍ଟି କରିଥିବା ବେଳେ ସ୍ଥୂଳକାୟ ଦମ୍ପତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




## ସୁଡ଼ଙ୍ଗରୁ ମୁକ୍ତି...

ପ୍ରଥମ ପୃଷ୍ଠାରୁ...

ସେମାନଙ୍କ ଉଦ୍ଧାରକୁ ସାରା ଦେଶ ଅପେକ୍ଷା କରିଥିଲା। ସୁଡ଼ଙ୍ଗ ବାହାରେ ଶ୍ରମିକଙ୍କ ଆତ୍ମୀୟ ଓ ସମ୍ପର୍କୀୟମାନେ ଦୀର୍ଘଦିନ ହେଲା ଶୀତ କାକରରେ ଅପେକ୍ଷା କରି ରହିଥିଲେ। ଏହାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶକ୍ରମେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏପରିକି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ମଧ୍ୟ ଘଟଣାସ୍ଥଳକୁ ଯାଇ ଉଦ୍ଧାରକାରୀ ଟିମ୍ ଓ ଫସିଥିବା ଶ୍ରମିକମାନଙ୍କ ମନୋବଳ ବଢ଼ାଇଥିଲେ। ଦେଶରେ ର୍ୟାଟ୍ ହୋଲ୍ ମାଇନିଂ ବେଆଇନ ହୋଇଥିଲେ ମଧ୍ୟ ଉକ୍ତ କର୍ମଚାରୀମାନଙ୍କ ଦକ୍ଷତା ଏବଂ ଅଭିଜ୍ଞତା ଫସିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟେଦ ଆତା ହସନୈନ କହିଛନ୍ତି। ସେମାନେ ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ୧୦ ମିଟର ପର୍ଯ୍ୟନ୍ତ ଖୋଳିଥିଲେ। ଏହା ପୂର୍ବରୁ ଆମେରିକାର ଅଗର ଡ୍ରିଲିଂ ମେଶିନ୍ ସମାନ୍ତରାଳ ଦିଗରେ ୪୬.୮ ମିଟର ଖୋଳିବା ସହ ୯୦୦ ମିଲିମିଟର ଓସାରର ପାଇପ୍ ଭର୍ତ୍ତି କରାଯାଇଥିଲା। ତେବେ ଖନନ ସମୟରେ ଉକ୍ତ ମେଶିନ୍‌ର ଯନ୍ତ୍ରାଂଶ ଭାଙ୍ଗିଯାଇ ଭଗ୍ନାବଶେଷ ମଧ୍ୟରେ ରହିଯିବାରୁ ଖନନ ଆଉ ସମ୍ଭବ ହୋଇ ନ ଥିଲା। ଶେଷରେ ସେନାକୁ ଡକାଯିବା ସହ ଉପରୁ ତଳକୁ (ଭୂଲମ୍ବ ଦିଗରେ) ମଧ୍ୟ ଖନନ ଆରମ୍ଭ ହୋଇଥିଲା। ଭୂଲମ୍ବ ଖନନ ସୋମବାର ସୁଦ୍ଧା ୩୧ ମିଟରରୁ ଅଧିକ ଗଭୀରକୁ ଯାଇଥିଲା। ସେପଟେ ସମାନ୍ତରାଳ ଦିଗରେ ମେଶିନ୍ ଦ୍ୱାରା ଖୋଳିବା ସମ୍ଭବ ନ ହେବାରୁ ସୋମବାର ର୍ୟାଟ୍ ହୋଲ୍ ମାଇନିଂ ପ୍ରକ୍ରିୟା ଆପଣାଯାଇଥିଲା। ଭାଙ୍ଗିଥିବା ଅଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ ମାଟିତଳୁ ବାହାର କରାଯାଇଥିଲା। ପରେ ର୍ୟାଟ୍ ହୋଲ୍ ମାଇନରମାନେ ଖନନ କରି ଶ୍ରମିକମାନଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ସେମାନଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁ ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିବାରୁ ଦେଶବାସୀ ପ୍ରଶଂସା କରିଛନ୍ତି।

## ୩ ଗୋରୁ ମାରିଲା...

କହିଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ମହାବଳଟି ରାୟଗଡ଼ା କେନ୍ଦୁଗୁଡା ଅଞ୍ଚଳକୁ ଚାଲିଯାଇଥିବା ସେ ସୂଚନା ଦେଇଛନ୍ତି। ସନ୍ଧ୍ୟା ପରେ ଘରୁ ନ ବାହାରିବାକୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ମହାବଳ ବାଘଟି ଗତ ୨୦ ତାରିଖରେ ଗଜପତି ଜିଲା ଉପକଣ୍ଠରେ ଥିଲା। ୨୧ ତାରିଖରେ ଜିଲାରେ ପ୍ରବେଶ କରି ୩୦ କି.ମି ଦୂର ଅତିକ୍ରମ କରି ରାୟଗଡା ବ୍ଲକ ଅଁଳାବର ଗ୍ରାମ ନିକଟରେ ପହଞ୍ଚିଥିଲା। ସେଠାରୁ ରାତିରେ ଗୋଟିଏ ଗାଈକୁ ୨ ମିଟର ଘୋଷାରି ନେଇ ପାହାଡ ଉପରେ ଖାଇଥିଲା। ଶେଷ ଥର ପାଇଁ ୨୨ ତାରିଖରେ ବନ ବିଭାଗ ତାର ପାଦ ଚିହ୍ନଟ କରିଥିଲା। ତା'ପରଠାରୁ ବାଘର ଆଉ ପତ୍ତା ମିଳି ନ ଥିଲା।

## ବୈପାରୀଗୁଡ଼ା ଥାନାଧିକାରୀ...


ସୁଶାନ୍ତ ଶତପଥୀ

ଜିଲାରେ କାମ କରିବା ଆରମ୍ଭ କରିଥିଲେ। ୨୦୦୮ରେ ସେ ଡାଇରେକ୍ଟ ରିକ୍ରୁଟମେଣ୍ଟ ଜରିଆରେ ସବ୍-ଇନ୍ସପେକ୍ଟର ଭାବେ ନିଯୁକ୍ତ ହୋଇ ୨୦୦୯ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ରେ ପ୍ରଶିକ୍ଷଣ ନେଇଥିଲେ। ପରେ ୨୦୦୯ରୁ ୨୦୨୩ ପର୍ଯ୍ୟନ୍ତ ସେ କେନ୍ଦୁଝର ଜିଲା ଓ କଟକ ଜିଲାର ବିଭିନ୍ନ ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରିଥିଲେ। ଗତ ଜୁଲାଇରେ ସେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ କୋରାପୁଟ ଜିଲାରେ ଅବସ୍ଥାପିତ ହୋଇଥିଲେ। ସେ ଜିଲାର ଡିଷ୍ଟ୍ରିକ୍ଟ କ୍ରାଇମ୍ ରେକର୍ଡ ବ୍ୟୁରୋ(ଡିସିଆର୍‌ବି) ଓ ସାଇବର ଥାନା ଦାୟିତ୍ୱରେ ଥିଲେ। ଅଗଷ୍ଟରୁ ସୁଶାନ୍ତ ବୈପାରିଗୁଡ଼ା ଥାନାକୁ ବଦଳି ହୋଇଥିଲେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ତେବେ ସେ ଏଠାରେ ମାତ୍ର ୪ ମାସ ଭିତରେ କିପରି ଏତେସବୁ ଟଙ୍କା ବେଆଇନ ଭାବେ ଠୁଳ କଲେ, ତାହା ଭିଜିଲାନ୍ସ ଅଧିକାରୀଙ୍କୁ ଚକିତ କରିଛି। ପୂର୍ବ ଦାୟିତ୍ୱରେ ଥିବା ସମୟରେ ଏପରି କିଛି ବେଆଇନ କାମ କରିଛନ୍ତି କି ନାହିଁ ତାହାକୁ ନେଇ ମଧ୍ୟ ଖୋଳତାଡ଼ କରୁଛି ଭିଜିଲାନ୍ସ।

## 'ଆମ ବ୍ୟାଙ୍କ' ଯୋଜନା...

କାର୍ଯ୍ୟକ୍ରମରେ ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ତଥା ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ଯୋଡ଼ି ହୋଇଛନ୍ତି। ଆମ ବ୍ୟାଙ୍କ ଯୋଜନା ଲୋକଙ୍କୁ ୧୫ ପ୍ରକାର ବ୍ୟାଙ୍କ ସେବା ଯୋଗାଇ ଦେବ। ରାଜ୍ୟର ୬୭୯୮ ପଞ୍ଚାୟତ ମଧ୍ୟରୁ ପ୍ରାୟ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ। ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ବ୍ୟାଙ୍କ ସୁବିଧା ଜରୁରୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ସମସ୍ତ ସୁବିଧା ପ୍ରଦାନ କରି ୬ ମାସ ମଧ୍ୟରେ ବ୍ୟାଙ୍କ ନ ଥିବା ପଞ୍ଚାୟତରେ କଷ୍ଟମର ସର୍ଭିସ ପଏଣ୍ଟ ପ୍ଲସ୍ ଯୋଜନା ଆରମ୍ଭ କରିଛନ୍ତି। ଏହା 'ଆମ ବ୍ୟାଙ୍କ' ଭାବରେ ଲୋକଙ୍କୁ ସେବା ଯୋଗାଇ ଦେବ। ରାଜ୍ୟ ସରକାର ଏହିସବୁ ପଞ୍ଚାୟତରେ ବ୍ୟାଙ୍କଗୁଡ଼ିକୁ ଆସନ୍ତା ୫ ବର୍ଷ ପାଇଁ ଘର, ବିଦ୍ୟୁତ୍, ଇଣ୍ଟରନେଟ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବେ। ଷ୍ଟେଟ ବ୍ୟାଙ୍କ ଅଧ୍ୟକ୍ଷ ଦିନେଶ ଖାରା ଅନ୍‌ଲାଇନ ଜରିଆରେ ଯୋଗଦେଇ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଏହା ଏକ ଆକାଂକ୍ଷୀ କାର୍ଯ୍ୟକ୍ରମ। ଏହାଦ୍ୱାରା ରାଜ୍ୟର ଲୋକମାନଙ୍କ ପାଇଁ ଆର୍ଥିକ କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି ହେବ। ୟୁକୋ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର କହିଛନ୍ତି ଯେ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ଦିଗରେ ଏହି ଛୋଟ ପଦକ୍ଷେପ ବିରାଟ ପରିବର୍ତ୍ତନ ଆଣିବ। ଓଡ଼ିଶା ଆର୍ଥିକ କ୍ଷେତ୍ରରେ ବଳିଷ୍ଠ ରାଜ୍ୟ ହୋଇପାରିବ ବୋଲି ସେ କହିଛନ୍ତି। ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡାଇରେକ୍ଟର ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସ ଧନ୍ୟବାଦ ଦେଇଥିଲେ।

## 'ଥଣ୍ଡା, କାଶ ହେଲେ...

ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ତେବେ ଯେଉଁ ଲୋକମାନେ ଥଣ୍ଡା ଓ କାଶରେ ସଂକ୍ରମିତ ଅଛନ୍ତି, ସେମାନେ ଜନଗହଳି ସ୍ଥାନକୁ ଯିବାବେଳେ ମାସ୍କ ପିନ୍ଧିବାକୁ ଡା. ମିଶ୍ର ପରାମର୍ଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଏକ ଅଜଣା ଭାଇରସ ଯୋଗୁ ଏହି ନିମୋନିଆ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହା କୌଣସି ଏକ ନୂଆ ଭାଇରସ୍ ନୁହେଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେଣୁ ଏହାକୁ ନେଇ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏହି ଭାଇରସ ଓଡ଼ିଶାରେ ଥିବା ନେଇ କୌଣସି ସୂଚନା ନାହିଁ। ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସି ମଧ୍ୟ ଓଡ଼ିଶାରେ ଏଭଳି ଭାଇରସ୍ ଆସିଥିବାର ପ୍ରମାଣ ନ ଥିବା କହିଛି। ତେବେ ଏଥିଜନିତ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ଓ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଜିଲାରେ ଏଥିପାଇଁ ଅଧିକ ସଂଖ୍ୟକ ବେଡ୍ ପ୍ରସ୍ତୁତ ରଖିବା ସହ ଟେଷ୍ଟିଂ, ପର୍ଯ୍ୟାପ୍ତ ପରିମାଣର ଔଷଧ, ଅକ୍ସିଜେନ ଓ ମାନବସମ୍ବଳ ଆଦି ପ୍ରସ୍ତୁତ ରଖାଯାଇଛି ବୋଲି ଡା. ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଚ୍‌୯ଏନ୨ ଭାଇରସ୍‌ରେ ଚାଇନାର ପିଲାମାନେ ବହୁଳ ଭାବେ ସଂକ୍ରମିତ ହେଉଥିବାବେଳେ ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ଦେଖାଦେଉଛି।

# ଖୋର୍ଦ୍ଧାରେ ହେବ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ

- ଏସ୍‌ଭିକେଏମ୍-ଉଚ୍ଚଶିକ୍ଷା ବିଭାଗ ଏମ୍‌ଓୟୁ ସ୍ୱାକ୍ଷରିତ
- ବିଶ୍ୱବିଦ୍ୟାଳୟ ପାଇଁ ୪୦ ଏକର ମାଗଣା ଜମି
- ଓଡ଼ିଶା ପିଲାଙ୍କ ପାଇଁ ୩୦% ସ୍ଥାନ ସଂରକ୍ଷଣ ରହିବ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହନ ପ୍ରଦାନକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ଆନ୍ତର୍ଜାତିକ ମାନର ଘରୋଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଶ୍ରୀ ଭିଲେ ପାର୍ଲେ କେଲାଭଣୀ ମଣ୍ଡଳ ଟ୍ରଷ୍ଟ(ଏସ୍‌ଭିକେଏମ୍) ସହିତ ଏକ ଐତିହାସିକ ସହଭାଗିତା ଆଧାରରେ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ମଙ୍ଗଳବାର ଲୋକସେବା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ,ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଟ୍ରଷ୍ଟର ଅବୈତନିକ ସମ୍ପାଦକ ଜୟନ୍ତ ଗାନ୍ଧୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଖୋର୍ଦ୍ଧାସ୍ଥିତ ଇନ୍‌ଫୋ ଭ୍ୟାଲିଠାରେ ଭୁବନେଶ୍ୱରରେ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ନାମରେ ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବ।



ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ତଥା ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଶିକ୍ଷାରେ ସହଭାଗିତା, ଅଭିବୃଦ୍ଧି ଏବଂ ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତିପୋଷଣ ଲାଗି ଏହି ଏମ୍‌ଓୟୁ ସ୍ୱାକ୍ଷର ଉତ୍ସର୍ଗୀକୃତ। ଏହି ସହଯୋଗ ବିଭିନ୍ନ ଶିକ୍ଷାଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମନ୍ଦିରମାଳିନୀ ସହର ଭୁବନେଶ୍ୱର ନିକଟରେ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ନାମକ ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ରାଜ୍ୟ ମଧ୍ୟରେ ଶିକ୍ଷାର ମାନ ବିସ୍ତାର କରିବାରେ ଏକ ରୂପାନ୍ତରଣ ପଦକ୍ଷେପକୁ ପ୍ରତିପାଦିତ କରୁଛି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସୁଯୋଗ ଦେଇଥିବାରୁ ଓଡ଼ିଶା ସରକାରଙ୍କୁ ଅନୁଷ୍ଠାନର ସମ୍ପାଦକ ଗାନ୍ଧୀ ପ୍ରଶଂସା କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ଉପାଧ୍ୟକ୍ଷ ଅଶୋକ ଦାସ, ଅରୂପ ପଟ୍ଟନାୟକ, ଏସ୍‌ଭିକେଏମ୍ ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ଜଗଦୀଶ ବିପାରିଖ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ବେସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ଭୁବନେଶ୍ୱର ନିକଟସ୍ଥ ଜଟଣୀର ଗୌଡ଼କାଶୀପୁରଠାରେ ୪୦ ଏକର ଜମି ଲିଜ୍‌ସୂତ୍ରରେ ୩୦ ବର୍ଷ ପାଇଁ ବିନା ଦେୟରେ ପ୍ରଦାନ କରିଛନ୍ତି। ପୁନଃ ୩୦ ବର୍ଷ ପାଇଁ ଏହି ଅବଧି ବଢ଼ାଯିବା ନେଇ ଅନୁମୋଦନ କରାଯାଇପାରିବ। ଓଡ଼ିଶାର ମୂଳବାସିନ୍ଦା ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟରେ ୩୦% ସିଟ୍ ସଂରକ୍ଷଣ ଦିଆଯିବ।

କ୍ୟାମ୍ପସରେ କେଜିଠାରୁ ସ୍ନାତକୋତ୍ତର(ପିଜି) ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ଅନ୍ତର୍ଭୁକ୍ତ ହେବ। ଓଡ଼ିଶା ସରକାରଙ୍କ ସହାୟତାରେ କ୍ୟାମ୍ପସର ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ ସୁବିଧା ପର୍ଯ୍ୟାୟକ୍ରମେ କରାଯିବ। ପ୍ରାରମ୍ଭିକ ଭାବେ ୩୦୦ କୋଟି ଟଙ୍କା ପ୍ରଥମ ୫ ବର୍ଷ ପାଇଁ ୪୦ ଏକର ଜମିର ଦେୟ ବାବଦରେ ବିନିଯୋଗ କରାଯିବ। ଏହି ରାଶି ଉଚ୍ଚ ଶିକ୍ଷା ବିଭାଗ ଇଡ୍‌କୋକୁ ପ୍ରଦାନ କରିବ। ଭିତ୍ତିଭୂମି ବିକାଶ, ମରାମତି, ନବୀକରଣ, ଲ୍ୟାଣ୍ଡସ୍କେପ୍, ଯନ୍ତ୍ରପାତି ଏବଂ ମାନବ ସମ୍ବଳ ଖର୍ଚ୍ଚ ଏସ୍‌ଭିକେଏମ୍ ବହନ କରିବ।

## ସୁଡ଼ଙ୍ଗରୁ ଶ୍ରମିକଙ୍କ ଉଦ୍ଧାର ପରେ ମୁଖ୍ୟମନ୍ତ୍ରୀ ଆଶ୍ୱସ୍ତ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

ଉତ୍ତରାଖଣ୍ଡର ଟନେଲରେ ୧୭ ଦିନ ଧରି ଫସି ରହିଥିବା ଶ୍ରମିକମାନଙ୍କର ସଫଳ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶ୍ୱସ୍ତିଲାଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଶ୍ରମିକମାନେ ନିଜ ଘରକୁ ସୁରକ୍ଷିତ ଭାବେ ଫେରୁଥିବା ଖବର ଶୁଣି ମୁଁ ବହୁତ ଖୁସି। ଏଥିସହିତ ମୁଖ୍ୟମନ୍ତ୍ରୀ ଉତ୍ତରାଖଣ୍ଡ ସରକାର, ଏନ୍‌ଡିଆର୍‌ଏଫ୍ ଏବଂ ପ୍ରତିରକ୍ଷା ଟିମ୍‌କୁ ଶ୍ରମିକମାନଙ୍କର ସଫଳ ଉଦ୍ଧାର ପାଇଁ ଧନ୍ୟବାଦ ଦେଇଛନ୍ତି। ଏହା ପ୍ରମାଣିତ ହୋଇଛି ଯେ ନିଜର ନାଗରିକଙ୍କୁ ରକ୍ଷା କରିବାକୁ ଭାରତ କିଛି ବି କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଟନେଲରେ ଓଡ଼ିଶାର ୫ ଜଣଙ୍କ ସମେତ ୪୧ ଜଣ ଶ୍ରମିକ ଫସି ରହିଥିଲେ। ଓଡ଼ିଶାର ଶ୍ରମିକମାନଙ୍କ ପରିବାରକୁ ନେଇ ରାଜ୍ୟ ସରକାରଙ୍କ ଏକ ଟିମ୍ ଉତ୍ତରାଖଣ୍ଡ ଗସ୍ତ କରିଥିଲା।

### ଉଦ୍ଧାରକାରୀଙ୍କୁ ଧନ୍ୟବାଦ ଦେଲେ





ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରତ୍ନଭଣ୍ଡାରର ୩୭ ପଏଣ୍ଟରେ...


ରତ୍ନଭଣ୍ଡାର ଲେଜର ସ୍କାନିଂ ପାଇଁ ଏଏସ୍‌ଆଇ ଟିମ୍ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି।

କରି ଉନ୍ନତ ବୈଷୟିକ ଜ୍ଞାନକୌଶଳରେ ଯାଞ୍ଚ କରାଯାଉଥିବାବେଳେ ଯାଞ୍ଚ ପରେ ଏଏସ୍‌ଆଇ ସବିଶେଷ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ସ୍କାନିଂ ରିପୋର୍ଟ ଆଧାରରେ ପରବର୍ତ୍ତୀ ସମୟରେ ପରିଚାଳନା କମିଟି ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

ସ୍କାନିଂ ସମ୍ପର୍କରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ସୂଚନା ଦେଇ କହିଛନ୍ତି, ପ୍ରଥମ ଦିନରେ ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪ଘଣ୍ଟା ଧରି ୩୭ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଛି। ଆଲୋକ କମ୍ ରହିବାରୁ ଭଲ ସ୍କାନିଂ କରାଯାଇପାରିନାହିଁ। ବୁଧବାର ପୁଣି ଥରେ ସ୍କାନିଂ କରାଯିବ। ଅମୁହାଁ ଦେଉଳର ଉତ୍ତର-ପଶ୍ଚିମ ଓ ଉତ୍ତର-ପୂର୍ବ ପଟେ ଲେଜର ସ୍କାନିଂ ଡକ୍ୟୁମେଣ୍ଟେଶନ୍ ଶେଷ ହୋଇଛି। ତେବେ ଉତ୍ତର ପଟ ପାର୍ଶ୍ୱ ହୋଇପାରିନାହିଁ। ବୁଧବାର ସକାଳ ୮ଟାରେ ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥର ଉତ୍ତର ଭାଗରେ ଲେଜର୍ ସ୍କାନିଂ କରାଯିବ। ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ହେବ। ବୁଧବାର ଲେଜର ସ୍କାନିଂ ପ୍ରକ୍ରିୟା ଶେଷ ହେବ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ଚାଲିଛି ବୋଲି ଗଡ଼ନାୟକ କହିଛନ୍ତି।

## ମହାନଦୀ ଟ୍ରିବ୍ୟୁନାଲରେ...

ଦାଖଲ କରିବା ଲାଗି ଟ୍ରିବ୍ୟୁନାଲ ତାଙ୍କୁ କହିଛନ୍ତି। ତେବେ ଆସନ୍ତା ୧୨-୧୩ରେ ହେବାକୁ ଥିବା ଶୁଣାଣି ବେଳେ ଜେରା ଜାରି ରହିବ ବୋଲି ଜଣାପଡ଼ିଛି। ଟ୍ରିବ୍ୟୁନାଲ ଆଗରେ ମତ ରଖିବା ଲାଗି ଓଡ଼ିଶା ସରକାର ଏକ ୯ ଜଣିଆ ତାଲିକା ପ୍ରଦାନ କରିଛନ୍ତି। ମନୋଜ ପଣ୍ଡାଙ୍କ ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ ଡିନ୍ ଡ. ଦିବାକର ନାୟକ ଟ୍ରିବ୍ୟୁନାଲ ନିକଟରେ ଉପସ୍ଥିତ ରହିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ତାଙ୍କୁ ମହାନଦୀ ଅବବାହିକାରେ କୃଷିର ବିକାଶ ସମ୍ବନ୍ଧୀୟ ପ୍ରଶ୍ନ ପଚରାଯିବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଟ୍ରିବ୍ୟୁନାଲ ମହାନଦୀ ଜଳ ବିବାଦ ସହ ଜଡ଼ିତ ରାଜ୍ୟଗୁଡ଼ିକର ସମସ୍ତ ସାକ୍ଷୀଙ୍କ ସତ୍ୟପାଠ ଆସନ୍ତାବର୍ଷ ଜାନୁୟାରୀ ଶେଷ ସୁଦ୍ଧା ଟ୍ରିବ୍ୟୁନାଲ ରେଜିଷ୍ଟ୍ରୀ ନିକଟରେ ଦାଖଲ କରିବା ଲାଗି କହିଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ସାକ୍ଷୀମାନଙ୍କ ତାଲିକା ପ୍ରଦାନ କରି ନ ଥିବାରୁ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ତୃତୀୟଚନ୍ଦ୍ରଙ୍କ ସୁପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଏହା ସଙ୍ଗକୁ ଗୃହ, ଭୂମି, ଗାଡ଼ିମୋଟର, ଧାର କରଜକୁ କେନ୍ଦ୍ରକରି କଳହ ହୋଇପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ସମାଧାନ ହେବ।

**ବୃଷ** ସପ୍ତମସ୍ଥ ରବି ହେତୁ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ କର୍ମକ୍ଷେତ୍ରକୁ ଯିବା ସମୟରେ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ।

**ମିଥୁନ** ଆଜି କେତୁ ଯୁକ୍ତ ଶୁକ୍ରଙ୍କ ଯୋଗୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମନ ଭଲ ରହିବ ନାହିଁ। ବୈବାହିକ ପ୍ରସ୍ତାବ ଉଦ୍ଦେଶ୍ୟରେ ବନ୍ଧୁ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କଲେ ଉପକୃତ ହେବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ।

**କର୍କଟ** ଆଜି ଯେଉଁ ଆଶା ନେଇ କିଛି କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ରବିଙ୍କ ଦୁର୍ବଳତା ହେତୁ ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହିବନାହିଁ। ସକାଳୁ କିଛି ଶୁଭ ଖବର ସଙ୍ଗକୁ ଅର୍ଥଲାଭରୁ ମନ ଖୁସୀ ହୋଇଯିବ। ଭଲ ସମ୍ପର୍କ ନ ଥିବା ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ବିରତ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** ଗୁରୁଦୃଷ୍ଟ ବୁଧ ହେତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ଉପକୃତ ହେବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସାମୟିକ ଶାରୀରିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ଭାଗ୍ୟସ୍ଥାନରେ କର୍ମାଧିପତି ଥିବାରୁ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିପାରନ୍ତି। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହେବେ।

**ବିଛା** ଚତୁର୍ଥକେନ୍ଦ୍ରସ୍ଥ ଶନିଙ୍କ ଯୋଗୁ ବନ୍ଧୁଙ୍କ ଅନୁରୋଧରେ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** ରାହୁଙ୍କ ସ୍ଥିତି କାରଣରୁ ଆପଣଙ୍କ ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସକାଳୁ ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ଚତୁର୍ଥକେନ୍ଦ୍ରସ୍ଥ ଗୁରୁଙ୍କ ଯୋଗୁ ପରିବହନ, ବାଣିଜ୍ୟରେ ଉନ୍ନତି ଘଟିବ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଭାବାନ୍ତର ସୃଷ୍ଟି ହୋଇପାରେ।

**କୁମ୍ଭ** ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଶୁକ୍ର ପାପପ୍ରଭାବଗ୍ରସ୍ତ ଯୋଗୁଁ ସକାଳୁ ସକାଳୁ ବନ୍ଧୁଙ୍କୁ ଆପଣେଇ ବିଫଳ ହୋଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ** ଶନି ଦୃଷ୍ଟିରେ ଗୁରୁଙ୍କ ଯୋଗୁ ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି। କାର୍ଯ୍ୟହାସଲ ସକାଶେ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ମାର୍ଗଶିର କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ନଭେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬.୦୭ମି. ଗତେ ଘ.୦୮.୧୮ମି. ମଧ୍ୟେ, ଘ.୧୦.୨୯ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୪ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁ କାଳ।

# ସଡ଼କ ଦୁର୍ଘଟଣାରେ ଲାଗୁନି ବ୍ରେକ୍ | ୫ ବର୍ଷରେ ଗଲାଣି ୨୬ହଜାର ଜୀବନ

ଭୁବନେଶ୍ୱର,୨୮।୧୧
(ଅନିଲ ଦାସ)

ସଡ଼କ ଦୁର୍ଘଟଣାରେ ଚାଲିଯାଉଛି ବହୁମୂଲ୍ୟ ଜୀବନ। ଉଜୁଡ଼ିଯାଉଛି ଘରସଂସାର। ଅନାଥ ହୋଇଯାଉଛନ୍ତି ପରିବାର। ରାଜ୍ୟରେ ସଡ଼କ ଦୁର୍ଘଟଣା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ବେପରୁଆ ଗାଡ଼ିଚାଳନା, ଟ୍ରାଫିକ୍ ନିୟମ ଉଲ୍ଲଂଘନ, ମଦ୍ୟପାନ କରି ଗାଡ଼ି ଚଳାଇବା, ଉପଯୁକ୍ତ ତାଲିମ ନ ନେଇ ଗାଡ଼ି ଚଳାଇବା ଯୋଗୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୨୬ ହଜାର ଲୋକ ଜୀବନ ହରାଇଛନ୍ତି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ନିକଟରେ ଶେଷ ହୋଇଥିବା ବିଧାନସଭାରେ ଭାଜପା ସଭ୍ୟ କୁସୁମ ଟେଟେଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଗତ ୫ ବର୍ଷ(୨୦୧୮ରୁ ୨୦୨୨) ମଧ୍ୟରେ ରାଜ୍ୟରେ ୫୪,୭୯୦ ସଡ଼କ ଦୁର୍ଘଟଣା ଘଟିଛି। ସେଥିରେ ୨୫,୯୩୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୧,୮୭୩ ଆହତ ହୋଇଛନ୍ତି। ୨୦୧୮ରେ ରାଜ୍ୟରେ ୧୧,୨୬୨ ସଡ଼କ ଦୁର୍ଘଟଣାରେ ୫୩୧୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୯ରେ ୧୧ ହଜାର ୬୪ ସଡ଼କ ଦୁର୍ଘଟଣାରେ ୫୩୩୩ ଜଣଙ୍କର ମୃତ୍ୟୁ ହୋଇଛି। ତେବେ କୋଭିଡ୍ କଟକଣା ଯୋଗୁ ୨୦୨୦ରେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲା। ଏହି ବର୍ଷ ୯୮୧୭ ଦୁର୍ଘଟଣାରେ ୪୭୩୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୮୧୮ଜଣ ଆହତ ହୋଇଛନ୍ତି। କୋଭିଡ୍ କଟକଣା ଉଠିବା ପରେ ୨୦୨୧ରେ ପୁଣି ଦୁର୍ଘଟଣା ହାର ଉପରମୁହାଁ ହୋଇଥିଲା। ଏହି ବର୍ଷ ରାଜ୍ୟରେ ୧୦,୯୮୪ ସଡ଼କ ଦୁର୍ଘଟଣା ଘଟି ୫ ହଜାର ୮୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯୭୮୨ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ। ସେହିପରି ୨୦୨୨ରେ ୧୧,୬୬୩ ସଡ଼କ ଦୁର୍ଘଟଣା ଘଟି ୫,୪୬୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦,୩୦୨ ଜଣ ଆହତ ହୋଇଛନ୍ତି।

ଏହି ସମୟରେ ସଡ଼କ ଦୁର୍ଘଟଣାକୁ କମାଇବା ପାଇଁ ସଚେତନତା ଓ ଅନ୍ୟାନ୍ୟ ବାବଦରେ ରାଜ୍ୟ ସରକାର ୭୯୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଅଜଣା ଗାଡ଼ି ଧକ୍କାରେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଜାତୀୟ ସ୍ତରରେ ପ୍ରତି ୧୦୦ ଦୁର୍ଘଟଣାରେ ୩୨ ଜଣ ପ୍ରାଣ ହରାଉଥିବା ବେଳେ ଓଡ଼ିଶାରେ ୪୭ ଜଣଙ୍କର ମୃତ୍ୟୁ ହେଉଛି। ୨୦୦୮ରୁ ୨୦୨୦ ମଧ୍ୟରେ ଦୁର୍ଘଟଣା ଯୋଗୁ ପ୍ରାୟ ୪୫ ହଜାର ଲୋକଙ୍କ ଜୀବନ ଯାଇଛି। ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ମିଳିପାରୁ ନ ଥିବାରୁ ବହୁ ଲୋକଙ୍କ ମୃତ୍ୟୁ ହେଉଛି। ସେଥିପାଇଁ କଟକ ଓ ଭୁବନେଶ୍ୱର ସହରର କେତେକ ଘରୋଇ ହସ୍ପିଟାଲରେ ମାଗଣାରେ ଚିକିତ୍ସା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ହସ୍ପିଟାଲ ନେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ସାଧାରଣ ପରିବହନ ବ୍ୟବସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ଯାନବାହନ ଯୋଗୁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦେବା ସହ ବେପରୁଆ ଗାଡ଼ିଚାଳନା ଯୋଗୁ ଅଧିକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

# କଳାଧନ: ସୁପ୍ରିମକୋର୍ଟଙ୍କୁ ଦିଆଗଲାଣି ୮ ରିପୋର୍ଟ

## ଏସ୍ଆଇଟିର ଦଶମ ବୈଠକ

କଟକ,୨୮।୧୧ (କାର୍ତ୍ତିକ ସାହୁ)

କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ ଅରିଜିତ ପଶାୟତଙ୍କ ବାସଭବନରେ ସ୍ପେଶାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି)ର ଦଶମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାଧନ ରୋକିବା ଦିଗରେ ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। ଅଦ୍ୟାବଧି କଳାଧନ ସମ୍ପର୍କିତ ୮ଟି ରିପୋର୍ଟ ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରାଯାଇଥିବାବେଳେ ଆଗାମୀ ୩ ମାସ ମଧ୍ୟରେ ପରବର୍ତ୍ତୀ ରିପୋର୍ଟ ଦିଆଯିବ ବୋଲି ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି।

ରାଜ୍ୟରେ ଅନେକ ସମୟରେ ସରକାରୀ ଅଧିକାରୀମାନଙ୍କ ପାଖରୁ କଳାଧନ ଜବତ ନେଇ ହେଉଥିବା ମାମଲାଗୁଡ଼ିକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଭିନ୍ନ ଉପାୟରେ କଳାଧନ ଗଚ୍ଛିତ ହେଉଛି। କେଉଁ ପନ୍ଥା ଆପଣେଇଲେ କଳାଧନ କାରବାର ରୋକିହେବ ସେନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଇନ୍‌କମ୍ ଟ୍ୟାକ୍ସ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା। କଳାଧନ କେଉଁଠାରେ ନିବେଶ ହୋଇଛି, ତାହାକୁ କିଭଳି ରୋକା କରାଯାଇପାରିବ ତାହା ଉପରେ ଇଡି ଏବଂ ଆୟକର ବିଭାଗ ନଜର ଦେଉଛି। ଆବଶ୍ୟକ ପଡ଼ିଲେ ମାମଲା ରୁଜୁ କରି ଅଧିକ ତଦନ୍ତ ମଧ୍ୟ କରୁଛି। ଅନେକ ମାମଲା ରୁଜୁ ହେବା ପରେ ସେହି ଅଭିଯୁକ୍ତମାନଙ୍କ ବିରୋଧରେ ଇଡି ଏବଂ ଆୟକର ବିଭାଗ ଅଧିକ ତଥ୍ୟ ହାସଲ କରିପାରୁଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ସେହିପରି ନିର୍ବାଚନରେ କଳାଧନ ବ୍ୟବହାର ଉପରେ ଏସ୍ଆଇଟି ନଜର ରଖିବ। ବର୍ତ୍ତମାନ ଦେଶରେ ନାର୍କୋଟିକ୍ସ ମାମଲା ଚିନ୍ତାର ବିଷୟ ପାଲଟିଛି। ଆଶାଠାରୁ ଅଧିକ ପରିମାଣର ନାର୍କୋଟିକ୍ସ ଦ୍ରବ୍ୟ ଜବତ ହୋଇଛି। ଓଡ଼ିଶାରେ ଗଞ୍ଜେଇ ଅଧିକ ପରିମାଣର ଜବତ ହେଉଥିବାବେଳେ ବ୍ରାଉନ୍ ସୁଗାର ଏବଂ ହେରୋଇନ୍ ମଧ୍ୟ ଜବତ ହେଉଛି। ନାର୍କୋଟିକ୍ସ, ରିୟଲ ଇଷ୍ଟେଟ ଓ ସୁନା ବ୍ୟବସାୟ ଆଳରେ ଅଧିକ ମାତ୍ରାରେ କଳାଧନ କାରବାର ହେଉଛି। ଏହି ବୈଠକରେ ରାଜର୍ଷି କୁମାର, ଜ୍ଞାନେଶ୍ୱର ସିଂହ, ସନ୍ଦୀପ କୁମାର, ଡ. ସଚିନ କୁମାର, ସୁବୋଧ କୁମାର, ଅରୁଣ ବୋଥ୍ରା, ଡ. କିଶୋର କୁମାର ପାଣିଗ୍ରାହୀ, ଆଶିଷ ବର୍ମା, ରାହୁଲ ନବୀନ, ରାଜେଶ କେଡିଆଙ୍କ ସମେତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଆୟକର ବିଭାଗ, ଡାଇରେକ୍ଟ ଟ୍ୟାକ୍ସ ବିଭାଗ, ସେଣ୍ଟ୍ରାଲ ଏକ୍ସାଇଜ୍ ଓ କଷ୍ଟମ, ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ, ସିଟି ଜିଏସ୍‌ଟି, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଏବଂ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଦେଶରେ ଦ୍ରୁତଗତିରେ କଳାଧନ କାରବାର ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାରେ ଅଣାୟତ୍ତ ନିଶା କାରବାର ମଧ୍ୟ କଳାଧନ ବୃଦ୍ଧି ପାଇଁ ଦାୟୀ। କଳାଧନ କାରବାର ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏସ୍ଆଇଟି ଗଠିତ ହୋଇଛି। ପ୍ରତି ୩ ମାସରେ ଏହାର ବୈଠକ ହେବା ସହ ନିୟମିତ ଭାବେ ସୁପ୍ରିମକୋର୍ଟଙ୍କୁ ଏସ୍ଆଇଟି ରିପୋର୍ଟ ପ୍ରଦାନ କରୁଛି।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ଜଗଦୀଶ ପାରିଖ




■ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ସ୍ଥାପନରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଲେ

■ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ରୂପାନ୍ତର ପାଇଁ ଧନ୍ୟବାଦ ଦେଲେ

ଭୁବନେଶ୍ୱର,୨୮।୧୧
(ଅନିଲ ଦାସ)

ନବୀନ ନିବାସଠାରେ ମଙ୍ଗଳବାର ୫-ଟି ଏବଂ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଶ୍ରୀ ଭିଲେ ପାର୍ଲେ କେଲାଭଣୀ ମଣ୍ଡଳ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ପ୍ରକଳ୍ପର ଅଧ୍ୟକ୍ଷ ଜଗଦୀଶ ପାରିଖ, ସେକ୍ରେଟାରି ଡ. ଜୟନ୍ତ ଗାନ୍ଧୀ ଓ କ୍ୟାମ୍ପସ ପ୍ରତିନିଧି ରଜତ ଅଗ୍ରୱାଲ ପ୍ରମୁଖ ଭେଟି ତାଙ୍କ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟରେ ଶିକ୍ଷା ବିକାଶ କ୍ଷେତ୍ରରେ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ, ଶ୍ରୀ ଭିଲେ ପାର୍ଲେ କେଲାଭଣୀ ମଣ୍ଡଳ ଟ୍ରଷ୍ଟ ପକ୍ଷରୁ ଇନ୍‌ଫୋଭ୍ୟାଲିଠାରେ ଏକ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରତିଷ୍ଠାନ ପାଇଁ ରାଜ୍ୟ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ସେମାନେ ଖୁସିବ୍ୟକ୍ତ କରିବା ସହିତ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଶିକ୍ଷା ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମର ଉଚ୍ଚ ପ୍ରଶଂସା କରିଛନ୍ତି।

# ନୂତନ ଦାୟିତ୍ୱ ପାଇଁ ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛା



## ଭେଟିଲେ ସରକାରୀ ଦଳ ମୁଖ୍ୟ ସଚେତକ, ମନ୍ତ୍ରୀ, ଏମ୍‌ପି ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୨୮।୧୧
(ଅନିଲ ଦାସ)

ନବୀନ ନିବାସଠାରେ ୫-ଟି ଏବଂ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଭେଟି ତାଙ୍କ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେମାନେ କହିଥିଲେ ଯେ ଏକ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ ପାଣ୍ଡିଆନଙ୍କ କଠିନ ପରିଶ୍ରମ ଅତୁଳନୀୟ। ଏହି ପରିଶ୍ରମ ଓଡ଼ିଶାକୁ ନିଶ୍ଚିତ ରୂପେ ଆଗକୁ ନେବ ବୋଲି ସେମାନେ କହିଥିଲେ।

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

କାମାକ୍ଷାନଗର,୨୮।୧୧
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ବନାଞ୍ଚଳ ଅନ୍ତର୍ଗତ ଗଡ଼ପଳାଶୁଣି ପଞ୍ଚାୟତ ନାଗେଶ୍ୱର ଗାଁରେ ସୋମବାର ବିଳମ୍ବିତ ରାତିରେ ହାତୀ ପଲଙ୍କ ଆକ୍ରମଣରେ ଚାଷୀ ଦୟାନିଧି ସିଂ(୩୫)ଙ୍କ ମୃତ୍ୟୁ ହୋଇଛି। ଦୟାନିଧି ଫସଲ ଜଗିବା ପାଇଁ ଗ୍ରାମର କେତେଜଣ ଲୋକଙ୍କ ସହିତ ବିଲକୁ ଯାଇଥିବା ବେଳେ ହାତୀପଲଙ୍କ ହାବୁଡ଼ରେ ପଡ଼ିଥିଲେ। ଗାଁ ପାଖ ପୋଖରୀ ନିକଟରେ ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଦୟାନିଧିଙ୍କ ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ଅନ୍ୟମାନେ ଦୌଡ଼ି ପଳାଇ ଯିବାରୁ ବର୍ତ୍ତି ଯାଇଥିଲେ। ଖବରପାଇ ମହାବିରୋଡ୍ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମହାବିରୋଡ୍ ଥାନା ଏଏସ୍ଆଇ ଶେଷଦେବ ଲେଙ୍କା ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନ କହିଛନ୍ତି, ଘଟଣା ଅତ୍ୟନ୍ତ ଦୁଃଖଦାୟକ। ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଦୈନିକ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି।

# ୱାର୍ଡମେମ୍ବରଙ୍କୁ କଚାଡ଼ି ମାରିଲା

ବଡ଼ଗାଁ,୨୮।୧୧
(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଗରଗଡବାହାଲ ଗ୍ରାମରେ ସୋମବାର ଭୋର ସମୟରେ ହାତୀ ଆକ୍ରମଣରେ ଜଣେ ୱାର୍ଡମେମ୍ବରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହୀରାଲାଲ ବେହେରା(୫୦)। ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚରା ଅଞ୍ଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଥିବା ଏକ ହାତୀପଲ ଗାଁକୁ ପଶି ଆସିଥିଲେ। ହାତୀ ଧାନ ବିଲରେ ପଶିବା ଆଶଙ୍କା କରି ହୀରାଲାଲ ବିଲକୁ ଯାଇଥିଲେ। ଠିକ୍ ଏହି ସମୟରେ ସେ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି ତଳେ କଚାଡି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ୩୦ ଟିକିଆ ହାତୀପଲ ଅଞ୍ଚଳକୁ ଆସିଥିବାରୁ ଲୋକେ ସତର୍କ ରହିବାକୁ ବନ ବିଭାଗ ଅଧିକାରୀ ପ୍ରଦୀପ ଭୂତିଆ ସୂଚନା ଦେଇଛନ୍ତି।

# ୭ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

■ ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା

କେନ୍ଦୁଝର,୨୮।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ /ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଗୁଣିଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାରକରି ୭ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ପ୍ରତ୍ୟେକଙ୍କୁ ୬ ମାସ ଅଧିକ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ସଦର ଥାନା ସେଣ୍ଡକାପ ଗ୍ରାମର ରବୀନ୍ଦ୍ର ମୁଣ୍ଡା (୩୬), ନରହରି ମୁଣ୍ଡା(୨୮), ବଳଭଦ୍ର ମୁଣ୍ଡା( ୪୦), ବୈଶାଖୁ ମୁଣ୍ଡା (୨୪), ଚେମା ମୁଣ୍ଡା (୨୫), ଟିମା ମୁଣ୍ଡା (୩୩) ଓ ଟୁରା ମୁଣ୍ଡା (୩୦)। ମାମଲାର ବିବରଣୀ ଅନୁଯାୟୀ, ସେଣ୍ଡକାପ ଗ୍ରାମର ଦୀନବନ୍ଧୁ ମୁଣ୍ଡା (୬୫) ଗୁଣିଗାରେଡ଼ି କରୁଥିବା ନେଇ ଅଭିଯୁକ୍ତମାନେ ସନ୍ଦେହ କରିଆସୁଥିଲେ। ୨୦୧୯ ଏପ୍ରିଲ ୧୪ରେ ସେମାନେ ଦୀନବନ୍ଧୁଙ୍କୁ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିକଟକୁ ଡାକି ମାରଣାସ୍ତ୍ରରେ ଆକ୍ରମଣକରି ହତ୍ୟାକରିବା ପରେ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ବୋହୂ ସୁନିତା ମୁଣ୍ଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୮୦/୧୯) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେସ୍ ପରିଚାଳନା କରିଥିଲେ।






ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। **–ଶ୍ରୀମା**



# ବୈଷୟିକ ଜ୍ଞାନ ନୁହେଁ

ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ଜାତୀୟ ରାଜପଥ ଉପରେ ନିର୍ମାଣାଧୀନ ସିଲ୍କ୍ୟାରା ସୁଡ଼ଙ୍ଗରେ ଫସିଥିବା ୪୧ ଶ୍ରମିକ ୧୭ ଦିନ ପରେ ନଭେମ୍ବର ୨୮ ମଙ୍ଗଳବାର ସନ୍ଧ୍ୟାରେ ମୁକ୍ତ ପ୍ରଶ୍ୱାସ ନେବାର ସୁଯୋଗ ପାଇଲେ। ଏହି ଦୁର୍ଘଟଣା ଦର୍ଶାଇଲା ଯେ, ଭାରତର ବୈଷୟିକ ଜ୍ଞାନକୌଶଳ ଏବେ ମଧ୍ୟ ପଛୁଆ ଅଛି। ଅହଂଭାବକୁ ଛାଡ଼ି କେନ୍ଦ୍ର ସରକାର ପ୍ରଥମରୁ ଅନ୍ତର୍ଜାତୀୟ ସାହାଯ୍ୟ ଲୋଡ଼ିଥିଲେ ଏହି ଅସ୍ୱାଭାବିକ ସ୍ଥିତି ପୂର୍ବରୁ  ସମାଧାନ ହୋଇପାରିଥାନ୍ତା। ବିଶେଷକରି ବିଦେଶର ପାହାଡ଼ିଆ ଦେଶ ସୁଇଜରଲାଣ୍ଡ, ଜର୍ମାନୀ ଏପରି କି ଚାଇନାରେ ମଧ୍ୟ ଅନେକ ସୁଡ଼ଙ୍ଗ ନିର୍ମିତ ହୋଇଛି ଓ ହେବାରେ ଲାଗିଛି। ସେସବୁ ରାଷ୍ଟ୍ରରେ ଏଭଳି ଦୁର୍ଘଟଣା ଘଟିବାର କ୍ୱଚିତ ଉଦାହରଣ ଦେଖିବାକୁ ମିଳେ। କାର୍ଯ୍ୟ ଯଦି ଉଚିତ ମାନର ହୋଇଥାଆନ୍ତା, ତେବେ ଏପରି ଦୁର୍ଘଟଣା କେବେ ହେଲେ ଘଟି ନ ଥାଆନ୍ତା। ଏହା କହିଲା ବେଳକୁ ଆମେ ସଚେତନ ଯେ,  ଦୁର୍ଘଟଣା କୌଣସି ସମୟରେ ଏବଂ କାହାରି ସାଙ୍ଗରେ ଘଟିବାର ସବୁ ସମ୍ଭାବନା ରହିଛି।

ରାସ୍ତା ନିର୍ମାଣ ବେଳେ ସୁଡ଼ଙ୍ଗ ତିଆରି କରାଯିବାର ପ୍ରକ୍ରିୟା ସବୁବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇପାରେ ବୋଲି ଚିନ୍ତା କରାଯାଏ। ସେଥିପାଇଁ ପ୍ରତିଷେଧକ ବ୍ୟବସ୍ଥା କାର୍ଯ୍ୟ ସହିତ ରହିବା କଥା। ଯେଉଁମାନେ ବିଦେଶରେ ରାସ୍ତା ସୁଡ଼ଙ୍ଗ ଦେଖିଛନ୍ତି, ସେମାନେ ନିଶ୍ଚିତ ଭାବେ କହିପାରିବେ ଯେ ଉଭୟ ପାର୍ଶ୍ୱରେ ଜରୁରିକାଳୀନ ସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ଥାନ ବ୍ୟବସ୍ଥା ସ୍ପଷ୍ଟ ଭାବେ କରାଯାଇଥାଏ। ସିଲ୍କ୍ୟାରା ସୁଡ଼ଙ୍ଗରେ ତାହା ନ ଥିବାରୁ ଏତେ ଦୀର୍ଘସମୟ ଲାଗିଗଲା ଉଦ୍ଧାର ପାଇଁ। ଭାବିଲେ ଭୟ ସୃଷ୍ଟି ହେଉଛି ଯେ, ସେହି ସୁଡ଼ଙ୍ଗ ନିର୍ମାଣ ହୋଇଯିବା ପରେ ଯଦି ଏଭଳି ଦୁର୍ଘଟଣା ଘଟିଥାଆନ୍ତା, ତେବେ ସମ୍ଭବତଃ ଆହୁରି ଅନେକ ଲୋକ ଏହି ଶ୍ରମିକମାନଙ୍କ ଭଳି ଚାପି ହୋଇ ରହିଯାଇଥାଆନ୍ତେ। ଏଥିସହିତ  ଭାରତରେ ଏହିଭଳି ଦୁର୍ଘଟଣା ଯଦି ନିର୍ବାଚନ ସମୟରେ ଦୁର୍ଭାଗ୍ୟକୁ ଘଟେ, ତାହା ହେଲେ ସମସ୍ତେ ଅଣଦେଖା କଲା ଭଳି ରହିଯାଆନ୍ତେ। ଦେଖିବାକୁ ଗଲେ ଏହି ୪୧ ଜଣଙ୍କ ଭବିଷ୍ୟତ କ'ଣ ହେବ ଅସ୍ପଷ୍ଟ ଥିବାରୁ ଜାତୀୟ ଗଣମାଧ୍ୟମ ସେହି ସମ୍ପର୍କରେ ଖବର ପ୍ରସାର କରିବାରେ ହେଳା କରିଥିଲା। ଆରମ୍ଭରୁ ଯଦି ଜଣାପଡ଼ିଥାନ୍ତା ଯେ ଶ୍ରମିକମାନେ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ଉଦ୍ଧାର ହେବେ, ତେବେ ଦେଶର ଅନେକ ନେତା ତମ୍ବୁ ପକାଇ ରାତିଦିନ ଟେଲିଭିଜନ କ୍ୟାମେରା ସମ୍ମୁଖରେ ବୀରତ୍ୱର ସହିତ ମନ୍ତବ୍ୟ ଦେଇଥାଆନ୍ତେ। ସେହି ଭରସା ନ ଥିବା ଯୋଗୁ ସମସ୍ତଙ୍କୁ ପ୍ରାର୍ଥନା କରିବାକୁ କୁହାଯାଇଥିଲା। ହୁଏତ ଏହି ଶ୍ରମିକମାନେ ଦ୍ୱିତୀୟ ଜୀବନ ପାଇବା ପଛରେ ଭାରତବାସୀଙ୍କ ପ୍ରାର୍ଥନା ଥିଲା ; ବୈଷୟିକ ଜ୍ଞାନ ନୁହେଁ। କାରଣ ଯେଉଁ ର୍ୟାଟ୍ ହୋଲ୍ ଉପାୟରେ ସେମାନଙ୍କୁ ଉଦ୍ଧାର କରାଗଲା, ସେହି ଖନନ କରୁଥିବା ବ୍ୟକ୍ତିମାନେ ମେଘାଳୟ ଭଳି ରାଜ୍ୟରେ ସାଧାରଣତଃ ଏହି ଜ୍ଞାନକୌଶଳ ଲଗାଇ କୋଇଲା ଚୋରି କରିଥାଆନ୍ତି। ର୍ୟାଟ୍ ହୋଲ୍ ମାଇନିଂ ଏକ ଅସ୍ୱାଭାବିକ ଚୋରଙ୍କ କାର୍ଯ୍ୟ, ଯାହାକି ଜୀବନ ପ୍ରତି ବିପଦ ଆଣିଥାଏ।

# ସ୍କୁଲ ହିଂସା

ଦୁଇ କିମ୍ବା ତିନି ଦଶନ୍ଧି ପୂର୍ବର ସ୍କୁଲ ଜୀବନ କଥା ଭାବିଲେ ସେତେବେଳର ପରିବେଶ  ଏବକାଠାରୁ ନିଶ୍ଚିତ ଭିନ୍ନ ବୋଲି କୁହାଯାଇପାରେ। ବର୍ତ୍ତମାନ ଶିକ୍ଷା ଶୈଳୀ ଓ ଭିତ୍ତିଭୂମିରେ ଉନ୍ନତି ଘଟିଛି। ପରମ୍ପରିକ ଶିକ୍ଷା ସହ ଟେକ୍ନୋଲୋଜିର ପ୍ରବେଶ ସ୍କୁଲଶିକ୍ଷାକୁ ବ୍ୟାପକ କରିଛି। କିନ୍ତୁ ଅନେକ ସମୟରେ ସ୍କୁଲରେ ପିଲାଙ୍କ ମଧ୍ୟରେ ପ୍ରକାଶ ପାଉଥିବା ହିଂସା  ଓ ଆପରାଧିକ ମନୋଭାବ ଚିନ୍ତା ବଢ଼ାଇଦେଉଛି। ନିକଟରେ ମଧ୍ୟପ୍ରଦେଶ ଇନ୍ଦୋରର ଏକ ଘରୋଇ ସ୍କୁଲରେ ଜଣେ ୪ର୍ଥ ଶ୍ରେଣୀର ଛାତ୍ରକୁ ତା'ର ୩ ସହପାଠୀ ଜ୍ୟାମିତି କମ୍ପାସ୍‌ରେ ୧୦୮ ଥର ଭୁସିଛନ୍ତି। ଏହି ପିଲାମାନଙ୍କର ବୟସ ୧୦ ବର୍ଷରୁ କମ୍। କେବଳ ଏହି ଘଟଣା ନୁହେଁ, ବିଗତ ଦିନରେ ଦେଶର ବିଭିନ୍ନ ସ୍କୁଲରେ ଶିଶୁମାନଙ୍କଠାରେ ହିଂସା, ନିଶାଦ୍ରବ୍ୟ ବ୍ୟବହାର, ବୁଲିଂ ଭଳି ନକାରାତ୍ମକ ଆଚରଣର ଖବର ପ୍ରକାଶ ପାଇଛି। ଏକାଧିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ସ୍କୁଲ ପିଲାମାନଙ୍କ ମଧ୍ୟରେ କ୍ରୋଧ ଓ ଅପରାଧପ୍ରବଣତା ବୃଦ୍ଧିପାଉଛି। ଏହା ବ୍ୟତୀତ ନ୍ୟାଶନାଲ ଡ୍ରଗ୍ସ ଡିପେଣ୍ଡେନ୍ସ ଟ୍ରିଟ୍‌ମେଣ୍ଟ ସେଣ୍ଟର ଦ୍ୱାରା ୨୦୨୦ରେ ୧୦ଟି ସହରରେ ୬୦୦୦ ସ୍କୁଲର ୮ମରୁ ୧୦ମ ଶ୍ରେଣୀ ପିଲାଙ୍କ ଉପରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଥିଲା ଯେ, ୧୦ ପ୍ରତିଶତ ପିଲା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରୁଛନ୍ତି। ଆମେରିକା ଓ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକ ତୁଳନାରେ ଭାରତରେ ହିଂସା ଓ ଅପରାଧ ପ୍ରତିଶତ କମ୍ ରହିଥିଲେ ମଧ୍ୟ ଏଭଳି ସମସ୍ୟା ପ୍ରତି ସତର୍କ ନ ରହିଲେ ଭବିଷ୍ୟତରେ ଏହା ଗମ୍ଭୀର ସ୍ଥିତିକୁ ଆମନ୍ତ୍ରଣ କରିବା ସମ୍ଭାବନା ଅଧିକ। କାରଣ ଭାରତରେ ବିଶ୍ୱର ସର୍ବାଧିକ ୪୫ କୋଟି ଶିଶୁ ଅଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 9 | | | | | | 6 |
| | | 6 | | 9 | 4 | | 1 | |
| | | | | | 8 | | | |
| | | | | | 6 | 3 | | |
| 2 | | | | | | | | 9 |
| | 8 | 4 | 5 | | | | | |
| | 6 | | | | | | | 1 |
| 3 | | | 4 | | | | | 2 |
| | 7 | | | | | 4 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 1 | 4 | 3 | 7 | 8 | 2 |
| 2 | 3 | 8 | 5 | 7 | 9 | 6 | 4 | 1 |
| 7 | 1 | 4 | 2 | 8 | 6 | 3 | 5 | 9 |
| 6 | 5 | 9 | 8 | 2 | 1 | 4 | 7 | 3 |
| 8 | 7 | 1 | 3 | 6 | 4 | 9 | 2 | 5 |
| 3 | 4 | 2 | 7 | 9 | 5 | 8 | 1 | 6 |
| 4 | 2 | 3 | 9 | 5 | 8 | 1 | 6 | 7 |
| 5 | 9 | 6 | 4 | 1 | 7 | 2 | 3 | 8 |
| 1 | 8 | 7 | 6 | 3 | 2 | 5 | 9 | 4 |

ଗତକାଲିର ଉତ୍ତର

# ଦୁର୍ନୀତି: ଏକ ମାନସିକ ବ୍ୟାଧି



ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱାଧୀନତାର ୭୬ ବର୍ଷ ପରେ ବି ଦେଶରୁ ଦାରିଦ୍ର୍ୟ ହଟୁନି କି ସମସ୍ତଙ୍କ ପାଖରେ ପହଞ୍ଚି ପାରୁନି ସର୍ବନିମ୍ନ ସୁବିଧା। ଅନ୍ୟପକ୍ଷରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢୁଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ତଥ୍ୟ ଅନୁସାରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ କ୍ରମାଗତ ଭାବରେ ଉପରକୁ ଉଠୁଛି। ଆମ ଦେଶରେ ଗଣତନ୍ତ୍ରର ବୟସ ବଢ଼ିବା ସାଙ୍ଗକୁ ବଦଳିଯାଇଛି ଦୁର୍ନୀତିର ସଂଜ୍ଞା। ତଦନୁଯାୟୀ ନେତା, ମନ୍ତ୍ରୀ ଓ ବାବୁମାନଙ୍କର ଆଚରଣ ଓ ଉଚ୍ଚାରଣରେ ଆସିଛି ପରିବର୍ତ୍ତନ। ପ୍ରଚୁର କଳା ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବା ଓ ଜିଣି ସାରିବା ପରେ କ୍ଷମତାର ଅପବ୍ୟବହାର କରି କଳାଟଙ୍କା ଠୁଳ କରିବା ହେଲା ନେତୃତ୍ୱର ଅଘୋଷିତ ନୀତି।

ସାଧାରଣତଃ ପ୍ରଶାସନିକ ଅଧିକାରୀଙ୍କ ଦକ୍ଷତା ଓ ପ୍ରତିବଦ୍ଧତା ଉପରେ ନିର୍ଭର କରେ ଶାସନର ସ୍ୱଚ୍ଛତା। ଏମାନଙ୍କ ସହାୟତା ବିନା ରାଷ୍ଟ୍ରଧନକୁ କେହି ଆତ୍ମସାତ୍ କରିପାରେନି କି ଦେଶରେ ଉଧେଇ ପାରେନି ଦୁର୍ନୀତିର ଚାରା। ଆମ ଦେଶରେ କିନ୍ତୁ ରାଜକୋଷ ଲୁଣ୍ଠନ ହୁଏ ପ୍ରଶାସନିକ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ। ରାଷ୍ଟ୍ରଧନକୁ ଲୁଣ୍ଠନ କରିବା ପାଇଁ ରାଜନେତା ଓ ଏମାନଙ୍କ ଭିତରେ ଗଢ଼ିଉଠେ ଅସାଧୁ ସମ୍ପର୍କ। ସବୁ ସ୍ତରରେ ଦୁର୍ନୀତି ପାଇଁ ଏହିମାନେ ହିଁ କ୍ଷେତ୍ର ପ୍ରସ୍ତୁତ କରନ୍ତି । ଖ୍ୟାତନାମା ଆଇଏଏସ୍ ଅଧିକାରୀ ପଦ୍ମଭୂଷଣ ସି.ପି.ଶ୍ରୀବାସ୍ତବଙ୍କ ମତରେ ଆମ ଦେଶରେ ଅଧିକାଂଶ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ନିଜ ବିବେକ ସହିତ ସାଲିସ କରି ନିଅନ୍ତି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ। ସହଯୋଗର ପୁରସ୍କାର ସ୍ୱରୂପ ଅବସର ପରେ ଅନେକଙ୍କୁ ମିଳେ କ୍ଷମତା ଉପଭୋଗର ସୁଯୋଗ। ଯେଉଁଠି ଉପରିସ୍ଥ ହାକିମମାନଙ୍କର ବିବେକ ବଳିଗ୍ରସ୍ତ, ସେଠାରେ ତଳିଆ କର୍ମଚାରୀଙ୍କୁ ଜଗିବ କିଏ ? କେ.ସି. ସହିନ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ– ଉଚ୍ଚ ପଦବୀରେ ଥିବା ବ୍ୟକ୍ତି ଯଦି ଭ୍ରଷ୍ଟାଚାରରେ ଜଡ଼ିତ ରହେ, ତେବେ ତା'ର ପ୍ରଭାବ ସହକର୍ମୀ ଓ ଅଧସ୍ତନଙ୍କ ଉପରେ ପଡ଼ିବା ସ୍ୱାଭାବିକ। ସେହି କାରଣରୁ ସରକାରୀ କାର୍ଯ୍ୟାଳୟରେ ତାଳୁରୁ ତଳିପାଯାଏ ମାଡ଼ିଗଲାଣି ଦୁର୍ନୀତିର ଯାଦୁ। ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ସଚିବାଳୟ ଯାଏ ସବୁଠି ଚାଲିଛି ଭଣ୍ଡେଇବାର ଫିସାଦ ଓ ଲୁଣ୍ଡେଇବାର ଗଳଦ୍‌ଘର୍ମ ପ୍ରତିଯୋଗିତା।

ଆଗରୁ ଦୁର୍ନୀତି ଅଭିଯୋଗ ଆସୁଥିଲା କେବଳ ଲୋକ ପ୍ରତିନିଧି ଓ ସରକାରୀ ବାବୁମାନଙ୍କ ବିରୋଧରେ। ଏବେ ପୁଣି ଆଙ୍ଗୁଠି ଉଠିଲାଣି ନ୍ୟାୟପାଳିକା ଆଡ଼କୁ। ଦେଶରୁ ଦୁର୍ନୀତି ହଟାଇବାକୁ ହେଲେ ଦୁର୍ନୀତିଖୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦରକାର। ହେଲେ ସେମାନଙ୍କୁ ଧରିବ



କିଏ ? ଧରିବା ଦାୟିତ୍ୱରେ ଥିବା ବାବୁମାନେ ତ ସମାନ ରୋଗରେ ଆକ୍ରାନ୍ତ। ସେଥିପାଇଁ ଦେଶରେ ଦୁର୍ନୀତି ଉପାୟରେ କଳାଧନ ଠୁଳ କରୁଥିବା ହଜାର ହଜାର ସରକାରୀ ବାବୁଙ୍କ ଭିତରୁ ଧରାପଡ଼ନ୍ତି ଜଣେ ଅଧେ ବାବୁ। ଆଶ୍ଚର୍ଯ୍ୟର କଥା ହେଉଛି  ଲାଞ୍ଚୁଆ ବାବୁମାନେ ଠାକୁର ଖାଇ ଖଟୁଲି ଖାଇଯିବା ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ କରୁଥିଲା କ'ଣ ? ତା'ର ଭିତିରି କାରଣ ଯୋଗୁ ଦୁର୍ନୀତି ଅଭିଯୋଗର ତଦନ୍ତ ପ୍ରକ୍ରିୟା ମଧ୍ୟ ଏଠି ଖୁବ୍ ମନ୍ଥର ଓ ଶିଥିଳ। ବର୍ଷ ବର୍ଷ ଧରି ଦୋଷୀ ସାବ୍ୟସ୍ତ ହୋଇପାରନ୍ତିନି ଚିଟ୍‌ଫଣ୍ଡ ଲୁଟେରା। ପ୍ରମାଣ ଅଭାବରୁ ଖସି ଯାଆନ୍ତି ଅନେକ ଲାଞ୍ଚୁଆ ଅଧିକାରୀ। ଦୁର୍ଭାଗ୍ୟର ବିଷୟ ହେଉଛି ଅପରାଧୀ ବିରୋଧରେ ପ୍ରମାଣ ଠୁଳ କରିବା ବଦଳରେ କେତେକ କ୍ଷେତ୍ରରେ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟାକରେ ତଦନ୍ତକାରୀ ଦଳ। ସେଥିପାଇଁ ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ ହୋଇପାରନ୍ତିନି ଅଧିକାଂଶ ଅଭିଯୁକ୍ତ। ଭାବିଲେ ଯେଉଁ ଦେଶର ସବୁଠାରୁ ବଡ଼ ତଦନ୍ତକାରୀ ସଂସ୍ଥାର ଶୀର୍ଷ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ ଆସେ, ସେଠାରେ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ କେମିତି?

ପୂର୍ବତନ ରାଷ୍ଟ୍ରପତି ଡ. ଏ ପି ଜେ ଅବ୍‌ଦୁଲ କଲାମଙ୍କ ମତରେ ଦୁର୍ନୀତିର ବିଲୋପ ପାଇଁ ସ୍ୱଚ୍ଛ ନେତା, ସଚ୍ଚୋଟ ଜନତା ଓ ନିଷ୍ଠାପର ଅଧିକାରୀ ଆବଶ୍ୟକ। ମାତ୍ର ଦେଶର ମଙ୍ଗୁଆଳମାନେ ଯେଉଁଠି ଦୁର୍ନୀତିକୁ ନୀତିରେ ପରିଣତ କରି ଦିଅନ୍ତି, ସେଠାରେ ଶେଷରେ ଏମିତି ଅବସ୍ଥା ହୁଏ ଯେ ସାଧାରଣ ଲୋକଙ୍କ ଶିରା ଶୋଣିତରେ ମିଶିଯାଏ ଦୁର୍ନୀତି ମାନସିକତା। ଏହି କାରଣରୁ ଆମ ଦେଶରେ ଲାଞ୍ଚ ନେଲାବାଲା ଯେତିକି ତତ୍ପର, ଲାଞ୍ଚ ଦେଲାବାଲା ତା' ଠାରୁ ବେଶି ବ୍ୟାକୁଳ। ଯିଏ ଲାଞ୍ଚ ନେଇ କାମ କରି ଦେଇ ପାରିଲା, ସିଏ ଏଠି ଦକ୍ଷ ଓ କରିତ୍‌କର୍ମା। ଅନ୍ୟପକ୍ଷରେ ଯିଏ ଆପଣା ସଚ୍ଚୋଟପଣିଆକୁ ଗଣ୍ଠିଧନ କରି ନୀତି ଆଦର୍ଶରେ ବାଟ ଚାଲିଲା, ଲୋକଙ୍କ ଆଖିରେ ସେ ହେଲା ଅଯୋଗ୍ୟ ଓ ଅପାରଗ।

ସାଧାରଣତଃ ଗ୍ରାମାଞ୍ଚଳ ଅପେକ୍ଷା ବଡ଼ ବଡ଼ ସହରରେ ଅଧିକ ଦୁର୍ନୀତି ହେଉଛି ଏବଂ ଏଥିରେ ଲିପ୍ତ ରହୁଛନ୍ତି ଉଚ୍ଚଶିକ୍ଷିତ ବାବୁମାନେ। କିନ୍ତୁ ସୁଯୋଗ ପାଇଲେ ସେହି ଅବାଟରେ ଯିବାକୁ ପଛାଉ ନାହାନ୍ତି ଗ୍ରାମାଞ୍ଚଳର ଅପାଠୁଆ ଲୋକେ। ଗାଁରେ ବି ଦୁଧ ଦହି ଘିଅ ଓ ପନିପରିବାରେ ଅପମିଶ୍ରଣ ହେଉଛି ଏବଂ ବିଜୁଳି ଚୋରି କରାଯାଉଛି କେତେ ବାଗରେ। ଏଥିରୁ ବୁଝିବାକୁ ହେବ ଯେ ଆମ ମାନସିକତା ସହିତ ଓତପ୍ରୋତ ଭାବରେ ଯୋଡ଼ି ହୋଇଗଲାଣି ଦୁର୍ନୀତି ଓ ଭ୍ରଷ୍ଟାଚାର। ସାଧାରଣତଃ ଗୁଡ଼ଘରେ ଖୁନ୍ଦି ହୋଇଯାଆନ୍ତି ଜନ୍ଦା। ତାଙ୍କୁ ଦରକାର ହୁଏନି ଠିକଣା। ଅଭ୍ୟାସ ଓ ବାସ୍ନା ତାଙ୍କୁ ନେଇ ପହଞ୍ଚାଇ ଦିଏ ବଣାବଣା ଘରେ। ମାନସିକତା ଯେଉଁଠି ବ୍ୟାଧିଗ୍ରସ୍ତ ଓ ମାନବିକତା ଯେଉଁଠି ମୃତ ସେଠାରେ କ'ଣ କରିବ ଆଇନକାନୁନ୍ ଓ କୋର୍ଟ କଚେରି। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର କହିଥିଲେ, ଦୁର୍ନୀତି ଏକ ମାନସିକ ବ୍ୟାଧି। ମଣିଷର ସ୍ୱଭାବ ଓ ଚରିତ୍ରରେ ପରିବର୍ତ୍ତନ ନ ଆସିଲେ ସେ ବ୍ୟାଧିରୁ ମୁକ୍ତି ମିଳିବନି। ଆଇନକାନୁନ୍ କେବଳ ଏକ ଉପଚାର ହୋଇପାରେ, କିନ୍ତୁ ତା'ର ଅସଲ ନିଦାନ ହେଉଛି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା। ତା'ର ଅଭାବ ଯୋଗୁ ସମାଜର ସବୁ ସ୍ତରର ଲୋକଙ୍କୁ ଗ୍ରାସୁଛି ଦୁର୍ନୀତି ମାନସିକତା। ଏ ସମ୍ପର୍କରେ ରୋଚକ କଥାଟିଏ।

ଜଣେ ଯୁବକର ଅନିନ୍ଦ୍ୟ ସୁନ୍ଦରୀ ବାଗଦତ୍ତା କହିଲା–ରାଜାଙ୍କ ବଗିଚାରେ ଯେଉଁ ନୀଳ ପଳାଶ ଫୁଟିଛି, ତାକୁ ମୋ ଲାଗି ଆଣିପାରିବ ? ଏହି ଗୋଟେ ସାମାନ୍ୟ କଥା ବୋଲି କହି ରାଜାଙ୍କ ବଗିଚା ଆଡ଼କୁ ଡିଆଁ ମାରିଲା ଯୁବକ। ନୀଳ ପଳାଶ ଅତ୍ୟନ୍ତ ଦୁର୍ଲଭ ହୋଇଥିବାରୁ ବଗିଚା ଚାରିପଟେ ଖୁବ୍ କଡ଼ାକଡ଼ି ଥିଲା ପହରା ବ୍ୟବସ୍ଥା। ତେଣୁ ବଗିଚାରୁ ଫୁଲ ଚୋରି କରିବା ଏକ ପ୍ରକାର ଅସମ୍ଭବ ଜାଣି ଯୁବକଟି ଜଣେ ଜଗୁଆଳିକୁ ସବୁକଥା କହି ଫୁଲଟିଏ ମାଗିଲା ଅତି ବିନମ୍ରତାର ସହିତ। ଫୁଲ ଦେବା ତ ଦୂରର କଥା ତାକୁ ସେ ଠେଙ୍ଗା ଦେଖାଇ ତଡିଦେଲା ଅତି ନିର୍ଦ୍ଦୟ ଭାବରେ। ନିରାଶ ହୋଇ ଯୁବକ ଫେରିଆସି ନିରୋଳାରେ ଚିନ୍ତାକଲା ଉପାୟ। ନିଶାର୍ଦ୍ଧରେ ଚୁପି ଚୁପି ପ୍ରାଚୀର ପାଖରେ ପହଞ୍ଚିଲା ଏବଂ ସାହସ ଯୁଟେଇ  ଜଗୁଆଳିଙ୍କ ହାତରେ ଗୁଞ୍ଜିଦେଲା ପାଞ୍ଚଟି ସ୍ୱର୍ଣ୍ଣମୁଦ୍ରା। ଜଗୁଆଳି ଏଣେତେଣେ ଚାହିଁ ଖୁବ୍ ସନ୍ତର୍ପଣରେ ବଗିଚାରୁ ନୀଳ ପଳାଶଟିଏ ଆଣି ଧରେଇ ଦେଲା ଯୁବକ ହାତରେ। ସେ ଫୁଲଟି ନେଇ ଫୁଲେଇ ପ୍ରେମିକାକୁ ଦିଅନ୍ତେ– ସେ ବିସ୍ମିତ ହୋଇ ପଚାରିଲା ଏ ଫୁଲ ତମେ ରାଜ ଉଦ୍ୟାନରୁ ଆଣିଲ କେମିତି? ଯୁବକ ସବୁକଥା ପ୍ରକାଶ ସହିତ ଟିପ୍ପଣି ଦେଲା– ଯେଉଁଠି ଜଗୁଆଳି ନୀତିହୀନ, ସେଠାରେ ଅସମ୍ଭବ କ'ଣ ? ଏହା ଶୁଣି ପ୍ରେମିକାଟି ଧୀରେ କହିଲା– ତମେ କେଉଁ ନୀତିବାନ କି?

**ଅବସରପ୍ରାପ୍ତ ଅଧକ୍ଷ, ବିଜୁପଟ୍ଟନାୟକ ନଗର, ଭଦ୍ରକ**
**ମୋ:୬୩୭୧୬୪୨୪୬୪**

# ସୁନ୍ଦର ହସ୍ତାକ୍ଷର, ସ୍ୱତନ୍ତ୍ର ପରିଚୟ



ସୁଧୀର କୁମାର ନାୟକ

ଆମ ପିଲାବେଳେ ବିଦ୍ୟାଳୟରେ ପଢୁଥିବା ବେଳେ ଦୁଇଗୋଟି ହସ୍ତାକ୍ଷର ଖାତା ଲେଖୁଥିଲୁ। ପ୍ରଥମଟି ନିଜ ମାତୃଭାଷା ଏବଂ ଦ୍ୱିତୀୟଟି ଇଂରାଜୀ ଭାଷା ଥିଲା। ପ୍ରତ୍ୟେକ ଶ୍ରେଣୀର ପ୍ରଥମ ପିରିୟଡରେ ଶ୍ରେଣୀ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପକାଇବା ପରେ ଟେବୁଲ ଉପରେ ଥାକ ଥାକ ହୋଇ ସୁନ୍ଦର ଭାବେ ରଖାଯାଇଥିବା ହସ୍ତାକ୍ଷର ଖାତାଗୁଡ଼ିକୁ ଦେଖନ୍ତି। ଯେଉଁମାନଙ୍କର ଅକ୍ଷର ସୁନ୍ଦର ନ ଥାଏ କିମ୍ବା ଧାଡ଼ି ବଙ୍କା ଥାଏ ଶବ୍ଦକୁ ଶବ୍ଦ ଠିକ୍ ଦୂରତ୍ୱ ରହି ନ ଥାଏ, ସେମାନଙ୍କୁ ପାଖକୁ ଡାକି ତାଗିଦ୍ କରିବା ସହ ଆବଶ୍ୟକ ପଡ଼ିଲେ ବେତରେ ଦୁଇପାହାର ଦେଇ ବୁଝାଇ କଳାପଟାରେ ଲେଖାଉଥିଲେ। ସବୁଠାରୁ ସୁନ୍ଦର ହସ୍ତାକ୍ଷର ଲେଖାଥିବା ଖାତାଟି ଯେଉଁ ପିଲାମାନଙ୍କର ଥାଏ, ସେମାନଙ୍କୁ ଗୁଡ୍ ଲେଖି ଖାତାରେ ଦସ୍ତଖତ କରୁଥିଲେ। ହସ୍ତାକ୍ଷର ବଡ଼ ଆକର୍ଷଣ ଥିଲା, ପ୍ରଥମ ଧାଡିଟିର ଉପଦେଶମୂଳକ କଥା ପ୍ରଚଳିତ ପୁରାଣ ଶାସ୍ତ୍ରାଦିରୁ ଉଦ୍ଧୃତ ହୋଇଥିବାରୁ କିମ୍ବା ମହାପୁରୁଷମାନଙ୍କ ନିତିବାଣୀରୁ କିଛି ଆମେ ନିତିଦିନ ହସ୍ତାକ୍ଷର ଲେଖି ସ୍ମରଣ କରୁଥିଲୁ। ଇଂଲିଶ ହସ୍ତାକ୍ଷରରେ ବହୁ ପାଶ୍ଚାତ୍ୟ ଦାର୍ଶନିକଙ୍କ ମହତ୍‌ବାଣୀ ଏବଂ ପ୍ରବଚନ ଥିବା ହସ୍ତାକ୍ଷର ଖାତାଗୁଡ଼ିକ ବଜାରରେ ଉପଲବ୍ଧ ଥିଲା। ଛାତ୍ରୀଛାତ୍ରଙ୍କ ସଂସ୍କାର ଓ ଶୃଙ୍ଖଳା ପାଇଁ ଏହି ସବୁ ମହତ୍‌ବାଣୀଗୁଡ଼ିକ ବେଶ୍ ମହତ୍ତ୍ୱ ଥିଲା। କିନ୍ତୁ  ଆଜିକାର ପ୍ରାୟ ସରକାରୀ ବେସରକାରୀ ବିଦ୍ୟାଳୟରେ ହସ୍ତାକ୍ଷର ଖାତା ଆଉ ପ୍ରାୟ ପ୍ରଚଳିତ ହେଉ ନାହିଁ। ଏପରି କି ବିଦ୍ୟାଳୟ ଶ୍ରେଣୀ ଶିକ୍ଷକମାନଙ୍କର ଏ ଦିଗରେ ମଧ୍ୟ କୌଣସି ତତ୍ପରତା ନାହିଁ। ପୂର୍ବରୁ ବିଦ୍ୟାଳୟ ଶ୍ରେଣୀ କକ୍ଷ କାନ୍ଥରେ ମହାପୁରୁଷମାନଙ୍କ ନିତିବାଣୀ ଲେଖାଯାଉଥିଲା। ଦୁଃଖର କଥା ଆଜି ପ୍ରାୟ ବିଦ୍ୟାଳୟଗୁଡ଼ିକରେ ଏ ସବୁ ଆଉ ଦୃଶ୍ୟ ହେଉନାହିଁ। ବୌଦ୍ଧିକ ପରିବେଶ ଲୁଚିଯାଉଛି। ଭାରତ ସମ୍ବିଧାନର ଲିଖିତ ମୁଖବନ୍ଧ ଏବଂ ସମସ୍ତ ଧାରା ପ୍ରେମ ବିହାରୀ ନରେନ ରାଇଜଡ଼ା (ସାକ୍ସେନା)ଙ୍କ ସ୍ୱ–ହସ୍ତରେ ଲିଖିତ ହୋଇଅଛି। ଏହା ଆଜି ପର୍ଯ୍ୟନ୍ତ ସାମ୍ବିଧାନିକ ପ୍ରକୋଷ୍ଠରେ ରଖାଯାଇଅଛି ।

ଛାତ୍ରୀଛାତ୍ରମାନଙ୍କ ହସ୍ତାକ୍ଷର ଅଭ୍ୟାସ ଆଜିର ଇଣ୍ଟରନେଟ୍ ଯୁଗରେ ପ୍ରାୟ ଆଗ୍ରହ କମିଯାଉଛି। କାର୍ଯ୍ୟାଳୟମାନଙ୍କର ଯେପରି ଚିଠି, ନଥିପତ୍ର, ସେବାପୁସ୍ତିକା ବିବରଣୀ, ଗସ୍ତ ବିବରଣୀ ହାତରେ ଲେଖାଯାଉ ଥିଲା ତାହା ମଧ୍ୟ କମି ଗଲାଣି। ପୂର୍ବରୁ ବିଦ୍ୟାର୍ଥୀମାନେ ପଢୁଥିବା ସମସ୍ତ ବିଷୟର ନିଜ ହସ୍ତଲେଖା ନୋଟ୍ ପ୍ରସ୍ତୁତ କରୁଥିଲେ। ସୁନ୍ଦର ଅକ୍ଷର ସାଙ୍ଗକୁ ବିଭିନ୍ନ ରଙ୍ଗର ବିଜ୍ଞାନ, ଭୂଗୋଳ, ସାମାଜିକ ଜ୍ଞାନର ଚିତ୍ରଗୁଡ଼ିକ ବଡ଼ ଆକର୍ଷଣୀୟ ଥିଲା। ବର୍ତ୍ତମାନର ଇଣ୍ଟରନେଟ୍ ବହୁଳ ବ୍ୟବହାର ଏ ସବୁ ହସ୍ତଲେଖା କାର୍ଯ୍ୟକୁ ଦୂରେଇ ଦେଉଛି।

ସୁନ୍ଦର ହସ୍ତାକ୍ଷରରୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଥାଏ। ଏହା ଏକ ସ୍ୱତନ୍ତ୍ର ଦକ୍ଷତା ବୋଲି ଧରାଯାଏ। ଗାନ୍ଧିଜୀଙ୍କ ହସ୍ତାକ୍ଷର ସୁନ୍ଦର ନ ଥିବାରୁ ସେ ଦୁଃଖିତ ଥିଲେ। ବହୁ ବିଦ୍ୟାର୍ଥୀ ଭଲପାଠ ପଢ଼ିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କିଛି ସୁନ୍ଦର



ହସ୍ତାକ୍ଷର ନ ଥାଏ। ପରୀକ୍ଷା ମୂଲ୍ୟାଙ୍କନ ସମୟରେ ସୁନ୍ଦର ଅକ୍ଷର ଥିବା ଠିକ୍ ଉତ୍ତର ଖାତାଗୁଡ଼ିକ ଶିକ୍ଷକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଥିପାଇଁ ଭଲ ମୂଲ୍ୟାଙ୍କନ ଦିଗରେ ମଧ୍ୟ ଶିକ୍ଷକଙ୍କର ବିଶେଷ ଆଗ୍ରହ ରୁହେ। ଠିକ୍ ଉତ୍ତର ଲେଖି ମଧ୍ୟ ହସ୍ତାକ୍ଷର ଭଲ ହୋଇ ନ ଥିଲେ କିମ୍ବା ସ୍ପଷ୍ଟ ପଢ଼ି ହୋଇ ନ ଥିଲେ ମୂଲ୍ୟାଙ୍କନରେ କମ୍ ନମ୍ବର ପାଇଥାନ୍ତି। ନେପାଳରେ ରହୁଥିବା ପ୍ରକୃତି ମଲ୍ଲା ନାମକ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ବିଶ୍ୱରେ ସର୍ବଶ୍ରେଷ୍ଠ ସୁନ୍ଦର ହସ୍ତାକ୍ଷର ଭାବେ ୨୦୧୮ରେ ପୁରସ୍କୃତ ହୋଇଥିଲେ। ପୁନର୍ବାର ୨୦୨୨ରେ ନେପାଳସ୍ଥିତ ସଂଯୁକ୍ତ ଆରବ ରାଷ୍ଟ୍ର ଦୂତାବାସ ଛାତ୍ରୀ ପ୍ରକୃତି ମଲ୍ଲାଙ୍କୁ ସୁନ୍ଦର ହସ୍ତାକ୍ଷର ପାଇଁ 'ସ୍ପିରିଟ୍ ଅଫ୍ ଦି ୟୁନିୟନ' ଅବସରରେ ସମ୍ମାନିତ କରାଇଥିଲା। ସେହିପରି ଅନମାନିଆ ବିଜୁ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଚେମ୍ପରି କନ୍ନରର ନିର୍ମଳ ହାଇୟର ସେକେଣ୍ଡାରୀ ସ୍କୁଲରେ ପାଠ ପଢୁଥିଲେ। ୨୦୨୧ରେ ବିଶ୍ୱର ସର୍ବଶ୍ରେଷ୍ଠ ସୁନ୍ଦର ହସ୍ତାକ୍ଷର ପାଇଁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ ବାକ୍ୟ ଲେଖିବା ସମୟରେ ସୁନ୍ଦରତା ପାଇଁ କେତେକ ବିଶେଷ କୌଶଳକୁ ଧ୍ୟାନ ଦେବା ଉଚିତ। କେହି କେହି ଅକ୍ଷରଗୁଡ଼ିକୁ ବାମ ଆଡ଼କୁ ଢଳାଇ ଢଳାଇ ଲେଖିବାକୁ ପସନ୍ଦ କରିଥାନ୍ତି। ଅନ୍ୟମାନେ ଡାହାଣ ଆଡ଼କୁ ଢଳାଇ ଢଳାଇ ଲେଖିଥାନ୍ତି। ଏହିପରି ଭିନ୍ନ ଭିନ୍ନ ଆକୃତିରେ ସୁନ୍ଦର ଅକ୍ଷର ଲେଖି ବାକ୍ୟଗୁଡ଼ିକୁ ଆଖି ନ ଫେରିବା ପରି ଆକର୍ଷଣୀୟ କରିଥାନ୍ତି। ପ୍ରାଚୀନ ଶିଳା ଲିପିରେ ବିଭିନ୍ନ ଭାଷାରେ ଶିଳ୍ପୀମାନେ ଲେଖୁଥିଲେ। ଆଜିକାଲି ଇଣ୍ଟରନେଟ୍ ଯୁଗରେ ଚିଠି ହଜିଗଲାଣି। ତହସିଲ କାର୍ଯ୍ୟାଳୟର ଜମିପଟ୍ଟା, ଜମି କ୍ରୟ ବିକ୍ରୟ ଦଲିଲ, କେସ୍ ଫଏସଲା ବିବରଣୀ ଆଦି ସେମାନଙ୍କର କର୍ମଚାରୀମାନେ ଲେଖୁଥିଲେ। ସେ ଲେଖାଗୁଡ଼ିକ ପ୍ରାୟତଃ କମ୍ ବ୍ୟବହାର ହେଉଥିଲା। ବର୍ଷ ବର୍ଷ ଧରି ରହିଲେ ମଧ୍ୟ ଅକ୍ଷର ଲିଭିଯାଉ ନ ଥିଲା। ପୂର୍ବରୁ ଆମମାନଙ୍କ ଜାତକ ତାଳପତ୍ରରେ ଲେଖାଯାଉଥିଲା। ବର୍ତ୍ତମାନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ସବୁଠାରୁ ମଜାକଥା ହେଲା। ପୂର୍ବରୁ ଗାଁରେ ସାକ୍ଷରତା ହାର କମ୍ ଥିଲା। ଅଧିକାଂଶ ପରିବାରର ସଦସ୍ୟମାନେ ଲେଖାପଢ଼ା ଜାଣି ନ ଥିଲେ। ଗାଁରେ ଯେଉଁ କେତେଜଣ ପାଠ ପଢୁଆ ପୁଅ, ଝିଅ, ବୋହୂ ଥିଲେ, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ସୁନ୍ଦର ହସ୍ତାକ୍ଷର ଥିଲା ସେମାନଙ୍କୁ ଚିଠି ଲେଖିବା ପାଇଁ ବଡ଼ ଡାକରା ଥିଲା। ସୁନ୍ଦର ହାତଲେଖା ଚିଠିଟିର ଯେଉଁ ଆକର୍ଷଣ ଓ ଆତ୍ମୀୟତା ଥିଲା, ଆଜିର ଇ–ଚିଠିରେ ବା ମୋବାଇଲ୍ ମେସେଜରରେ ମିଳିବ କେଉଁଠୁ। ହାତଲେଖା ଚିଠିର କେତେ ମାନ ଅଭିମାନ, ସୁଖଦୁଃଖର ସ୍ମୃତିଗୁଡ଼ିକ କାଳକାଳ ଜୀବନ୍ତ କରି ମହକୁ ଥାଏ।

ଲକ୍ଷ୍ୟ କରାଯାଏ, ପ୍ରାୟ ସବୁରି ପ୍ରତିଶତ ଡାକ୍ତରଙ୍କର ଔଷଧ ଚିଠାରେ ଖରାପ ଅକ୍ଷର ଲେଖନ୍ତି। ଏହା କି ପ୍ରକାର ଅଭ୍ୟାସ ବୁଝିବା କଷ୍ଟକର। ତେବେ ଦୁଃଖର ବିଷୟ ପିଲାମାନଙ୍କର ପଠନ ଲିଖନ ବକ୍ତୃତା ଓ ଧୈର୍ଯ୍ୟ ଶକ୍ତିର ଦକ୍ଷତା କମିଯାଉଛି। ଛାତ୍ରୀଛାତ୍ରମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ସହ ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରତିଯୋଗିତା ଓ କୌଶଳ ଶିକ୍ଷା ଦିଆଯିବା ପାଇଁ ଅଭିଭାବକ ଓ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ।

**ମୋ:୯୯୩୮୦୮୦୨୯୪**

## ଏଇ ଭାରତରେ

ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାର ରାଜ୍ୟରେ ଭିକ୍ଷାବୃତ୍ତି କରୁଥିବା ତଥା ବିଭିନ୍ନ ହିଂସାର ଶିକାର ହେଉଥିବା ଗରିବ ପିଲାମାନଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି।  ଏବେ ସୁଦ୍ଧା ସେ ୧୭୦୦ ଏଭଳି ଗରିବ ପିଲାଙ୍କୁ ଉଦ୍ଧାର କରିସାରିଲେଣି। ଏଥିରେ ଉତ୍ତରପ୍ରଦେଶ ପୋଲିସ ବିଭାଗ ମଧ୍ୟ ସହଯୋଗ କରୁଛି। 'ଅପରେଶନ ମୁକ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ସେ ଏହି ଅଭିଯାନ ଚଳାଉଛନ୍ତି।  ପିଲାମାନଙ୍କୁ ଉଦ୍ଧାର କରିବା ପରେ  ସରକାରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯିବାର ବ୍ୟବସ୍ଥା କରାଯାଇଛି।  ଏବେ ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ୫–୧୪ ବର୍ଷ ମଧ୍ୟରେ ୪,୦୦୦ରୁ ଊର୍ଦ୍ଧ୍ୱ ଶିଶୁ ଭିକ୍ଷାବୃତ୍ତିରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶଙ୍କୁ ଉଦ୍ଧାର କରାଯାଇସାରିଥିଲେ ବି ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଶିକ୍ଷା ସ୍ରୋତରେ ସାମିଲ କରାଯିବ ବୋଲି ଡିଜିପି କହିଛନ୍ତି। ଶିଶୁମାନଙ୍କୁ ଶ୍ରମିକ ଓ ଭିକ୍ଷାବୃତ୍ତିରୁ ମୁକୁଳାଇବା ଲାଗି ସେ ମାନବ ଚାଲାଣ ନିରୋଧୀ ୟୁନିଟ୍‌ର ୧୦୦ ପୋଲିସ କର୍ମଚାରୀଙ୍କ ସହାୟତାରେ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରୁଛନ୍ତି। ଏହି ଅଭିଯାନ ପାଇଁ ଡିଜିପିଙ୍କୁ 'ପୋଲିସ ଅଙ୍କଲ' ବୋଲି ପିଲାମାନେ ସମ୍ବୋଧନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୯୮

- ତିନିଆକିଆ ନିରାପତ୍ତା ପରିଷଦରୁ ସହାୟତା ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୨୨ ଜଣିଆ ନିରାପତ୍ତା ପରାମର୍ଶ ବୋର୍ଡ ଗଠନ।
- ଦିଲ୍ଲୀର ମୁଖ୍ୟମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭୈରୋଁ ସିଂ ଶେଖାୱତ୍‌ଙ୍କ ନିଜ ନିଜ ରାଜ୍ୟରେ ଦଳର ପରାଜୟ ପାଇଁ ନିଜକୁ ନୈତିକ ଭାବେ ଦାୟୀ କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଗ ଯୌବନ ଜାଳି ଜୀବନର ଧୂପ।
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ରୂପର ଆଲୋକେ ଜାଗ ଯୌବନ ଆଜି!
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ।

–(ରୂପ ଓ ବାଣୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଝୋଟର ସହାୟକ ମୂଲ୍ୟ ବଢ଼ୁ

ମହାଶୟ,

ଦେଶରେ ଦରଦାମ ବୃଦ୍ଧି ହେଉଥିବା ବେଳେ କୃଷିଜାତ ଦ୍ରବ୍ୟ ବୃଦ୍ଧି ନ ହେବା ପରିତାପର ବିଷୟ। ଜନସଂଖ୍ୟାର ୮୦ ଭାଗ ଲୋକ ମାଗଣା ଚାଉଳ ପାଉଥିବାରୁ ଧାନ ଚାଷ କରିବାକୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବର୍ଷା ଅଭାବରୁ ଧାନଫସଲ ଆଶାନୁରୂପ ହେଉନାହିଁ। ତେଣୁ ଅର୍ଥକାରୀ ଫସଲ କରିବାକୁ ଚାଷୀ ପନିପାରିବା ଓ ଲଳିତା ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ନଳିତା କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ବୃଦ୍ଧି  ନ କଲେ ଝୋଟ ଚାଷ କରିବା ସମ୍ଭବ ହେବନାହିଁ। ଶ୍ରମିକ ମଜୁରୀ, ସାର ଓ ବିହନ ଦର ବୃଦ୍ଧି ଫଳରେ ଚାଷୀ ଝୋଟ ଚାଷର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ଯେଉଁମାନେ ଚଳିତବର୍ଷ ନଳିତା ଚାଷ କରିଛନ୍ତି ସେମାନେ କ୍ଷତି ସହି ଆଉ କରିବେ ନାହିଁ। ସରକାର ପଲିଥିନ ବର୍ଜନ ପାଇଁ କଡ଼ା କଡ଼ି ନିୟମ କରୁଥିବାବେଳେ ଝୋଟରେ ତିଆରି ବ୍ୟାଗ ଓ ଅନ୍ୟାନ୍ୟ ଦ୍ରବ୍ୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ରାଜ୍ୟ ଓ କେନ୍ଦ୍ର ସରକାର ଝୋଟର ସହାୟକ ମୂଲ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଝୋଟକଳ ସ୍ଥାପନ ପାଇଁ ଗୁରୁତ୍ୱ ଦେବା ଉଚିତ୍। କୋଣାର୍କ ଝୋଟକଳର ପୁନଃଉଦ୍ଧାର କରାଗଲେ ଶ୍ରମିକ ଓ କୃଷକମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଝୋଟ ଅଖା ଓ ବ୍ୟାଗର ଆବଶ୍ୟକତା ପୂରଣ ହୋଇପାରିବ।

**–ଚୌଧୁରୀ ପ୍ରଫୁଲ୍ଲ ସାମଲ, ବିଦ୍ୟାଧରପୁର, ବଡ଼ଚଣା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଞ୍ଚା କଦଳୀରେ ମାଛର ସ୍ୱାଦ

କେନ୍ଦ୍ରାପଡ଼ା, ୨୮।୧୧ (ଜଗନ୍ନାଥ ଧଳ)


ମାଛ ଭଜା ଆକୃତିରେ କଞ୍ଚା କଦଳୀରେ ପ୍ରସ୍ତୁତ ବ୍ୟଞ୍ଜନ

କଞ୍ଚା କଦଳୀରେ ମାଛ, ପନିରରେ ଅଣ୍ଡା, ସୋୟାବଡ଼ିରେ ମଟନ, ଚିକେନର ସ୍ୱାଦକୁ କେନ୍ଦ୍ରାପଡ଼ା ସହରବାସୀ ମଙ୍ଗଳବାର ଚାଖିଛନ୍ତି। ଏପରି ନିରାମିଷ ପଦାର୍ଥରେ ଆମିଷର ସ୍ୱାଦ କିପରି ଆସୁଛି, ତାହାର ରୋଷେଇ କଳାକୁ କିଛି ବ୍ୟକ୍ତି ଆଗ୍ରହର ସହିତ ଶିଖିଛନ୍ତି। ଏପରି ଅଭିନବ ପ୍ରୟାସ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ନିକଟସ୍ଥ ଏକ ହୋଟେଲ ପରିସରରେ ହୋଇଛି। ଜୀବ ହତ୍ୟା ବିରୋଧରେ ସ୍ଲୋଗାନ ରଖି ଛାଡ଼ଖାଇ ପାଳନ ପାଇଁ ପ୍ରୋତ୍ସାହିତ କରାଯାଇଥିବା ଟ୍ରଷ୍ଟ ସଭାପତି ଦମନ କୁମାର ମହାନ୍ତି କହିଛନ୍ତି। ଛାଡ଼ଖାଇ ନାମରେ ଆମିଷ ଭକ୍ଷଣ ପରିବର୍ତ୍ତେ ନିରାମିଷ ସାମଗ୍ରୀ ଭକ୍ଷଣ କରିବାକୁ ଟ୍ରଷ୍ଟ ପକ୍ଷରୁ ଏପରି ଉଦ୍ୟମ ହୋଇଥିବା ସଭାପତି ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ରୋଷେଇର ପ୍ରସ୍ତୁତକର୍ତ୍ତା ଉପସଭାପତି ରଶ୍ମିରଞ୍ଜନ ବାରିକ କହିଛନ୍ତି, ବନ୍ତଳ କଦଳୀକୁ ମାଛ ଆକୃତି କରି ବେସନ ଦ୍ୱାରା ଭଜା ଯାଇଥିଲା। ସେହିପରି ଅଣ୍ଡା ପାଇଁ ପନିର, ହଳଦୀଗୁଣ୍ଡ, ଆଳୁ ଆଦି ସାମଗ୍ରୀକୁ ନିଆଯାଇଥିଲା। ଏଥିସହ ସୋୟା ବଡ଼ିରେ ଚିକେନ ଓ ମଟନ ପ୍ରସ୍ତୁତ ହୋଇଥିଲା। ଏ ନେଇ ସ୍ୱତନ୍ତ୍ର ଧରଣର ରୋଷେଇ ହୋଇଥିବା ବେଳେ ଏହାକୁ ୫୦ରୁ ଉର୍ଦ୍ଧ୍ୱ ଲୋକ ଶିଖିଥିଲେ।

# ଡିଲେଶ୍ୱର ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର'

**ଉତ୍ତରଦାୟିତ୍ୱ ବଢ଼ିଗଲା: ଡିଲେଶ୍ୱର**

ଭୁବନେଶ୍ୱର,୨୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)


ଡିଲେଶ୍ୱର ରଣା

ଯୁବ ଗାଳ୍ପିକ ଡିଲେଶ୍ୱର ରଣା ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର-୨୦୨୩'। କଳାହାଣ୍ଡି ମାଟିର ପୁଅ ଡିଲେଶ୍ୱର ତାଙ୍କ ଲିଖିତ ପୁସ୍ତକ 'ସେଁର୍‌ରା' ପାଇଁ ଏହି ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏନେଇ ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ବାବଦକୁ ଡିଲେଶ୍ୱରଙ୍କୁ ୫୦ ହଜାର ଟଙ୍କାର ଚେକ୍, ଫଳକ ଏବଂ ଉପଢୌକନ ପ୍ରଦାନ କରାଯିବ। ପ୍ରତିବର୍ଷ ଦେଶର ଭିନ୍ନ ଭିନ୍ନ ଭାଷାରେ ୩୫ ବର୍ଷ ବୟସ ମଧ୍ୟରେ ଥିବା ଯୁବ ଲେଖକଙ୍କୁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ତେବେ ଏହି ପୁରସ୍କାରର ଚୂଡ଼ାନ୍ତ ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ଲେଖକ ଡ. ବିଭୂତି ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଦାଶ ବେନହୁର୍ ରହିଥିଲେ।

୧୯୯୪ରେ କଳାହାଣ୍ଡି ଜିଲାର ଧଅଁରାମାଲ ଗ୍ରାମରେ ଜନ୍ମିତ ଡିଲେଶ୍ୱର ଗଳ୍ପ, କବିତା, ଫିଚର, ଗୀତ ଆଦି ରଚନା କରନ୍ତି। ଏଥିସହ ଗୀତ ଓ ଅଭିନୟରେ ମଧ୍ୟ ତାଙ୍କର ରୁଚି ରହିଛି। କଥା ନବପ୍ରତିଭା ସମ୍ମାନ, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ନବନୀତା ପଲ୍ଲବନ ଶବ୍ଦ ସମ୍ମାନ, ତପସ୍ୟା ସମ୍ଭାବନା ସମ୍ମାନ ଆଦି ପୁରସ୍କାରରେ ସେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ସେ ଭବାନୀପାଟଣାର ଏକ ସ୍କୁଲରେ ଶିକ୍ଷକତା ବୃତ୍ତିରେ ଅଛନ୍ତି। ପୁସ୍ତକଟି ପ୍ରକାଶନୀ ସଂସ୍ଥା ଟାଇମ୍‌ପାସ୍ ପକ୍ଷରୁ ୨୦୨୧ରେ ପ୍ରକାଶିତ ହୋଇଥିଲା। ଯୁବ ପୁରସ୍କାର ଘୋଷଣା ହେବା ପରେ ରଣା କହିଛନ୍ତି, ମୁଁ ଭାବି ନ ଥିଲି ମୋତେ ଏପରି ଏକ ମର୍ଯ୍ୟାଦାଜନକ ଜାତୀୟ ପୁରସ୍କାର ମିଳିବ। ଏହି ପୁରସ୍କାର ସମ୍ପର୍କରେ ଶୁଣିବା ପରେ ଖୁସି ଲାଗୁଛି। ଏଥିସହ ମୋର ଉତ୍ତରଦାୟିତ୍ୱ ଆହୁରି ବଢ଼ିଯାଇଛି। ଭାଷା ପାଇଁ ଆଗକୁ କିଛି କରିବାକୁ ମୁଁ ସବୁବେଳେ ଚେଷ୍ଟା କରିବି ବୋଲି ଡିଲେଶ୍ୱର କହିଛନ୍ତି।

## ବିଳମ୍ବ ହେଲେ ବି ଓଡ଼ିଶାକୁ ମିଳିଲା

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶର ମୋଟ ୨୪ଟି ଭାଷାରେ ଯୁବ ପୁରସ୍କାର ଦିଆଯାଇଥାଏ। ପୂର୍ବରୁ ଅର୍ଥାତ୍ ଚଳିତବର୍ଷ ଜୁନ୍ ୨୩ରେ ଦେଶର ଅନ୍ୟ ଆଞ୍ଚଳିକ ଭାଷାରେ ଯୁବ ପୁରସ୍କାର ଘୋଷଣା କରାଯାଇଥିଲା। ମାତ୍ର ଏଥିରୁ ଓଡ଼ିଶା ବାଦ୍ ପଡିଥିଲା। ପୁରସ୍କାର ସମ୍ପର୍କିତ ତଥ୍ୟ ପ୍ରଘଟ କାରଣରୁ ଆଞ୍ଚଳିକ ଭାଷା ଓଡ଼ିଆରେ ଏହି ପୁରସ୍କାର ଘୋଷଣା କରାଯାଇ ନ ଥିଲା। ତେବେ ପୁନଃ ଚୟନ ପ୍ରକ୍ରିୟା କରାଯାଇ ଏହି ପୁରସ୍କାର ଏବେ ଘୋଷଣା କରାଯାଇଛି। ବିଳମ୍ବ ହେଲେ ବି ଓଡ଼ିଶାକୁ ଯୁବ ପୁରସ୍କାର ମିଳିଥିବାରୁ ସାହିତ୍ୟିକ ମହଲରେ ଖୁସି ଖେଳିଯାଇଛି।

































## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କୁ ମିଳିଲା ନୂଆ ଭୋଟର କାର୍ଡ

ନୂଆଦିଲ୍ଲୀ,୨୮।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦିଲ୍ଲୀ ଠିକଣା ଥିବା ନୂଆ ଭୋଟର କାର୍ଡ ପାଇଛନ୍ତି। ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ପି. କ୍ରିଷ୍ଣମୂର୍ତ୍ତି ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତିଙ୍କୁ ନୂଆ ଭୋଟର କାର୍ଡ ଦେଇଥିଲେ। ଆଗାମୀ ନିର୍ବାଚନରେ ରାଷ୍ଟ୍ରପତି ମୁର୍ମୁ ନୂଆଦିଲ୍ଲୀ ଜିଲାରେ ମତଦାନ କରିପାରିବେ ବୋଲି ସିଇଓ ଅଫିସ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମୁର୍ମୁଙ୍କ ପୁରୁଣା ଭୋଟର କାର୍ଡରେ ଓଡ଼ିଶାର ମୟୂରଭଞ୍ଜ ଠିକଣା ରହିଥିଲା।

### ମୁସଲମାନ ବିଧାୟିକା ପ୍ରବେଶ କରିବାରୁ ମନ୍ଦିରକୁ ଗଙ୍ଗାଜଳରେ ଶୁଦ୍ଧ କରାଗଲା

ସିଦ୍ଧାର୍ଥନଗର,୨୮।୧୧

ଉତ୍ତରପ୍ରଦେଶର ସିଦ୍ଧାର୍ଥନଗରରେ ଥିବା ଏକ ମନ୍ଦିରରେ ଜଣେ ମୁସଲମାନ ବିଧାୟିକା ପ୍ରବେଶ କରିବାରୁ ମନ୍ଦିରର ସଦସ୍ୟ ଓ ପ୍ରଶାସକ ଗଙ୍ଗାଜଳ ସିଞ୍ଚନ କରି ଏହାକୁ ପବିତ୍ର କରିଛନ୍ତି। ଶତଚଣ୍ଡୀ ମହାଯଜ୍ଞରେ ଯୋଗଦେବା ପାଇଁ ସ୍ଥାନୀୟ ଲୋକଙ୍କ ନିମନ୍ତ୍ରଣକ୍ରମେ ସମାଜବାଦୀ ପାର୍ଟିର ଡୁମାରିୟାଗଞ୍ଜ ବିଧାୟିକା ସୟେଦ ଖାତୁନ୍ ଗତ ରବିବାର ସମୟ ମାତା ମନ୍ଦିରରେ ପ୍ରବେଶ କରିଥିଲେ। ସେ ଫେରିଯିବା ପରେ ତାଙ୍କ ଗସ୍ତକୁ ବିରୋଧ କରୁଥିବା ଲୋକେ ଗଙ୍ଗାଜଳ ଛିଞ୍ଚି ଓ ମନ୍ତ୍ର ଉଚ୍ଚାରଣ କରି ମନ୍ଦିରକୁ ଶୁଦ୍ଧପୂତ କରାଇଥିଲେ।

### ନିଜକୁ ପ୍ରଭାକରନ୍‌ଙ୍କ ଝିଅ ଦାବିକଲେ ମହିଳା

ଚେନ୍ନାଇ,୨୮।୧୧

ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ)ର ପୂର୍ବତନ ଅଧ୍ୟକ୍ଷ ପ୍ରଭାକରନ୍‌ଙ୍କ ଝିଅ ବୋଲି ଜଣେ ମହିଳା ନିଜକୁ ଦାବି କରିଛନ୍ତି। ଏଲ୍‌ଟିଟିଇ କ୍ୟାଡରମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଶ୍ରୀଲଙ୍କାର ତାମିଲମାନେ ପାଳନ କରୁଥିବା ସ୍ମୃତି ଦିବସ 'ମାଭିରାର ନାଲ୍' ଅବସରରେ ସମ୍ପୃକ୍ତ ମହିଳାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହିଳା ଜଣକ ଦ୍ୱାରକା ପ୍ରଭାକରନ୍ ଭାବେ ନିଜର ପରିଚୟ ଦେଇଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ ସେ ନିଜର ପରିଚୟକୁ ଲୋକଲୋଚନକୁ ଆଣିବାକୁ ଚାହୁଁଥିଲେ ବୋଲି କହିଛନ୍ତି।

### ଦ୍ୱିତୀୟ ବିମାନବାହୀ ଯୁଦ୍ଧଜାହାଜ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୧୧(ପି.ଟି.)

୪୦,୦୦୦ କୋଟି ଟଙ୍କା ବ୍ୟୟରେ ସ୍ୱଦେଶୀ ଜ୍ଞାନକୌଶଳରେ ଦ୍ୱିତୀୟ ବିମାନବାହୀ ଯୁଦ୍ଧଜାହାଜ ନିର୍ମାଣ ପାଇଁ ନୌସେନା ଦେଇଥିବା ପ୍ରସ୍ତାବକୁ ପ୍ରତିରକ୍ଷା କ୍ରୟ ବୋର୍ଡ ମଞ୍ଜୁରୀ ପ୍ରଦାନ କରିଛି। ଭାରତ ମହାସାଗର ଅଞ୍ଚଳରେ ଚାଇନାର ଆକ୍ରମଣ କ୍ଷମତା ବଢ଼ିଚାଲିଥିବାବେଳେ ଭାରତୀୟ ନୌସେନା ପାଇଁ ଏହା ଏକ ବଡ଼ ନିଷ୍ପତ୍ତି। ଦ୍ୱିତୀୟ ସ୍ୱଦେଶୀ ବିମାନବାହୀ ରଣତରୀ ଆଇଏସି-୨ ନିର୍ମାଣ ଲାଗି ସରକାର ପ୍ରସ୍ତୁତ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହି ପ୍ରସ୍ତାବ ଖୁବ୍‌ଶୀଘ୍ର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ରେ ଉପସ୍ଥାପନ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଏସି ବୈଠକ ଆସନ୍ତା ଗୁରୁବାର ବସି ଉକ୍ତ ପ୍ରସ୍ତାବ ଉପରେ ଆଲୋଚନା କରାଯିବ।

### ଭାରତୀୟ ପର୍ଯ୍ୟଟକ ବିନା ଭିଜାରେ ଶ୍ରୀଲଙ୍କା ଯାଇପାରିବେ

ନୂଆଦିଲ୍ଲୀ,୨୮।୧୧

ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଲକ୍ଷ୍ୟରେ ଶ୍ରୀଲଙ୍କା ସରକାର ଭାରତୀୟ ପର୍ଯ୍ୟଟକମାନଙ୍କ ପାଇଁ ଭିଜାମୁକ୍ତ ପ୍ରବେଶ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାକୁ ତୁରନ୍ତ ଲାଗୁ କରାଯାଇଥିବା ସେଠାରେ ପ୍ରବାସନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ଗତ ଅକ୍ଟୋବରରେ ଶ୍ରୀଲଙ୍କା କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲା। ଭାରତ ସମେତ ଚାଇନା, ରୁଷିଆ, ମାଲେସିଆ, ଜାପାନ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପର୍ଯ୍ୟଟକମାନଙ୍କୁ ଏହି ସୁବିଧା ମିଳିବ। ୨୦୧୯ ଇଷ୍ଟର ରବିବାର ବିସ୍ଫୋରଣ ପରେ ଗୁରୁତର କ୍ଷତିର ସମ୍ମୁଖୀନ ହୋଇଥିବା ପର୍ଯ୍ୟଟନ ସେକ୍ଟରକୁ ପୁନର୍ଗଠିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

# କପ୍‌୨୮: ୟୁଏଇ ଆୟୋଜକ

**ଅଗ୍ରଣୀ ତୈଳ ଉତ୍ପାଦନକାରୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଚଳିତ ବର୍ଷ କପ୍‌୨୮ର ଆୟୋଜନ କରୁଛି। ଦୁବାଇରେ ଗୁରୁବାର ଆରମ୍ଭ ହେବାକୁ ଥିବା ବୈଶ୍ୱିକ ଜଳବାୟୁ ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରୁ ଲକ୍ଷାଧିକ ଲୋକ ସାମିଲ ହେବେ। ବିଶ୍ୱ ନିଜ ଜଳବାୟୁ ଲକ୍ଷ୍ୟରୁ ବହୁ ଦୂରରେ ରହିଥିବା ନେଇ ବିଶିଷ୍ଟ ବୈଜ୍ଞାନିକମାନେ ସତର୍କ କରାଇଥିବାବେଳେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି।**

## ତୈଳ ରାଷ୍ଟ୍ରକୁ ଅନୁମତି କାହିଁକି




ୱାଶିଂଟନ୍,୨୮।୧୧

**କପ୍ କ'ଣ:** କପ୍ ହେଉଛି 'କନ୍‌ଫରେନ୍ସ ଅଫ୍ ଦି ପାର୍ଟିଜ୍'। ଏଠାରେ ପାର୍ଟିଜ୍ କହିଲେ ୧୯୯୨ରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ୟୁନାଇଟେଡ୍ ନେସନ୍ସ ଫ୍ରେମ୍‌ୱାର୍କ କନ୍‌ଭେନ୍ସନ ଉପରେ ସହମତି ପ୍ରକାଶ କରିଥିବା ପ୍ରାୟ ୨୦୦ ଦେଶକୁ ବୁଝାଏ। ୧୯୯୫ରୁ ପ୍ରତିବର୍ଷ ଏହି ରାଷ୍ଟ୍ରଗୁଡ଼ିକର କୂଟନୀତିଜ୍ଞମାନେ ବୈଠକ କରିଆସୁଛନ୍ତି। ଚଳିତବର୍ଷ ହେବାକୁ ଥିବା ୨୮ତମ ସମ୍ମିଳନୀକୁ କପ୍‌୨୮ କୁହାଯାଉଛି।

### କେବେ, କେଉଁଠି ହେବ

ଏହି ସମ୍ମିଳନୀ ନଭେମ୍ବର ୩୦ରୁ ଡିସେମ୍ବର ୧୨ ପର୍ଯ୍ୟନ୍ତ ଚାଲିବା ନେଇ ଘୋଷଣା କରାଯାଇଛି। କିନ୍ତୁ ମଧ୍ୟସ୍ଥମାନେ ଅମୀମାଂସିତ ପ୍ରସଙ୍ଗଗୁଡ଼ିକ ଉପରେ ମୂଳଚାଲ ଜାରି ରଖିବା ଫଳରେ ଜଳବାୟୁ ଆଲୋଚନା ପ୍ରାୟତଃ ନିର୍ଦ୍ଧାରିତ ତାରିଖ ପରେ ମଧ୍ୟ ଦିନେ ଦୁଇଦିନ ଲମ୍ବିଥାଏ। ଏକ୍ସପୋ ସିଟି ଦୁବାଇରେ କପ୍‌୨୮ ସମ୍ମିଳନୀ ହେବ, ଯାହାକୁ ୟୁଏଇ ଏକ ଭବିଷ୍ୟବାଦୀ ଅତ୍ୟାଧୁନିକ 'ମିନି ସିଟି' ରୂପେ ଗଢ଼ିତୋଳିଛି। କେନ୍ଦ୍ରୀୟ ଦୁବାଇର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ଜଳବାୟୁ ବିରୋଧାଭାସପୂର୍ଣ୍ଣ ଏକ୍ସପୋ ସିଟିରେ ଅନେକ ଆକର୍ଷଣୀୟ ସୁବିଧା ଉପଲବ୍ଧ।

### କେଉଁମାନେ ଯୋଗଦେବେ

ସମ୍ମିଳନୀରେ ବିଭିନ୍ନ ପ୍ରକାର ଜଳବାୟୁ ଟ୍ରାକ୍ ରେକର୍ଡ ଥିବା ଅନେକ ବିଶ୍ୱନେତା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଆମାଜନ୍ ଚିରହରିତ ଅରଣ୍ୟର ଜଙ୍ଗଲ କଟାକୁ ବନ୍ଦ କରିବା ପାଇଁ ପଣ କରିଥିବା ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଏବଂ ନିକଟରେ ନିଜ ଦେଶର ବ୍ୟୟବହୁଳ ଜଳବାୟୁ ଲକ୍ଷ୍ୟକୁ ବିଳମ୍ବିତ କରିଥିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ରହିଛନ୍ତି। 'ଆମେ ବସବାସ କରୁଥିବା ପୃଥିବୀ ଧ୍ୱଂସାଭିମୁଖୀ' ବୋଲି ଚେତାଇଦେଇଥିବା ପୋପ୍ ଫ୍ରାନ୍ସିସ୍ ଏଥିରେ ଯୋଗଦେବା ସୂଚନା ଦେଇଛନ୍ତି। ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟ ମଧ୍ୟ ସମ୍ମିଳନୀରେ ସାମିଲ ହେବେ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସ୍ଥାନରେ ଉପପ୍ରଧାନମନ୍ତ୍ରୀ ଡିଙ୍ଗ୍ ଶୁଏଶିଆଙ୍ଗ୍ ଏବଂ କ୍ଲାଇମେଟ୍ ନେଗୋସିଏଟର ଶିଏ ଝେନ୍‌ହୁଆ ଯୋଗଦେଇପାରନ୍ତି। ୟୁକ୍ରେନ୍ ସହ ଯୁଦ୍ଧରତ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମଧ୍ୟ ଆସି ନ ପାରନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଥିବାରୁ ଦୁବାଇ ଗସ୍ତ କରି ନ ପାରନ୍ତି ବୋଲି ହ୍ୱାଇଟ୍ ହାଉସ୍ କହିଛି।

### ମୁଖ୍ୟ କାର୍ଯ୍ୟସୂଚୀ

କପ୍‌୨୮ର ମୁଖ୍ୟ କାର୍ଯ୍ୟସୂଚୀ ହେଉଛି 'ଗ୍ଲୋବାଲ୍ ଷ୍ଟକ୍‌ଟେକ୍', ଯାହାକି ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା। ପ୍ରତି ୫ ବର୍ଷରେ ଏପରି ପୁନଃ ମୂଲ୍ୟାଙ୍କନ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ଅନୁଷ୍ଠିତ ଷ୍ଟକ୍‌ଟେକ୍‌ରେ ପ୍ରତି ଥର କୂଟନୀତିଜ୍ଞମାନେ ଯେଉଁ ଗୋଟିଏ ନିଷ୍କର୍ଷ ବାହାର କରିଆସିଛନ୍ତି, ତାହା ହେଲା ପୃଥିବୀ ପଥଚ୍ୟୁତ ହୋଇଯାଇଛି। ଏଜେଣ୍ଡାର ସବୁଠୁ କଠିନ ବିଷୟ ହେଉଛି, ଗରିବ ଦେଶଗୁଡ଼ିକୁ କ୍ଷତିପୂରଣ ଦେବା ପାଇଁ ଏକ ନୂଆ ପାଣ୍ଠି ଉପରେ ମୂଳଚାଲ। ଗତବର୍ଷ ଇଜିପ୍ଟର ଶାର୍ମ ଏଲ୍-ଶେଖ୍ ସମିଟ୍‌ରେ ଜାତିସଂଘର ପରାମର୍ଶକ୍ରମେ ଧନୀ ଦେଶଗୁଡ଼ିକ ଏହି ପାଣ୍ଠି ପ୍ରତିଷ୍ଠା ନିମନ୍ତେ ଚୁକ୍ତିବଦ୍ଧ ହୋଇଥିଲେ। କିନ୍ତୁ ପାଣ୍ଠିକୁ କେଉଁ ରାଷ୍ଟ୍ର କେତେ ଅର୍ଥ ପଇଠ କରିବ ତା' ଉପରେ ଅଦ୍ୟାବଧି ସହମତି ହୋଇପାରି ନାହିଁ। ଅନୁରୂପ ଭାବେ କପ୍‌୨୮ ଚୂଡ଼ାନ୍ତ ଡିଲ୍‌ରେ ଜୀବାଶ୍ମ ଇନ୍ଧନ (ବିଶ୍ୱତାପନର ମୁଖ୍ୟ କାରକ)ର ବ୍ୟବହାର ପର୍ଯ୍ୟାୟକ୍ରମେ ବନ୍ଦ କରିବା ନେଇ ଆଲୋଚକଙ୍କ ମଧ୍ୟରେ ମତଭେଦ ଦେଖାଦେଇପାରେ। ଅନେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଫସିଲ ଫୁଏଲ୍‌ର ଫେଜ୍‌ଆଉଟ୍ ସମ୍ପର୍କିତ ଶବ୍ଦର ବ୍ୟବହାର ଉପରେ ଆପତ୍ତି ଉଠାଇପାରନ୍ତି। ପ୍ରଦୂଷକରୁ ଅଙ୍ଗାରକାମ୍ଳ ଶୋଷଣ କରି ଭୂତଳରେ ଏହାକୁ ଗଚ୍ଛିତ ରଖୁଥିବା କାର୍ବନ-କ୍ୟାପ୍ଚର ଟେକ୍ନୋଲୋଜିର ଗୁରୁତ୍ୱକୁ ନେଇ ସହମତି ପ୍ରକାଶ ପାଇ ନ ପାରେ। ଅନେକ ଆକ୍ଟିଭିଷ୍ଟ ଏହି ଟେକ୍ନୋଲୋଜିକୁ ଏକ ମିଥ୍ୟା ଜଳବାୟୁ ସମାଧାନ ମନେକରିଥାଆନ୍ତି।

### ଆୟୋଜକ ଏକ ତୈଳ ରାଷ୍ଟ୍ର

ଜାତିସଂଘ ପ୍ରତିବର୍ଷ ଏହି ସମ୍ମିଳନୀ ପାଳିକରି ଆଫ୍ରିକା, ଏସିଆ-ପାସିଫିକ୍, ପୂର୍ବ ୟୁରୋପ, ଲାଟିନ୍ ଆମେରିକା ଓ କାରିବିଆନ୍ ଏବଂ ପଶ୍ଚିମ ୟୁରୋପରେ ଆୟୋଜନ କରାଇଥାଏ। ଚଳିତବର୍ଷ ଏସିଆ-ପାସିଫିକ୍ ଗ୍ରୁପ୍ ଭାଗରେ ପଡ଼ିଥିବା ଆୟୋଜନ ପାଇଁ ୨୦୨୧ ମେ'ରେ ୟୁଏଇର ଉଦ୍ୟମକୁ ସମର୍ଥନ ମିଳିଥିଲା। ୟୁଏଇର ନବୀକରଣୀୟ ଶକ୍ତି ବିଭାଗ ମୁଖ୍ୟ ତଥା ଆବୁଧାବି ନ୍ୟାଶନାଲ ଅଏଲ୍ କୋ. ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଲ୍ତାନ ଅଲ୍ ଜାବେର ଏଥର ସମ୍ମିଳନୀରେ ଅଧ୍ୟକ୍ଷତା କରିବେ।

### ଆୟୋଜକ ରାଷ୍ଟ୍ରର ମହତ୍ତ୍ୱ

ସମସ୍ତ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରଖି ଏକ 'କଭର ଡିସିଜନ୍' ବା ପ୍ରାୟ ୨୦୦ ରାଷ୍ଟ୍ର ମଧ୍ୟରେ ପ୍ରକାଶ ପାଇଥିବା ସହମତିକୁ ସୂଚନାଉଥିବା ରାଜନୈତିକ ଦସ୍ତାବିଜ ପ୍ରସ୍ତୁତିରେ ଆୟୋଜକ ଦେଶ ବଡ଼ ଭୂମିକା ନେଇଥାଏ। ପୂର୍ବ ସମ୍ମିଳନୀଗୁଡ଼ିକରେ ଆୟୋଜକ ରାଷ୍ଟ୍ରଗୁଡ଼ିକ ନେଗୋସିଏଶନ୍ ପ୍ରସ୍ତୁତି, ବିଶ୍ୱନେତାଙ୍କ ସହ ସାକ୍ଷାତ ଏବଂ ମତଭେଦ ଦୂର କରିବାରେ ଅନ୍ୟୂନ ବର୍ଷେ ବିତାଇଦେଇଥିଲେ।

### କିଏ କରିବ କପ୍‌୨୯

ଜାତିସଂଘ ପ୍ରାୟତଃ ପରବର୍ତ୍ତୀ ବର୍ଷର ଆୟୋଜକ ରାଷ୍ଟ୍ରକୁ ଆଗୁଆ ଚୟନ କରିଥାଏ, ଯଦ୍ୱାରା ସମ୍ପୃକ୍ତ ଦେଶ ଲକ୍ଷାଧିକ ପ୍ରତିନିଧିଙ୍କ ଆଗମନକୁ ଦୃଷ୍ଟିରେ ରଖି ସବୁ ବ୍ୟବସ୍ଥା କରିବାରେ ସକ୍ଷମ ହୋଇଥାଏ। ୟୁଏଇକୁ ୨୦୨୧ରେ ବଛାଯିବା ଏହାର ଉଦାହରଣ। କିନ୍ତୁ ୟୁକ୍ରେନ୍ ଯୁଦ୍ଧ ଯୋଗୁ ଭୂରାଜନୈତିକ ଉତ୍ତେଜନା ଲାଗିରହିଥିବାରୁ ଜାତିସଂଘ ଆସନ୍ତା ବର୍ଷର କପ୍‌୨୯ ଆୟୋଜକ ରାଷ୍ଟ୍ରକୁ ଏଯାଏ ମନୋନୀତ କରିନାହିଁ। ୨୦୨୪ରେ ପୂର୍ବ ୟୁରୋପ ଭାଗରେ ଆୟୋଜନ ପଡୁଥିଲେ ହେଁ ରୁଷିଆର କଡ଼ା ବିରୋଧ ଏବଂ ଆଜରବୈଜାନ୍ ଓ ଆର୍ମେନିଆ ପରସ୍ପରର ଉଦ୍ୟମରେ ବାଧା ଦେବା ଏହାର ଅନ୍ୟତମ କାରଣ। ଅର୍ଥାତ୍ ପୃଥିବୀକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ପରବର୍ତ୍ତୀ ବୈଶ୍ୱିକ ସମ୍ମିଳନୀ ବର୍ତ୍ତମାନ ନେତୃତ୍ୱବିହୀନ।

### ପୂର୍ବ କପ୍‌ଗୁଡ଼ିକର ନିଷ୍କର୍ଷ

ଜାପାନରେ ଅନୁଷ୍ଠିତ ୧୯୯୭ କପ୍‌ରେ କ୍ୟୋଟୋ ପ୍ରୋଟୋକଲ ଉପରେ ସହମତି ପ୍ରକାଶ ପାଇଥିଲା। ଏହା ପ୍ରଥମ ଥର ପାଇଁ ଉତ୍ସର୍ଜନ ହ୍ରାସ କରିବାକୁ ଧନୀ ରାଷ୍ଟ୍ରଗୁଡ଼ିକର ଆଇନଗତ ଉତ୍ତରଦାୟିତ୍ୱକୁ ରେଖାଙ୍କିତ କରିଥିଲା। ଫ୍ରାନ୍ସରେ ଆୟୋଜିତ ୨୦୧୫ କପ୍‌ର ପରିଣାମ ସ୍ୱରୂପ ପ୍ୟାରିସ୍ ଜଳବାୟୁ ଚୁକ୍ତି ହୋଇଥିଲା। ଏହି ରାଜିନାମା ଅନୁସାରେ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍) ଭିତରେ ସୀମିତ ରଖିବାକୁ ସହମତି ପ୍ରକାଶ ପାଇଥିଲା। ୨୦୨୧ରେ ସ୍କଟ୍‌ଲାଣ୍ଡ ସମ୍ମିଳନୀରେ ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ଆହୁରି ହ୍ରାସ ପାଇଁ ରାଷ୍ଟ୍ରଗୁଡ଼ିକ ରାଜି ହୋଇଥିଲେ। ତେବେ ବୃହତ୍ ଅର୍ଥନୀତିଗୁଡ଼ିକ ଗତ ୨ ବର୍ଷ ଭିତରେ ନିଜ ଟାର୍ଗେଟ ପୂରଣ ଦିଗରେ ଉଦ୍ୟମ କରି ନ ଥିବା ଦର୍ଶାଇ ଗ୍ଲାସ୍‌ଗୋ ସମିଟ୍‌ର ନିଷ୍କର୍ଷକୁ ଆକ୍ଟିଭିଷ୍ଟମାନେ ମିଥ୍ୟା ପ୍ରତିଶ୍ରୁତି ରୂପେ ଅଭିହିତ କରିଥାଆନ୍ତି। ଗତବର୍ଷ ଇଜିପ୍ଟରେ ଅନୁଷ୍ଠିତ କପ୍‌ରେ ଶେଷ ମୁହୂର୍ତ୍ତରେ ହୋଇଥିବା 'ଲସ୍ ଆଣ୍ଡ ଡେମେଜ୍' ଫଣ୍ଡ ଚୁକ୍ତିନାମା ଏହି ସମ୍ମିଳନୀର ସମ୍ମାନ ରକ୍ଷା କରିଥିଲା।

### ବିଫଳତା ସତ୍ତ୍ୱେ କାହିଁକି କରାଯାଉଛି

କପ୍ ସମର୍ଥକଙ୍କ ମତରେ ଏହି ସମ୍ମିଳନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ପାଇଁ ବିଶ୍ୱନେତାଙ୍କୁ ଏକତ୍ରିତ କରିବା ସକାଶେ ପୃଥିବୀର ସବୁଠୁ ବଡ଼ ବାର୍ଷିକ ସୁଯୋଗ ହୋଇ ରହିଆସିଛି।



ଅଧକ୍ଷତା କରିବେ ସୁଲତାନ୍ ଅଲ୍ ଜାବେର

ସେମାନେ ସବୁଜଗୃହ ଉତ୍ସର୍ଜନକୁ ରୋକିବା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ସର୍ବାଧିକ ପ୍ରଭାବିତ ବିଶେଷକରି ଗ୍ଲୋବାଲ ସାଉଥ୍ ଅନ୍ତର୍ଗତ ରାଷ୍ଟ୍ରଗୁଡ଼ିକର ସୁରକ୍ଷା ଦିଗରେ ଏହି ବୈଠକଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ମନେକରନ୍ତି।

ଅନ୍ୟପକ୍ଷେ ସମାଲୋଚକଙ୍କ ମତରେ ୧୯୯୫ରେ କପ୍ ଆରମ୍ଭ ହେବା ପରଠୁ ପୃଥିବୀ ବାୟୁମଣ୍ଡଳରେ ଗ୍ରୀନ୍ ହାଉସ୍ ଏମିଶନ ବଢ଼ିବାରେ ଲାଗିଛି। ୨୦୨୨ରେ ସବୁଜଗୃହ ବାଷ୍ପ ସ୍ତର ପୂର୍ବର ସବୁ ରେକର୍ଡ ଭାଙ୍ଗି ଦେଇଥିଲା ବୋଲି ନିକଟରେ ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ କୁହାଯାଇଛି। ସମ୍ମିଳନୀଗୁଡ଼ିକୁ ଯୋଗଦେଉଥିବା ଲବିଷ୍ଟ ଓ ପ୍ରତିନିଧିମାନେ ପ୍ରଭାବିତ କରିଥାଆନ୍ତି। ଏହା ସତ୍ତ୍ୱେ ପ୍ୟାରିସ୍ ସମ୍ମିଳନୀରେ ଗୃହୀତ ସଂକଳ୍ପନାମାରେ ଆଖିଦୃଶିଆ ଅଗ୍ରଗତି ହୋଇଥିବା କେତେକେ ମତ ଦେଇଥାନ୍ତି। ଉକ୍ତ ରାଜିନାମା ସ୍ୱାକ୍ଷରିତ ହେବା ପୂର୍ବରୁ ୨୦୧୪ରେ ବିଶ୍ୱ ତାପମାତ୍ରା ଶତାବ୍ଦୀର ଶେଷ ସୁଦ୍ଧା ପ୍ରାୟ ୪ ଡିଗ୍ରୀ ସେଲସିୟସ୍ (୭.୨ ଡିଗ୍ରୀ ଫାରେନ୍‌ହିଟ୍) ପର୍ଯ୍ୟନ୍ତ ବୃଦ୍ଧି ବଡ଼ ବିପତ୍ତି ହେବାକୁ ବସିଥିଲା। ଆଜି ଦେଶଗୁଡ଼ିକର ଜଳବାୟୁ ସମ୍ପର୍କିତ ଦୃଢ଼ ସଂକଳ୍ପ ୨୧୦୦ ସୁଦ୍ଧା ଏହି ତାପମାତ୍ରାକୁ ୨.୫ ଡିଗ୍ରୀ ସେଲ୍‌ସିୟସ୍ (୪.୫ ଡିଗ୍ରୀ ଫାରେନ୍‌ହିଟ୍) ଭିତରେ ସୀମିତ ରଖିବାରେ ସହାୟକ ହେବ ବୋଲି ଗତ ସପ୍ତାହରେ ଜାତିସଂଘ ପକ୍ଷରୁ କୁହାଯାଇଛି।

(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)
ସୌଜନ୍ୟ: ୱାଶିଂଟନ୍ ପୋଷ୍ଟ

# ମଣିପୁର ହିଂସା ମୃତକଙ୍କ ଶେଷକୃତ୍ୟ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୨୮।୧୧(ପି.ଟି.)

ମଣିପୁର ଜାତିଆଣ ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହ ଶବାଗାରରେ ପଡ଼ିରହିଥିବାରୁ ସେଗୁଡ଼ିକର ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଶବାଗାରରେ ହିଂସାକାଣ୍ଡ ମୃତକଙ୍କ ମରଶରୀର ଏବେ ବି ପଡ଼ିରହିଥିବା ଅବସରପ୍ରାପ୍ତ ଜଷ୍ଟିସ୍ ଗୀତା ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟ ଦେଇଥିଲେ। ମୋଟ ୧୭୫ ମୃତଦେହ ମଧ୍ୟରୁ ୧୬୯ଟି ଚିହ୍ନଟ ହୋଇଥିବାବେଳେ ଅନ୍ୟ ୬ଟି ଚିହ୍ନଟ ହୋଇପାରି ନାହିଁ। ଚିହ୍ନଟ ମୃତଦେହ ମଧ୍ୟରୁ ୮୧ଟିକୁ ସେମାନଙ୍କ ପରିବାର ସଦସ୍ୟ ନେବା ପାଇଁ ଦାବି କରୁଥିବାବେଳେ ୮୮ଟିର କେହି ଦାବିଦାର ନାହାନ୍ତି। ମୃତଦେହଗୁଡ଼ିକୁ କବର ଦେବା ଲାଗି ରାଜ୍ୟ ସରକାର ୯ଟି ସ୍ଥାନ ଚିହ୍ନଟ କରିଛନ୍ତି। ମୃତଦେହଗୁଡ଼ିକୁ ଏତେଦିନ ପକାଇ ରଖିବା ଠିକ୍ ନୁହେଁ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଥିଲେ।

# ସିଜେଆଇଙ୍କ କୋର୍ଟରେ ଅନେକ ଦେଶର ପ୍ରଧାନ ବିଚାରପତି

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ କୋର୍ଟରେ ମଙ୍ଗଳବାର ଇଭୋରି କୋଷ୍ଟ, ଦକ୍ଷିଣ ସୁଦାନ, ଘାନା ଆଦି ଦେଶର ପ୍ରଧାନ ବିଚାରପତି ୩୦ ମିନିଟ୍ ପର୍ଯ୍ୟନ୍ତ ଅଦାଲତର ବିଚାର ପ୍ରକ୍ରିୟା ଦେଖିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ବିଭିନ୍ନ ଦେଶର ପ୍ରଧାନ ବିଚାରପତିମାନଙ୍କୁ ଆମନ୍ତ୍ରଣ କରିଥିଲେ। ସେମାନେ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଆସିଛନ୍ତି। ସେମାନଙ୍କ ମଧ୍ୟରେ କିର୍ଗିଜସ୍ତାନ, ଉଜ୍‌ବେକିସ୍ତାନ, ତାଜିକିସ୍ତାନ, କାମେରୁନ୍, ବୋତ୍‌ସ୍ୱାନାର ପ୍ରଧାନ ବିଚାରପତି ଥିଲେ। ପରେ ସେମାନଙ୍କୁ ଅନ୍ୟ କୋର୍ଟରୁମ୍‌ଗୁଡ଼ିକୁ ନିଆଯାଇଥିଲା।

# ସଙ୍କୀର୍ଣ୍ଣମନା ହୁଅ ନାହିଁ: ସୁପ୍ରିମକୋର୍ଟ

ପାକିସ୍ତାନୀ କଳାକାର ଭାରତରେ ପ୍ରଦର୍ଶନ କରିବା କିମ୍ବା କାମ କରିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବାକୁ ନିବେଦନ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଥିଲେ। ଆବେଦନକାରୀ ଏତେ ସଙ୍କୀର୍ଣ୍ଣମନା ହୁଅନ୍ତୁ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସିନେ କର୍ମୀ ଫାଏଜ୍ ଅନ୍‌ୱର କୁରେଶୀଙ୍କ ଆବେଦନକୁ ପୂର୍ବରୁ ବମ୍ବେ ହାଇକୋର୍ଟ ଖାରଜ କରିଦେଇଥିଲେ। ଉକ୍ତ ରାୟ ଉପରେ ହସ୍ତକ୍ଷେପ କରିବାକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ମନା କରିଦେଇଛନ୍ତି। ଆବେଦନକାରୀଙ୍କ ବିରୋଧରେ ହାଇକୋର୍ଟ ଦେଇଥିବା କେତେକ ଟିପ୍ପଣୀକୁ ବାଦ୍ ଦେବା ଲାଗି କରାଯାଇଥିବା ଆବେଦନକୁ ମଧ୍ୟ ଖଣ୍ଡପୀଠ ଗ୍ରହଣ କରି ନାହାନ୍ତି।



ବ୍ରସେଲ୍ସର ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମୁଖ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ବହିର୍ବ୍ୟାପାର ମନ୍ତ୍ରୀ ବୈଠକରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ କ୍ୟାଥେରିନ୍ କୋଲୋନାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ଭାରତର ବିଶ୍ୱକପ୍ ପରାଜୟ

# ଉତ୍ସବ ମନାଇ ୭ କଶ୍ମୀରୀ ଛାତ୍ର ଗିରଫ

ଶ୍ରୀନଗର,୨୮।୧୧

ବିଶ୍ୱକପ୍ କ୍ରିକେଟ ଫାଇନାଲ ମ୍ୟାଚ୍‌ରେ ଭାରତର ପରାଜୟକୁ ନେଇ ଉତ୍ସବ ମନାଇବା ସହ ଭାରତ ବିରୋଧୀ ଓ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇଥିବା ଜମ୍ମୁ-କଶ୍ମୀରର ୭ ଛାତ୍ରଙ୍କୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ) ବଳରେ ଗିରଫ କରାଯାଇଛି। ସେମାନେ କଶ୍ମୀରର ଶେର୍-ଇ-କଶ୍ମୀର କୃଷିବିଜ୍ଞାନ ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ଛାତ୍ର।

### ଗିରଫଦାରିକୁ ନିନ୍ଦା କଲେ ମେହବୁବା



ସେମାନଙ୍କ ବିରୋଧରେ ୟୁଏପିଏ ଏବଂ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଉକ୍ତ ଛାତ୍ରମାନେ ଟିମ୍ ଇଣ୍ଡିଆକୁ ସମର୍ଥନ କରୁଥିବା ଅନ୍ୟମାନଙ୍କୁ ଗାଳିଦେବା ସହ ଧମକ ଦେଇଥିଲେ। ପଞ୍ଜାବର ଜଣେ ଛାତ୍ରଙ୍କ ଅଭିଯୋଗକ୍ରମେ ସେମାନଙ୍କୁ ଗିରଫ କରାଯାଇଛି।

ଅନ୍ୟପକ୍ଷରେ ଛାତ୍ରମାନଙ୍କ ଗିରଫଦାରିକୁ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ନିନ୍ଦା କରିବା ସହ ଏହା ଚିନ୍ତାଜନକ ବୋଲି କହିଛନ୍ତି। ଏହାର ପୁନର୍ବିଚାର ଲାଗି ସେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ନିବେଦନ କରିଛନ୍ତି। ଏକ ବିଜୟ ଟିମ୍ ପାଇଁ ଉତ୍ସବ ମନାଇବାକୁ କଶ୍ମୀରରେ ଅପରାଧୀକରଣ କରାଯିବା ଦୁଃଖଦାୟକ ବୋଲି ସେ ମତ ଦେଇଛନ୍ତି। ସାମ୍ବାଦିକ, ଆକ୍ଟିଭିଷ୍ଟଙ୍କ ବିରୋଧରେ ଏଭଳି କଠୋର ଆଇନ ଲାଗୁ କରାଯିବା ଏଠାରେ ସାଧାରଣ ଘଟଣାରେ ପରିଣତ ହୋଇଥିବାବେଳେ ଏବେ ଛାତ୍ରମାନଙ୍କଠାରେ ମଧ୍ୟ ସମାନ ଆଇନ ପ୍ରୟୋଗ କରାଯାଇଛି, ଯାହା ଜମ୍ମୁ-କଶ୍ମୀରର ଯୁବବର୍ଗଙ୍କ ପ୍ରତି ପ୍ରଶାସନର ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ମେହବୁବା କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଓ୍ୟୁଏଟି ପକ୍ଷରୁ କୃଷି ଓ ଖାଦ୍ୟ ସମ୍ବନ୍ଧୀୟ ବୈଠକ, କୃଷି ଭବନ, ପୂର୍ବାହ୍ନ ୧୦ଟା।
- 'ଦିଲିପ ତିର୍କୀ: ବିୟଣ୍ଡ ଦି ସ୍ପୋର୍ଟ' ଫଟୋ ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରୀ, ପୂର୍ବାହ୍ନ ୧୧ଟା।
- ଆଲୁମ୍ନି ମେଗା ଫିଏଷ୍ଟା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀର ଶୁଭାରମ୍ଭ, ସଂସ୍କୃତି ଭବନ ପ୍ରାଙ୍ଗଣ, ପୂର୍ବାହ୍ନ ୧୧ଟା।



କୁଆଖାଇ ନଦୀପଠାରେ ଚାଲିଥିବା ଭୁବନେଶ୍ୱର ବାଲିଯାତ୍ରାର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ମଞ୍ଚରୁ ଓହ୍ଲାଇ ଦର୍ଶକଙ୍କ ଗହଣରେ ଗୀତ ଗାଉଛନ୍ତି।

## ଅନୁପମା ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଶ୍ରୀଜଗନ୍ନାଥ କଲେଜ ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ ୨୦୨୨-୨୩ ବର୍ଷ ପାଇଁ ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀଭାବେ ସମ୍ମାନିତ ହୋଇଛନ୍ତି। ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି, ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଶାସନ ସଚିବ ରମାକାନ୍ତ ନାୟକ, ସରିତା ପଟେଲ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ମାନିତ କରିଥିଲେ।

## ଯୁକ୍ତ ୨ ପରୀକ୍ଷାକେନ୍ଦ୍ରରେ ସିସିଟିଭିକୁ ଗୁରୁତ୍ୱ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗରୁମରେ ସିସିଟିଭି ଲାଗିଛି କି ନାହିଁ ଏବଂ କାର୍ଯ୍ୟ କରୁଛି କି ନାହିଁ ତାହାର ତର୍ଜମା କରିବାକୁ ସମସ୍ତ ଜୁନିୟର କଲେଜର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ସମସ୍ତ ସେଣ୍ଟର, ସୁପରିଣ୍ଟେଣ୍ଡେଣ୍ଟ ଅଫିସ ଏବଂ ଲାବ୍ରୋଟୋରୀରେ ସିସିଟିଭି ଲଗାଯିବ। ଏହା ବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ୧୫ ଡିସେମ୍ବର ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ତେବେ ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର/ଏନଭିଆର୍/ ଇନଷ୍ଟଲ କ୍ଲାଉଡ୍, ଇଣ୍ଟରନେଟ୍ ସଂଯୋଗ, ଷ୍ଟାଟିକ୍ ଆଇପି ଆଡ୍ରେସ୍, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଉକ୍ତ ଜୁନିଅର କଲେଜଗୁଡ଼ିକ ଏନେଇ ସମସ୍ତ ତଥ୍ୟ ୧୫ ତାରିଖ ପୂର୍ବରୁ ସାମସ୍ ଇ-ସ୍ପେସ୍ରୁ ଦାଖଲ କରିବେ। ଏଥିରେ ଖିଲାପ କଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।

# ମାଟି ପାଇଁ ଆମର କର୍ତ୍ତବ୍ୟ ରହିଛି

ବାରଙ୍ଗ,୨୮।୧୧(ଲିଙ୍ଗରାଜ ରାଉତ)

### ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଯାପିତ

ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆନନ୍ଦବଜାର ଗୋଲେଇ ଛକଠାରେ ୩ଦିନ ଧରି ଆୟୋଜିତ ହେଉଥିବା ଏହି ମହୋତ୍ସବର ତୃତୀୟ ଦିବସ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଐତିହାସିକ ବୀର ମାଟି ଚୁଡ଼ଙ୍ଗଗଡ଼ ବାରଙ୍ଗ ମାଟି ଯାହା ଇତିହାସ କହୁଛି, ଦିନ ଆସିବ ଏ ଅଞ୍ଚଳ ସବୁ ଶିଳ୍ପ ହୋଇଯିବ। ସହର ବଢ଼ୁଛି ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ବଢ଼ିଛି, ଯାହା ପାଇଁ ଆମେ ବି ବଢ଼ିବା ଦରକାର। ଆମେ ଏ ମାଟିରେ ଜନ୍ମ ହୋଇଛେ, ମାଟି ପାଇଁ ଆମର ମଧ୍ୟ କର୍ତ୍ତବ୍ୟ ରହିଛି। ତେଣୁ ସମସ୍ତେ ମିଶି ଏହି ମହୋତ୍ସବକୁ ଆଗକୁ ନେବାକୁ ରାଉତରାୟ କହିଥିଲେ। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଚାରପତି ବାସୁଦେବ ପାଣିଗ୍ରାହୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ କିଶୋରଚନ୍ଦ୍ର ଦ୍ୱିବେଦୀ, ସୁନୀଲ ସିଂ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ସ୍ୱାଗତ କରିଥିଲେ। ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୂପତି ପାଣି, ଶିବ ପ୍ରସାଦ ମହାନ୍ତି, ଆଦିତ୍ୟ ପାଲ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମହୋତ୍ସବରେ ପ୍ରବଳ ଜନସମାଗମ ହୋଇଥିବାବେଳେ ଲୋକଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା। ଆଧୁନିକ ଗୀତ, ନାଚ, ପାଇକ ଆଖଡ଼ା ଓ ଦେଶାତ୍ମବୋଧକ, ମେଲୋଡି ସହ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଅଭିନୟ ଦେଖଣାହାରିଙ୍କୁ ବେଶ ମଜା ଦେଇଥିଲା। ସାମାଜିକ କର୍ମୀ ଓ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିବା କିଛି ଯୁବକଙ୍କୁ ଏହି ଅବସରରେ ଅତିଥିମାନେ ସମ୍ମାନିତ କରିଥିଲେ।



ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟ ଅତିଥିମାନେ।

## ଜମୁଛି ଭୁବନେଶ୍ୱର ବାଲିଯାତ୍ରା

### ମତୁଆଲା କରୁଛି ସାଂସ୍କୃତିକ ସନ୍ଧ୍ୟା

ଭୁବନେଶ୍ୱର,୨୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଦିନ ଗଡ଼ିବା ସହ ଭୁବନେଶ୍ୱର ବାଲିଯାତ୍ରାରେ ଦର୍ଶକଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖାଦ୍ୟ, ଖେଳ ଓ ମୀନା ବଜାରରେ ଲୋକମାନେ ପରିବାର ସହ ସମୟ ବିତାଉଛନ୍ତି। ମଙ୍ଗଳବାର ଦ୍ୱିତୀୟ ଦିବସରେ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ସୁଶାନ୍ତ ରାଉତ, ସଦସ୍ୟ ଅଶୋକ ପାତ୍ର, ସୁବାସ ପାତ୍ର, ସରପଞ୍ଚ ସୁପ୍ରିୟା ମଲ୍ଲିକ, ସମିତି ସଭ୍ୟା ସସ୍ମିତା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପରେ ମଞ୍ଚରେ କଣ୍ଠଶିଳ୍ପି ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସଙ୍ଗୀତରେ ମତୁଆଲା ହେଇଥିଲେ ଶ୍ରୋତା। ସେହିପରି ଗୌତମ ଗିରି, ଆର୍ଯ୍ୟ ସାଇ, ଶ୍ରୀଜିତା ଉପାଧ୍ୟାୟ ପ୍ରମୁଖ ମଧ୍ୟ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଥିଲେ। ଅନ୍ୟପକ୍ଷେ ଦ୍ୱିତୀୟ ମଞ୍ଚରେ ମଧ୍ୟ ଗୋଟିଏ ପରେ ଗୋଟିଏ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ସେଠି ମଧ୍ୟ ଲୋକମାନେ ଛିଡ଼ା ହୋଇ ନୃତ୍ୟଶୀଳ୍ପିଙ୍କ ନୃତ୍ୟରେ ଓଡ଼ିଶାର ପରମ୍ପରା, ସଂସ୍କୃତିକୁ ଦେଖିବାକୁ ପାଇଥିଲେ। ମଞ୍ଚରେ ଲୋକ ନୃତ୍ୟ, ପାରମ୍ପରିକ ନୃତ୍ୟ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ, ସଙ୍କୀର୍ତ୍ତନ କରାଯାଇଥିଲା। ଗୁରୁ ବଶିଷ୍ଟ ନାୟକ ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଲୋକମାନଙ୍କ ସାଂସ୍କିତିକ ମନୋରଞ୍ଜନ ପାଇଁ ସବୁଥର ପରି ଏଥର ମଧ୍ୟ ୨ଟି ମଞ୍ଚର ଆୟୋଜନ କରାଯାଇଛି। ଭିଡ଼ କମ୍ ରହିବା ସହ ଲୋକମାନେ କିଭଳି ଶାନ୍ତି ଶୃଙ୍ଖଳାରେ ମନୋରଞ୍ଜନ ଉପଭୋଗ କରିପାରିବେ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

## ବିଏମ୍‌ସି ରିକ୍ରିଏଶନ କ୍ଲବ୍‌ର ପୁରସ୍କାର ବିତରଣ ଉତ୍ସବ



ଉତ୍ସବରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରିକ୍ରିଏଶନ କ୍ଲବ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମେୟର ସୁଲୋଚନା ଦାସ କୃତୀ ପ୍ରତିଯୋଗୀ ତଥା କର୍ପୋରେଟରମାନଙ୍କୁ ପୁରସ୍କୃତ କରିଥିଲେ। କର୍ପୋରେଟର ମହିଳା ଓ ପୁରୁଷ ଏବଂ ବିଏମ୍‌ସି କର୍ମଚାରୀ ମହିଳା ଓ ପୁରୁଷଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦୦ ମିଟର ଦୌଡ଼, କ୍ୟାରମ୍ ସିଙ୍ଗଲ୍ସ ଓ ଡବଲ୍ସ, ଚେସ୍, ବ୍ୟାଡମିଣ୍ଟନ ସିଙ୍ଗଲ୍ ଓ ଡବଲ୍ସ, ଲେମନ ରେସ୍, ୱାଟର ବଲ, ଜାଭେଲିନ ଥ୍ରୋ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ସେହିପରି କ୍ରିକେଟ୍ ଖେଳରେ ମେୟର ଏକାଦଶକୁ ହରାଇ କମିଶନର ଏକାଦଶ ବିଜୟୀ ହୋଇଥିବାରୁ ତାଙ୍କୁ ଚଳିତ ବର୍ଷର ବିଜୟୀ ମୁକୁଟ ପ୍ରଦାନ କରାଯାଇଥିଲା। ଡେପୁଟି ମେୟର ମଞ୍ଜୁଲତା କହଁର, ରିକ୍ରିଏଶନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ମିହିର କୁମାର ରାଉତ, ଅତିରିକ୍ତ କମିଶନର ତଥା ବିଏମ୍‌ସି ରିକ୍ରିଏଶନ କ୍ଲବର ଉପସଭାପତି ସୂର୍ଯ୍ୟବଂଶୀ ମୟୂର ବିକାଶ, ଶୁଭେନ୍ଦୁ କୁମାର ସାହୁ, କ୍ଲବର ସଂପାଦକ ଶୁଭ୍ରକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ଇଣ୍ଡିଆନ୍ସ ଭୁବନେଶ୍ୱର ଚାପ୍ଟରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ୟଙ୍ଗ ଇଣ୍ଡିଆନ୍ସ (ୱାଇଆଇ)ର ଭୁବନେଶ୍ୱର ଚାପ୍ଟରର ବାର୍ଷିକ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଓଡିଶାର ଯୁବକଙ୍କ ମଧ୍ୟରେ ନବସୃଜନ, ଉଦ୍ୟୋଗୀତା ଏବଂ ନେତୃତ୍ୱ ବୃଦ୍ଧି ପାଇଁ ଚାପ୍ଟରର ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ୱାଇଆଇ ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ସୁଜିତ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ଟାଟା ଷ୍ଟିଲର ନିର୍ଦ୍ଦେଶକ ମଣିକାନ୍ତ ନାୟକଙ୍କ ସମେତ ସିଆଇଆଇର ଚେୟାରମ୍ୟାନ, ଭାଇସ ଚେୟାରମ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ। ୱାଇଆଇର ବର୍ତ୍ତମାନର ଅଧ୍ୟକ୍ଷ ବିଶାଲ ଡାଲମିଆ ଭୁବନେଶ୍ୱର ଅଧ୍ୟାୟ ୨୦୨୨-୨୩ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ବ୍ୟବସାୟ ତଥା କମ୍ୟୁନିଟି କ୍ଷେତ୍ରର ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଭୁବନେଶ୍ୱର ଚାପ୍ଟରର ଚେୟାର ସୋନାଲ ମୋର ଏବଂ କୋ-ଚେୟାର ଭାବେ ଆୟୁଷ ଜଶୋରିଆ ମନୋନୀତ ହୋଇଛନ୍ତି।

## ବାଲିଯାତ୍ରାରେ ଡିଅନ୍ ଗ୍ରୁପ୍‌ର ଷ୍ଟଲ୍ ଖୋଲିଲା



ହାଉସିଂ ପ୍ରୋଜେକ୍ଟର ଷ୍ଟଲ୍‌କୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ପ୍ରସିଦ୍ଧ କଟକ ବାଲିଯାତ୍ରାରେ ଡିଅନ୍ ଗ୍ରୁପ୍‌ର ୨ଟି ଆକର୍ଷଣୀୟ ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ହାଉସିଂ ପ୍ରୋଜେକ୍ଟର ଷ୍ଟଲ୍‌ଟିକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ଅଟୋମୋଟିଭ (ଟାଟା ମୋଟର) ଷ୍ଟଲ୍‌ଟିକୁ କଟକ ଜିଲାପାଳ ଓ ଆର୍‌ଡିସି ମିଳିତ ଭାବରେ ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଛନ୍ତି। ଡିଅନ୍ ଗ୍ରୁପ୍ ଦ୍ୱାରା କଟକ ଭୁବନେଶ୍ୱର ମଧ୍ୟରେ ଏକାଧିକ ହାଉସିଂ ପ୍ରୋଜେକ୍ଟର ନିର୍ମାଣ କରାଯାଉଛି। ତନ୍ମଧ୍ୟରୁ ଡିଅନ୍ ପକ୍ଷରୁ ସିଡିଏ ସେକ୍ଟର-୮ରେ ଚାଲୁଥିବା ସ୍କାଏୱାକ୍ ପ୍ରୋଜେକ୍ଟର ଏକ ଡେମୋ ଫ୍ଲାଟ୍ ବାଲିଯାତ୍ରାରେ ପ୍ରଦର୍ଶିତ କରାଯାଇଛି। ଏହାକୁ ଅତିଥିବୃନ୍ଦ ବୁଲି ଦେଖିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ଡିଅନ୍ ଗ୍ରୁପ ପକ୍ଷରୁ ବାଲିଯାତ୍ରାରେ ଟାଟା ମୋଟରର ଏକ ଷ୍ଟଲ୍ ନିର୍ମାଣ କରାଯାଇଛି। ସୂଚନାଯୋଗ୍ୟ, ଡିଅନ୍ ଗ୍ରୁପ୍ ବିଗତ କିଛିବର୍ଷ ମଧ୍ୟରେ ଟାଟା ମୋଟରର ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିଜର ଶୋ'ରୁମ୍ ଦ୍ୱାରା ଟାଟା ମୋଟରର ସୁପ୍ରସିଦ୍ଧ ପାସେଞ୍ଜର କାର ଲୋକଙ୍କ ପାଖରେ ପହଞ୍ଚାଇ ଆସୁଛି। ସେଥିମଧ୍ୟରୁ କଟକ ସିଡିଏ-୧୧ସ୍ଥିତ ଶୋ'ରୁମ୍ ଅନ୍ୟତମ।

## ପ୍ରାକ୍ତନୀ ସଂଗଠନର ୱେବ୍‌ସାଇଟ୍ ଶୁଭ ଉନ୍ମୋଚନ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

### ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ

ଗଞ୍ଜାମ ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରାକ୍ତନୀ ସଂଗଠନର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି। ଏନେଇ ମଙ୍ଗଳବାର ଭାରତୀୟ ବିଦ୍ୟାଭବନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶାର କଳା ଐତିହାସିକ ଡ. ଅଲେଖ ଚରଣ ସାହୁ, ଓଡ଼ିଶା ଲଳିତକଳା ଏକାଡ଼େମୀ ସମ୍ପାଦକ ଡ. ପଞ୍ଚାନନ ସାମଲ, ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ, ମହାବିଦ୍ୟାଳୟ ପ୍ରାକ୍ତନୀ ସଂଗଠନର ସଭାପତ ଅସିତ୍ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟର ଉପସଭାପତି ବିପିନ୍ ବିହାରୀ ମାର୍ଥା, ସାଧାରଣ ସମ୍ପାଦକ ଡ. ରେବତୀକାନ୍ତ ମହାରଣା ଓ ସହସମ୍ପାଦକ କୈଳାସ ଚନ୍ଦ୍ର ପୃଷ୍ଟି, କାଳୀଚରଣ ପାଢ଼ୀଙ୍କ ସମେତ ପ୍ରାକ୍ତନୀ ସଂଗଠନର ବହୁ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଏହି ୱେବ୍‌ସାଇଟ୍ ଖଲ୍ଲିକୋଟର ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ କଳା ଓ କଳାକାରଙ୍କ ପ୍ରଚାରପ୍ରସାର ହେବ। ପ୍ରାକ୍ତନୀ ସଂଗଠନ ଦ୍ୱାରା ବାର୍ଷିକ ବିବରଣୀ, ଆଗାମୀ ଦିନରେ ଭୁବନେଶ୍ୱରରେ ହେବାକୁ ଥିବା କଳାମେଳାର ସମସ୍ତ ବିଷୟବସ୍ତୁକୁ ଏହି ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଛି। ଏହାଦ୍ୱାରା ଅନେକ ଚିତ୍ରଶିଳ୍ପୀଙ୍କ ପାଖରେ ଅତି ସହଜରେ ଅନେକ ବାର୍ତ୍ତା ପହଞ୍ଚି ପାରିବ ବୋଲି ପ୍ରାକ୍ତନୀ ସଂଗଠନ ଆଶା ପ୍ରକାଶ କରିଛି।



ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରାକ୍ତନୀ ସଂଗଠନର ନୂତନ ୱେବ୍‌ସାଇଟ୍ ଉନ୍ମୋଚନ ଅବସରରେ ଅତିଥିମାନେ।

# ଡମ୍ପିଂୟାର୍ଡ ହଟାଇବା ଦାବିରେ ଭାଜପାର ସତ୍ୟାଗ୍ରହ

ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)




### ବିଏମ୍‌ସି ସଂକ୍ରମିତ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଦାବି

ସୈନିକ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡ (ଟିଟିଏସ୍)ରେ ଗଦା ହୋଇଥିବା ଆବର୍ଜନା ଦୁର୍ଗନ୍ଧ ଦିନକୁ ଦିନ ଅସହ୍ୟ ହୋଇ ପଡିଲାଣି। କେବଳ ସମ୍ପୃକ୍ତ ଅଞ୍ଚଳ ନୁହେଁ, ବରଂ ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଗାଡ଼କଣ, ରଙ୍ଗମାଟିଆ, ଡମଣା, ମଞ୍ଚେଶ୍ୱର, ରସୁଲଗଡ଼ବାସୀଙ୍କ ଜୀବନ ଅତିଷ୍ଠ ହୋଇ ପଡିଲାଣି। ଅସ୍ୱାସ୍ଥ୍ୟକର ପରିବେଶ, ବାୟୁ ପ୍ରଦୂଷଣ ଓ ଅସହ୍ୟ ଦୁର୍ଗନ୍ଧ ପାଇଁ ଅଞ୍ଚଳବାସୀ ଘର କବାଟ ବନ୍ଦ କରି ରହିବା ସହ ମୁହଁରେ ମାସ୍କ ପିନ୍ଧୁଛନ୍ତି। ଏପରିକି ଚର୍ମରୋଗ, ଶ୍ୱାସରୋଗ ଭଳି ମାରାତ୍ମକ ରୋଗ ବ୍ୟାପିବାରେ ଲାଗିଛି । ମାତ୍ର ଏତେସବୁ ପରେ ବି ଜାଣିଶୁଣି ଚୁପ୍ ବସିଛି ବିଏମ୍‌ସି। ଏହାକୁ ବିରୋଧ କରିବା ସହ ଡମ୍ପିଂୟାର୍ଡକୁ ସମ୍ପୂର୍ଣ୍ଣ ହଟାଇବା ଦାବିରେ ଭାଜପା ଭୁବନେଶ୍ୱର ଜିଲା ପକ୍ଷରୁ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଏଥିସହ ଏହି ଦୂଷିତ ପରିବେଶ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବିଏମ୍‌ସି ଏବଂ ରାଜ୍ୟ ସରକାର ବହନ କରିବା ପାଇଁ ଜିଲା ସଭାପତି ବାବୁ ସିଂ ଦାବି କରିଛନ୍ତି। ସେହିପରି ନଭେମ୍ବର ୪ରେ ଡମ୍ପିଂୟାର୍ଡକୁ ନେଇ ରାଜ୍ୟ ସରକାର ଓ ବିଏମ୍‌ସିକୁ ଭାଜପା ଘେରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଏହାର ସମାଧାନ ନ କଲେ ସତ୍ୟାଗ୍ରହ ଜାରି ରହିବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଲୋକେ ଭୋଟ ଓ ଟିକସ ଦେଇ ରୋଗକୁ ଉପାହାରରେ ପାଉଛନ୍ତି ବୋଲି ଭାଜପା ନେତାମାନେ କଟାକ୍ଷ କରି କହିଛନ୍ତି। ଏହି ସତ୍ୟାଗ୍ରହରେ ହିମାଂଶୁ ଶେଖର ଛୋଟରାୟ, ସୁଶାନ୍ତ ସାବତ, ରାଜେନ୍ଦ୍ର ଦାସ, ପ୍ରଶାନ୍ତ ମହାନ୍ତି, ସୁଜିତ୍ କୁମାର ଦାସ୍, ସୁଭାଷିନୀ ପୃଷ୍ଟି, ଲିପା ଦାସ, ତୃପ୍ତିମୟୀ ମକଦ୍ଦମ, ଅଞ୍ଜନ ନାଥ, ସୁଶାନ୍ତ ଦାସ, ଅଶୋକ ସେଠୀ, ଅଞ୍ଜନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ଉଦ୍‌ଯାପିତ

ଟାଙ୍ଗୀ,୨୮।୧୧(ରଘୁନାଥ ସାହୁ)

ଜଗତି ପାହାଡ଼ ପାଦଦେଶରେ ଅବସ୍ଥିତ ଜଗତି ମହାବୀରଙ୍କ ପୀଠରେ ସପ୍ତାହବ୍ୟାପୀ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ରୁଦ୍ରାଭିଷେକ, ରାମାଭିଷେକ, ମହାବୀର ଅଭିଷେକ, ଗୁରୁ ପୂଜା ଓ ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରାର୍ଥନା, ହନୁମାନ ଚାଳିଶା, ଗୀତାପାଠ ପରେ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରବଚକ ଭାବେ ପଣ୍ଡିତ ନାରାୟଣ ମହାପାତ୍ର, ଜାଗୃତିକାର ସଭାପତି ଗଙ୍ଗାଧର ପ୍ରଧାନ, ପଦ୍ମପାଦ ଦାସ, ନାରୁଣୀ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରାଜକିଶୋର ସାହୁ, ପଣ୍ଡିତ ଆଶିଷ କୁମାର ପତି, ପଣ୍ଡିତ ବିରଞ୍ଚି ନାରାୟଣ ପ୍ରସାଦ ନାୟକ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ପଣ୍ଡିତ କିଶୋର ଚନ୍ଦ୍ର ଭଞ୍ଜ, ପଣ୍ଡିତ ଦୁର୍ଯ୍ୟୋଧନ ପ୍ରଧାନ ଓ ବାସନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜାଗୃତିକା ପକ୍ଷରୁ ନାରୁଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ବଳିୟାରସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଜାଗୃତିକା ଓ ମୁକ୍ତି ଚେତନା ପରିଷଦର ସଭ୍ୟାସଭ୍ୟମାନେ ସମ୍ପାଦନ କରିଥିଲେ। ମୁକ୍ତି ଚେତନା ପରିଷଦର ସଭାପତି ଉମାକାନ୍ତ ମହାପାତ୍ର ଧର୍ମସଭାରେ ସଭାପତିତ୍ୱ କରିଥିବା ବେଳେ ଗାୟକ ରାମଚନ୍ଦ୍ର କର ସଂଯୋଜନା କରିଥିଲେ।

### ପତିତପାବନଙ୍କ ପୀଠରେ ଭଜନ ସମାରୋହ

ଟାଙ୍ଗୀ,୨୮।୧୧(ରଘୁନାଥ ସାହୁ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ଗ୍ରାମର ପତିତପାବନଙ୍କ ପୀଠରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗାୟକ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ଭାରତ ପେଟ୍ରୋଲିୟମର ଡେପୁଟି ଜେନେରାଲ ମ୍ୟାନେଜର ହେମନ୍ତ କୁମାର ଜେନା, ସମ୍ମାନିତ ଅତିଥି ଜିଲା ବିଜେଡି ଉପସଭାପତି ବୀରଞ୍ଚି ନାରାୟଣ ପ୍ରଧାନ, ସାମ୍ବାଦିକ ରଞ୍ଜନ ସାହୁ, ସଙ୍ଗୀତଜ୍ଞ ପ୍ରମିଳା କର ପ୍ରମୁଖ ଯୋଗଦେଇଥିଲେ। ରମେଶ ପଲାଇ, ସୁରେନ୍ଦ୍ର ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

### ବାଲୁଙ୍କେଶ୍ୱର ଦେବଙ୍କ ପୀଠ ଚଳଚଞ୍ଚଳ

ବେଗୁନିଆ,୨୮।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଛିଆମ ଗ୍ରାମ ସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସର ଚଳଚଞ୍ଚଳ ହୋଇପଡିଛି। ପଞ୍ଚକ ଅବସରରେ ଗତ ୪ଦିନ ଧରି ପୀଠ ପରିସରରେ ବାଦି ପାଲା ପରିବେଷଣ ହୋଇଥିବା ବେଳେ ମଙ୍ଗଳବାର ରାତିରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ନାଟକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମ ପରିଚାଳନା କମିଟିର ମୁଖ୍ୟ ବିହାରୀ ମଙ୍ଗରାଜ ଏବଂ ଜନ୍ମେଶର ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ବଚସାକୁ କେନ୍ଦ୍ରକରି ବୋମାମାଡ଼

ଜଟଣୀ/ଖୋର୍ଦ୍ଧା,୨୮।୧୧(ରବୀନ୍ଦ୍ର ନାଥ ମହାକୁଡ଼/ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମର ବୁଲି ବଜାରରେ ସୋମବାର ରାତିରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ସହ ବୋମାମାଡ଼ ହୋଇଛି। ଏଥିରେ କେତେଜଣ ଆହତ ହୋଇଥିବା ବେଳେ ରାସ୍ତାରେ ଥିବା କିଛି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ସଦସ୍ୟମାନଙ୍କୁ ବୁଝାଶୁଝା କରିଛି। ଅନ୍ୟପଟେ ଏହି ଘଟଣା ପରେ ବଜାରର କେତେକ ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଛି। ଅଞ୍ଚଳରେ ପୂର୍ବପରି କିପରି ଶାନ୍ତି ଫେରିବ ଚେଷ୍ଟା ଜାରି ରହିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।



ବୁଲି ବଜାରରେ ମୁତୟନ ହୋଇଥିବା ପୋଲିସ।



କ୍ଷତିଗ୍ରସ୍ତ ବାଇକ୍।

- ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ
- ଶାନ୍ତି ଫେରିବା ପାଇଁ ପୋଲିସର ପ୍ରୟାସ

ସୂଚନା ମୁତାବକ, ସୋମବାର ରାତିରେ ବୁଲି ବଜାରରେ ଉଭୟ ଗୋଷ୍ଠୀର ଲୋକମାନେ ବୁଲାବୁଲି କରୁଥିଲେ। ଏହି ସମୟରେ କୌଣସି କଥାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କ ସହ ଅନ୍ୟ ଗୋଷ୍ଠୀର କେତେଜଣ ଲୋକଙ୍କର କଥା କଟାକଟି ହୋଇଥିଲା। ଏହାରି ମଧ୍ୟରେ ଗୋଟିଏ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଅନ୍ୟ ଗୋଷ୍ଠୀର ଲୋକମାନେ ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଫଳରେ ଘଟଣା ଉଗ୍ରରୂପ ନେଇଥିଲା। ଏହାରି ମଧ୍ୟରେ ବଜାରରେ ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ବୋମାମାଡ଼ କରିବା ସହ ପଥର ପିଙ୍ଗିଥିଲେ। ବୋମାମାଡ଼ରେ କିଛି ବାଇକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ପୋଲିସ ପକ୍ଷରୁ ଚେଷ୍ଟା ଜାରି ରହିଛି।

## ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ଏସ୍‌ଟିଏଫ୍, ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମଙ୍ଗଳବାର ଜିଲା ଅବକାରୀ ମୋବାଇଲ ୟୁନିଟ୍ ଟିମ୍ ସ୍ଥାନୀୟ ନୂଆବସ୍ତ୍ରାଣ୍ଡଠାରେ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ସଦର ଥାନା ଅନ୍ତର୍ଗତ ଗୁଡୁମ୍ ଗ୍ରାମର ଯୋଗେଶ ବାରିକ(୨୦)। ତାଙ୍କଠାରୁ ୧୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ବୋଲି ଅବକାରୀ ଇନ୍ସପେକ୍ଟର ଆଲୋକ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସକାଳ ୭ଟାରେ ଗ୍ରାହକଙ୍କୁ ବ୍ରାଉନ୍‌ସୁଗାର ଦେବା ପାଇଁ ନୂଆବସ୍ତ୍ରାଣ୍ଡଠାରେ ଯୋଗେଶ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ଜିଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଯୋଗେଶ ସେଠାରୁ ଖସିବାକୁ ଉଦ୍ୟମ କଲାବେଳେ ଅବକାରୀ ଟିମ୍ ତାଙ୍କୁ ମାଡିବସିଥିଲା। ଏନେଇ ଏକ ମାମଲା (ନଂ.୧୫୯/୨୩) ରୁଜୁ ପରେ ଯୋଗେଶଙ୍କୁ ଗିରଫ କରାଯିବା ସହ କୋର୍ଟଚାଲାଣ କରାଯାଇଛି।

## ଉଦ୍‌ଘାଟିତ ହେଲା 'ଆମ ବ୍ୟାଙ୍କ' ସେବା

ବେଗୁନିଆ,୨୮।୧୧(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ତିନୋଟି ପଞ୍ଚାୟତରେ ମଙ୍ଗଳବାର 'ଆମ ବ୍ୟାଙ୍କ' ସେବା ବ୍ୟବସ୍ଥାକୁ ଅନ୍‌ଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଜନସାଧାରଣଙ୍କ ହିତରେ ପ୍ରଥମ ପର୍ଯ୍ୟାୟରେ ଏହି ବ୍ଲକର ଶଗଡ଼ଭଙ୍ଗା, ହୀରାପୁର ଏବଂ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହବନ୍ଧିତ ସୁବିଧା ଓ ସୁଯୋଗ ନେବା ପାଇଁ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଡିଓ ଲକ୍ଷ୍ମୀଧର ସାହୁ, ଜିଲା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ୟାମବନ୍ଧୁ ନାୟକ, ଜିଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ସରପଞ୍ଚ ଲୀଳା ସାଇଁ, ସାମାଜିକ କର୍ମୀ ଦୁର୍ଗାଚରଣ ସ୍ୱାଇଁ, ସରପଞ୍ଚ ଆରତ ମାଝି, ଜିପିଇଓ ନୀଳକଣ୍ଠ ମାନସିଂହଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର 'ଆମ ବ୍ୟାଙ୍କ' ଯୋଜନା ଆରମ୍ଭ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କ ସୁବିଧା ନ ଥିବା ୪୩୭୩ ପଞ୍ଚାୟତର ଲୋକମାନେ ବ୍ୟାଙ୍କିଙ୍ଗ୍ ସୁବିଧା ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ୭୫୪ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସୁବିଧା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କନ୍ତଲବାଇ, ମଙ୍ଗଳାଯୋଡ଼ି, ପାରିଓରଡ଼ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଥିଲେ। କନ୍ତଲବାଇ ସ୍ୱପ୍ନତାରା ମିଳିତ ଏକାଡେମୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାଦଲ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଟାଙ୍ଗୀ ବିଡିଓ ରେସ୍‌ମା ଟେଟେ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।




**ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତରେ 'ଆମ ବ୍ୟାଙ୍କ' ସେବା ଉଦ୍‌ଘାଟିତ ହୋଇଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଡିଓ କ୍ଷୀରବ୍ଧି ତନୟା ସାହୁ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଗୋଳବାଇ ସରପଞ୍ଚ ମଧୁସ୍ମିତା ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକ ପଦ୍ମନାଭ ସାହୁ ପରିଚାଳନା କରିଥିଲେ। ଶତାଧିକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବୋଲଗଡ଼,(ଦେବବ୍ରତ ହୋତା):** ବୋଲଗଡ ବ୍ଲକର ଖଙ୍ଗୁରିଆ ଓ ଆରିକମା ପଞ୍ଚାୟତରେ 'ଆମ ବ୍ୟାଙ୍କ' ସେବା ଉଦ୍‌ଘାଟିତ ହୋଇଯାଇଛି। ଖଙ୍ଗୁରିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଡିଓ ଶରତ କୁମାର ମଲିକ, ସରପଞ୍ଚ ଜଳଧର ମହାନ୍ତି, ସମିତିସଭ୍ୟା ବିନୋଦିନୀ ଦତ୍ତଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା, ମିଶନ ଶକ୍ତି ମହିଳା ଓ ଗ୍ରାମ ସ୍ୱରୋଜଗାର ସେବକଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ସେହିପରି ଆରିକମା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏବିଡିଓ ଡ. ରତିକାନ୍ତ ମିଶ୍ର, ଜିପିଇଓ କରୁଣାକର ସୁବୁଦ୍ଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ପ୍ରମୋଦ ରାଉତରାୟ, ସମିତି ସଭ୍ୟା ଆରତୀ ପାଇକରାୟଙ୍କ ସମେତ ବହୁ ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।

## ଅନୁପମା ଚମ୍ପତିରାୟ ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ




ଅତିଥିଙ୍କଠାରୁ ଅଧ୍ୟାପିକା ଅନୁପମା ଚମ୍ପତିରାୟ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୨୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଶ୍ରୀଜଗନ୍ନାଥ କଲେଜ ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ ୨୦୨୨-୨୩ ବର୍ଷ ପାଇଁ ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀଭାବେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି, ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଶାସନ ସଚିବ ରମାକାନ୍ତ ନାୟକ, ଭାରତ ସରକାରଙ୍କ ଜାତୀୟ ସେବା ଯୋଜନା ଆଞ୍ଚଳିକ ଅଧିକାରିଣୀ ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଜାତୀୟ ସେବା ଯୋଜନାର ଏନ୍.ଏନ୍.ଓ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଅନୁପମାଙ୍କୁ ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀଭାବେ ସମ୍ମାନିତ କରିବା ସହ ତାଙ୍କର ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏଥିସହିତ ଅତିଥିମାନେ ଜାତୀୟସେବା ଯୋଜନାର ଆଭିମୁଖ୍ୟ ଓ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ ଏହାର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଇକ୍ଲିନିକ୍‌ର ଶୁଭାରମ୍ଭ

**ବୋଲଗଡ଼,୨୮।୧୧(ଦେବବ୍ରତ ହୋତା):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଲଗଡ଼ଠାରେ କିଓରବେ ପକ୍ଷରୁ ଏକ ଇକ୍ଲିନିକର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ଇକ୍ଲିନିକର ପରାମର୍ଶ କେନ୍ଦ୍ର, ପରୀକ୍ଷାଗାର ଏବଂ ଔଷଧ ବିତରଣକେନ୍ଦ୍ରକୁ ଅଭିନେତ୍ରୀ ସୁଇଟି ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଟକ ଏସ୍‌ସିବି ମେଡିକାଲର ଅସ୍ଥିଶଲ୍ୟ ବିଭାଗ ଡା.ସୁମନ ସୌରଭ ମିଶ୍ର, କିଓରବେର ଜେନେରାଲ ମ୍ୟାନେଜର ରାଜେଶ ମିଶ୍ର, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସଂସାରୀ ସାହୁ ଉପସ୍ଥିତ ଥିଲେ। ଜରୁରୀ ସ୍ଥିତିରେ ଆମ୍ବୁଲାନ୍ସ ସେବା ମଧ୍ୟ ବ୍ୟବସ୍ଥା କରାଯିବ ବୋଲି କିଓରବେ ସଂସ୍ଥାର କ୍ଲଷ୍ଟର ମ୍ୟାନେଜର ରାଜୀବ ମହାନ୍ତି କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଶିକ୍ଷକ ମନମୋହନ କହଲସିଂ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ରୋଗୀ ଅସ୍ଥିଶଲ୍ୟ ବିଭାଗ ଡା.ମିଶ୍ରଙ୍କୁ ଭେଟି ପରାମର୍ଶ ନେଇଥିଲେ।

## ଇରାୱାଡି ଡଲ୍‌ଫିନ୍ ସୁରକ୍ଷା ସଚେତନତା ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୮।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଗବକୁଣ୍ଡ ମୋଟରବୋଟ୍ ଆସୋସିଏଶନ ଏବଂ ଗଙ୍ଗାଧରପୁର ମୋଟରବୋଟ୍ ଆସୋସିଏଶନଠାରେ ଇରାୱାଡି ଡଲ୍‌ଫିନଙ୍କ ସୁରକ୍ଷା ନିମନ୍ତେ ଶୋଭାଯାତ୍ରା ଓ ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ୱାଇଲ୍ଡ ଲାଇଫ୍ ୱାର୍ଡେନ ଆକାଶ ପାତ୍ର, ଆଇନଜୀବୀ ତଥା ସମାଜସେବୀ ରମାଶଙ୍କର ପାତ୍ର, ପରିବେଶବିତ୍ ଧନେଶ୍ୱର ବିଧାର, ସମାଜସେବୀ ରବୀନ୍ଦ୍ର କୁମାର ବାରିକ, ପିରିଜିପୁର ପଞ୍ଚାୟତ ସମିତିସଭ୍ୟ ସଂଗ୍ରାମ ଜାଲି, ଅଧ୍ୟାପକ ପବିତ୍ର ମୋହନ ଦାସ, ଅଧ୍ୟାପକ କାଶୀନାଥ ନାୟକ, ପରିବେଶବିତ୍ ଆଶିଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଚିଲିକାରେ ଦେଖାଯାଉଥିବା ଇରାୱାଡି ଡଲ୍‌ଫିନଙ୍କ ସୁରକ୍ଷା ଉପରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାବକୁଣ୍ଡଳେଶ୍ୱର ବିଦ୍ୟାନିକେତନ ରାୟପୁର ତିନିସାହିର ଛାତ୍ରୀଛାତ୍ର, ମୋଟରବୋଟ୍ ଚାଳକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ହୋଇଥିଲେ। ବନପାଳ କାଳୀଚରଣ ମହାନ୍ତି, ଜିତେନ୍ଦ୍ରିୟ ଜେନା, ଦୁର୍ଗାଚରଣ ଗୁଡ୍ଡୁ, ରଜନୀକାନ୍ତ ଲେଙ୍କା, ବନରକ୍ଷୀ ଅର୍ଜୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଗୋଳବାଇକୁ ହରାଇ ଟାଙ୍ଗୋଲ ଚାମ୍ପିୟନ

### ମା' ଉଗ୍ରତାରା ୩୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ/ନିରାକାରପୁର,୨୮।୧୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୋଲ ପଞ୍ଚାୟତ ଖେଳପଡିଆରେ ମା' ଉଗ୍ରତାରା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ମା' ଭଗବତୀ କ୍ରିକେଟ କ୍ଲବ ଗୋଳବାଇ ଓ ମା' ଉଗ୍ରତାରା କ୍ରିକେଟ କ୍ଲବ ଟାଙ୍ଗୋଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଗୋଳବାଇ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଟାଙ୍ଗୋଲ ଟିମ୍ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୨୪ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଧର୍ମେନ୍ଦ୍ର ମୁଦୁଲି ଓ ଅନିଲ ପରମାଣିକ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥି, ସାମାଜିକ କର୍ମୀ ଧର୍ମାନନ୍ଦ ବିଶୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। ମାନସ ରଣସିଂହ, ଅନନ୍ତ ସାହୁ, କେଶବ ସ୍ୱାଇଁ, ପ୍ରକାଶ ଜେନା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ବିଭିନ୍ନ ପ୍ରସଙ୍ଗରେ ଗର୍ଜିଲା ଛାତ୍ର କଂଗ୍ରେସ

ଖୋର୍ଦ୍ଧା,୨୮।୧୧ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟର ବେକାରି ସମସ୍ୟା, ଦରଦାମ୍, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦି ପ୍ରସଙ୍ଗକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟରେ ବେକାରି ସମସ୍ୟା ବଢିଚାଲିଛି। ଶିକ୍ଷିତ ଯୁବକ ରୋଜଗାର ଆଶାରେ ବାହାର ରାଜ୍ୟରେ କାମ କରୁଛନ୍ତି। ୨୪ ବର୍ଷ ଶାସନ ସତ୍ତ୍ୱେ ବେକାରି ସମସ୍ୟା ଦୂର ହୋଇପାରିଲା ନାହିଁ। ରାଜ୍ୟରେ ୨.୨୬ ଲକ୍ଷ ପଦବୀ ଖାଲିପଡିଥିବା ସରକାର ସ୍ୱୀକାର କରିଛନ୍ତି। ରାଜ୍ୟର ୯ ଲକ୍ଷରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ ନାମ ପଞ୍ଜୀକରଣ କରାଇ ନିଯୁକ୍ତି ପାଇଁ ଅପେକ୍ଷା କରି ରହିଛନ୍ତି। ଦେଶରେ ବିମୁଦ୍ରୀକରଣ ଓ କରୋନା ପ୍ରଭାବରେ କ୍ଷୁଦ୍ର ମଧ୍ୟମ ଶିଳ୍ପସଂସ୍ଥା ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆର୍ଥିକ ବ୍ୟବସ୍ଥାରୁ ଅନେକ ଶିଳ୍ପ ବନ୍ଦ ହୋଇପଡ଼ିଛି। ଫଳରେ ରାଜ୍ୟରେ ପ୍ରାୟ ୭ ଲକ୍ଷ ଯୁବକ ଚାକିରି ହରାଇଛନ୍ତି। ପୂର୍ବରୁ ଥିବା ସୂତାକଳ,



ଦାବିପତ୍ର ପ୍ରଦାନ ଅବସରରେ ଉପସ୍ଥିତ ଛାତ୍ର କଂଗ୍ରେସର କର୍ମକର୍ତ୍ତା।

ଲୁଗାକଳ, ତେଲକଳ, ଝୋଟକଳ ଓ ଚିନିକଳଗୁଡିକ ବନ୍ଦ ହୋଇଯାଇଛି। ଗାଁରୁ ସହର ଲକ୍ଷାଧିକ ଯୁବକ କାମ ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ସେହିପରି ରାଜ୍ୟରେ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଖୋର୍ଦ୍ଧା ଜିଲା ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଥିବା ବେଳେ ଭିତ୍ତିଭୂମି ଅଭାବରୁ ରୋଗୀ ଉତ୍ତମ ସେବାରୁ ବଞ୍ଚିତ ହେଉଛନ୍ତି। ଚାଷଜମିକୁ ଜଳସେଚନର ବ୍ୟବସ୍ଥା ନାହିଁ। ପ୍ରତିବର୍ଷ ଚାଷୀ ଜଳସେଚନ ଅଭାବଜନିତ ସମସ୍ୟା ନେଇ ଜିଲା ପ୍ରଶାସନର କାର୍ଯ୍ୟାଳୟକୁ ଯାଉଛନ୍ତି। ପ୍ରତିଶ୍ରୁତି ମିଳୁଛି, ହେଲେ ସମାଧାନ କରାଯାଉନାହିଁ। ସ୍ଥାନୀୟ ଶିଳ୍ପସଂସ୍ଥାରେ ସ୍ଥାନୀୟ ଯୁବକ, ଯୁବତୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଖାଲିପଡିଥିବା ପଦବୀ ପୂରଣ, ସହର ସମସ୍ତ ସରକାରୀ ପଦବୀ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ପୂରଣ କରାଯାଉ। ସରକାରୀ ପଦବୀରେ ଚୁକ୍ତିଭିତ୍ତିକ ଏବଂ ଠିକା ନିଯୁକ୍ତ ବନ୍ଦ କରାଯିବାକୁ ଦାବି ହୋଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳ, ମହିଳା ନେତ୍ରୀ ଝୁନା ପଟ୍ଟନାୟକ, ପିସିସି ସମ୍ପାଦକ ଶିଶିର ପରିଡା, ପ୍ରଦୋଷ ହରିଚନ୍ଦନ, ପ୍ରଦୋଷ ସାହୁ, ନଗର ଛାତ୍ର କଂଗ୍ରେସ ସଭାପତି ସ୍ୱୟଂ ସ୍ୱାଇଁ, ସମ୍ଭବ ରାଉତରାୟ, ଜିତ୍ ଜୟ ପ୍ରକାଶ, ସନ୍ତୋଷ ପରିଡ଼ା, ଶଙ୍କର ପ୍ରଧାନ, ସତ୍ୟମ୍ ହରିଚନ୍ଦନ, ଶୁଭେନ୍ଦୁ ସାମନ୍ତରାୟ, ଅଭିଜିତ୍ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

**ମା' କୁଞ୍ଜେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ୨୨ ତାରିଖରୁ ଆୟୋଜିତ ହୋଇଥିବା ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ପୂର୍ଣ୍ଣାହୁତି ସମୟରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଉପସ୍ଥିତ ଥିଲେ। ସେହିପରି ମଇନ୍ଦିପୁର ଗ୍ରାମର ସିଦ୍ଧ ବଳଦେବଙ୍କ ପୀଠ, ଜଙ୍କିଆ ଓ ଷୋଡ଼ରପୁର ଗ୍ରାମର କପିଳେଶ୍ୱର ଦେବ ଓ ବାରିମଣ୍ଡଳ ଗଡିଶ୍ୱରଦେବଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଳାମାଟି ଏବଂ ଶ୍ରୀମୁକୁନ୍ଦପୁର ଗ୍ରାମରେ ୩ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୮।୧୧।୨୦୨୩

| | |
|---|---|
| ୫,୮୨,୭୭୮ ଟଙ୍କା | |
| ସୁନା | ୦୧.୯୩୦ ଗ୍ରାମ୍ |
| ରୁପା | ୨୮.୬୫୦ ଗ୍ରାମ୍ |

# ଆମ ବ୍ୟାଙ୍କ ସେବା ଲୋକାର୍ପିତ

ପିପିଲି, (ଦୁର୍ଗାମାଧବ ମିଶ୍ର)/ ନିମାପଡ଼ା, (ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)/ ବଳଙ୍ଗା(କେଦାରେଶ୍ୱର ନନ୍ଦ)/ ଡେଲାଙ୍ଗ(ରଶ୍ମିରଞ୍ଜନ ପ୍ରଧାନ)୨୮।୧୧

ପ୍ରତି ପଞ୍ଚାୟତରେ ଲୋକଙ୍କ ସୁବିଧା ନିମନ୍ତେ ବ୍ୟାଙ୍କିଙ୍ଗ୍ ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଙ୍ଗଳବାର ଅନ୍‌ଲାଇନରେ ଉଦ୍‌ଘାଟିତ ହୋଇଯାଇଛି। ପିପିଲି ଥାନା ଅଧୀନ ପିପିଲି ବ୍ଲକ ରୂପୁଦେଇପୁର ପଞ୍ଚାୟତଠାରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବିଡିଓ ସରୋଜ କୁମାର ରାଉତ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସରପଞ୍ଚ ରୀନା ମିଶ୍ର, ସମିତି ସଭ୍ୟ ରଘୁନାଥ ସାହୁ, ପୁରୀ ଜିଲା ପି.ଡି. ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନିମାପଡ଼ା ବ୍ଲକର ଶାଇଁସଶାସନ, କୋଟକୋସାଙ୍ଗ, ଅଲଣ୍ଡା, ସଲଙ୍ଗ, ମିଟେଇପୁର ଆଦି ୫ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଏହି ସେବାରେ ଗ୍ରାମାଞ୍ଚଳର ଜନସାଧାରଣ ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, ଯୁବନେତା ରାମଚନ୍ଦ୍ର ମିଶ୍ର, ଆମୋନି ରଥ ପ୍ରମୁଖ ଯୋଗ ଦେଇଥିଲେ। ଶାଇଁସଶାସନ, କୋଟକୋସାଙ୍ଗ, ଅଲଣ୍ଡାରେ ବ୍ୟାଙ୍କ ଅଫ ବରୋଦା ବ୍ୟାଙ୍କ ସେବା ଏବଂ ସଲଙ୍ଗ, ମିଟେଇପୁରରେ ୟୁକୋ ବ୍ୟାଙ୍କ ସେବା ଉପଲବ୍ଧ ହେବ। ଡେଲାଙ୍ଗ ବ୍ଲକର ଜେନାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ବ୍ୟାଙ୍କ ସେବାର ଶୁଭ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀତିଶ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷ ଦୁର୍ବଶା ନିଶଙ୍କ, ସମିତି ସଭ୍ୟା ସତ୍ୟଭମା ଜେନା, ରେଞ୍ଚ ସମିତି ସଭ୍ୟ ପ୍ରଭାତ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଯୋଧନ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ୍, ବ୍ୟାଙ୍କ କର୍ମଚାରୀ ଗୋପୀନାଥ ବରାଳ, ଗ୍ରାମ୍ୟ ରୋଜଗାର ସେବକ ପବିତ୍ର ପରିଡ଼ା ପ୍ରମୁଖଙ୍କ ସମେତ ମିଶନ ଶକ୍ତି ମହିଳା ମହାସଂଘ ସଦସ୍ୟା ଉପସ୍ଥିତ ଥିଲେ। ସେହିପରି ଗଡମୋଟରୀ ଓ ସୁଜନପୁର ପଞ୍ଚାୟତରେ ମଧ୍ୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟର ଶୁଭାରମ୍ଭ ହୋଇଯାଇଛି।




ପିପିଲିଠାରେ ଆୟୋଜିତ ଆମ ବ୍ୟାଙ୍କ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ସାଇବର ଅପରାଧ ସଂକ୍ରାନ୍ତ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି ।

ପୁରୀ, ୨୮।୧୧(ଅଜିତ୍ ମହାନ୍ତି):

ପୁରୀ ଜିଲା ବରିଷ୍ଠ ନାଗରିକ ଫୋରମ ଏବଂ ମାରୁତି ନଗର ଉନ୍ନୟନ ପରିଷଦର ମିଳିତ ଆନୁକୂଲ୍ୟରେ ମାରୁତି ନଗର କଲ୍ୟାଣ ମଣ୍ଡପରେ ସ୍ୱାସ୍ଥ୍ୟ ସଚେତନ ଓ ସାଇବର ଅପରାଧ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ଫୋରମର ସଭାପତି ଡ. କାର୍ତ୍ତିକ କୁମାର ଦାସ ସଭାପତିତ୍ୱ କରିଥିଲେ। ଉତ୍କଳ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡାକ୍ତର ଉତ୍କଳ ବରଦ ପାତ୍ର ଓ ଅରୁନ୍ଧତୀ ମିଶ୍ର ଯୋଗଦେଇ ମୂତ୍ରାଶୟଜନିତ ସମସ୍ୟାର ନିରାକରଣ ଉପରେ ଆଲୋଚନା କରିଥିଲେ। ସେହିପରି ସାଇବର ଅପରାଧ ସମ୍ପର୍କିତ କର୍ମଶାଳାକୁ ହେଲ୍ପ ଏଜ୍ ଇଣ୍ଡିଆର ରାଜ୍ୟ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଓ ତାଙ୍କ ସହଯୋଗୀ ବୃନ୍ଦ ପରିଚାଳନା କରିଥିଲେ। ଫୋରମ ସମ୍ପାଦକ ଦେବେନ ଦାଶ, ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭଜନ ସମାରୋହ

ପିପିଲି,୨୮।୧୧(ଦୁର୍ଗାମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପଞ୍ଚମସ ଗ୍ରାମରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ପରି ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମା' ମଙ୍ଗଳା ପୂଜା କମିଟି ଆନୁକୂଲ୍ୟରେ ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଆଧ୍ୟାତ୍ମିକ ଆଲୋଚନା ସଭା ହୋଇଥିଲା। ଏଥିରେ ଡ. ପ୍ରତିଭା ମହାରଥୀ, ଅର୍ଜୁନ ଘଡ଼େଇ, ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର, ଜିଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ, ସାମାଜିକ କର୍ମୀ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ, ସମାଜରେ ଧାର୍ମିକ ଚେତନାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମ ରାସ୍ତା ଓ ମଙ୍ଗଳାଙ୍କ ପୀଠର ଉନ୍ନତି ପାଇଁ ଲୋକ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବରେ ଗ୍ରାମର ବରିଷ୍ଠ ବ୍ୟକ୍ତି, ସାମାଜିକ କର୍ମୀ ଓ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସାଧୁଚରଣ ସାହୁ, ସନ୍ତୋଷ ଜେନା, ଅଶୋକ ମଲ୍ଲିକ ପରିଚାଳନା କରିଥିଲେ। ମନ୍ମଥ ଦାଶ ଧନ୍ୟବାଦ ଦେଇଥିଲେ। ସମସ୍ତଙ୍କ ପାଇଁ ମା' ମଙ୍ଗଳାଙ୍କ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ବାଳାଶ୍ରମ ପିଲା ବୁଲିଲେ ସୂର୍ଯ୍ୟମନ୍ଦିର

ପୁରୀ,୨୮।୧୧(ଅଜିତ ମହାନ୍ତି):

ଭ୍ରମଣ ଦ୍ୱାରା ମଣିଷ ଚିନ୍ତାରୁ ମୁକ୍ତି ପାଇବା ସହ ମାନସିକ ସ୍ଥିରତା ରହିଥାଏ। ଏହି ଲକ୍ଷ୍ୟ ନେଇ ପୁରୀର ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପରିବାର ପକ୍ଷରୁ ଆଦୃତ ବାଳାଶ୍ରମର ୧୯ଜଣ ପିଲାଙ୍କୁ ନେଇ କୋଣାର୍କ ସୂର୍ଯ୍ୟମନ୍ଦିର ସହ ମ୍ୟୁଜିୟମ, ରାମଚଣ୍ଡୀ ମନ୍ଦିର, ଚନ୍ଦ୍ରଭାଗା ପରିଦର୍ଶନ କରାଯାଇଛି। ଏହି ଅବସରରେ ପିଲାଙ୍କୁ କ୍ୟାରମ, ଫୁଟବଲ ଖେଳିବା ନିମନ୍ତେ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ମନୋରଞ୍ଜନ ରଥ, ସସ୍ମିତା ଜେନା, ଝିମ୍ପିରାଣୀ ମିଶ୍ର, ସନ୍ତୋଷୀ ଭୋଇ, କଳ୍ପନା ଦାସ, ତୃପ୍ତିମୟୀ ସ୍ୱାଇଁ, ତିଳୋତ୍ତମା ଧଳ, ରଶ୍ମି ନାୟକ, ଜିତେନ୍ଦ୍ର ପାତ୍ର, ଦିଲୀପ ଚିନ୍ହରା, ଗଜେନ୍ଦ୍ର ସେନାପତି, ଆଦର୍ଶ ମିଶ୍ର, ଜଗନ୍ନାଥ ପଣ୍ଡା, ଆଶିଷ ସାହୁ, ଚିତ୍ତରଞ୍ଜନ ଜେନା, ଅଶ୍ୱିନୀ ସ୍ୱାଇଁ, ବିଟୁ ମହାରଣା, ନିରଞ୍ଜନ ଜେନା ସପନ ଜାନା ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଙ୍ଗଳବାର ସୁଧା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାସ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଆଜି ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

କଣାସ, ୨୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବୁଧବାର ପୁରୀ ଜିଲା ପ୍ରଶାସନ ସମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ପୂର୍ବରୁ ଯେଉଁମାନେ ଚିହ୍ନଟ ହୋଇନାହାନ୍ତି ସେମାନେ ଆସିବାକୁ ବିଡିଓ ନାରାୟଣ ସାହୁ ଅନୁରୋଧ କରିଛନ୍ତି। ଏହି ଚିହ୍ନଟ ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ରହୁଥିବାରୁ ଚକ୍ଷୁ, କର୍ଣ୍ଣ, ବାକ୍‌ରହିତ, ଶାରିକ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନେ ଉପସ୍ଥିତ ହୋଇ ପରୀକ୍ଷା ନିରୀକ୍ଷା କରିବା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯିବ। ଯେଉଁ ଭିନ୍ନକ୍ଷମ ବ୍ୟକ୍ତିମାନେ ପୂର୍ବରୁ ହାତଲେଖା ପ୍ରମାଣପତ୍ର ପାଇଛନ୍ତି ସେମାନେ ମଧ୍ୟ ଶିବିରରେ ଯୋଗଦେଇ ନୂତନ ପ୍ରମାଣପତ୍ର ନେବାପାଇଁ ବିଡିଓ ଅନୁରୋଧ କରିଛନ୍ତି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ପାଠଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଚାରିଛକ, ୨୮।୧୧(ଶିଶିର ସ୍ୱାଇଁ):

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ସଂସ୍କୃତ ସମ୍ମାନ ବିଭାଗ ଆନୁକୂଲ୍ୟରେ ବାର୍ଷିକ ପାଠଚକ୍ର ଶୀର୍ଷକ 'ଶାକୁନ୍ତଳେ ଅଭିଜ୍ଞାନମ୍' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ସନ୍ତୋଷ ମିତ୍ର ଯୋଗ ଦେଇ କବି କାଳିଦାସଙ୍କ ସର୍ବୋଚ୍ଚ ଅଭିଜ୍ଞାନ ଶାକୁନ୍ତଳମ୍ ବୋଲି ମତ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମି ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ସାଧନ ବ୍ୟକ୍ତି ଭାବେ ଅଧ୍ୟାପିକା ପ୍ରଫେସର ଜ୍ୟୋତ୍ସ୍ନା ମହାରଣା ଯୋଗଦେଇ ଶାକୁନ୍ତଳେ ଅଭିଜ୍ଞାନଂ ଉପରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିବା ସହ ଆଧୁନିକ ସମାଜରେ ଅଭିଜ୍ଞାନ ଶାକୁନ୍ତଳା ନାଟକର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ପୂର୍ଣ୍ଣିମା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକ, ଇଂଲିଶ ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପକ ଲକ୍ଷ୍ମଣ ବେହେରା, ଶର୍ମିଷ୍ଠାରାଣୀ ମହାନ୍ତି, ସିପ୍ରାରାଣୀ ମହାପାତ୍ର, ସୁନୀତା ନାୟକ, ସ୍ୱାଧୀନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଜୀବନ ଦାସ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କ ଆରୋଗ୍ୟ କାମନା କରି ମନ୍ଦିରରେ ଦୀପଦାନ

ଡେଲାଙ୍ଗ,୨୮।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କଲ୍ୟାଣପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶରତ ସାହୁଙ୍କ ଆସୁ ଆରୋଗ୍ୟ କାମନା କରି ବିଦ୍ୟାଳୟ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଗ୍ରାମ ଦେବତୀ ମା' ଜାଗୁଳାଇଙ୍କ ମନ୍ଦିର ପରିସରରେ ମଙ୍ଗଳବାର ଦୀପଦାନ କରିଛନ୍ତି। ସୂଚନା ଥାଉକି, ସାହୁ ବ୍ରେନ୍ ଟ୍ୟୁମର ରୋଗରେ ପିଡୀତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ତାଙ୍କର ଅପରେସନ ହେବାକୁ ଥିବାବେଳେ ତା'ର ସଫଳ କାମନା କରି ଦୀପଦାନ କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଶଶୀବାଳା ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମବାସୀ ଚକ୍ରଧର ପ୍ରଧାନ, ଜମ୍ବେଶ୍ୱର ମୁଦୁଲି, ସତ୍ୟାନନ୍ଦ ପ୍ରଧାନ, ବିଶ୍ୱଜିତ୍ ପଟ୍ଟନାୟକ, ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ନବମ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ

ପିପିଲି,୨୮।୧୧(ଦୁର୍ଗାମାଧବ ମିଶ୍ର)

ବଳଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀ କୂଳରେ ଅବସ୍ଥିତ ନାହାମଙ୍ଗପାଟଣା ଗ୍ରାମରେ ନବମ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପିପିଲି ବିଧାୟକ ତଥା ବୋଇତ ବନ୍ଦାଣ ଉତ୍ସବ ପରିଚାଳନା କମିଟି ଅଧ୍ୟକ୍ଷ ରୁଦ୍ରପ୍ରତାପ ମହାରଥୀ ଏହାର ଉଦ୍‌ଯାପନ କରିଥିଲେ। ଉତ୍ସବରେ ଏତିଥି ଭାବେ ଓଲିଉଡ୍ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର, ସମାଜ ସେବୀ ମହେଶ୍ୱର ରାଉତ, ଜାଗୃତି ପଣ୍ଡା ମହାରଥୀ, ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, କମିଟି ଉପଦେଷ୍ଟା ପ୍ରଦୀପ ମିଶ୍ର, ବୈରାଗୀ ଜେନା, ପ୍ରସନ୍ନ ସାହୁ, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଯୁବ ଖବରଦାତା ମାନସ ରଞ୍ଜନ ଦାଶ ଓ ରାଜ ପ୍ରସାଦ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୮ଟି ସ୍ୱୟଂସହାୟକ ଗୋଷ୍ଠୀ ଷ୍ଟଲ ପକାଇଥିଲେ। ପ୍ରମୋଦିନୀ ବେହେରା, ସୁବ୍ରତ ମହାପାତ୍ର, ରଞ୍ଜୁ ମହାନ୍ତି, ୟୁଥ୍ କ୍ଲବ ସଭାପତି ଧନେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶୀ, ସାନ୍ତାଳୀ, ପାଇକ ଆଖଡ଼ା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

## ଆବାସ ଯୋଜନାରୁ ବଞ୍ଚିତ ଆଶା

-ପରିବାର ସହ ଗାଁ କୋଠଘରେ ଆଶ୍ରୟ ନେଇଛନ୍ତି

କଣାସ,୨୮।୧୧(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ସାହୁପୁର ଗ୍ରାମର ଭୂମିହୀନ ଆଶା ସାହୁଙ୍କ ନିଜସ୍ୱ ଗୃହ ନ ଥିବାରୁ ଗ୍ରାମବାସୀ ତାଙ୍କୁ କୋଠଯାଗାରେ ଘରକରି ଚଳିବାକୁ ଜାଗା ଦେଇଥିଲେ। ଆଶା ସେଠାରେ ପଲିଥିନରେ ଘର କରି ଫନୀ ବାତ୍ୟା ପରଠାରୁ ରହିଆସୁଥିଲେ। ଉକ୍ତ ଘରଟି ୪ଦିନ ହେଲା ଭୁଶୁଡ଼ିପଡ଼ିଥିବାରୁ ଗ୍ରାମବାସୀ ମଙ୍ଗଳବାର କୋଠଘରେ ଚଳପ୍ରଚଳ କରିବାକୁ ତାଙ୍କୁ ଜାଗାଦେଇଛନ୍ତି। ଆଶାଙ୍କ ୮ ପରିବାର ସଦସ୍ୟ ଥିବାବେଳେ ସ୍ୱାମୀ ଓ ପୁଅ ଦିବ୍ୟାଙ୍ଗ ହୋଇଥିବାରୁ ସେ ପରିବାର ପ୍ରତିପୋଷଣ ପାଇଁ ହଇରାଣ ହେଉଛନ୍ତି। ଫନୀ ବାତ୍ୟାରେ ସେ ବାସଗୃହ ହରାଇବା ପରେ ପକ୍କାଘର ପାଇଁ ବାରମ୍ବାର ପ୍ରଶାସନକୁ ଗୁହାରି ଜଣାଇ ନିରାଶ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ କୃତଜ୍ଞତା

ପୁରୀ,୨୮।୧୧(ଅଜିତ ମହାନ୍ତି)

ହବିଷିଆଳିମାନଙ୍କ ଏକ ମାସର ରାଇଦାମୋଦର ବ୍ରତ ବା କାର୍ତ୍ତିକ ବ୍ରତ କାର୍ତ୍ତିକ ପୂର୍ଣ୍ଣିମାରେ ଶେଷ ହୋଇଛି। ବ୍ରତ ଶେଷ କରି ହବିଷିଆଳିମାନେ ନିଜ ନିଜ ଘରକୁ ଫେରିଛନ୍ତି। ଏକ ମାସ ଧରି ସରକାରଙ୍କ ପକ୍ଷରୁ ସେମାନଙ୍କୁ ସୁବିଧାରେ ରହଣି, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ, ପ୍ରବଚନ ଇତ୍ୟାଦି, ସୁରକ୍ଷା, ଯାତାୟାତ ପାଇଁ ଗାଡ଼ି, ଚିକିତ୍ସା ଏବଂ ଏକାଦଶୀରେ ଫଳ ଆହାର ବ୍ୟବସ୍ଥା ଇତ୍ୟାଦିକୁ ଶୃଙ୍ଖଳିତ ଭାବେ କରାଯାଇଥିଲା। ଏହା ଯେପରି ବିନା ତ୍ରୁଟିରେ ସମାପନ ହେବ ସେଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକାଧିକ ଥର ବୈଠକ ବସିବା ସହ ବରିଷ୍ଠ ଅଧିକାରୀମାନଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀ, ମନ୍ଦିର ପରିଚାଳନା କମିଟି ସଦସ୍ୟ, ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ,ସୁରକ୍ଷା ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ଆଶାକର୍ମୀ, ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ, କଳା ପରିବେଷଣ କରିଥିବା କଳାକାର ବୃନ୍ଦ, ସଫେଇ କର୍ମଚାରୀ ପ୍ରମୁଖଙ୍କ ସହଯୋଗରେ ଏହି ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ସହଜ ଓ ଶୃଙ୍ଖଳିତ ହୋଇପାରିଥିଲା। ଏଥିପାଇଁ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡା. କନୱର ବିଶାଲ ସିଂ ଏବଂ ବରିଷ୍ଠ ଅଧିକାରୀମାନେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଦେଇଛନ୍ତି। ସେହିପରି ଏହି କାର୍ଯ୍ୟରେ ସହଯୋଗ କରିବା ସହ ଆଉ କ'ଣ କରାଗଲେ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରିବ ସେଥିପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତାହାକୁ ଉନ୍ନତ କରିଥିବାରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି। ୩ ହଜାରରୁ ଉର୍ଦ୍ଧ୍ୱ ମା'ମାନେ ମାସ ସାରା ସମସ୍ତଙ୍କୁ ସହଯୋଗ କରିଛନ୍ତି ଏବଂ ବ୍ରତ ଓ ପୂଜା ମାଧ୍ୟମରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି ସେଥିପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ବ୍ରତ ଆରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହବିଷିଆଳି ବ୍ରତ ଉଦଘାଟନ କରିବା ସହ ମା'ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶାସନ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଜିଲାପାଳ ଏବଂ ଏସ୍‌ପି ଧନ୍ୟବାଦ ଦେଇଛନ୍ତି।

## ଚାନ୍ଦୁଆ କାରିଗରି, ପଟ୍ଟଚିତ୍ର ତିଆରି ଶିଖିଲେ ଛାତ୍ରୀଛାତ୍ର

ପିପିଲି,୨୮।୧୧
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଭାରତ ସରକାରଙ୍କର ବସ୍ତ୍ର ମନ୍ତ୍ରଣାଳୟ ବିଭାଗର ପିପିଲିର ବିଶ୍ୱ ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପର ପ୍ରସାର ଓ ବିକାଶ ନିମନ୍ତେ ଜୟ ଜଗନ୍ନାଥ ଆପ୍ଲିକ୍ୟୁ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ୩ ଦିନ ଧରି ଏକ ପ୍ରଦର୍ଶନୀ ମେଳା ଏବଂ ସଚେତନତା କାଯ୍ୟକ୍ରମ ପିପିଲି ବ୍ଲକ ନହଳାପଡ଼ା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ପ୍ରଧାନ ଯୋଗଦେଇ ଚାନ୍ଦୁଆ ଶିଳ୍ପ ସମ୍ପର୍କରେ ନିଜର ମତ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କର ବସ୍ତ୍ର ମନ୍ତ୍ରଣାଳୟର ବରିଷ୍ଠ ସହକାରୀ ନିର୍ଦ୍ଦେଶକ କୁମାର ପ୍ରମେନ୍ଦ୍ର ସିହ୍ନା ଯୋଗଦେଇ କାଯ୍ୟକ୍ରମର ଆଭିମୁଖ୍ୟ ବାବଦରେ କହିଥିଲେ। କେନ୍ଦ୍ର ସରକାର ଚାନ୍ଦୁଆ ଶିଳ୍ପ ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି। ତେଣୁ ଯେଉଁମାନେ ଆବଶ୍ୟକତା କରିବେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ସିହ୍ନା କହିଥିଲେ। ଅନ୍ୟତମ ଅତିଥି ଭାବରେ ଶାମୁକା ଶିଳ୍ପୀ ଜଗନାଥ ମହାପାତ୍ର, ନହଳାପଡ଼ା ପ୍ରଧାନ ଶିକ୍ଷକ ଅମୀୟ ରଞ୍ଜନ ରାଉତ, ଜୟ ଜଗନାଥ ଆପ୍ଲିକ୍ୟୁ ପ୍ରଡ୍ୟୁସର କମ୍ପାନୀର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରତ୍ୟେକ ସ୍କୁଲରେ ଆବଶ୍ୟକ ପ୍ରଶିକ୍ଷଣ ଗୃହ ଏବଂ ହସ୍ତଶିଳ୍ପ ଶିକ୍ଷା ପ୍ରଶିକ୍ଷକ ଯୋଗାଇ ଦେବାକପ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗିରିଜା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହାପରେ ଚାନ୍ଦୁଆ କାରିଗରୀ ଶାମୁକା ଶିଳ୍ପ ଏବଂ ପଟ୍ଟଚିତ୍ର ସମ୍ପର୍କରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଶିକ୍ଷା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଉତ୍ସୁକତାର ସହିତ ଏହି ଶିକ୍ଷା ଗ୍ରହଣ କରିଥିଲେ। କାଯ୍ୟକ୍ରମକୁ ବରିଷ୍ଠ ଖବରଦାତା ଦୀନବନ୍ଧୁ ବେହୁରା ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# କଂଗ୍ରେସ ପକ୍ଷରୁ ଡିସେମ୍ବର ୧ରେ ତୁଳସୀ ଯାତ୍ରା

ପୁରୀ, ୨୮।୧୧(ଅଜିତ ମହାନ୍ତି)

କଂଗ୍ରେସ ପକ୍ଷରୁ ଡିସେମ୍ବର ୧ରେ ତୁଳସୀ ଯାତ୍ରା ହେବାକୁ ଯାଉଛି। ଏନେଇ ମଙ୍ଗଳବାର ପୁରୀ ଭିଆଇପି ରୋଡସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଗଣତି ମଣତି ଓ ମରାମତି ଏବଂ ବେଦାନ୍ତ ଅଧିକୃତ ଜଗନ୍ନାଥଙ୍କ ଅମୃତମଣୋହୀ ଜମି ଓ ଚାଷୀଙ୍କ ଜମିକୁ ଫେରସ୍ତ ସମେତ ଅନ୍ୟାନ୍ୟ ୬ଟି ଦାବିକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ଗତ ଅକ୍ଟୋବର ୧୬ରେ ବିଶାଳ ସମାବେଶ ଓ ବିକ୍ଷୋଭ ଶୋଭାଯାତ୍ରା କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଅକ୍ଟୋବର ୨୯ ସୁଦ୍ଧା ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଯେହେତୁ ସରକାର ଏ ସମ୍ପର୍କରେ ପଦକ୍ଷେପ ନେଲେ ନାହିଁ ତେଣୁ ସେହି ୬ଟି ଦାବିର ସମାଧାନ ନିମନ୍ତେ ସାରା ରାଜ୍ୟରେ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ଗତ ନଭେମ୍ବର ୯ରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ମାତ୍ର ରାଜ୍ୟ ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ପିସିସି ନିଷ୍ପତ୍ତି ଅନୁଯାୟୀ, ଡିସେମ୍ବର ୧ରେ ତୁଳସୀ ଯାତ୍ରା କରାଯିବ ବୋଲି ପିସିସି ସଭାପତି ପଟ୍ଟନାୟକ ଘୋଷଣା କରିଛନ୍ତି। ରାଜ୍ୟର ସାଧାରଣ ଜନତା, ଜଗନ୍ନାଥପ୍ରେମୀ, ଭକ୍ତ, ଯୁବତୀ ଯୁବକ, ଛାତ୍ରୀଛାତ୍ର, ହବିଷିଆଳିଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। ଜିଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର ଓ ବ୍ଲକ ସଭାପତିମାନେ ବୁଥ୍, ୱାର୍ଡ ଓ ପଞ୍ଚାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ। ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏ ଗାଡ଼ିରେ ସଂଗୃହୀତ ତୁଳସୀକୁ ଡିସେମ୍ବର ୧ ସୁଦ୍ଧା ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଆଣିବେ। ଡିସେମ୍ବର ୧ରେ ସାରା ରାଜ୍ୟରୁ ସଂଗୃହୀତ ତୁଳସୀ ଏବଂ ସଜ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ। ଉକ୍ତଦିନ ଶ୍ରୀକ୍ଷେତ୍ରର ଶରଧାବାଲିଠାରେ ଜଗନ୍ନାଥପ୍ରେମୀ, ଭକ୍ତ, କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହେବେ ଏବଂ ଶୋଭାଯାତ୍ରାରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତୁଳସୀ ଅର୍ପଣ କରିବେ। ଯଦି ଏହି ଆନ୍ଦୋଳନ ପରେ ସରକାର ୬ଟି ଦାବି ପୂରଣ ନ କରିବେ ତେବେ ପରବର୍ତ୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ଶିବାନନ୍ଦ ରାୟ, ସୁଜିତ୍ ମହାପାତ୍ର, ବିନାୟକ ଦାସମହାପାତ୍ର, ଅମରେନ୍ଦ୍ର ପାଇକରାୟ, ନିରଞ୍ଜନ ରଥ, ସୁକାନ୍ତ ପ୍ରଧାନ, ସୌମ୍ୟ ଖୁଣ୍ଟିଆ ଏବଂ ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**୬ ଦଫା ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ**


କଟକ ବାଲିଯାତ୍ରା ପଡ଼ିଆ ଦୋଳି ନିକଟରେ ଲୋକଙ୍କ ଭିଡ଼।


ବାଲିଯାତ୍ରା ପଡ଼ିଆରେ ଡ୍ରାଗନ ଟ୍ରେନରେ ବସି ଦର୍ଶକ ମଜା ନେଉଛନ୍ତି।

# ପଡ଼ିଆରେ ଗ୍ରାମ୍ୟ ପରିବେଶ

କଟକ,୨୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ପଡିଆ ମଙ୍ଗଳବାର ଦ୍ୱିତୀୟ ଦିନରେ ଲୋକାରଣ୍ୟ ହୋଇଥିଲା। ପୂର୍ବାହ୍ନରେ କଟକ ବାହାରର ଲୋକମାନେ ବାଲିଯାତ୍ରା ବୁଲି ଘରକୁ ଫେରିଥିଲେ। ହେଲେ ସନ୍ଧ୍ୟାପରଠାରୁ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସାଙ୍ଗକୁ ଘରକରଣା ସାମଗ୍ରୀ କିଣିଥିଲେ। କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍ ସାଙ୍ଗକୁ ନାନା ରକମର ଆଇସ୍କ୍ରିମ, ଚାର୍ଟ, ଗୁପ୍‌ଚୁପ୍, ଠୁଙ୍କାପୁରୀ ଓ ଫାଷ୍ଟଫୁଡ୍ ଷ୍ଟଲରେ ଲୋକଙ୍କ ଭିଡ ଲାଗିଥିଲା। ଫୁଡ୍‌କୋର୍ଟ ଭିତରେ ଲୋକମାନେ ଅତ୍ୟନ୍ତ ଆଗ୍ରହର ସହ ନାନା ରକମର ଓଡ଼ିଆ ଖାଦ୍ୟ ପରିବାର ତଥା ସାଙ୍ଗସାଥୀଙ୍କ ସହ ଖାଇଥିଲେ। ମହାନଦୀ କୂଳରେ ପିଲାମାନେ ଘୋଡ଼ା ଏବଂ ଓଟ ପିଠିରେ ବସି ବୁଲିବା ସହ ରାମଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି ଓ ଡ୍ରାଗନ୍ ଟ୍ରେନରେ ବସି ଖୁସି ଅନୁଭବ କରିଥିଲେ। ସେହିପରି ବାଲିଯାତ୍ରାରେ କଟକ ଇନ୍ କଟକ ପାଭିଲିୟନରେ ଗ୍ରାମ୍ୟ ପରିବେଶ ସୃଷ୍ଟି କରାଯାଇଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା।


ବାଲିଯାତ୍ରା ପଡ଼ିଆ କଟକ ଇନ୍ କଟକ ପାଭିଲିୟନରେ ଗ୍ରାମ୍ୟ ପରିବେଶକୁ ଲୋକମାନେ ବୁଲି ଦେଖୁଛନ୍ତି।

# ବାଲିଯାତ୍ରାରେ ରୁଚି ଫ୍ରୋଜିଟ୍‌ର ଫୁଡ୍ କୋର୍ଟ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ଐତିହାସିକ କଟକ ବାଲିଯାତ୍ରାରେ ମସଲା ଉଦ୍ୟୋଗ ତଥା ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ 'ରୁଚି'ର ସହଯୋଗୀ ଉଦ୍ୟୋଗ ଫ୍ରୋଜିଟ୍ ପକ୍ଷରୁ ଚଳିତବର୍ଷ ଖାଦ୍ୟ ମଣ୍ଡପ ଖୋଲିଛି। ଦର୍ଶକଙ୍କ ରୁଚିକୁ ଦୃଷ୍ଟିରେ ରଖି ୮୦୦୦ ବର୍ଗଫୁଟ୍ ପରିମିତ ଅଞ୍ଚଳରେ ଅତ୍ୟାଧୁନିକ ଶୈଳୀରେ ଏହି ଫୁଡ୍ କୋର୍ଟ କରାଯାଇଛି। ଏଠାରେ ଏକକାଳୀନ ୧୫ଶହରୁ ୨ହଜାର ଗ୍ରାହକ ଏକସଙ୍ଗେ ବସି ଖାଦ୍ୟ ଗ୍ରହଣ କରିପାରିବେ। ଚଳିତବର୍ଷ ଫ୍ରୋଜିଟ୍ ପକ୍ଷରୁ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଡାଲ୍‌ମା, ରସାବଳୀ, ପୋଡ଼ପିଠା, ପଖାଳ ଓ ଚିଙ୍ଗୁଡ଼ି ସହ ବିରିୟାନୀ, ଚା' ଆଦି ସ୍ୱାଦିଷ୍ଟ ଖାଦ୍ୟର ସମ୍ଭାର ରହିଛି। ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇବା ଭଳି ଏଠାରେ ଲୋକମାନେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ ବୋଲି ରୁଚିର ନିର୍ଦ୍ଦେଶିକା ତଥା ଫ୍ରୋଜିଟର ପ୍ରତିଷ୍ଠାତ୍ରୀ ରଶ୍ମି ସାହୁ କହିଛନ୍ତି। ଫ୍ରୋଜିଟ୍‌ର ଏହି ସୁନ୍ଦର ଖାଦ୍ୟମଣ୍ଡପକୁ ଉଦ୍‌ଘାଟନ କରି କଟକ ମେୟର ସୁବାସ ସିଂ କହିଲେ, ସ୍ୱାସ୍ଥ୍ୟକର ପରିବେଶରେ ସମ୍ପୂର୍ଣ୍ଣ ଭରସାଯୋଗ୍ୟ ଖାଦ୍ୟ ଫ୍ରୋଜିଟ୍‌ରେ ଖାଇପାରିବେ। ରୁଚି ଫ୍ରୋଜିଟର ଏହି ଉଦ୍ୟମକୁ କଟକ ଅତିରିକ୍ତ ଆରକ୍ଷୀ ଉପାୟୁକ୍ତ ଅନୀଲ କୁମାର ମିଶ୍ର ପ୍ରଶଂସା କରିଛନ୍ତି।



# ଭାରତ ମସଲା ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ପ୍ରତିବର୍ଷ ଭଳି ଚଳିତବର୍ଷ ଭାରତ ମସଲା କମ୍ପାନୀ କଟକ ବାଲିଯାତ୍ରାରେ ୪ଟି ଷ୍ଟଲ ଖୋଲିଛି। ଉପର ପଡ଼ିଆରେ ୨ଟି ଏବଂ ତଳ ପଡ଼ିଆରେ ଖୋଲାଯାଇଥିବା ୨ଟି ଷ୍ଟଲକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ମେୟର ସୁବାସ ସିଂ ମଙ୍ଗଳବାର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ମାନ, ଗୁଣ ଓ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ନିକଟରେ ନିଜର ସ୍ଥିତି ବଜାୟ ରଖୁଥିବା ଭାରତ ମସଲା କମ୍ପାନୀ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ଫ୍ରିରେ ଯୋଗାଇ ଦେଉଛି। କ୍ରାଇଜୋନିକ ପଦ୍ଧତିରେ ମସଲା ପ୍ରସ୍ତୁତ କରି ଗୃହିଣୀଙ୍କୁ ଶିଳବଟା ମସଲାର ସ୍ୱାଦ ଦେଇ ଆସୁଥିବା ଏହି କମ୍ପାନୀର ଅନ୍ୟ ଅଫର ମଧ୍ୟରେ ୨ଶହ ଟଙ୍କାର ମସଲା କିଣିଲେ ପ୍ଲାଷ୍ଟିକ ମଗ, ୪ଶହ ଟଙ୍କାରେ ଷ୍ଟିଲ୍ ଗ୍ଲାସ୍, ୬ଶହ ଟଙ୍କାରେ ପ୍ଲାଷ୍ଟିକ କଣ୍ଟେନର, ୮ଶହ ଟଙ୍କାରେ ପ୍ଲାଷ୍ଟିକ ବାଲ୍‌ଟି, ୧୨ଶହ ଟଙ୍କାରେ ଷ୍ଟିଲ୍ ଥାଳି, ୩୫ଶହ ଟଙ୍କାରେ ହଟ୍‌କେସ ବା ଟିଫିନ ବାକ୍ସ, ୫ ହଜାର ଟଙ୍କାର ମସଲା କିଣିଲେ ୫ ଗ୍ରାମ ଓଜନର ରୁପା କଏନ ଓ ୧୦ ହଜାର ଟଙ୍କାର ମସଲା କିଣିଲେ ଦାମୀ କମ୍ବଳ ଉପହାର ସ୍ୱରୂପ ଦିଆଯାଉଛି। ସେହିପରି ପ୍ରତିଦିନ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନ୍ୟମାନେ।

## ବମ୍ପର ପ୍ରାଇଜରେ ଗ୍ରାହକ ପାଇବେ ୱାଶିଂମେଶିନ

ଜଣେ ଗ୍ରାହକ ୧ହଜାର ଟଙ୍କାର ମସଲା କିଣି କୁପନ ହାତେଇ ଲକି-ଡ୍ରରେ ନିଜର ଭାଗ୍ୟ ଚୟନ କରିପାରିବେ। ପ୍ରଥମ ବିଜେତାଙ୍କୁ ମାଇକ୍ରୋଓଭନ, ଦ୍ୱିତୀୟ ବିଜେତାଙ୍କୁ ସାଇକେଲ ଏବଂ ୩ୟ ବିଜେତାଙ୍କୁ ଗ୍ରାଇଣ୍ଡର ମିଳିବ। ଏହାସହ ଏକ ବମ୍ପର ପ୍ରାଇଜ୍ ଘୋଷଣା କରିଛନ୍ତି ଭାରତ ମସଲା କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା। ବମ୍ପର ପ୍ରାଇଜ୍ ସ୍ୱରୂପ ବିଜେତା ପାଇବେ ୱାଶିଂମେଶିନ। ଉଦ୍‌ଘାଟନୀ ଉତ୍ସବରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ, ଅରୁଣ କୁମାର ନାୟକ, ନବକୃଷ୍ଣ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଚଳିତବର୍ଷ ଭାରତ ମସଲା କମ୍ପାନୀ ଗ୍ରାହକଙ୍କ ପାଖରେ ନିଜ ଉତ୍ପାଦକ ସାମଗ୍ରୀ ପହଞ୍ଚାଇବା ପାଇଁ ଭୁବନେଶ୍ୱର, ପାରାଦୀପ ଓ ତିର୍ତ୍ତୋଲ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ବାଲିଯାତ୍ରାରେ ମଧ୍ୟ ଷ୍ଟଲ ଖୋଲିଥିବା ସୂଚନା ଦିଆଯାଇଛି।

## ଷ୍ଟଲରେ ଚଢ଼ାଉ, ୨ କୁଇଣ୍ଟାଲ ଖାଦ୍ୟ ନଷ୍ଟ

ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବାଲିଯାତ୍ରାର ବିଭିନ୍ନ ଖାଦ୍ୟ ଷ୍ଟଲରେ ଚଢ଼ାଉ କରାଯାଇଛି। ବିଶେଷକରି ୧୦୦ ଷ୍ଟଲ୍‌ରେ ଖାଦ୍ୟର ମାନ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଦୋକାନରେ ଖାଦ୍ୟର ମାନ ଠିକ୍ ନଥିବା ଦେଖିବାକୁ ମିଳିଥିଲା। ଫଳରେ ୨ କୁଇଣ୍ଟାଲରୁ ଅଧିକ ଖାଦ୍ୟ ନଷ୍ଟ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି । ପ୍ରକାଶଥାଉ କି, ବାଲିଯାତ୍ରାରେ ଲୋକମାନେ ଯେପରି ବାସି କିମ୍ବା ରଙ୍ଗଯୁକ୍ତ ଖାଦ୍ୟ ନ ଖାଆନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଖାଦ୍ୟର ମାନ ଯାଞ୍ଚକୁ ଅଧିକ କଡ଼ାକଡ଼ି କରିବା ଲାଗି ବିଭିନ୍ନ ଜିଲାରୁ ୧୦ରୁ ଊର୍ଦ୍ଧ୍ୱ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ୩ଟି ଖାଦ୍ୟ ସୁରକ୍ଷା ଯାଞ୍ଚବାହିନୀ ଗଠନ କରାଯାଇଛି। ପ୍ରତିଦିନ ଦୁଇ ବେଳା ଏହି ଅଧିକାରୀମାନେ ବିଭିନ୍ନ ଦୋକାନ ବୁଲି ଖାଦ୍ୟର ମାନ ଯାଞ୍ଚ କରିବେ।

# ନିଃଶୁଳ୍କ ଆଇନ ସେବା ପାଇବେ ଜନସାଧାରଣ

କଟକ,୨୮।୧୧ (କାର୍ତ୍ତିକ ସାହୁ)

ସମସ୍ତଙ୍କ ନିକଟରେ ଆଇନ ସହାୟତା ପହଞ୍ଚିପାରିବା ଓ ଆଇନ ସେବା ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ବାଲିଯାତ୍ରା ତଳପଡ଼ିଆରେ ଆଇନ୍ ସହାୟତା କେନ୍ଦ୍ର ଖୋଲାଯାଇଛି। ହାଇକୋର୍ଟର ବରିଷ୍ଠ ବିଚାରପତି ତଥା ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଅରିନ୍ଦମ ସିହ୍ନା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଖୋଲାଯାଇଥିବା ଏହି ଷ୍ଟଲକୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଆଇନ ବିଷୟରେ ଅଜ୍ଞତା ଯୋଗୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ କେତେକେ ନ୍ୟାୟ ପାଇପାରନ୍ତି ନାହିଁ। ସେମାନଙ୍କୁ ନିଃଶୁଳ୍କ ଆଇନ ସେବା ଯୋଗାଇଦେବା ପାଇଁ ଆଇନ ସେବା ପ୍ରାଧିକରଣ ଅହରହ ଉଦ୍ୟମ ଜାରି ରଖୁଛି ବୋଲି ଜଷ୍ଟିସ୍ ସିହ୍ନା ମତବ୍ୟକ୍ତ କରିଛନ୍ତି। ହାଇକୋର୍ଟର ଅନ୍ୟ ବିଚାରପତିବୃନ୍ଦ, କଟକ ଜିଲାପାଳ ନରହରି ସେଠୀ, ଉପଜିଲାପାଳ ଶିବ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଷ୍ଟଲରେ ଅସ୍ଥାୟୀ ସମ୍ମୁଖ କାର୍ଯ୍ୟାଳୟ, ମଧ୍ୟସ୍ଥତା କେନ୍ଦ୍ର ସହ ଓକିଲ ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଏଠାରେ ଆଗନ୍ତୁକ ବ୍ୟକ୍ତିଙ୍କୁ ଆବଶ୍ୟକ ସ୍ଥଳେ


ରାଜ୍ୟ ଆଇନ ସେବା ପ୍ରାଧିକରଣ ଷ୍ଟଲ୍‌କୁ ଜଷ୍ଟିସ୍ ଅରିନ୍ଦମ ସିହ୍ନା ଉଦ୍‌ଘାଟନ କରୁଛନ୍ତି।

## ରାଜ୍ୟ ଆଇନ ସେବା ପ୍ରାଧିକରଣ ଷ୍ଟଲ୍ ଉଦ୍‌ଘାଟିତ

ଆଇନ ସହାୟତା ଯୋଗାଇ ଦେବା ଓ ଆଇନ ସେବା ସମ୍ପର୍କିତ ବିଭିନ୍ନ ପ୍ରଚାର ପତ୍ର ଏବଂ ସରକାରୀ ଯୋଜନା ତଥ୍ୟ ସମ୍ବଳିତ ପ୍ରଚାରପତ୍ର ବିତରଣ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ଏହି ଅବସରରେ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଜୀବିକା କ୍ଷତିପୂରଣ ସହାୟତା, ୩ ଜଣଙ୍କୁ ଶିକ୍ଷା ସହାୟତା, ୧୮ ଜଣଙ୍କୁ ବିବାହ ପ୍ରୋତ୍ସାହନ ସହାୟତା, ୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ଓ ଶ୍ରମିକ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପସଚିବ ସ୍ମୃତିରଞ୍ଜନ ମହାପାତ୍ର, କଟକ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ରାଜ୍ୟ ଆଇନ ସେବା ପ୍ରାଧିକରଣ ସହସଚିବ ସୃଜନ ସାରସ୍ୱତଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ଓ ଜିଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆୟୁର୍ବେଦ ଚିକିତ୍ସା କେନ୍ଦ୍ର

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

କଟକ ବାଲିଯାତ୍ରା ତଳ ପଡ଼ିଆରେ ଚଳିତବର୍ଷ ଓଡ଼ିଶା ଆୟୁର୍ବେଦ ଭବନର ଚିକିତ୍ସା କେନ୍ଦ୍ର ବରିଷ୍ଠ ପ୍ରଫେସର ଡା. ସଂଗ୍ରାମ କେଶରୀ ପ୍ରଧାନ ଓ ବୈଲୋଚନ ଛାଟୋଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏଥିରେ ଗ୍ୟାସ୍, ଏସିଡିଟି, ବଦହଜମି, ଆଣ୍ଠୁଗଣ୍ଠି ଦରଜ, ଆମବାତ, ଗଣ୍ଠିବାତ ଇତ୍ୟାଦି ରୋଗ ପାଇଁ ଚିକିତ୍ସା ଓ ମାଗଣା ଔଷଧ ଯୋଗାଇଦିଆଯାଉଛି। ସୂଚନା ଥାଉକି, କବିରାଜ ସ୍ୱର୍ଗତ ବନମାଳୀ ଦାସଙ୍କ ଦ୍ୱାରା ୧୯୪୨ରେ ଓଡ଼ିଶା ଆୟୁର୍ବେଦ ଭବନ ନିର୍ମାଣ କରାଯାଇଥିଲା। ସେବେଠାରୁ ଏଠାରେ ନିରବଚ୍ଛିନ୍ନ ଭାବେ ଔଷଧ ପ୍ରସ୍ତୁତ କରାଯାଇଆସୁଛି। ବର୍ତ୍ତମାନ ମୁଖ୍ୟ ପରିଚାଳକ ବୈଦ୍ୟ ମନୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ୨୦୦ରୁ ଊର୍ଦ୍ଧ୍ୱ ଆୟୁର୍ବେଦ ଔଷଧ ତିଆରି ସହ ବିକ୍ରି କରାଯାଉଛି।



# ସତ୍ୟଜିତ୍‌ଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

କଟକ, ୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ପଡ଼ିଆର ଅକ୍ଷୟ ମହାନ୍ତି ମଞ୍ଚରେ ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନଙ୍କ 'ଜଗତରେ ପାଇବୁନି ଏମିତି ଠାକୁର ଟିଏ' ଗୀତରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ପରେ ସେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତ 'ଏ ଫଗୁଣ ତୁମେ...' ଗାନ କରି ଅକ୍ଷୟଙ୍କୁ ସ୍ମରଣ କରିଥିଲେ। ଏହାପରେ 'ଏଥର ଫଗୁଣେ ବଜେଇବି ବାଜା', 'ଫଗୁ ଫଗୁ ଏଇ ଆକାଶ ତଳେ', 'ହୃଦୟର ଏଇ ଶୂନ୍ୟତାକୁ', 'ଆପଣ ମାନେ ଖୁସି ତ', 'ପାର୍ଟି ହୋଲ୍ ନାଇଟ' ଭଳି ଅନେକ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଗୀତରେ ଦର୍ଶକ ଝୁମିଥିଲେ। ଏଥିସହ କଟକସ୍ଥିତ ଶ୍ରୀବିଦ୍ୟା ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ, ଡିସିସି କିଶନ ଟ୍ରାଇବାଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାନ୍ତାଳୀ ନୃତ୍ୟ, ଝାଡଖଣ୍ଡର ଇଜେଡସିସି ନଟରାଜ କଳାକେନ୍ଦ୍ର ପକ୍ଷରୁ ପାଇକ ନୃତ୍ୟ, ଭୁବନେଶ୍ୱରର ଆନନ୍ଦିତା ଦାସ ଓ ଗ୍ରୁପ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ପୁରୀର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଆହେ ନୀଳ..., କଟକ ଡେଭିଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ଫ୍ୟୁଜନ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ନୃତ୍ୟଗୁରୁ ବାସନ୍ତୀ ବୈଷ୍ଣବୀଙ୍କ ନିର୍ଦ୍ଦେଶନାରେ ଛତିଶଗଡ଼ ବିଳାସପୁର କଳାବିକାଶ କେନ୍ଦ୍ରର କଳାକାରମାନେ କଥକ ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମର ବିଶ୍ୱ ଜନନୀ କଳା ପରିଷଦ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ ଓଲିଉଡ୍ ଅଭିନେତା ଶୈଳେନ୍ଦ୍ର ସାମନ୍ତରାୟ। ସେ ଓ ତାଙ୍କର ୮ ଜଣିଆ ଟିମ୍ ଅନେକ ଲୋକପ୍ରିୟ ଗୀତରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ଏ ସମ୍ପର୍କରେ ନୃତ୍ୟଗୁରୁ ବାସନ୍ତୀ କହିଛନ୍ତି, ବାଲିଯାତ୍ରାରେ ପ୍ରଥମ ଥର ନୃତ୍ୟ ପରିବେଷଣ କରି ଅତ୍ୟନ୍ତ ଖୁସି ଲାଗୁଛି। କଳା ଓ ସଂସ୍କୃତିକୁ ନେଇ ମଞ୍ଚରେ ଏହି ନୃତ୍ୟ ପରିବେଷଣ କରିଥିଲୁ। ଏହାକୁ ଦେଖି ଦର୍ଶକମାନେ ଖୁସି ହୋଇଛନ୍ତି। ସେହିପରି କଣ୍ଠଶିଳ୍ପୀ ସତ୍ୟଜିତ୍ କହିଛନ୍ତି, ନିଜ ଜନ୍ମମାଟିରେ ସଙ୍ଗୀତ ପରିବେଷଣ କରିବାକୁ କିଏ ବା ଭଲ ନ ପାଇବ। ପିଲାବେଳେ ଘର ଲୋକଙ୍କ ସହ ବାଲିଯାତ୍ରା ଆସେ। ହେଲେ ଆଜି ପରିବାର ଲୋକ ମୋ ସଙ୍ଗୀତ ପରିବେଷଣ ଦେଖିବାକୁ ଆସିଛନ୍ତି। ଅକ୍ଷୟ ମହାନ୍ତି ମଞ୍ଚରେ ସଙ୍ଗୀତ ପରିବେଷଣ କରି ବହୁତ ଖୁସି ଲାଗୁଛି ବୋଲି ସେ କହିଛନ୍ତି।

ସେହିପରି ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ବସ୍ତି ଅଞ୍ଚଳର ପିଲାମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କୋରିଓଗ୍ରାଫର ମଲ୍ଲିକା ମିତ୍ର ଓ ଭକ୍ତିଲତା ରାମ୍‌ଙ୍କ ନିର୍ଦ୍ଦେଶନାରେ ୧୫ ଜଣ ଶିଶୁ କଳାକାର ନୃତ୍ୟ କରିଥିଲେ। ସେହିପରି କଣ୍ଠଶିଳ୍ପୀ ପଙ୍କଜ ଜାଲ୍ ଓ ସୁପ୍ରିୟା ସଙ୍ଗୀତ ପରିବେଷଣ କରିଥିଲେ।


ଅକ୍ଷୟ ମହାନ୍ତି ମଞ୍ଚରେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ସଂଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ମେଲୋଡ଼ି ଦେଖି ଫେରୁଥିବାବେଳେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ବାଲକାଟୀ,୨୮।୧୧(ମନୋଜ ମଣ୍ଡଳ)

ବାଲକାଟୀ ଭାର୍ଗବୀ ନଦୀପଠାରୁ ରବିବାର ବିଳମ୍ବିତ ରାତିରେ ମେଲୋଡ଼ି ଦେଖି ଘରକୁ ଫେରୁଥିବାବେଳେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଯୁବକ ସ୍ଥାନୀୟ ନୂଆପାଟଣା ଗ୍ରାମର ଶରତ ଖଟେଇଙ୍କ ପୁଅ ଆଲୋକ ରଞ୍ଜନ ଖଟେଇ(୩୫)। ଏନେଇ ଆଲୋକଙ୍କ ପକ୍ଷରୁ ବାଲକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏ ପୋଲିସ ମାମଲା ରୁଜୁ କରି ନ ଥିବା ଜଣାପଡ଼ିଛି। ଘଟଣା ଘଟିବାର ପ୍ରାୟ ୧୮ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ ନୀରବ ରହିଛି। ମଦ ବୋତଲ ମାଡ଼ରେ ଆଲୋକଙ୍କ ମୁଣ୍ଡ, ପେଟ ଓ ମୁହଁରେ ଗଭୀର ଆଘାତ ଲାଗିଛି। ଶରୀରର ବିଭିନ୍ନ ସ୍ଥାନରେ କାଚ ଖଣ୍ଡ ପଶିଯିବାରୁ ଆଲୋକ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଆଲୋକଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସାତକାଣିଆ ବେହେରା ସାହିର ଯୁବକଙ୍କ ସହିତ ଅନ୍ୟ ୪ଜଣ ଯୁବକ ଆଲୋକଙ୍କୁ ଆକ୍ରମଣ କରି ତାଙ୍କ ସୁନା ଚେନ ଓ ରୁପା ବ୍ରେସ୍‌ଲେଟ ଲୁଟି ନେଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି। ଏହି ଘଟଣାକୁ ନେଇ ମେଲୋଡ଼ି ହେଉଥିବା ସ୍ଥାନରେ ଚାପା ଉତ୍ତେଜନା ଦେଖାଦେଇଥିଲା। ବାଲକାଟୀ ଫାଣ୍ଡି ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ଅଭିଯୋଗକୁ ଥାନାକୁ ପଠାଇ ଦିଆଯାଇଛି। ଥାନାବାବୁ ଯାହା ନିଷ୍ପତ୍ତି ନେବେ।

### ଘରୁ ସୁନାଅଳଙ୍କାର ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୧୧(ସତ୍ୟଜିତ୍ ରାଉତ)

ଘରୁ ସୁନା ଅଳଙ୍କାର ଓ ଟଙ୍କା ଗହଣା ଚୋରି କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କାନାଲ ରୋଡସ୍ଥିତ କେଉଟ ସାହିର ପୂର୍ଣ୍ଣ ଚନ୍ଦ୍ର ବେହେରା ଓରଫ ପୁନିଆ (୩୨)। ତାଙ୍କଠାରୁ ୩ ହଜାର ୫୦୦ ଟଙ୍କା ଓ ବହୁ ସୁନା ଅଳଙ୍କାର ଆଦି ଜବତ ହୋଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ବ୍ରହ୍ମେଶ୍ୱରପାଟଣାର ସୁରଞ୍ଜନ କୁମାର ଦାସଙ୍କ ଘରୁ ନଭେମ୍ବର ୨୦ରେ ଅଭିଯୁକ୍ତ ଜଣଙ୍କ ଚୋରି କରିଥିଲେ। ସୁରଞ୍ଜନ ଓ ତାଙ୍କର ପରିବାର ସଦସ୍ୟମାନେ ମଧ୍ୟାନ ୧୨ଟାରୁ ଅପରାହ୍ନ ୨ଟା କେହି ନ ଥିବା ସମୟରେ ପୁନିଆ ତାଲା ଭାଙ୍ଗି ଘରେ ପଶି ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଯାଇଥିଲେ। ମଇଁଷିଖାଲ ବସ୍ତିରେ ଚୋରୀ ଗହଣା ବିକ୍ରି କରୁଥିବା ସମୟରେ ଧରାପଡ଼ିଥିଲେ।

# ବଚସାରୁ ଜଟଣୀ ତରାବୋଇରେ ବୋମାମାଡ଼

- ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ
- ଶାନ୍ତି ଫେରିବା ପାଇଁ ପୋଲିସର ପ୍ରୟାସ

ଜଟଣୀ/ଖୋର୍ଦ୍ଧା,୨୮।୧୧(ରବୀନ୍ଦ୍ର ନାଥ ମହାକୁଡ଼/ପ୍ରଭାତ ପାଣିଗ୍ରାହୀ)



ବୁଲି ବଜାରରେ ମୁତୟନ ହୋଇଥିବା ପୋଲିସ।

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମର ବୁଲି ବଜାରରେ ସୋମବାର ରାତିରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ସହ ବୋମାମାଡ଼ ହୋଇଛି। ଏଥିରେ କେତେଜଣ ଆହତ ହୋଇଥିବା ବେଳେ ରାସ୍ତାରେ ଥିବା କିଛି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ସଦସ୍ୟମାନଙ୍କୁ ବୁଝାଶୁଝା କରିଛି। ଅନ୍ୟପଟେ ଏହି ଘଟଣା ପରେ ବଜାରର କେତେକ ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଛି। ଅଞ୍ଚଳରେ ପୂର୍ବପରି କିପରି ଶାନ୍ତି ଫେରିବ ଚେଷ୍ଟା ଜାରି ରହିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

ସୂଚନା ମୁତାବକ, ସୋମବାର ରାତିରେ ବୁଲି ବଜାରରେ ଉଭୟ ଗୋଷ୍ଠୀର ଲୋକମାନେ ବୁଲାବୁଲି କରୁଥିଲେ। ଏହି ସମୟରେ କୌଣସି କଥାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କ ସହ ଅନ୍ୟ ଗୋଷ୍ଠୀର କେତେଜଣ ଲୋକଙ୍କର କଥା କଟାକଟି ହୋଇଥିଲା। ଏହାରି ମଧ୍ୟରେ ଗୋଟିଏ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଅନ୍ୟ ଗୋଷ୍ଠୀର ଲୋକମାନେ ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଫଳରେ ଘଟଣା ଉଗ୍ରରୂପ ନେଇଥିଲା। ଏହାରି ମଧ୍ୟରେ ବଜାରରେ ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ବୋମାମାଡ଼ କରିବା ସହ ପଥର ପିଙ୍ଗିଥିଲେ। ବୋମାମାଡ଼ରେ କିଛି ବାଇକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ପୋଲିସ ପକ୍ଷରୁ ଚେଷ୍ଟା ଜାରି ରହିଛି।

# ଆଞ୍ଚଳିକ ବିକାଶ ପରିଷଦ ସମ୍ବର୍ଦ୍ଧିତ



ପୁରୁଣା ଭୁବନେଶ୍ୱର,୨୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ନୂଆଗାଁର ଆଞ୍ଚଳିକ ବିକାଶ ପରିଷଦକୁ କାପୋକ୍ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନକୁ ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ଅକ୍ଷୟ ସ୍ୱାଇଁ, କୋଷାଧ୍ୟକ୍ଷ ତପନ ବରାଳ, ପ୍ରସନ୍ନ ମିଶ୍ର, ବିଷ୍ଣୁ ଚରଣ ବିଶ୍ୱାସ, ମନୋଜ ବରାଳ, ଶରତ ବିଶ୍ୱାଳ, ବୈଶାଳିନୀ ପଟ୍ଟନାୟକ, ଆଲୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସତ୍ୟସୁନ୍ଦର ଦାସ ପ୍ରମୁଖ ଗ୍ରହଣ କରିଥିଲେ। ମଙ୍ଗଳବାର ନୂଆଗାଁ ପେଟ୍ରୋଲ ଟାଙ୍କି ନିକଟରେ ଥିବା ପରିଷଦର ଅସ୍ଥାୟୀ କାର୍ଯ୍ୟାଳୟଠାରେ ସଦସ୍ୟମାନେ ଯୋଗଦେଇ ଆଗକୁ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରାଯିବା ନେଇ ବୈଠକ ହୋଇଥିଲା। ଏଥିରେ ସଭାପତି ବୃନ୍ଦାବନ ସାହୁ ଅଧ୍ୟକ୍ଷତା କରିଥିଲେ।

# ସଫେଇ ହେଲା ବିନ୍ଦୁସାଗର




ପୁରୁଣା ଭୁବନେଶ୍ୱର,୨୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱରର ସାଂସ୍କୃତିକ ପରିଷଦ ଓ ଭୁବନେଶ୍ୱର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିନ୍ଦୁସାଗର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ଡଙ୍ଗା, ସୋଲ, ଆବର୍ଜନା ସଫେଇ କରାଯାଇଥିଲା। ରାଜ୍ୟ ସରକାର ଐତିହ୍ୟ ବିନ୍ଦୁସାଗରର ମାହାତ୍ମ୍ୟକୁ ସୁରକ୍ଷିତ ରଖିବାକୁ ସର୍ବଦା ଚେଷ୍ଟିତ। ସମସ୍ତେ ସଚେତନତାପୂର୍ବକ ଏହି ପୁଷ୍କରିଣୀର ଜଳ ସ୍ୱଚ୍ଛ ରଖିବାକୁ ସଙ୍କଳ୍ପ ନେବା ପାଇଁ ମନ୍ତ୍ରୀ ପଣ୍ଡା କହିଥିଲେ। କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଅଜିତ୍ ବେହେରା, ଅନୁଷ୍ଠାନର ଉପସଭାପତି ସମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ ବେହେରା, ଦାଶରଥି ଗରାବଡ଼ୁ, ସୁରେଶ ବାରିକ, ସୁବାସ ମହାପାତ୍ର, ସଞ୍ଜୟ ସାହୁ, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଜିତେନ୍ଦ୍ର ନନ୍ଦ, ବବୁନା ପଟ୍ଟନାୟକ, ବର୍କତ ତୁଲ୍ଲା, ପ୍ରକାଶ ନାୟକ, ନରେନ୍ଦ୍ର ମହାପାତ୍ର, ସୁଦର୍ଶନ ପ୍ରଧାନ, ଭିକାରୀ ମହାନ୍ତି, ରାଜେନ୍ଦ୍ର ସାହୁ, ହେମନ୍ତ ପ୍ରଧାନ, ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨୨ରୁ ହୀରାପୁର ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ

ବାଲକାଟୀ,୨୮।୧୧(ମନୋଜ ମଣ୍ଡଳ)

ଆସନ୍ତା ୨୨ରୁ ୨୫ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ହୀରାପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଏନେଇ ରବିବାର ମହାମାୟା ଯୁବ ପରିଷଦ ଆନୁକୂଲ୍ୟରେ ଷଷ୍ଠ (ଏଚ୍‌ପିଏଲ୍) ହୀରାପୁର ପ୍ରିମିୟର ଲିଗ ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ଟିମ୍‌ର ମାଲିକ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ପାଇଁ ୧୧୪ ଜଣ ଖେଳାଳି ଦରଖାସ୍ତ ଆବେଦନ କରିଥିଲେ। ଟୁର୍ନାମେଣ୍ଟ ଆଇପିଏଲ ଢାଞ୍ଚାରେ ଖେଳାଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ସତ୍ୟପ୍ରିୟ ବେହେରା ଯୋଗ ଦେଇଥିଲେ। ଚକ୍ରଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ପରିଷଦ ଉପଦେଷ୍ଟା ରବୀନ୍ଦ୍ରନାଥ ନାୟକ, ସଭାପତି ପ୍ରଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୪୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୩୦ ହଜାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ଶ୍ୟାମାଶଙ୍କର ମଠରେ କାର୍ତ୍ତିକ ବ୍ରତ

ପୁରୁଣା ଭୁବନେଶ୍ୱର,୨୮।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ହାଟସାହିସ୍ଥିତ ଶ୍ୟାମାଶଙ୍କର ମଠରେ ଏକମାସ ବ୍ୟାପୀ ଚାଲିଥିବା କାର୍ତ୍ତିକ ବ୍ରତ ଉଦ୍‌ଯାପିତ ହୋଇଯାଇଛି। କୋଲ୍‌କାତାର ମେଦିନାପୁର, ବାଲିପାଟଣା, ଭୁବନେଶ୍ୱରର ଅନେକ ଶ୍ରଦ୍ଧାଳୁ ଏହି ବ୍ରତ ରଖିବା ସହିତ ପ୍ରତ୍ୟହ ପ୍ରାତଃ ଓ ସନ୍ଧ୍ୟାରେ ଓଁକାର ନାଥ ସୀତାରାମ ଦାସଙ୍କ ନିକଟରେ ଭଜନ କୀର୍ତ୍ତନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧାଳୁମାନେ ଭୋରରୁ ବିନ୍ଦୁସାଗରରେ ଡଙ୍ଗା ଭସାଇବା ପରେ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ସହ ନଗର ପରିକ୍ରମା କରାଯାଇଥିଲା। ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲିଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିବା ବେଳେ ସଂଯୁକ୍ତା ସାମନ୍ତରାୟ, ସୁଷମା ପଟ୍ଟନାୟକ, ମଞ୍ଜୁଶ୍ରୀ ସାହୁ, ଚନ୍ଦା ଚାଟାର୍ଜୀ, ସ୍ନିଗ୍ଧା ମିତ୍ର, କୃପାସିନ୍ଧୁ ପାତ୍ର, ପ୍ରଶାନ୍ତ ପରିଡ଼ା, ରବୀନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ପାଢ଼ୀଙ୍କ ଦ୍ୱାରା ବିଷ୍ଣୁସହସ୍ର ନାମ ଓ ବିଷ୍ଣୁ ଭଜନ ପରିବେଷଣ କରାଯାଇଥିଲା।

# ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ବୋଇତ ବନ୍ଦାଣ




ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ତଥା ବାଲିଯାତ୍ରାର ଝଲକ ଏଠାରେ ଦେଖିବାକୁ ମିଳୁଛି। ୨ଦିନ ଧରି ପାଳନ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାହକ, ହାଉସିଂ ସୋସାଇଟିର ସଦସ୍ୟ ତଥା ମଲ୍ କର୍ମଚାରୀ ସାମିଲ ହୋଇଥିଲେ। ବୋଇତ ବନ୍ଦାଣ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏହା ବ୍ୟତୀତ ସାମ୍ବାଦିକ ସମ୍ପଦ ମହାପାତ୍ରଙ୍କ ଦ୍ୱାରା ଓରିଗାମୀ ୱାର୍କଶପ୍ ଆୟୋଜନ କରାଯାଇଥିଲା। ବୋଇତ ତିଆରି ଭଳି ସୁନ୍ଦର କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ପ୍ରଭାତରୁ ପରିବେଶ ଅନୁକୂଳ ଜଳାଶୟରେ ବୋଇତ ଭସାଇ ବୋଇତ ବନ୍ଦାଣର ଅନ୍ୟାନ୍ୟ ପାରମ୍ପରିକ ରୀତିନୀତି କରାଯାଇଥିଲା।

# ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ

ବାଲିଅନ୍ତା,୨୮।୧୧(ନୀଳମାଧବ ସାହୁ)

ରାଜ୍ୟ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ପାଣ୍ଡରା ଗ୍ରାମ ନିକଟ କୁଆଖାଇ ଓ ବାଲିଅନ୍ତା ରାମଚନ୍ଦ୍ରପୁର କାଜ ନିକଟ କୁଶଭଦ୍ରା ନଦୀରେ ଜଳ ସଂରକ୍ଷଣ ପ୍ରକଳ୍ପ (ବ୍ୟାରେଜ)ର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ୨ ପ୍ରକଳ୍ପର ଅଗ୍ରଗତି ଓ ଏହା ପାର୍ଶ୍ୱରେ ଥିବା ରାସ୍ତା, ନଦୀପଠାର ଉନ୍ନତୀକରଣ କାର୍ଯ୍ୟକୁ ମଙ୍ଗଳବାର ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଓ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ବୁଲି ଦେଖିଛନ୍ତି। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ୨ ଅଧିକାରୀ ଉପସ୍ଥିତ ଜଳସେଚନ ବିଭାଗ ଯନ୍ତ୍ରୀ ଓ ଠିକା ସଂସ୍ଥାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିବା ସହିତ ଏହାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ପ୍ରାଚୀନଦୀର ପୁନରୁଦ୍ଧାର କାର୍ଯ୍ୟ ନେଇ ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ରାଜଧାନୀବାସୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ଯୋଗାଣ, ଭୂତଳ ଜଳର ସଂରକ୍ଷଣ ସହ ପର୍ଯ୍ୟଟନ ବିକାଶ ହୋଇପାରିବ ବୋଲି ଅଧିକାରୀ ଆଶାବ୍ୟକ୍ତ କରିଥିଲେ। ଏହି ୨ ପ୍ରକଳ୍ପ ମଧ୍ୟରେ ଥିବା ଭୁବନପୁର ନଦୀପଠା ଭିତରକୁ ଯାଇ ଉପାଧ୍ୟକ୍ଷ ସିଂ ଏହାର ସବୁଜିମାଭରା ପରିବେଶ ଦେଖି ଖୁସି ବ୍ୟକ୍ତ କରିଥିଲେ। ୨ ନଦୀ ମଝିରେ ଥିବା ଏହି ପ୍ରାକୃତିକ ସୌନ୍ଦର୍ଯ୍ୟର ବିକାଶ ଉପରେ ସିଂ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, ବାଲିଅନ୍ତା ତହସିଲଦାର ବିମଳ ଲେଙ୍କା ଏବଂ ବିଡିଓ ପବିତ୍ର ସାମଲଙ୍କ ସମେତ ଜଳସେଚନ ଓ ଡ୍ରେନେଜ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧାରଣାରୁ ଉଠିଲେ କୃଷକ, ଶ୍ରମିକ

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ସଂଯୁକ୍ତ କୃଷକ ମୋର୍ଚ୍ଚା, କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡିକର ମିଳିତ ମଞ୍ଚ ତଥା ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ଗତ ୨୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମଜିରେ ଚାଲିଥିବା ୩ଦିନିଆ ମହାଧାରଣା ଓ କୃଷକ-ଶ୍ରମିକଙ୍କ ମିଳିତ ସମାବେଶ ମଙ୍ଗଳବାର ଶେଷ ହୋଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକର ମିଳିତ ମଞ୍ଚ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଏକ ୧୭ଜଣିଆ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ଶ୍ରମିକ ଓ କୃଷକ ସଂଗଠନଗୁଡିକ ପକ୍ଷରୁ ୪୦ଜଣ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ସମସ୍ତ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା, କୃଷି ଋଣ ଛାଡ଼, ଭାଗଚାଷୀଙ୍କୁ ଆଇନଗତ ଭାବେ ଚାଷୀର ମାନ୍ୟତା ଓ ଚାଷୀର ସୁବିଧା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୈନିକ ମଜୁରି ୬୦୦ଟଙ୍କାକୁ ବୃଦ୍ଧି କରିବା ସହିତ ସମସ୍ତ ବର୍ଗର ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୨୬ହଜାର ଟଙ୍କାର ମଜୁରି ପ୍ରଦାନ କରିବା ପାଇଁ ଦାବି କରିଥିଲେ। ସେହିପରି ଶ୍ରମିକ ବିରୋଧୀ ଲେବର କୋଡ୍ ଅବିଳମ୍ବେ ବାତିଲ କରିବା, ଆକାଶଛୁଆଁ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, କ୍ରମବର୍ଦ୍ଧିଷ୍ଣୁ ବେକାରି ସମସ୍ୟାର ସମାଧାନ କରିବା ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାକୁ ନେତୃବୃନ୍ଦ ଦାବି କରିଥିଲେ। ଏହି ଅବସରରେ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୨୧ ଦଫା ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।

# ଆରମ୍ଭ ହେଲା ରୋଭର ରେଞ୍ଜର ଫେଷ୍ଟ




ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରୋଭର ରେଞ୍ଜର ଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖାଦ୍ୟଯୋଗାଣ ଓ ସମବାୟ, ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ସଭାପତି ଅତନୁ ସବ୍ୟସାଚୀ ନାୟକ ଯୋଗଦେଇଥିଲେ। ଏହି ଶିବିର ଆଗାମୀ ଯୁବପିଢ଼ିମାନଙ୍କୁ ପ୍ରେରଣା ଦେବା ସହିତ ସଂପର୍କ ସ୍ଥାପନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଆଶାପୋଷଣ କରିଥିଲେ। ପ୍ରାରମ୍ଭରେ ୧୦ଟି ଜିଲାରୁ ୪୦୦ରୁ ଉର୍ଦ୍ଧ୍ୱ ରୋଭର ରେଞ୍ଜର୍ (ମହାବିଦ୍ୟାଳୟ ଛାତ୍ରୀଛାତ୍ର)ଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିବିରର ଉଦ୍ଦେଶ୍ୟ ତଥା ସଂଗଠନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅତିଥିଙ୍କୁ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର ଅବଗତ କରାଇଥିଲେ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ରୋଭର ରେଞ୍ଜରଙ୍କ ମଧ୍ୟରେ ଦଳଗତ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।


इंडियन बैंक Indian Bank
इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ସହ-ଋଣଗ୍ରହୀତା: ଶ୍ରୀମତୀ ରୋଜାଲିନ୍ ବିଶ୍ୱାଳ, ଉଭୟଙ୍କ ଠିକଣା: ସା-ବଡଗାଁ, ପୋ.: ତରତଙ୍ଗ, ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୮। | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୩୨୩ (ହାଲ ପ୍ଲଟ ନଂ.୧୦୫୪), ଖାତା ନଂ.୧୭୧ (ହାଲ ଖାତା ନଂ.୧୦୬), ଏରିଆ: ଏ୦.୦୧ ଡିସିମିଲି, ମୌଜା: ଇଶ୍ୱରପୁର, ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ବିକେଇ ଲେଙ୍କା, ଉତ୍ତର- ସତ୍ୟାନନ୍ଦ ଲେଙ୍କା, ଦକ୍ଷିଣ- ଯୋଗେନ୍ଦ୍ର ବିଶ୍ୱାଳ। | ୧୩.୧୧.୨୦୨୨ | ୨୪.୧୧.୨୦୨୩ | ତା.୦୯.୦୯.୨୦୨୨ରିଖ ସୁଦ୍ଧା ଟ.୧୯,୭୭,୨୧୪.୪୬ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ନଜିବ୍ ଇଷ୍ଟିଆକ୍ ଆଲାମ୍ ଖାନ୍, ପିତା: ଇକରାର ଖାନ୍, ସହ-ଋଣଗ୍ରହୀତା: ଶ୍ରୀମତୀ ଘଜାଲା ତାନ୍‌ଜିନ୍, ଉଭୟଙ୍କ ଠିକଣା: ସା- ଦେଉଳିଗ୍ରାମେଶ୍ୱର (ଅଖୁଣସାହି), ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | ଶ୍ରୀ ନଜିବ୍ ଇଷ୍ଟିଆକ୍ ଆଲାମ୍ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତି (ଜମି) ଯାହାର ଖାତା ନଂ.୪୮/୧୦୮, ପ୍ଲଟ ନଂ.୨୧୪/୭୬୯, ଏରିଆ: ଏ୦.୧୩ ଡିସିମିଲି, ମୌଜା: ଯୟବଡ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ଦିଲ୍‌ଦାର ଇଫତିୟାକ୍ ଆଲାମ ଖାନ, ପଶ୍ଚିମ- ଆଲ୍ଲାହ ବକ୍ସ ଏବଂ ଇକରାର୍ ବକ୍ସ, ଉତ୍ତର- ରାସ୍ତା, ଦକ୍ଷିଣ- ଅମିକ୍ ଇମ୍‌ତିଆକ୍ ଆଲାମ୍ ଖାନ୍। | ୦୧.୦୯.୨୦୨୩ | ୨୪.୧୧.୨୦୨୩ | ତା.୦୨.୦୯.୨୦୨୩ରିଖ ସୁଦ୍ଧା ଟ.୧୮,୧୩,୧୪୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in

L.No.13507/Estt. **ADVERTISEMENT** Date:12.10.2023

**No.CAD-3053:**Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in

L.No.15328/Estt. **OFFICE ORDER** Date:23.11.23

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023

**Bid Identification No.:P&C/EST/E-150/2023-24**

**NOTICE INVITING TENDER THROUGH e-Procurement**

**Name of the Work:**Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar
**Tender Value:**Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding From | Availability of Tender Online for Bidding To |
|---|---|---|---|---|
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/EST/E-150/2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0291/2324

**୯ କିଲୋ ଗଞ୍ଜେଇ ଜବତ :ଜଣେ ଗିରଫ**

ଆଠଗଡ଼,(ସତ୍ୟ ପ୍ରସାଦ ରଥ) :ଆଠଗଡ ଥାନା ତାରେଣୀ ଛକଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯ କିଲୋ ଗଞ୍ଜେଇ ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ମାରକଲି ଗ୍ରାମର ପ୍ରମୋଦ ଦିଗଲ (୩୮) । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଆଠଗଡ ଅବକାରୀ ଉପାଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଆଠଗଡ ଅବକାରୀ ଇନ୍ସପେକ୍ଟର ଅଭିରାମ ସାହୁ, ସବ୍‌ଇନ୍ସପେକ୍ଟର ସୌମ୍ୟରଞ୍ଜନ ମାଝି, ସନ୍ତୋଷ ମହାରଣା ଓ ସନାତନ ବେହେରା ପ୍ରମୁଖ ସାମିଲ ଥିଲେ।



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୮।୧୧ (ଅଶୋକ କୁମାର ମହାପାତ୍ର):

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମର ଜଣେ ଦଳିତ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବାବୁଜଙ୍ଗ ଗ୍ରାମର ଦଳିତ ଲକ୍ଷ୍ମୀଧର ବେହେରାଙ୍କ ପୁତ୍ର ରାଜକିଶୋର ବେହେରା ଓରଫ ବାପିନା (୨୮)। ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ବାପିନା ଚୌଦ୍ୱାର ମଙ୍ଗୁଳିସ୍ଥିତ ଏକ ତେଲ ଟାଙ୍କିରେ କାର୍ଯ୍ୟ କରନ୍ତି। ସୋମବାର ରାତିରେ ମଙ୍ଗୁଳିରୁ କାର୍ଯ୍ୟସାରି ସେ ଘରକୁ ଆସିଥିଲେ। ଏହି ସମୟରେ ବାପିନା ସ୍ଥାନୀୟ ଗ୍ରାମର ହନୁମାନ ପୀଠରେ ପ୍ରସାଦ ଖାଇବା ସହ ନିକଟରେ ହେଉଥିବା ମେଲୋଡି ଦେଖିଥିଲେ। ତେବେ ମଙ୍ଗଳବାର ସକାଳେ ସ୍ଥାନୀୟ ଭୂୟାଁସାହି ନିକଟ ଏକ କୁକୁଡା ଫାର୍ମ ପାଖରୁ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରିଥିବା କୁହାଯାଉଛି। ଏ ସମ୍ପର୍କରେ ବାପା ଲକ୍ଷ୍ମୀଧର କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ ସମ୍ପର୍କିତ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

### ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

କଣ୍ଟାପଡା, ୨୮।୧୧(ସୁରନାରାୟଣ ସାହୁ)

ବିଭିନ୍ନ ଦାବି ନେଇ କଣ୍ଟାପଡା ଭାଜପା ଶାଖା ପକ୍ଷରୁ ମଙ୍ଗଳବାର କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ୧୧ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଣ୍ଟାପଡା ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ ରଥ, ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ସୁକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ପଣ୍ଡା, କଣ୍ଟାପଡା ବ୍ଲକ ଅଧ୍ୟକ୍ଷା ଜିନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, କଣ୍ଟାପଡା ମଣ୍ଡଳ ସଭାପତି ପ୍ରଭାତ ମହାପାତ୍ର, କଟକ ଜିଲା ଓବିସି ସଭାପତି ପ୍ରତାପ ରାଉତରାୟ, ଜିଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱମ୍ଭର ଜେନା, ଗୋବିନ୍ଦପୁର ମଣ୍ଡଳ ସଭାପତି ବାବୁଲି ବେହେରାଙ୍କ ସମେତ ବହୁସଂଖ୍ୟକ ଭାଜପା କର୍ମୀ କଣ୍ଟାପଡା ହାଇସ୍କୁଲ ଛକଠାରୁ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବିରୋଧରେ ଆଲୋଚନା କରିଥିଲେ।

# ଜିଲାପାଳ ଚାଲିଯିବାରୁ ଆଇନଜୀବୀଙ୍କ ଧାରଣା

## ଜନ ଶୁଣାଣିରେ ୪୯ ଅଭିଯୋଗ

ବାଙ୍କୀ,୨୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବାଙ୍କୀ ଏନ୍‌ଏସି ବାତ୍ୟା ଆଶ୍ରୟସ୍ଥଳ ପ୍ରାଙ୍ଗଣରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନରହରି ସେଠୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ୪୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ଆବାସ ଯୋଜନା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ଅଭିଯୋଗର ଶୁଣାଣି କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ବାଙ୍କୀ ବ୍ଲକ ନୂଆଗାଁର ଦିବ୍ୟାଙ୍ଗ ପବିତ୍ର ପ୍ରଧାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ବାଙ୍କୀ ଉପଖଣ୍ଡ ଥାନା ଅଧିକାରୀ ଜ୍ଞାନ ମିଶ୍ର, ତହସିଲଦାର ଅଶେଷ କୁମାର ନାୟକ, ବାଙ୍କୀ ଏନ୍‌ଏସି ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ଉପଖଣ୍ଡସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅମ୍ଳାନ କୁମାର ଦାଶ, କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତିନିଧି ଡାକ୍ତର ଦୀପା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ମନସ୍ୱିନୀ ଦାଶ ଶିବିର ପରିଚାଳନା କରିଥିଲେ। ଜିଲାପାଳ ୪୯ ଜଣଙ୍କ ଅଭିଯୋଗ ଶୁଣିବା ପରେ ଆଉ କେହି ଅଭିଯୋଗକାରୀ ନ ଥିବାରୁ ଏକ ଜରୁରୀ କାମରେ କଟକ ଚାଲିଯାଇଥିଲେ। ଏହି ସମୟରେ ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା ସୁବର୍ଣ୍ଣପୁର ଗ୍ରାମର କିଛି ହିତାଧିକାରୀଙ୍କ ଏପ୍ରିଲ୍ ମାସର ରାଶନ୍ କାର୍ଡ ଚାଉଳ ସମସ୍ୟା ନେଇ ଆସିଥିଲେ। ତେବେ ଜିଲାପାଳ ଓ ଯୋଗାଣ ଅଧିକାରୀ ନ ଥିବାରୁ ସେ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଏହା ଶୁଣିବା ପରେ ବାଙ୍କୀ ଯୋଗାଣ ଅଧିକାରୀଙ୍କୁ ଡକାଇ ସମସ୍ୟା ସମ୍ପର୍କରେ ବୁଝିଥିଲେ। ୭ ଦିନ ଭିତରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପଣ୍ଡା ଧାରଣାରୁ ଉଠିଥିଲେ।

# ୪ ପ୍ରକଳ୍ପ ଉଦ୍‌ଘାଟିତ

କଟକ, ୨୮।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ୪ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମଧୁସୂଦନ ସେତୁର ଆଲୋକୀକରଣ, ବିଜୁ ପଟ୍ଟନାୟକ ପାର୍କ, ୱିଣ୍ଡସର୍ ପ୍ଲେସ ଓ ବାରବାଟୀ ଷ୍ଟାଡିୟମ ନିକଟରେ ସ୍ମାର୍ଟ ବସ୍‌ଷ୍ଟପ୍ ଉଦ୍‌ଘାଟନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ କରାଯାଇଛି। ପୂର୍ବାହ୍ନ ସାଢେ ୧୦ଟାରେ ମେୟର ସୁବାସ ସିଂ ପ୍ରଥମେ ମଧୁସୂଦନ ସେତୁର ଆଲୋକୀକରଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପରେ ସ୍ମାର୍ଟ ବସ୍ ଷ୍ଟପ୍‌ଗୁଡିକ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ସମେତ ବହୁ କର୍ପୋରେଟର ଓ ସିଏମ୍‌ସି ଅଧିକାରୀ ଉପସ୍ଥିତ ଥିଲେ।

କଟକ ସହରର ରୂପାନ୍ତରଣ କାର୍ଯ୍ୟକ୍ରମକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଉପରୋକ୍ତ ୪ ପ୍ରକଳ୍ପ ସହରବାସୀଙ୍କ ପାଇଁ ସହାୟକ ହେବ ବୋଲି ମେୟର ସିଂ କହିଛନ୍ତି। ପ୍ରକାଶଥାଉ କି ୨ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ମଧୁସୂଦନ ସେତୁ ଆଲୋକୀକରଣ କାର୍ଯ୍ୟ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଦ୍ୱାରା କରାଯାଇଥିଲାବେଳେ ସ୍ମାର୍ଟ ବସ୍‌ଷ୍ଟପ୍‌ଗୁଡିକ ୩୦ ଲକ୍ଷ ୩୪ ହଜାର ଟଙ୍କା ଲେଖାଏ ବ୍ୟୟରେ ଇଞ୍ଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନିର୍ମାଣ କରାଯାଇଛି।



ମଧୁସୂଦନ ସେତୁ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଆଠଗଡ଼କୁ ଜିଲା ଦାବି: ୭ରେ ବନ୍ଦ ଡାକରା

ଆଠଗଡ,୨୮।୧୨(ସତ୍ୟ ପ୍ରସାଦ ରଥ)




ବୈଠକରେ ଯୋଗଦେଇଥିବା ଆଠଗଡ଼ ଜିଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

ଆଠଗଡକୁ ଜିଲା ଦାବି ନେଇ ଅକ୍ଟୋବର ୩୦ରୁ ଆଠଗଡ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହୋସବ ପଡିଆ ଆଗରେ ପ୍ରତୀକାତ୍ମକ ଧାରଣା ଜାରି ରହିଛି। ଛୁଟିଦିନକୁ ଛାଡି ସବୁଦିନ ୨ ଘଣ୍ଟା ପ୍ରତୀକାତ୍ମକ ଧାରଣା ଦିଆଯାଉଛି। ମଙ୍ଗଳବାର ଆଠଗଡ ଜିଲା କ୍ରିୟାନୁଷ୍ଠାନ କମିଟି ଧାରଣା ଦେବାପରେ ସ୍ଥାନୀୟ ବାଉତି ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରାଣକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଡିସେମ୍ବର ୭ତାରିଖରେ ବାରଘଣ୍ଟିଆ ଆଠଗଡ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି। ଏହି ବୈଠକରେ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଫଣୀଭୂଷଣ ରଥ, ଆବାହକ ଲଲାଟେନ୍ଦୁ ସେନାପତି, ସମ୍ପାଦକ ଜଗଦାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ବିଜୟ ପରିଡା, ପ୍ରିୟବ୍ରତ ଦାସ, ସଭ୍ୟ ପ୍ରକାଶ ସେଠୀ, ନବକିଶୋର ନାୟକ, କୁବୁଲି ପଟ୍ଟନାୟକ, ମହେଶ ପ୍ରସାଦ ଦାଶ, ବେଣୁଧର ଜେନା, ସର୍ବେଶ୍ୱର ପଣ୍ଡା, ଓକିଲ ସଂଘ ସମ୍ପାଦକ ବନ ବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ବନ୍ଦକୁ ସଫଳ କରିବାପାଇଁ ସମସ୍ତେ ସହଯୋଗ କରିବା ପାଇଁ ସମ୍ପାଦକ ଜଗଦାନନ୍ଦ ତ୍ରିପାଠୀ ଅନୁରୋଧ କରିଛନ୍ତି।

## ବାଲ୍ୟବିବାହ ରୋକିବାକୁ ଯାଇ ଖାଲି ହାତରେ ଫେରିଲେ ଅଧିକାରୀ

ଆଠଗଡ଼,୨୮।୧୧(ସତ୍ୟ ପ୍ରସାଦ ରଥ)

ବାଲ୍ୟବିବାହ ହେଉଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ଅଭିଯୁକ୍ତମାନେ ଫେରାର ହୋଇଯିବାରୁ ପୋଲିସକୁ ଖାଲିହାତରେ ଫେରିବାକୁ ପଡ଼ିଛି। ଆଠଗଡ଼ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଧୁରୁକୁଡ଼ିଆ ଗ୍ରାମର ଏକ ମଙ୍ଗଳା ମନ୍ଦିରରେ ବାଲ୍ୟବିବାହ ଚାଲିଥିବା ଖବରପାଇ ଆଠଗଡ ସିଡିପିଓ ନିବେଦିତା ରାୟ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଲେ। ମାତ୍ର ସେଠାରେ କାହାରିକୁ ପାଇ ନଥିଲେ। ତେବେ ମନ୍ଦିରରେ ବିଭାଘର ସରଞ୍ଜାମ ଦେଖି ଜଣେ ଦୁଇ ଜଣଙ୍କ ଘରେ ଖୋଜାଖୋଜି କରିଥିଲେ ମାତ୍ର ବର ଓ କନ୍ୟାଙ୍କ ପିତା ମିଳି ନ ଥିଲା।

# ସଡ଼କ ସୁରକ୍ଷା ସଚେତନତା ଶିବିର

କଟକ,୨୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ପଡ଼ିଆରେ ଓଡ଼ିଶା ରୋଡ ସେଫ୍ଟି ସୋସାଇଟି ଓ ଆଞ୍ଚଳିକ ପରିବହନ ପ୍ରାଧିକାରୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପରିବହନ ଆୟୁକ୍ତ ଅମିତାଭ ଠାକୁର, କଟକ ଡିସିପି ପିନାକ ମିଶ୍ର, ଜିଲାପାଳ ନରହରି ସେଠୀ, ଅତିରିକ୍ତ ପରିବହନ ଆୟୁକ୍ତ ଇନ୍ଦ୍ରମଣି ନାୟକ, ଅତିରିକ୍ତ ପରିବହନ ଆୟୁକ୍ତ (ବୈଷୟିକ) ଧନଞ୍ଜୟ ସେନାପତି, ଅତିରିକ୍ତ ପରିବହନ ଆୟୁକ୍ତ (ସଡ଼କ ସୁରକ୍ଷା) ଲାଲମୋହନ ସେଠୀ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ବାଲିଯାତ୍ରାକୁ ଆସୁଥିବା ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧିତ ତଥ୍ୟ ପ୍ରଦାନ କରାଯାଉଛି। ସଡ଼କ ସୁରକ୍ଷା ଫଟୋ ବୁଥ୍ ଓ ସଡ଼କ ସୁରକ୍ଷା ଶପଥପାଠ ଆଦି କାର୍ଯ୍ୟକ୍ରମ କରାଯାଉଛି। ଶପଥପାଠରେ ଅଂଶଗ୍ରହଣ କରୁଥିବା ସମସ୍ତଙ୍କ ପାଇଁ ଲକି ଡ୍ର କୁପନ ମାଧ୍ୟମରେ ପ୍ରତିଦିନ ୨୦ ଜଣ ଲେଖାଏଁ ବିଜେତା ଘୋଷଣା କରାଯାଇ ହେଲ୍‌ମେଟ ଓ ଅନ୍ୟାନ୍ୟ ପୁରସ୍କାର ଦିଆଯାଉଅଛି। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଜିଲା ଏନ୍‌ଜିଓ ଫୋରମ୍‌ର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।




# ମେଢ଼ ଭସାଣ ବେଳେ ୨ ଗୋଷ୍ଠୀ ମୁହାଁମୁହିଁ, ୫ ଆହତ

କଟକ,୨୮।୧୧(କାର୍ତ୍ତିକ ସାହୁ)

## ବକ୍ସିବଜାରରେ କାର୍ତ୍ତିକେଶ୍ୱର ଭସାଣି

କାର୍ତ୍ତିକେଶ୍ୱର ମେଢ଼ ଭସାଣ ଉତ୍ସବ ଚାଲିଥିବା ବେଳେ ବକ୍ସିବଜାର ନିକଟରେ ୨ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଢେଲାପଥର ମାଡ଼ କରିଥିଲେ। ଏଥିରେ ୫ ଜଣ ଆହତ ହୋଇଥିଲେ। ଫଳରେ କିଛି ସମୟ ପାଇଁ ଶୋଭାଯାତ୍ରା ଅଟକି ରହିବା ସହ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ ଘଉଡାଇବା ସହ ଲାଠି ଚାର୍ଜ କରିଥିଲା। ଫଳରେ ଉଭୟପକ୍ଷ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗଣ୍ଡଗୋଳକାରୀକୁ ଧରିବା ଲାଗି ଉଦ୍ୟମ ଜାରି ରଖିବା ସହ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ନେବା ଲାଗି ଉଦ୍ୟମ କରିଥିଲା।

ସୂଚନା ମୁତାବକ, ବକ୍ସିବଜାର ଛକ ଦେଇ ହରିପୁର ଓ ଛତ୍ରବଜାର ମେଢ଼ ଅତିକ୍ରମ କରୁଥିଲା। ଏହି ସମୟରେ ୨ ଗୋଷ୍ଠୀ ପ୍ରଥମେ କଥା କଟାକଟି ହେବା ସହ ହାତାହାତି ହୋଇଥିଲା। ଏହାର କିଛି ସମୟ ମଧ୍ୟରେ ଉଭୟଗୋଷ୍ଠୀ ସଂଘବଦ୍ଧ ଭାବେ ପରସ୍ପରକୁ ଢେଲାପଥର ମାଡ଼ କରିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଶୋଭାଯାତ୍ରା ସମୟରେ ଆବଶ୍ୟକ ପୋଲିସ ମୁତୟନ ନ ଥିବାରୁ ଏପରି ଗଣ୍ଡଗୋଳ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ବ୍ୟାଙ୍କ ନ ଥିବା ପଞ୍ଚାୟତରେ ମିଳିବ ଆମ ବ୍ୟାଙ୍କ ସେବା

## ୫ ସ୍ଥାନରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

ଖୁଣ୍ଟୁଣୀ/କଟକ ସଦର/ ବାଙ୍କୀ/ତିଗିରିଆ, ୨୮।୧୧(ସଚ୍ଚିଦାନନ୍ଦ ପଣ୍ଡା/ସୁଶାନ୍ତ କୁମାର ଜେନା/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଜାଫର ଖାଁ)



ତିଗିରିଆରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ କରାଯାଉଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଠଗଡ଼ ବ୍ଲକ ଅଧୀନ କୁମାରପୁର ଓ ଅନନ୍ତପୁର ପଞ୍ଚାୟତର ନୂଆଶାସନଠାରେ ଆମ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉଦ୍ୟମରେ ପ୍ରଥମ ପର୍ଯ୍ୟାୟରେ ଉପରୋକ୍ତ ୨ ସ୍ଥାନରେ ହିତାଧିକାରୀଙ୍କୁ ଏହି ସୁବିଧା ମିଳିପାରିବ। ବିଡିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ଆମ ବ୍ୟାଙ୍କ ସେବା ଦ୍ୱାରା ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ହୋଇପାରିବ। ମଙ୍ଗଳବାର ପ୍ରଥମ ଦିନରେ କୁମାରପୁର ସେବା କେନ୍ଦ୍ରରେ ୨୦ ଓ ନୂଆଶାସନଠାରେ ୧୫ ଜଣ ହିତାଧିକାରୀ ସଞ୍ଚୟ ଜମା ଖାତା ଖୋଲିଥିବା ବିଡିଓ କହିଛନ୍ତି। ନୂଆଶାସନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ ପ୍ରଭାତ କିଶୋର ଦାସ, ବିଡିଓ ପ୍ରଦୀପ୍ତ କୁମାର ସାହୁ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁ, ସମିତି ସଭ୍ୟ ସୌମ୍ୟରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ସେହିପରି କୁମାରପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ ସାଇନ ଭଦ୍ରା ପତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ, ୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, କୃଷିମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡେଙ୍ଗା, କୁମାରପୁର ସରପଞ୍ଚ ମଞ୍ଜୁଲତା ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମାଧ୍ୟମରେ ସେବା ପ୍ରଦାନ କରାଯିବ ବୋଲି ଜଣାପଡିଛି।

ସେହିପରି କଟକ ସଦର ବ୍ଲକ ଅନ୍ତର୍ଗତ ଖାରକଟା ଓ ବ୍ରହ୍ମପୁର ପଞ୍ଚାୟତରେ ଦୁଇଟି ଆମ ବ୍ୟାଙ୍କ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ସ୍ଥଳରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପଞ୍ଜାବ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଶାଖା ଉଭୟ ପଞ୍ଚାୟତରେ କାର୍ଯ୍ୟ କରିବ। ବାଙ୍କୀ ଓ ଡମପଡ଼ା ବ୍ଲକରେ ଆମବ୍ୟାଙ୍କ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକ ବିଡିଓ ମନସ୍ୱିନୀ ଦାଶ, ଡମପଡ଼ା ବ୍ଲକ ବିଡିଓ ଅଂଶୁମାନ ଦାସ ପ୍ରମୁଖ ଯୋଗଦେଇଥିଲେ। ଯେଉଁ ପଞ୍ଚାୟତରେ ବ୍ୟାଙ୍କ ନାହିଁ ସେଠାରେ ଆମ ବ୍ୟାଙ୍କ ସେବା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ସେହିପରି ତିଗିରିଆ ବ୍ଲକ ଅନ୍ତର୍ଗତ ଭୀରୁଡ଼ା ଓ ଅଚଳକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଆମ ବ୍ୟାଙ୍କ ଶାଖା ଉଦ୍‌ଘାଟିତ ହୋଇଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଭୀରୁଡ଼ା ପଞ୍ଚାୟତରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରଣବ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଭୀରୁଡ଼ା ସରପଞ୍ଚ ବେଣୁଧର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ଗୌରହରୀ ପରିଡା,ଜିପିଇଓ ଜ୍ଞାନରଞ୍ଜନ ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅଚଳକୋଟ ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ତିଗିରିଆ ବ୍ଲକ ଅତିରିକ୍ତ ବିଡିଓ ଯାଜ୍ଞସେନି ଗୋଚ୍ଛାୟତ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସରପଞ୍ଚ ରୋଜାଲିନ ବଲିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

इंडियन बैंक Indian Bank
इलाहाबाद ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ସହ-ଋଣଗ୍ରହୀତା: ଶ୍ରୀମତୀ ରୋଜାଲିନ୍ ବିଶ୍ୱାଳ, ଉଭୟଙ୍କ ଠିକଣା: ସା-ବଡଗାଁ, ପୋ.: ତରତଙ୍ଗ, ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୮। | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୩୨୩ (ହାଲ ପ୍ଲଟ ନଂ.୧୦୫୪), ଖାତା ନଂ.୧୭୧(ହାଲ ଖାତା ନଂ.୧୦୬), ଏରିଆ: ଏ୦.୦୧ ଡିସିମିଲି, ମୌଜା: ଇଶ୍ୱରପୁର, ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ବିକେଇ ଲେଙ୍କା, ଉତ୍ତର- ସତ୍ୟାନନ୍ଦ ଲେଙ୍କା, ଦକ୍ଷିଣ- ଯୋଗେନ୍ଦ୍ର ବିଶ୍ୱାଳ। | ୧୩.୧୧.୨୦୨୨ | ୨୪.୧୧.୨୦୨୩ | ତା.୦୯.୦୯.୨୦୨୨ରିଖ ସୁଦ୍ଧା ଟ.୧୯,୨୭,୨୧୪.୪୬ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ନଜିବ୍ ଇଶ୍ତିଆକ୍ ଆଲାମ୍ ଖାନ୍, ପିତା: ଇକ୍ରାର ଖାନ୍, ସହ-ଋଣଗ୍ରହୀତା: ଶ୍ରୀମତୀ ଘଜାଲା ତାନ୍‌ଜିନ୍, ଉଭୟଙ୍କ ଠିକଣା: ସା- ଦେଉଳିଗ୍ରାମେଶ୍ୱର (ଅଖୁଣସାହି), ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | ଶ୍ରୀ ନଜିବ୍ ଇଶ୍ତିଆକ୍ ଆଲାମ୍ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତି (ଜମି) ଯାହାର ଖାତା ନଂ.୪୮/୧୦୮, ପ୍ଲଟ ନଂ.୨୧୪/୭୬୯, ଏରିଆ: ଏ୦.୧୩ ଡିସିମିଲି, ମୌଜା: ଯୟବଡ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ଦିଲ୍‌ଦାର ଇଫ୍‌ତିୟାକ୍ ଆଲାମ ଖାନ, ପଶ୍ଚିମ- ଆଲ୍ଲାହ ବକ୍ସ ଏବଂ ଇକରାର୍ ବକ୍ସ, ଉତ୍ତର- ରାସ୍ତା, ଦକ୍ଷିଣ- ଅମିକ୍ ଇମ୍‌ତିଆଜ୍ ଆଲାମ୍ ଖାନ୍। | ୦୧.୦୯.୨୦୨୩ | ୨୪.୧୧.୨୦୨୩ | ତା.୦୨.୦୯.୨୦୨୩ରିଖ ସୁଦ୍ଧା ଟ.୧୮,୧୩,୧୪୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

**ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର**
**ZILLA PARISHAD, GANJAM, CHATRAPUR**
Phone:06811-263965, Fax:06811-263552
E-mail:ori-dganjam@nic.in

L.No.13507/Estt. **ADVERTISEMENT** Date:12.10.2023

**No.CAD-3053:** Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

**ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର**
**ZILLA PARISHAD, GANJAM, CHATRAPUR**
Phone:06811-263965, Fax:06811-263552
E-mail:ori-dganjam@nic.in

L.No.15328/Estt. **OFFICE ORDER** Date:23.11.23

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023
**Bid Identification No.:P&C/EST/E-150/2023-24**
**NOTICE INVITING TENDER THROUGH e-Procurement**
**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar
**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding From | To |
|---|---|---|---|---|
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-150/ 2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0291/2324

**ସଂକ୍ଷେପରେ**

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଖୁବ୍‌ଶୀଘ୍ର

**ବୋଲଗଡ଼,୨୮।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମରେ ୩ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିବା ବେଳେ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସରକାରୀ ଜାଗାକୁ ଗ୍ରାମର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ଏନେଇ କେତେଜଣ ଗ୍ରାମବାସୀ ବିଡିଓ ଶରତ କୁମାର ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ମଲ୍ଲିକ ଉକ୍ତ ଗ୍ରାମରେ ପହଞ୍ଚିବା ସହ ଜବରଦଖଲକାରୀଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ସମ୍ମୁଖ ଚିହ୍ନଟ ସ୍ଥଳକୁ ଜବରଦଖଲ ମୁକ୍ତ କରିଛନ୍ତି। ଏନେଇ ସେମାନେ ଲିଖିତ ରାଜିନାମାପତ୍ର ବ୍ଲକ ପ୍ରଶାସନକୁ ପ୍ରଦାନ କରିଥିବା ବେଳେ ସେଠାରେ ଖୁବ୍‌ଶୀଘ୍ର ୩ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ କରାଯିବ ବୋଲି ବିଡିଓ ମଲ୍ଲିକ କହିଛନ୍ତି। ଆଲୋଚନା ସମୟରେ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ତିନି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ।

## ଏକତରଫା ପ୍ରେମ ନିବେଦନ କରି ଅଡୁଆରେ ଯୁବକ

**ନିମାପଡ଼ା, ୨୮।୧୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟାଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ଏକତରଫା ପ୍ରେମ କରିବା ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଯୁବକ ହେଲେ ନିମାପଡ଼ା ଥାନା ଅଧୀନ ଭିଲି ଗ୍ରାମର ଚନ୍ଦ୍ରକାନ୍ତ ସେନାପତି। ଯୁବତୀ ଜଣଙ୍କ ଚନ୍ଦ୍ରକାନ୍ତ ଏବଂ ତାଙ୍କ ବାପା ସୀତାକାନ୍ତ ସେନାପତିଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୪୨୮/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ଭୟରେ ଏବଂ ବାପପୁଅ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ଚନ୍ଦ୍ରକାନ୍ତ ବିଭିନ୍ନ ସମୟରେ ଯୁବତୀଙ୍କୁ ରାସ୍ତାରେ ଅଟକାଇ ହଇରାଣ କରୁଥିଲେ। ଏପରିକି ତାଙ୍କ କଥା ନ ମାନିଲେ ରାସ୍ତାରୁ ଉଠାଇ ନେବେ ବୋଲି ଧମକ ଦେଇଥିଲେ। ସୋମବାର ଉକ୍ତ ଯୁବତୀ ତାଙ୍କ ଭଉଣୀଙ୍କ ସହ ମନ୍ଦିରରୁ ପୂଜାର୍ଚ୍ଚନା କରି ଘରକୁ ଫେରୁଥିଲେ। ସେ ସମୟରେ ଜଣେ ଯୁବକ ଏକ ଗାଡ଼ିରେ ଆସି ଯୁବତୀଙ୍କୁ ଅଟକାଇ ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ମୋବାଇଲ ଫୋନ ଛଡ଼ାଇ ଫିଙ୍ଗି ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ମା' ଚନ୍ଦ୍ରକାନ୍ତଙ୍କ ବାପା ସୀତାକାନ୍ତଙ୍କୁ ଜଣାଇବାରୁ ସେ ଯୁବତୀଙ୍କ ମା'ଙ୍କୁ ଗାଳିଗୁଲଜ କରି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି। ତୁରନ୍ତ ଏହି ଯୁବକ ଓ ତାଙ୍କ ବାପାଙ୍କୁ ଗିରଫ କରିବାକୁ ଯୁବତୀ ଓ ତାଙ୍କ ପରିବାର ପୋଲିସ ନିକଟରେ ଦାବି କରିଛନ୍ତି।

# ଇରାଙ୍କ ସଙ୍ଗୀତ, ମାଲଖମ୍ବ ନୃତ୍ୟ ମୁଖ୍ୟ ଆକର୍ଷଣ

**ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ଉଦ୍‌ଯାପିତ**

**ଅସ୍ତରଙ୍ଗ,୨୮।୧୧ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପକ୍ଷରୁ ୨ ଦିନିଆ 'ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଇରା ମହାନ୍ତି ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଇରା ଏଠାକୁ ପ୍ରଥମ ଥର ପାଇଁ ଆସିଥିବାରୁ ତାଙ୍କୁ ଦେଖିବା ଓ ତାଙ୍କ ଗୀତ ଶୁଣିବାକୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୈଷୟିକ ଶିକ୍ଷାବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ଜଗତ୍‌ସିଂହପୁର ଲୋକସଭା ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ସମେତ ବେଳାଭୂମି ମହୋତ୍ସବ ସଭାପତି ଇଂ. ତୁଷାରକାନ୍ତି ବେହେରା ଓ ସାଧାରଣ ସମ୍ପାଦକ ସ୍ୱାଧୀନ ନାୟକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ନୃତ୍ୟାଙ୍ଗନା ଓଡ଼ିଶୀ, ରୁମୁକୁ ଝୁମାନା ଡ୍ୟାନ୍ସ ଗ୍ରୁପ ଓ ମାଲଖମ୍ବ ନୃତ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସମ୍ବଲପୁରୀ ଲୋକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନ୍ତିମ ସନ୍ଧ୍ୟାରେ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ମା' ମଙ୍ଗଳା, ମା' ଉଜୁଳେଇ, ପାନ, ଧାନ, ବେଳାଭୂମିକୁ ସାରା ରାଜ୍ୟରେ ପରିଚିତ କରେଇବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ନାୟକ କହିଥିଲେ। କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ସାଧାରଣ ସମ୍ପାଦକ ନାୟକ, କୋଷାଧ୍ୟକ୍ଷ ଋତୁରାଜ ରାଉତ, ମୁଖ୍ୟ ଉପଦେଷ୍ଟା ସ୍ୱପ୍ନେଶ୍ୱର ସାହୁ, ମୁଖ୍ୟ ସଂଯୋଜକ ଶୋଭାକର ବେହେରା ଓ ସମସ୍ତ କାର୍ଯ୍ୟକାରୀ କମିଟି ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।



କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟର ଏକ ଦୃଶ୍ୟ।

# ମାଟି ପାଇଁ ଆମର କର୍ତ୍ତବ୍ୟ ରହିଛି



ଅତିଥିଙ୍କଠାରୁ ଜଣେ ପ୍ରତିଭା ପୁରସ୍କାର ଗ୍ରହଣ କରୁଛନ୍ତି।

**ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଯାପିତ**

**ବାରଙ୍ଗ,୨୮।୧୧(ଲିଙ୍ଗରାଜ ରାଉତ)**

ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆନନ୍ଦବଜାର ଗୋଲେଇ ଛକଠାରେ ୩ଦିନ ଧରି ଆୟୋଜିତ ହେଉଥିବା ଏହି ମହୋତ୍ସବର ତୃତୀୟ ଦିବସ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଐତିହାସିକ ବୀର ମାଟି ଚୁଡ଼ଙ୍ଗଗଡ଼ ବାରଙ୍ଗ ମାଟି ଯାହା ଇତିହାସ କହୁଛି, ଦିନ ଆସିବ ଏ ଅଞ୍ଚଳ ସବୁ ଶିଳ୍ପ ହୋଇଯିବ। ସହର ବଢୁଛି ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ବଢିଛି, ଯାହା ପାଇଁ ଆମେ ବି ବଢିବା ଦରକାର। ଆମେ ଏ ମାଟିରେ ଜନ୍ମ ହୋଇଛେ, ମାଟି ପାଇଁ ଆମର ମଧ୍ୟ କର୍ତ୍ତବ୍ୟ ରହିଛି। ତେଣୁ ସମସ୍ତେ ମିଶି ଏହି ମହୋତ୍ସବକୁ ଆଗକୁ ନେବାକୁ ରାଉତରାୟ କହିଥିଲେ। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଚାରପତି ବାସୁଦେବ ପାଣିଗ୍ରାହୀ, ସମ୍ମାନିତ ଅତିଥି ବରିଷ୍ଠ ଖବରଦାତା କିଶୋରଚନ୍ଦ୍ର ଦ୍ୱିବେଦୀ, ସୁନୀଲ ସିଂ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ସ୍ୱାଗତ କରିଥିଲେ। ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୂପତି ପାଣି, ଶିବ ପ୍ରସାଦ ମହାନ୍ତି, ଆଦିତ୍ୟ ପାଲ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମହୋତ୍ସବରେ ପ୍ରବଳ ଜନସମାଗମ ହୋଇଥିବାବେଳେ ଲୋକଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା। ଆଧୁନିକ ଗୀତ, ନାଚ, ପାଇକ ଆଖଡ଼ା ଓ ଦେଶାତ୍ମବୋଧକ, ମେଲୋଡି ସହ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଅଭିନୟ ଦେଖଣାହାରିଙ୍କୁ ବେଶ ମଜା ଦେଇଥିଲା। ସାମାଜିକ କର୍ମୀ ଓ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିବା କିଛି ଯୁବକଙ୍କୁ ଏହି ଅବସରରେ ଅତିଥିମାନେ ସମ୍ମାନିତ କରିଥିଲେ।

# ଧାରଣାରୁ ଉଠିଲେ କୃଷକ, ଶ୍ରମିକ

**ଭୁବନେଶ୍ୱର,୨୮।୧୧(ଅନୁରାଧାମହାରଣା):** ସଂଯୁକ୍ତକୃଷକମୋର୍ଚ୍ଚା, କେନ୍ଦ୍ରୀୟଶ୍ରମିକସଂଗଠନଗୁଡିକର ମିଳିତ ମଞ୍ଚ ତଥା ସ୍ୱାଧୀନ ଫେଡେରେଶନଗୁଡିକ ପକ୍ଷରୁ ଗତ ୨୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମଜିରେ ଚାଲିଥିବା ୩ଦିନିଆ ମହାଧାରଣା ଓ କୃଷକ-ଶ୍ରମିକଙ୍କ ମିଳିତ ସମାବେଶ ମଙ୍ଗଳବାର ଶେଷ ହୋଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକର ମିଳିତ ମଞ୍ଚ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଏକ ୧୭ଜଣିଆ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ଶ୍ରମିକ ଓ କୃଷକ ସଂଗଠନଗୁଡିକ ପକ୍ଷରୁ ୪୦ଜଣ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ସମସ୍ତ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା, କୃଷି ଋଣ ଛାଡ଼, ଭାଗଚାଷୀଙ୍କୁ ଆଇନଗତ ଭାବେ ଚାଷୀର ମାନ୍ୟତା ଓ ଚାଷୀର ସୁବିଧା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୈନିକ ମଜୁରି ୬୦୦ଟଙ୍କାକୁ ବୃଦ୍ଧି କରିବା ସହିତ ସମସ୍ତ ବର୍ଗର ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୨୬ହଜାର ଟଙ୍କାର ମଜୁରି ପ୍ରଦାନ କରିବା ପାଇଁ ଦାବି କରିଥିଲେ। ସେହିପରି ଶ୍ରମିକ ବିରୋଧୀ ଲେବର କୋଡ୍ ଅବିଳମ୍ବେ ବାତିଲ କରିବା, ଆକାଶଛୁଆଁ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, କ୍ରମବର୍ଦ୍ଧିଷ୍ଣୁ ବେକାରି ସମସ୍ୟାର ସମାଧାନ କରିବା ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାକୁ ନେତୃବୃନ୍ଦ ଦାବି କରିଥିଲେ। ଏହି ଅବସରରେ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୨୧ ଦଫା ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।

# ଶ୍ୟାମାଶଙ୍କର ମଠରେ କାର୍ତ୍ତିକ ବ୍ରତ

**ପୁରୁଣା ଭୁବନେଶ୍ୱର,୨୮।୧୧(ସୁବାସ ଚନ୍ଦ୍ର ପ୍ରଧାନ):** ସ୍ଥାନୀୟ ହାଟସାହିସ୍ଥିତ ଶ୍ୟାମାଶଙ୍କର ମଠରେ ଏକମାସ ବ୍ୟାପୀ ଶ୍ରଦ୍ଧାଳୁମାନେ ରଖିଥିବା କାର୍ତ୍ତିକ ବ୍ରତ ଉଦ୍‌ଯାପିତ ହୋଇଯାଇଛି। କୋଲକାତାର ମେଦିନାପୁର, ବାଲିପାଟଣା, ଭୁବନେଶ୍ୱରର ଅନେକ ଶ୍ରଦ୍ଧାଳୁ ଏହି ବ୍ରତ ରଖିବା ସହିତ ପ୍ରତ୍ୟହ ପ୍ରାତଃ ଓ ସନ୍ଧ୍ୟାରେ ଓଁକାର ନାଥ ସୀତାରାମ ଦାସଙ୍କ ନିକଟରେ ଭଜନ କୀର୍ତ୍ତନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧାଳୁମାନେ ଭୋରୁ ବିନ୍ଦୁସାଗରରେ ଡଙ୍ଗା ଭସାଣ ଉତ୍ସବ ପାଳନ କରିବା ପରେ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲିଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିବା ବେଳେ ସଂଯୁକ୍ତା ସାମନ୍ତରାୟ, ସୁଷମା ପଟ୍ଟନାୟକ, ମଞ୍ଜୁଶ୍ରୀ ସାହୁ, ଚନ୍ଦା ଚାଟାର୍ଜୀ, ସ୍ନିଗ୍ଧା ମିତ୍ର, କୃପାସିନ୍ଧୁ ପାତ୍ର, ପ୍ରଶାନ୍ତ ପରିଡ଼ା, ରବୀନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ପାଢ଼ୀଙ୍କ ଦ୍ୱାରା ବିଷ୍ଣୁସହସ୍ର ନାମ ଓ ବିଷ୍ଣୁ ଭଜନ ପରିବେଷଣ କରାଯାଇଥିଲା।

# ସଫେଇହେଲା ବିନ୍ଦୁସାଗର



**ପୁରୁଣା ଭୁବନେଶ୍ୱର,୨୮।୧୧(ସୁବାସ ଚନ୍ଦ୍ର ପ୍ରଧାନ)**

ଭୁବନେଶ୍ୱରର ସାଂସ୍କୃତିକ ପରିଷଦ ଓ ଭୁବନେଶ୍ୱର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିନ୍ଦୁସାଗର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ଡଙ୍ଗା, ସୋଲ, ଆବର୍ଜନା ସଫେଇ କରାଯାଇଥିଲା। ରାଜ୍ୟ ସରକାର ଐତିହ୍ୟ ବିନ୍ଦୁସାଗରର ମାହାତ୍ମ୍ୟକୁ ସୁରକ୍ଷିତ ରଖିବାକୁ ସର୍ବଦା ଚେଷ୍ଟିତ। ସମସ୍ତେ ସଚେତନତାପୂର୍ବକ ଏହି ପୁଷ୍କରିଣୀର ଜଳ ସ୍ୱଚ୍ଛ ରଖିବାକୁ ସଙ୍କଳ୍ପ ନେବା ପାଇଁ ମନ୍ତ୍ରୀ ପଣ୍ଡା କହିଥିଲେ। କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଅଜିତ୍ ବେହେରା, ଅନୁଷ୍ଠାନର ଉପସଭାପତି ସମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ ବେହେରା, ଦାଶରଥି ଗରାବଡ୍ଡୁ, ସୁରେଶ ବାରିକ, ସୁବାସ ମହାପାତ୍ର, ସଞ୍ଜୟ ସାହୁ, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଜିତେନ୍ଦ୍ର ନନ୍ଦ, ବବୁନା ପଟ୍ଟନାୟକ, ବର୍କତ ଉଲ୍ଲା, ପ୍ରକାଶ ନାୟକ, ନରେନ୍ଦ୍ର ମହାପାତ୍ର, ସୁଦର୍ଶନ ପ୍ରଧାନ, ଭିକାରୀ ମହାନ୍ତି, ରାଜେନ୍ଦ୍ର ସାହୁ, ହେମନ୍ତ ପ୍ରଧାନ, ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାନ୍ଦୁଆ କାରିଗରି, ପଟଚିତ୍ର ତିଆରି ଶିଖିଲେ ଛାତ୍ରୀଛାତ୍ର

**ପିପିଲି,୨୮।୧୧ (ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ଭାରତ ସରକାରଙ୍କର ବସ୍ତ୍ର ମନ୍ତ୍ରଣାଳୟ ବିଭାଗର ପିପିଲିର ବିଶ୍ୱ ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପର ପ୍ରସାର ଓ ବିକାଶ ନିମନ୍ତେ ଜୟ ଜଗନ୍ନାଥ ଆପ୍ଲିକ୍ୟୁ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ୩ ଦିନ ଧରି ଏକ ପ୍ରଦର୍ଶନୀ ମେଳା ଏବଂ ସଚେତନତା କାର୍ଯ୍ୟକ୍ରମ ପିପିଲି ବ୍ଲକ ନହଳାପଡ଼ା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ପ୍ରଧାନ ଯୋଗଦେଇ ଚାନ୍ଦୁଆ ଶିଳ୍ପ ସମ୍ପର୍କରେ ନିଜର ମତ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କର ବସ୍ତ୍ର ମନ୍ତ୍ରଣାଳୟର ବରିଷ୍ଠ ସହକାରୀ ନିର୍ଦ୍ଦେଶକ କୁମାର ପ୍ରମେନ୍ଦ୍ର ସିହ୍ନା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ବାବଦରେ କହିଥିଲେ। କେନ୍ଦ୍ର ସରକାର ଚାନ୍ଦୁଆ ଶିଳ୍ପ ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି। ତେଣୁ ଯେଉଁମାନେ ଆବଶ୍ୟକତା କରିବେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ସିହ୍ନା କହିଥିଲେ। ଅନ୍ୟତମ ଅତିଥି ଭାବରେ ଶାମୁକା ଶିଳ୍ପୀ ଜଗନ୍ନାଥ ମହାପାତ୍ର, ନହଳାପଡ଼ା ପ୍ରଧାନ ଶିକ୍ଷକ ଅମୀୟ ରଞ୍ଜନ ରାଉତ, ଜୟ ଜଗନ୍ନାଥ ଆପ୍ଲିକ୍ୟୁ ପ୍ରଡ୍ୟୁସର କମ୍ପାନୀର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରତ୍ୟେକ ସ୍କୁଲରେ ଆବଶ୍ୟକ ପ୍ରଶିକ୍ଷଣ ଗୃହ ଏବଂ ହସ୍ତଶିଳ୍ପ ଶିକ୍ଷା ପ୍ରଶିକ୍ଷକ ଯୋଗାଇ ଦେବାକପ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗିରିଜା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହାପରେ ଚାନ୍ଦୁଆ କାରିଗରୀ ଶାମୁକା ଶିଳ୍ପ ଏବଂ ପଟ୍ଟଚିତ୍ର ସମ୍ପର୍କରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଶିକ୍ଷା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଉତ୍ସୁକତାର ସହିତ ଏହି ଶିକ୍ଷା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ଦୀନବନ୍ଧୁ ବେହୁରା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# କଂଗ୍ରେସ ପକ୍ଷରୁ ଡିସେମ୍ବର ୧ରେ ତୁଳସୀଯାତ୍ରା

**୬ ଦଫା ଦାବି ପୂରଣ ନ ହେଲେ ଜୋର୍‌ଦାର ଆନ୍ଦୋଳନ**

**ପୁରୀ, ୨୮।୧୧(ଅଜିତ ମହାନ୍ତି)**

କଂଗ୍ରେସ ପକ୍ଷରୁ ଡିସେମ୍ବର ୧ରେ ତୁଳସୀ ଯାତ୍ରା ହେବାକୁ ଯାଉଛି। ଏନେଇ ମଙ୍ଗଳବାର ପୁରୀ ଭିଆଇପି ରୋଡସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଗଣତି ମଣତି ଓ ମରାମତି ଏବଂ ବେଦାନ୍ତ ଅଧିକୃତ ଜଗନ୍ନାଥଙ୍କ ଅମୃତମଣୋହୀ ଜମି ଓ ଚାଷୀଙ୍କ ଜମିକୁ ଫେରସ୍ତ ସମେତ ଅନ୍ୟାନ୍ୟ ୬ଟି ଦାବିକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ଗତ ଅକ୍ଟୋବର ୧୬ରେ ବିଶାଳ ସମାବେଶ ଓ ବିକ୍ଷୋଭ ଶୋଭାଯାତ୍ରା କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଅକ୍ଟୋବର ୨୯ ସୁଦ୍ଧା ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଯେହେତୁ ସରକାର ଏ ସମ୍ପର୍କରେ ପଦକ୍ଷେପ ନେଲେ ନାହିଁ ତେଣୁ ସେହି ୬ଟି ଦାବିର ସମାଧାନ ନିମନ୍ତେ ସାରା ରାଜ୍ୟରେ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ଗତ ନଭେମ୍ବର ୯ରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ମାତ୍ର ରାଜ୍ୟ ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ପିସିସି ନିଷ୍ପତ୍ତି ଅନୁଯାୟୀ, ଡିସେମ୍ବର ୧ରେ ତୁଳସୀ ଯାତ୍ରା କରାଯିବ ବୋଲି ପିସିସି ସଭାପତି ପଟ୍ଟନାୟକ ଘୋଷଣା କରିଛନ୍ତି। ରାଜ୍ୟର ସାଧାରଣ ଜନତା, ଜଗନ୍ନାଥପ୍ରେମୀ, ଭକ୍ତ, ଯୁବତୀ ଯୁବକ, ଛାତ୍ରୀଛାତ୍ର, ହବିଷିଆଳିଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। ଜିଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର ଓ ବ୍ଲକ ସଭାପତିମାନେ ବୁଥ୍, ୱାର୍ଡ ଓ ପଞ୍ଚାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ। ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏ ଗାଡ଼ିରେ ସଂଗୃହୀତ ତୁଳସୀକୁ ଡିସେମ୍ବର ୧ ସୁଦ୍ଧା ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଆଣିବେ। ଡିସେମ୍ବର ୧ରେ ସାରା ରାଜ୍ୟରୁ ସଂଗୃହୀତ ତୁଳସୀ ଏବଂ ସଜ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ। ଉକ୍ତଦିନ ଶ୍ରୀକ୍ଷେତ୍ରର ଶରଧାବାଲିଠାରେ ଜଗନ୍ନାଥପ୍ରେମୀ, ଭକ୍ତ, କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହେବେ ଏବଂ ଶୋଭାଯାତ୍ରାରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତୁଳସୀ ଅର୍ପଣ କରିବେ। ଯଦି ଏହି ଆନ୍ଦୋଳନ ପରେ ସରକାର ୬ଟି ଦାବି ପୂରଣ ନ କରିବେ ତେବେ ପରବର୍ତ୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ଶିବାନନ୍ଦ ରାୟ, ସୁଜିତ୍ ମହାପାତ୍ର, ବିନାୟକ ଦାସମହାପାତ୍ର, ଅମରେନ୍ଦ୍ର ପାଇକରାୟ, ନିରଞ୍ଜନ ରଥ, ସୁକାନ୍ତ ପ୍ରଧାନ, ସୌମ୍ୟ ଖୁଣ୍ଟିଆ ଏବଂ ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

इंडियन बैंक Indian Bank
ଇଲାହାବାଦ ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
| --- | --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ସହ-ଋଣଗ୍ରହୀତା: ଶ୍ରୀମତୀ ରୋଜାଲିନ୍ ବିଶ୍ୱାଳ,** ଉଭୟଙ୍କ ଠିକଣା: ସା-ବଡଗାଁ, ପୋ.: ତରତଙ୍ଗ, ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୮। | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୩୨୩ (ହାଲ ପ୍ଲଟ ନଂ.୧୦୫୪), ଖାତା ନଂ.୧୭୧ (ହାଲ ଖାତା ନଂ.୧୦୬), ଏରିଆ: ଏ୦.୦୧ ଡିସିମିଲି, ମୌଜା: ଇଶ୍ୱରପୁର, ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ବିକେଇ ଲେଙ୍କା, ଉତ୍ତର- ସତ୍ୟାନନ୍ଦ ଲେଙ୍କା, ଦକ୍ଷିଣ- ଯୋଗେନ୍ଦ୍ର ବିଶ୍ୱାଳ। | ୧୩.୧୧.୨୦୨୨ | ୨୪.୧୧.୨୦୨୩ | ତା.୦୯.୦୯.୨୦୨୨ରିଖ ସୁଦ୍ଧା ଟ.୧୯,୨୭,୨୧୪.୪୬ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ନଜିବ୍ ଇଷ୍ଟିଆକ୍ ଆଲାମ୍ ଖାନ୍,** ପିତା: ଇକ୍‌ରାର ଖାନ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଘଜାଲା ତାନ୍‌ଜିନ୍,** ଉଭୟଙ୍କ ଠିକଣା: ସା- ଦେଉଳିଗ୍ରାମେଶ୍ୱର (ଅଖୁଣସାହି), ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | **ଶ୍ରୀ ନଜିବ୍ ଇଷ୍ଟିଆକ୍ ଆଲାମ୍ ଖାନ୍**ଙ୍କ ନାମରେ ଥିବା ସମ୍ପତ୍ତି (ଜମି) ଯାହାର ଖାତା ନଂ.୪୮/୧୦୮, ପ୍ଲଟ ନଂ.୨୧୪/୭୬୯, ଏରିଆ: ଏ୦.୧୩ ଡିସିମିଲି, ମୌଜା: ଯୟବଡ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ଦିଲ୍‌ଦାର ଇଫ୍‌ତିଆକ୍ ଆଲାମ ଖାନ, ପଶ୍ଚିମ- ଆଲ୍ଲାହ ବକ୍ସ ଏବଂ ଇକରାର୍ ବକ୍ସ, ଉତ୍ତର- ରାସ୍ତା, ଦକ୍ଷିଣ- ଅମିକ୍ ଇମ୍‌ତିଆଜ୍ ଆଲାମ୍ ଖାନ୍। | ୦୧.୦୯.୨୦୨୩ | ୨୪.୧୧.୨୦୨୩ | ତା.୦୨.୦୯.୨୦୨୩ରିଖ ସୁଦ୍ଧା ଟ.୧୮,୧୩,୧୪୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.13507/Estt. **ADVERTISEMENT** Date:12.10.2023

**No.CAD-3053:** Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.15328/Estt. **OFFICE ORDER** Date:23.11.23

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023
**Bid Identification No.:P&C/EST/E-150/2023-24**
**NOTICE INVITING TENDER THROUGH e-Procurement**

**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower, Bhubaneswar
**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
| --- | --- | --- | --- | --- |
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-150/ 2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www. Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0291/2324

**ପ୍ରେମ ନିବେଦନ କରି ଅଡୁଆରେ ଯୁବକ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)- ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ଏକତରଫା ପ୍ରେମ କରିବା ମହଙ୍ଗା ପଡ଼ିଛି। ଯୁବତୀ ଜଣଙ୍କ ସଂପୃକ୍ତ ଯୁବକ ଏବଂ ତାଙ୍କ ବାପାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୪୨୮/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ଭୟରେ ଏବଂ ବାପପୁଅ ଫେରାର ହୋଇଯାଇଛନ୍ତି। ଯୁବକ ଓ ତାଙ୍କ ବାପାଙ୍କୁ ଗିରଫ କରିବାକୁ ଯୁବତୀଙ୍କ ପରିବାର ପୋଲିସ ନିକଟରେ ଦାବି କରିଛନ୍ତି।



## ସଂକ୍ଷେପରେ

### ନଳକୂପ ସ୍ଥାପନ କରି ଜଳଦାନ କଲେ ଧଡ଼ିଆ

ସାକ୍ଷୀଗୋପାଳ, ୨୮।୧୧(ଭରତ ରାଉତ):

ସତ୍ୟବାଦୀ ବ୍ଲକ ଅଲଗୁମ ପଞ୍ଚାୟତ ବିଜିପୁର ଗ୍ରାମର ଉଦାଳକ ମଠ ନିକଟ ଅଞ୍ଚଳରେ ଶତାଧିକ ଲୋକ ବାସ କରୁଥିବାବେଳେ ସେଠାରେ ଥିବା ସରକାରୀ ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିଲା। ଫଳରେ ଅଞ୍ଚଳବାସୀ ପାନୀୟଜଳ ପାଇଁ ହଇରାଣ ହେଉଥିଲେ। ପ୍ରଶାସନ ପକ୍ଷରୁ ଅଚଳ ନଳକୂପ ମରାମତି କରା ନ ଯିବାରୁ ସମାଜସେବୀ ଧଡ଼ିଆ ପ୍ରଧାନ ନିଜ ଖର୍ଚ୍ଚରେ ଏକ ନଳକୂପ ସ୍ଥାପନ କରି ଅଞ୍ଚଳବାସୀଙ୍କୁ ପାଣି ଯୋଗାଇ ଦେଇଛନ୍ତି। ଏଥିପାଇଁ ଧଡ଼ିଆଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି। ସେହିପରି ମାଧବ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୁଣନିଧି ମହାପାତ୍ର, ବିଦ୍ୟାଧର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ସେ ବରିଷ୍ଠ ବ୍ୟକ୍ତିଙ୍କ ତୀର୍ଥଯାତ୍ରା ପାଇଁ ସହଯୋଗ, ଆଶାବାଡ଼ି ପ୍ରଦାନ, ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ ସହିତ ବିଭିନ୍ନ ଗ୍ରାମ ବୁଲି ସତ୍‌ସଙ୍ଗ କରାଇଥିଲେ।

### ଚାରିଛକ ମହିଳା ମହାବିଦ୍ୟାଳୟରେ ଏନ୍‌ସିସି ଦିବସ

ଚାରିଛକ,୨୮।୧୧(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ରବିବାର ୭୫ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ସନ୍ତୋଷ ମିତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସର ମଧ୍ୟରେ ଥିବା ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଏନ୍‌ସିସି ପତାକା ଉତ୍ତୋଳନ କରି ସଭାପତି ମିତ୍ର ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଗୋପୀନାଥ କର, ଆଇଆର୍‌ଏସ୍ ଅଧିକାରୀ ତଥା ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳାଇ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ସାମାଜିକ କର୍ମୀ ସନାତନ ପାତ୍ର, ବସନ୍ତ ପାତ୍ର ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧକ୍ଷା ସ୍ୱର୍ଣ୍ଣରଶ୍ମି ସାହୁ ସଭାରେ ସଭାପତିତ୍ୱ କରିଥିଲେ। ମେଜର ପୁଷ୍ପଲତା ଦତ୍ତ ଏନ୍‌ସିସି ଦିବସର ଅଭିମୁଖ୍ୟ ପ୍ରଦାନ କରିଥିଲେ। କଲେଜରେ ଏକ ନୂତନ ଏନ୍‌ସିସି ଗୃହ କରିବାକୁ ଏନ୍‌ସିସି ଛାତ୍ରୀ ଅଧକ୍ଷାଙ୍କ ନିକଟରେ ଦାବି କରିଥିଲେ। ବିନୋଦିନୀ ଦାଶ, ସୁନିତା ନାୟକ, ରାଜେଶ ଦତ୍ତ, ସ୍ୱାଧୀନ ନାୟକ, ଦିବାକର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମେଜର ଦତ୍ତଙ୍କୁ ଚାରିଛକ ଥାନା ଅଧିକାରୀ ବିଶ୍ୱାଳ ଉତ୍ତରୀୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ସାହୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପରେ ଛାତ୍ରୀମାନେ ଅତିଥିଙ୍କୁ ଉପହାର ପ୍ରଦାନ କରିଥିଲେ। ଅଧ୍ୟାପକ ଜୀବନ ଦାଶ ଧନ୍ୟବାଦ ଦେଇଥିଲେ। ଶେଷରେ ଏନ୍‌ସିସି ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଇରାଙ୍କ ସଙ୍ଗୀତ, ମାଲଖମ୍ବ ନୃତ୍ୟ ମୁଖ୍ୟ ଆକର୍ଷଣ

### ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

ଅସ୍ତରଙ୍ଗ,୨୮।୧୧
(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପକ୍ଷରୁ ୨ ଦିନିଆ 'ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଇରା ମହାନ୍ତି ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଇରା ଏଠାକୁ ପ୍ରଥମ ଥର ପାଇଁ ଆସିଥିବାରୁ ତାଙ୍କୁ ଦେଖିବା ଓ ତାଙ୍କ ଗୀତ ଶୁଣିବାକୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୈଷୟିକ ଶିକ୍ଷାବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ଜଗତ୍‌ସିଂହପୁର ଲୋକସଭା ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ସମେତ ବେଳାଭୂମି ମହୋତ୍ସବ ସଭାପତି ଇଂ. ତୁଷାରକାନ୍ତି ବେହେରା ଓ ସାଧାରଣ ସମ୍ପାଦକ ସ୍ୱାଧୀନ ନାୟକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ନୃତ୍ୟାଙ୍ଗନା ଓଡ଼ିଶୀ, ରୁମୁକୁ ଝୁମାନା ଡ୍ୟାନ୍ସ ଗ୍ରୁପ ଓ ମାଲଖମ୍ବ ନୃତ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସମ୍ବଲପୁରୀ ଲୋକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନ୍ତିମ ସନ୍ଧ୍ୟାରେ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ମା' ମଙ୍ଗଳା, ମା' ଉତ୍କଳେଇ, ପାନ, ଧାନ, ବେଳାଭୂମିକୁ ସାରା ରାଜ୍ୟରେ ପରିଚିତ କରେଇବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ନାୟକ କହିଥିଲେ। କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ସାଧାରଣ ସମ୍ପାଦକ ନାୟକ, କୋଷାଧ୍ୟକ୍ଷ ରତ୍ନରାଜ ରାଉତ, ମୁଖ୍ୟ ଉପଦେଷ୍ଟା ସ୍ୱପ୍ନେଶ୍ୱର ସାହୁ, ମୁଖ୍ୟ ସଂଯୋଜକ ଶୋଭାକର ବେହେରା ଓ ସମସ୍ତ କାର୍ଯ୍ୟକାରୀ କମିଟି ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।


ମହୋତ୍ସବରେ କଳାକାରମାନେ ମାଲଖମ୍ବ ନୃତ୍ୟ ପରିବେଷଣ କରୁଛନ୍ତି।

# ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରୁଛନ୍ତି ୭୭ ବର୍ଷୀୟ ଗଙ୍ଗାଧର

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)୨୮।୧୧

ଗାନ୍ଧୀ ଦୂତ ଗଙ୍ଗାଧର ଦନ୍ତାଙ୍କ ନିକଟରେ ବାର୍ଦ୍ଧକ୍ୟ ହାର ମାନିଛି। ୭୭ ବର୍ଷ ବୟସରେ ସେ ଏବେ ବି ଚଳଚଞ୍ଚଳ। ସାଇକେଲରେ ଓଡ଼ିଶା ପରିଭ୍ରମଣ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ, ବାର୍ତ୍ତା ପ୍ରଚାର କରିବା ଗଙ୍ଗାଧରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଗଙ୍ଗାଧର ଦନ୍ତାଙ୍କ ଘର ଅନୁଗୋଳ ଜିଲା ଆଠମଲିକ ବ୍ଲକ କିଆକଟା ପଞ୍ଚାୟତର ଗୌତମପୁର ଗ୍ରାମରେ। ପିଲାଟିବେଳୁ ସିଏ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଗାନ୍ଧୀଦୂତ ଭାବେ ନିଜକୁ ପରିଚତ କରିଛନ୍ତି। ୨୦୧୬ ଅକ୍ଟୋବର ୨୮ ତାରିଖରୁ ୭୦ ବର୍ଷ ବୟସରୁ ଗଙ୍ଗାଧର ସାଇକେଲରେ ଓଡ଼ିଶା ପରିଭ୍ରମଣରେ ବାହାରିଥିଲେ। 'ଅଖଣ୍ଡ ଭାରତ ଶାନ୍ତିର ଜଗତ, ହେବନାହିଁ ଖଣ୍ଡ ଖଣ୍ଡ। ସୁରକ୍ଷା ବିକାଶ ପାଇଁ ଯେ, ମିଳୁ ପଛେ ଫାଶୀ ଦଣ୍ଡ' ଏହି ବାର୍ତ୍ତାକୁ ଧରି ସମଗ୍ର ଓଡ଼ିଶା ଭ୍ରମଣ କରୁଛନ୍ତି। ଇତି ମଧ୍ୟରେ ଗଙ୍ଗାଧର ଓଡ଼ିଆର ୧୧/୧୨ଟି ଜିଲାର ୪ହଜାର ୭୮୧ ଗ୍ରାମ ଓ ମୋଟ ୪୮ ହଜାର ୯୭୩ କି.ମି. ସାଇକେଲରେ ପରିଭ୍ରମଣ କରି ଗାନ୍ଧିଜୀଙ୍କ ବାର୍ତ୍ତା ପ୍ରଚାର କରି ଚାଲିଛନ୍ତି। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ସେ ସାଇକେଲରେ ଯାତ୍ରା କରି ଗାନ୍ଧିଜୀଙ୍କ ବାର୍ତ୍ତା ବାଣି ଚାଲିଥିଲେ ବୋଲି କହିଛନ୍ତି। ନିଶାଠାରୁ ଯୁବପିଢି ଓ ଜନସାଧାରଣ ଦୂରେଇ ରହିବାକୁ ସମସ୍ତ ଜାଗାରେ ଲୋକଙ୍କୁ ଆହ୍ୱାନ ଦେଇ ସଚେତନ କରୁଛନ୍ତି। ନିମାପଡ଼ାଠାରେ ବିଭିନ୍ନ ଅନୁଷ୍ଠାନ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପରିଭ୍ରମଣକାରୀ ଗାନ୍ଧୀଦୂତ ଗଙ୍ଗାଧରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।




ଦୃଷ୍ଟିହୀନ କଳାକାରମାନେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭଜନ ପରିବେଷଣ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଶୃଙ୍ଖଳିତ ନୀତି, ଯାତ୍ରୀ ସୁପରିଚାଳନା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କୃତଜ୍ଞତା

ପୁରୀ, ୨୮।୧୧(ଅଜିତ୍ ମହାନ୍ତି)

ଚଳିତ ବର୍ଷର କାର୍ତ୍ତିକ ମାସ ପ୍ରାରମ୍ଭରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ଲକ୍ଷାଧିକ ଭକ୍ତଙ୍କ ସମାଗମ ମଧ୍ୟ ହୋଇଥିଲା। ଏହି ସମୟରେ ସମସ୍ତ ନୀତିକାନ୍ତି, ସମୟୋଚିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ସେବକମାନଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଏହା ସମ୍ଭବ ହୋଇପାରିଛି। ଶ୍ରୀମନ୍ଦିର ବାହାରେ ଯାତ୍ରୀ ପରିଚାଳନା ଓ ଆବଶ୍ୟକ ସେବା ପ୍ରଦାନରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ରେଡ୍‌କ୍ରସ ଓ ସେଣ୍ଟଜନ୍ ଆମ୍ବୁଲାନ୍ସର ସ୍ୱେଚ୍ଛାସେବୀମାନେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିଲେ। ସେହିପରି ପରିଚାଳନା କମିଟି ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସମର୍ପିତ ଭାବେ କାର୍ଯ୍ୟ କରି ଏହା ମହାକାର୍ତ୍ତିକ ପାଳନକୁ ସାଫଲ୍ୟ ମଣ୍ଡିତ କରିଥିଲେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଏହି ପ୍ରୟାସ ଓ ପରମ୍ପରା ଅବ୍ୟାହତ ରହିଲେ ମହାପ୍ରଭୁଙ୍କର ଓ ସର୍ବୋପରି ପୁରୀ ସହର ସୁନାମ ବର୍ଦ୍ଧନରେ ସହାୟକ ହେବ ବୋଲି ଦାସ କହିଛନ୍ତି।

# ନିମାପଡ଼ା ନିର୍ବାଚନମଣ୍ଡଳୀକୁ ଦୁର୍ନୀତିମୁକ୍ତ କରାଯିବ


ଭାଜପା ନେତା ଦିଲୀପ ନାୟକ ଉଦ୍‌ବୋଧନ ଦେଉଛନ୍ତି।

### ଭାଜପାର ଗୋପ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଗୋପ,୨୮।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ନିର୍ବାଚନମଣ୍ଡଳୀ ଏବେ ଦୁର୍ନୀତିରେ ବୁଡ଼ି ରହିଛି। ୨୪ ନିର୍ବାଚନ ପରେ ଏହି ନିର୍ବାଚନମଣ୍ଡଳୀକୁ ଏକ ଦୁର୍ନୀତି ମୁକ୍ତ ନିର୍ବାଚନ ମଣ୍ଡଳୀ ଭାବରେ ରାଜ୍ୟ ଦେଖିବ। ମଙ୍ଗଳବାର ଭାଜପାର ଏକ ବିକ୍ଷୋଭ ଓ ପ୍ରତିବାଦ ସଭାରେ ନିମାପଡ଼ା ନିର୍ବାଚନମଣ୍ଡଳୀର ଦକ୍ଷ ସଂଗଠକ ତଥା ଯୁବ ନେତୃତ୍ୱ ଦିଲୀପ ନାୟକ ଏହା କହିଥିଲେ। ବ୍ଲକ ଘେରାଉରେ ଗୋପ ବ୍ଲକର ଯୁବ ନେତା ସୁଶାନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୁରୀ ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ, ଜଗତ୍‌ସିଂହପୁର ପୂର୍ବତନ ଏମ୍‌ପି ବିଭୂପ୍ରସାଦ ତରାଇ, ମହିଳା ନେତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରବି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଦୁର୍ନୀତିରେ ବୁଡ଼ି ରହିଥିବାବେଳେ ସାଧାରଣ ଲୋକ ଏହାର ଜବାବ ନିଶ୍ଚିତ ଭାବରେ ଦେବେ। ଗୋପ ଏକ ଦୁର୍ନୀତି ବ୍ଲକ ଭାବରେ ରହିଥିବା ଅତିଥିମାନେ କହିଥିଲେ। ୨୫ବର୍ଷ ଶାସନ ଗାଦିରେ ବସିଥିବା ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଅନ୍ତ ଘଟିବ ବୋଲି ଭାଜପା ଦଳର ନେତୃତ୍ୱମାନେ କହିଥିଲେ। ଚଳିତ ୨୪ ନିର୍ବାଚନରେ ଭାଜପା ପକ୍ଷରୁ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଯୁବ ନେତୃତ୍ୱଙ୍କ ଆବଶ୍ୟକତା ରହିଛି ବୋଲି କର୍ମୀ ଦାବି ରଖିଥିଲେ। ଭାଜପା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କୁଶୁପୁରୁଠାରୁ ବାହାରି ଗୋପ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭରେ ଗୋପ ବ୍ଲକ ଭାଜପାର ଯୁବ ନେତୃତ୍ୱ ସହିତ ୭ ଶହରୁ ଅଧିକ କର୍ମୀ ଉପସ୍ଥିତ ଥିଲେ।

# ବେଳାଭୂମି ସାହିତ୍ୟ ସଂସଦର କବିତା ଆସର

ଅସ୍ତରଙ୍ଗ,୨୮।୧୧(ପ୍ରଦୀପ୍ତ ଦୀକ୍ଷିତ୍)

ସାହିତ୍ୟ ସଭ୍ୟତାର ଅସ୍ତିତ୍ୱ ଭାଷା ହେଉଛି ଜାତିର ଅସ୍ମିତା। ଭାଷା ବଞ୍ଚିଲେ ଜାତି ବଞ୍ଚିବ ଓ ସାହିତ୍ୟ ମଧ୍ୟ ଚିରକାଳ ସମୃଦ୍ଧ ହେବ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆଁ ବେଳାଭୂମିଠାରେ ମଙ୍ଗଳବାର ବେଳାଭୂମି ସାହିତ୍ୟ ସଂସଦର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଏହା କହିଛନ୍ତି। ବେଳାଭୂମି ସାହିତ୍ୟ ସଂସଦ ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅସ୍ତରଙ୍ଗ ଅଞ୍ଚଳର ଏକ ବେଳାଭୂମି ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ବେଳାଭୂମି ସାହିତ୍ୟ ସଂସଦର ପ୍ରୟାସକୁ ଅତିଥି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ମଧ୍ୟରେ କଂଗ୍ରେସ କୃଷକ ସେଲ ଅଧକ୍ଷ ଅମିୟ ପଟ୍ଟନାୟକ, ଖବରଦାତା ଦୁଃଶାସନ ନାୟକ, ସମିତି ସଭ୍ୟ ବିଦ୍ୟାଧର ବିଶ୍ୱାଳ, ଶୋଭାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବରିଷ୍ଠ ଖବରଦାତା ସଞ୍ଜୟ ପତି, ସନ୍ତୋଷ ଦାସଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। କୋଣ ଅନୁକୋଣରୁ କବୟିତ୍ରୀ, କବି ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଅସ୍ତରଙ୍ଗ,୨୮।୧୧(ମମତା ଜେନା)

ଅସ୍ତରଙ୍ଗ ବ୍ଲକର ବହୁ ପୁରାତନ ସରସ୍ୱତୀ ଶିଶୁମନ୍ଦିରର ୨୬ତମ ବାର୍ଷିକ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡ଼ନାନପଡ଼ା ଭଣ୍ଡରପଦା ନିକଟ ପଡ଼ିଆରେ ଆୟୋଜିତ ଉତ୍ସବର ଉଦ୍‌ଘାଟନୀ ଦିବସରେ ଅସ୍ତରଙ୍ଗ ଥାନା ଆଇଆଇସି ରାଜେଶ ବଳିୟାରସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨ରୁ ୧୪ବର୍ଷ ବୟସର ଅନେକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଆଗାମୀ ଦିନର ନୂତନ ଭବିଷ୍ୟତ, କ୍ରୀଡ଼ା ବୌଦ୍ଧିକ ବିକାଶର ଏକ ଅଂଶ, କ୍ରୀଡ଼ା ଦ୍ୱାରା ଛାତ୍ର ସମାଜର ଶାରୀରିକ ଓ ମାନସିକ ବିକାଶ ସମ୍ଭବ ହୋଇଥାଏ ବୋଲି ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟ କହିଥିଲେ। ଉଦ୍‌ଯାପନୀ ଦିବସରେ କଳିଙ୍ଗ ଆବାସିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁମା ଗୁରୁଜୀ, କ୍ରୀଡ଼ା ପ୍ରମୁଖ ପ୍ରଦୀପ୍ତ ମିଶ୍ର, ଦିବାକର ପ୍ରଧାନ, ସନ୍ତୋଷ ଜେନା, ମମତା ଶତପଥୀ, ମିନତି ପ୍ରଭା ତ୍ରିପାଠୀ କ୍ରୀଡ଼ା ଓ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଜାଭଲିନ ଥ୍ରୋ, ସଟ୍‌ପୁଟ୍ ଆଦି କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ପୁରସ୍କୃତ ହୋଇଥିଲେ। ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଓ ପରିଚାଳକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ବେକାରି ସମସ୍ୟା ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ

ପୁରୀ,୨୮।୧୧(ଅଜିତ ମହାନ୍ତି)

ରାଜ୍ୟରେ ବେକାରି ସମସ୍ୟା ବଢୁଥିବାବେଳେ ସେହି ଅନୁସାରେ ନିଯୁକ୍ତି ଦିଆଯାଉ ନ ଥିବା ଅଭିଯୋଗ କରି ପୁରୀ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଛାତ୍ର କଂଗ୍ରେସ କର୍ମକର୍ତ୍ତା କହିଛନ୍ତି ଯେ, ପ୍ରତିବର୍ଷ ୨ଲକ୍ଷ ଯୁବତୀ ଯୁବକଙ୍କୁ ଚାକିରୀ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ୨୪ ବର୍ଷ ଶାସନରେ ତାହା ସମ୍ଭବ ହୋଇନାହିଁ। ଏବେ ବି ଓଡ଼ିଶା ସରକାରରେ ୨, ୨୬,୦୦୦ ପଦବୀ ଖାଲିପଡ଼ିଛି। ରାଜ୍ୟର ୯ ଲକ୍ଷ ବେକାର ଯୁବତୀ ଯୁବକ ନାମ ପଞ୍ଜୀକରଣ କରି ନିଯୁକ୍ତି ପାଇଁ ରାସ୍ତାରେ ଚିତ୍କାର କରୁଛନ୍ତି। ପ୍ରାୟ ୭ଲକ୍ଷ ଲୋକ ଚାକିରି ହରାଇଛନ୍ତି। ଆବଶ୍ୟକ ସଂଖ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ, ପୋଲିସ୍ ନାହାନ୍ତି। ଓଡ଼ିଶାର ଯୁବସମାଜ ହତାଶ ହେଉଛନ୍ତି। ତେଣୁ ତୁରନ୍ତ ଖାଲିପଡ଼ିଥିବା ପଦବୀ ପୂରଣ କରାଯାଉ। ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନରେ ୮୦ ପ୍ରତିଶତ ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦିଆଯାଉ। ସରକାରୀ ଚାକିରୀରେ ଚୁକ୍ତିଭିତ୍ତିକ ଓ ଠିକା ନିଯୁକ୍ତି ବାତିଲ କରାଯାଉ। ଓଡ଼ିଶାକୁ ଫେରି ଜୀବିକା ନିର୍ବାହ କରିବାକୁ ଚାହୁଁଥିବା ପ୍ରବାସୀ ଓଡ଼ିଆଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଏବଂ ବେକାରୀ ଭତ୍ତା ୫ହଜାର ଟଙ୍କା ଦିଆଯାଉ ବୋଲି ଛାତ୍ର କଂଗ୍ରେସ ଦାବି କରିଛି। ଜିଲା ଛାତ୍ର କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୀଶାନ କୁମାର ଦାଶ, ଦେବୁନା ସିଂ ଅଭିଜିତ ସାମନ୍ତରାୟ, ସୁଭାଶିଷ ପାତ୍ରୀ, ଗୌରବ ପ୍ରଧାନ, ରାଜା ଦାସ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।


ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


इंडियन बैंक | Indian Bank | इलाहाबाद | ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ସହ-ଋଣଗ୍ରହୀତା: ଶ୍ରୀମତୀ ରୋଜାଲିନ୍ ବିଶ୍ୱାଳ,** ଉଭୟଙ୍କ ଠିକଣା: ସା-ବଡଗାଁ, ପୋ.: ତରତଙ୍ଗ, ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୮। | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୩୨୩(ହାଲ ପ୍ଲଟ ନଂ.୧୦୫୪), ଖାତା ନଂ.୧୭୧(ହାଲ ଖାତା ନଂ.୧୦୬), ଏରିଆ: ଏ୦.୦୧ ଡିସ୍ମିଲି, ମୌଜା: ଇଶ୍ୱରପୁର, ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ବିକେଇ ଲେଙ୍କା, ଉତ୍ତର- ସତ୍ୟାନନ୍ଦ ଲେଙ୍କା, ଦକ୍ଷିଣ- ଯୋଗେନ୍ଦ୍ର ବିଶ୍ୱାଳ। | ୧୩.୧୧.୨୦୨୨ | ୨୪.୧୧.୨୦୨୩ | ତା.୦୯.୦୯.୨୦୨୨ରିଖ ସୁଦ୍ଧା ଟ.୧୯,୨୭,୨୧୪.୪୬ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ନଜିବ୍ ଇଣ୍ଡିଆକ୍ ଆଲାମ୍ ଖାନ୍,** ପିତା: ଇକ୍‌ରାର ଖାନ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଘଜାଲା ତାନ୍‌ଜିନ୍,** ଉଭୟଙ୍କ ଠିକଣା: ସା- ଦେଉଳିଗ୍ରାମେଶ୍ୱର (ଅଖୁଣସାହି), ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | **ଶ୍ରୀ ନଜିବ୍ ଇଣ୍ଡିଆକ୍ ଆଲାମ୍ ଖାନ୍‌ଙ୍କ** ନାମରେ ଥିବା ସମ୍ପତ୍ତି (ଜମି) ଯାହାର ଖାତା ନଂ.୪୮/୧୦୮, ପ୍ଲଟ ନଂ.୨୧୪/୭୬୯, ଏରିଆ: ଏ୦.୧୩ ଡିସିମିଲି, ମୌଜା: ଯୟବଡ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ଦିଲ୍‌ଦାର ଇଫ୍‌ତିୟାକ୍ ଆଲାମ ଖାନ୍, ପଶ୍ଚିମ- ଆଲ୍ଲାହ ବକ୍ସ ଏବଂ ଇକରାର୍ ବକ୍ସ, ଉତ୍ତର- ରାସ୍ତା, ଦକ୍ଷିଣ- ଅମିକ୍ ଇମ୍‌ତିଆକ୍ ଆଲାମ୍ ଖାନ୍। | ୦୧.୦୯.୨୦୨୩ | ୨୪.୧୧.୨୦୨୩ | ତା.୦୨.୦୯.୨୦୨୩ରିଖ ସୁଦ୍ଧା ଟ.୧୮,୧୩,୧୪୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552, E-mail:ori-dganjam@nic.in

L.No.13507/Estt. **ADVERTISEMENT** Date:12.10.2023

No.CAD-3053:Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552, E-mail:ori-dganjam@nic.in

L.No.15328/Estt. **OFFICE ORDER** Date:23.11.23

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023

Bid Identification No.:P&C/EST/E-150/2023-24

NOTICE INVITING TENDER THROUGH e-Procurement

**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar
**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/EST/E-150/2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C) IDCO, Bhubaneswar
OIPR-14003/11/0291/2324

# ନୂଆ ଫିଲ୍ମ ପଲିସି ଆଣିବେ ରାଜ୍ୟ ସରକାର

## ସରକାରଙ୍କ ସହ ଆଲୋଚନା ପରେ ଧାରଣାରୁ ଉଠିଲେ ପ୍ରଯୋଜିକା ସନ୍‌ଲିସା

ଭୁବନେଶ୍ୱର,୨୮।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଫିଲ୍ମ ପ୍ରଯୋଜିକା ସନ୍‌ଲିସା ପଟେଲ ଷଷ୍ଠ ଦିନରେ ଅର୍ଥାତ୍ ମଙ୍ଗଳବାର ଧାରଣା ପ୍ରତ୍ୟାହାର କରିଛନ୍ତି। ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ ନେଇ ସେ ଗତ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ମଙ୍ଗଳବାର ଚଳଚ୍ଚିତ୍ର ପ୍ରସଙ୍ଗରେ ସରକାରଙ୍କ ସହିତ ଆଲୋଚନା ସଫଳ ହେବା ପରେ ସେ ଧାରଣାରୁ ଉଠିଛନ୍ତି। ଆଲୋଚନା ସମୟରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଓଡ଼ିଆ ଭାଷାରେ ପ୍ରସ୍ତୁତ ଚଳଚ୍ଚିତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ରାଜ୍ୟ ସରକାର। ଚଳିତ ଆର୍ଥିକ ବର୍ଷରେ ନୂଆ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ନୀତି ଆସିବ। ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଆ ଚଳଚ୍ଚିତ୍ରର ପ୍ରଦର୍ଶନ ଓ ବିତରଣରେ କିପରି ସୁଧାର ଆସିପାରିବ ଏବଂ ଓଡ଼ିଶାରେ ସିନେମା ହଲ୍ ସଂଖ୍ୟା କିଭଳି ବଢ଼ିବ, ବିଶେଷ କରି ସିନେମା ଶିଳ୍ପର ବିକାଶ କିଭଳି ହେବ ସେ ନେଇ ନୂଆ ନିୟମ କରାଯିବ। ଏଥିପାଇଁ ଓଡିଶା ଫିଲ୍ମ ପଲିସି ୨୦୧୯ରେ କେତେକ ପରିବର୍ତ୍ତନ କରାଯାଇ ନୂଆ ପଲିସି ଅଣାଯିବ, ଯେଉଁଥିରେ ବିତରଣ ଓ ପ୍ରଦର୍ଶନ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଦୂର ହେବ। ନୂଆ ନିୟମକୁ ସରଳୀକରଣ କରାଯିବା ସହ ଅନ୍‌ଲାଇନ୍‌ରେ କିଭଳି ସୁବିଧା ମିଳିପାରିବ ସେଥିପାଇଁ ଚଳଚ୍ଚିତ୍ର ଆପ୍ଲିକେଶନ ପ୍ରସ୍ତୁତ କରାଯିବ। ବିତରଣ ଓ ପ୍ରଦର୍ଶନରେ ସୁଧାର ଆଣିବା ପାଇଁ ନୂଆ ହଲ୍ ହେବ। ଗ୍ରାମାଞ୍ଚଳ, ସହରର ଉପକୂଳ ଅଞ୍ଚଳରେ ସିଙ୍ଗିଲ ସ୍କ୍ରିନ୍ ଥିଏଟର ହଲଗୁଡ଼ିକ ପ୍ରସ୍ତୁତ ହେବ। ବନ୍ଦ ପଡ଼ିଥିବା ହଲ୍‌ର ପୁନରୁଦ୍ଧାର କରାଯିବ। ଏଥିପାଇଁ ନୂଆ ପଲିସିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଶର୍ମା କହିଛନ୍ତି।

ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଚାମ୍ବରରେ ଏହି ଆଲୋଚନା ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଅଧ୍ୟକ୍ଷ କୁନା ତ୍ରିପାଠୀଙ୍କ ସହ ବରିଷ୍ଠ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ଅଭିନେତ୍ରୀ ମହେଶ୍ୱତା ମହାନ୍ତି, ପ୍ରଯୋଜିକା ସନ୍‌ଲିସା ପଟେଲ, ସ୍ୱାମୀ ସଞ୍ଜୟ ପଟେଲ, ପ୍ରଯୋଜକ ତାପସ ସରଗରିଆ, ଅଭିନେତା ସୁକାନ୍ତ ରଥ, ବୁଦ୍ଧାଦିତ୍ୟ, ଅଖିଳ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ ଆନ୍ଦୋଳନ ମାଧ୍ୟମରେ ଆସିଥିବା ୫ ଦଫା ଦାବି ସହ ଓଡ଼ିଆ ସିନେମାର ବିକାଶରେ ବାଧକ ସାଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ସନ୍‌ଲିସାଙ୍କ ସହ ଅନ୍ୟମାନେ ମତ ରଖିଥିଲେ। ଆସନ୍ତା କିଛିଦିନ ମଧ୍ୟରେ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ମିଳିଛି । ସନ୍‌ଲିସା କହିଛନ୍ତି, ମୁଁ ଜାଣି ନ ଥିଲି ମୋ ଚେଷ୍ଟା ଦ୍ୱାରା ଏମିତି କିଛି ସମ୍ଭବ ହୋଇପାରିବ। ପୂରା ସିନେ ଇଣ୍ଡଷ୍ଟ୍ରି ମୋ ସାଥ୍ ଦେଇଛନ୍ତି। ୨ରୁ ୪ମାସ ମଧ୍ୟରେ କିଛି ନୂଆ ପଲିସି ଆସିବ ବୋଲି ମୁଁ ଆଶା କରୁଛି।



ଆଲୋଚନା ସମୟରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହ ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ, ଧାରଣା ଦେଇଥିବା ପ୍ରଯୋଜିକା ସନ୍‌ଲିସା ପଟେଲ ଓ ଅନ୍ୟ ବରିଷ୍ଠ ପ୍ରଯୋଜକ, ଅଭିନେତ୍ରୀ, ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ ପ୍ରମୁଖ।

■ ଓଡ଼ିଶା ଫିଲ୍ମ ପଲିସି ୨୦୧୯ରେ ପରିବର୍ତ୍ତନ ହେବ
■ ହଲ୍ ସଂଖ୍ୟା ବୃଦ୍ଧି ସହ ବିତରଣ, ପ୍ରଦର୍ଶନକୁ ଗୁରୁତ୍ୱ

### କ'ଣ ଥିଲା ସନ୍‌ଲିସାଙ୍କ ଦାବି

ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖା ସିନେମା ହଲ୍ ନିର୍ମାଣ ହେବ। ପ୍ରତ୍ୟେକ ସିନେମା ଉପରେ ଲୋନ୍ ଓ ସବ୍‌ସିଡି ପ୍ରଦାନ କରାଯାଉ। ଗୋ ସ୍ୱିଫ୍ଟ ଯୋଜନାରେ ସିନେମା ଶିଳ୍ପରେ ପୁଞ୍ଜି ନିବେଶ କରାଯାଉ ଓ ବିତରଣ ପ୍ରଦର୍ଶନରେ ସୁଧାର ଆଣିବା ପାଇଁ ହଲ୍ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ହେବ। ଓଡ଼ିଆ ଚଳଚ୍ଚିତ୍ର ବିତରଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଓଏଫ୍‌ଡିସିକୁ କ୍ଷମତା ପ୍ରଦାନ କରିବା ଓ ଏଥିପାଇଁ ମନିଟରିଙ୍ଗ ଏଜେନ୍ସି ସହ ରେଗୁଲେଟରି ବୋର୍ଡ ଗଠନ। ବନ୍ଦ ପଡ଼ିଥିବା ସିଙ୍ଗଲ ସ୍କ୍ରିନ ପ୍ରେକ୍ଷାଳୟର ପୁନରୁଦ୍ଧାର ପାଇଁ ଲୋନ୍ ଓ ସବ୍‌ସିଡି ପ୍ରଦାନ କରାଯାଉ ବୋଲି ସନ୍‌ଲିସା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡ଼ାର ଝିଅ ସନ୍‌ଲିସାଙ୍କ ପ୍ରଯୋଜିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'କୁ ବଲାଙ୍ଗୀରରେ ବିରୋଧ କରାଯାଇଥିଲା। ଏପରିକି ସେ ବାଧହୋଇ ତାଙ୍କ ସିନେମାକୁ ହଲ୍‌ରୁ ଉଠାଇ ନେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଶୁଭଶ୍ରୀ



@ ପ୍ରଭାତ



@ ସୁଶାନ୍ତ



@ ତପସ୍ୱିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସାଇକେଲରେ ଲାଗିବ ଷ୍ଟିକର

**ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା):** ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସାଇକେଲରେ ଷ୍ଟିକରିଂ କରାଯିବ। ଆସନ୍ତା ୩୦ତାରିଖରେ ଏହି ଷ୍ଟିକର ଲଗାଯିବ। 'ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା'ରେ ସାଇକେଲ ପାଇଁ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ୩୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ନୂଆ ସାଇକେଲ ନେଇ ଗୁରୁବାର ସେମାନେ ସ୍କୁଲକୁ ଆସିବେ। ସେଠାରେ ସାଇକେଲଗୁଡ଼ିକର ଭେରିଫିକେଶନ୍ କରାଯିବା ସହ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର ଲଗାଯିବ। ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟରେ କୌଣସି ଉତ୍ସବ ଆୟୋଜନ କରାଯିବ ନାହିଁ। ପିଲାଙ୍କ ପାଠପଢ଼ା ଯେମିତି ବ୍ୟାଘାତ ନ ହେବ ସେଥିପାଇଁ ରିସେସ୍ ସମୟରେ ଏହି ଷ୍ଟିକରିଂ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମୋ ସ୍କୁଲ୍ ପକ୍ଷରୁ ଆବଶ୍ୟକ ଷ୍ଟିକର ମଧ୍ୟ ଯୋଗାଇ ଦିଆଯାଇଛି। ଏ ସଂକ୍ରାନ୍ତ ବିନିଯୋଗ ପ୍ରମାଣପତ୍ର ଡିସେମ୍ବର ୧୫ ମଧ୍ୟରେ ଦାଖଲ କରିବାକୁ ସମସ୍ତ ବ୍ଲକ୍ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ବନକଲାଗି ନୀତି ହେବ**

**ପୁରୀ, ୨୮।୧୧(ଅଜିତ୍ ମହାନ୍ତି):** ମାର୍ଗଶିର ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଅର୍ଥାତ୍ ବୁଧବାର ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ବନକଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ସେମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସାରି ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବନକଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।




ଉତ୍ତରାଖଣ୍ଡର ଉତ୍ତରକାଶୀ ଅଞ୍ଚଳରେ ଏକ ସୁଡ଼ଙ୍ଗରେ ଫସିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିଥିବା ଟିମ୍‌କୁ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସାଲ୍ୟୁଟ୍ ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପ୍ରସ୍ତୁତ କରିଥିବା ବାଲୁକା କଳା।

## ୬୨ ଅଧ୍ୟାପିକା ଅଧ୍ୟାପକଙ୍କ ବଦଳି

ଭୁବନେଶ୍ୱର,୨୮।୧୧(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ୬୨ ଅଧ୍ୟାପିକାଅଧ୍ୟାପକଙ୍କ ମଙ୍ଗଳବାର ବଦଳି ହୋଇଛି। ଏମାନେ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବଦଳି ନିର୍ଦ୍ଦେଶ ଶୀଘ୍ର କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ତାଲିକାରେ ଥିବା ଅଧିକାଂଶ ଅଧ୍ୟାପକଙ୍କର ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ବଦଳି କରାଯାଇଛି।

## ନନ୍ଦନକାନନରେ ଚିକିତ୍ସାଧୀନ ଗାଡ଼ଭାଲୁ ମୃତ

ବାରଙ୍ଗ,୨୮।୧୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ୧୫ବର୍ଷର ଅଣ୍ଡିରା ଗାଡ଼ଭାଲୁର ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ଚିକିତ୍ସକଙ୍କ ଦ୍ୱାରା ଭାଲୁର ଶବ ବ୍ୟବଚ୍ଛେଦ କରିଛନ୍ତି। ଏହି ଗାଡ଼ଭାଲୁ କେନ୍ଦୁଝର ଅଞ୍ଚଳରୁ ଅସୁସ୍ଥ ଅବସ୍ଥାରେ ନନ୍ଦନକାନନ ଆସିଥିଲା। ସେ କିଛିଦିନ ହେବ ବୟସାଧିକ୍ୟ କାଣରୁ ବିଭିନ୍ନ ରୋଗରେ ପୀଡ଼ିତ ଥିଲା। ଚିକିତ୍ସା ସତ୍ତ୍ୱେ ଦିନକୁ ଦିନ ଅସୁସ୍ଥ ହେବାରୁ ତାକୁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ବନ୍ୟପ୍ରାଣୀ ଚିକିତ୍ସାଳୟକୁ ଆଣି ଉନ୍ନତମାନର ଚିକିତ୍ସା କରାଯାଉଥିବାବେଳେ ମଙ୍ଗଳବାର ତାର ମୃତ୍ୟୁ ଘଟିଛି।

## ଓଡ଼ିଶା ମିଲେଟ୍ସ ମିଶନକୁ 'ଗ୍ଲୋବାଲ ମଡେଲ' ପୁରସ୍କାର

ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)

ମିଲେଟ୍ସର ପ୍ରୋତ୍ସାହନ ପାଇଁ ଓଡ଼ିଶା ମିଲେଟ୍ସ ମିଶନକୁ 'ଗ୍ଲୋବାଲ ମଡେଲ୍' ପୁରସ୍କାର ମିଳିଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ସ ରିସର୍ଚ୍ଚ ଦ୍ୱାରା ହାଇଦ୍ରାବାଦଠାରେ ଆୟୋଜିତ ଅନ୍ତରାଷ୍ଟ୍ରୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୫.୦ ଅବସରରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ଏକ ଅଧିବେଶନରେ ସହ ଅଧ୍ୟକ୍ଷ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଓଡ଼ିଶା ମିଲେଟ୍ସ ମିଶନ୍ ବ୍ୟାପକ ଭାବେ ମିଲେଟ୍ସର ପୁନରୁଦ୍ଧାର କାର୍ଯ୍ୟ କରିଥିବାବେଳେ ଏହା ଅନ୍ୟ ରାଜ୍ୟ ଓ ବିଶ୍ୱପାଇଁ ଏକ ମଡେଲ କାର୍ଯ୍ୟକ୍ରମ ସାବ୍ୟସ୍ତ ହୋଇ ପାରିଛି ବୋଲି ଡ. ପାଢ଼ୀ କହିଥିଲେ।

ନଭେମ୍ବର ୨୭ ଓ ୨୮ରେ ଏହି ଦୁଇଦିନିଆ ଅନ୍ତ ରାଷ୍ଟ୍ରୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୫.୦ ଆୟୋଜନ କରାଯାଇଥିଲା। ବିଷୟବସ୍ତୁ ଥିଲା 'ମେନ୍‌ଷ୍ଟ୍ରିମିଙ୍ଗ୍ ମିଲେଟ୍ସ ନାଓ ଆଣ୍ଡ୍ ବିୟଣ୍ଡ୍', ଯାହାକି ଆଜିର ଦିନରେ ଏହି ପ୍ରାଚୀନ ଶସ୍ୟର ମହତ୍ତ୍ୱକୁ ପ୍ରଦର୍ଶିତ କରୁଛି। ଉଦ୍‌ଯାପନୀ ଉତ୍ସବରେ ତେଲଙ୍ଗାନା ରାଜ୍ୟପାଳ ଡ. ତାମିଲସାଇ ସୌନ୍ଦରାରାଜନ୍ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପୁଡୁଚେରୀର ଉପରାଜ୍ୟପାଳ, ଏମ୍‌ସ ହାଇଦ୍ରାବାଦର ନିର୍ଦ୍ଦେଶକ, ସିଏସିପିର ଅଧ୍ୟକ୍ଷ, ଆଇସିଏଆର୍–ଏନ୍‌ଏଏଆର୍‌ଏମ୍‌ର ନିର୍ଦ୍ଦେଶକ, ଏନ୍‌ଆର୍‌ଏଏର ପୂର୍ବତନ ସିଇଓ, ମିଲେଟ୍ସ ସ୍କିମ୍ ଅଧିକାରୀ କଳ୍ପନା ପ୍ରଧାନ, ସ୍ୱୟଂଶ୍ରଦ୍ଧା ମହିଳା ମହାସଂଘର ପ୍ରତିନିଧି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଏକାଧିକ ବୈଷୟିକ ଅଧିବେଶନ, ବୁଝାମଣାପତ୍ର ସ୍ୱାକ୍ଷର, ପୁସ୍ତିକା ଆଦି ପ୍ରକାଶ କରାଯାଇଥିଲା।

# ଘରୋଇ ଶିକ୍ଷାନୁଷ୍ଠାନ ବସ୍‌ରେ ନିଆଁ

ଗୋପ,୨୮।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

■ ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର
■ ବିନା କାଗଜପତ୍ରରେ ଚାଲୁଛି ସ୍କୁଲ ଗାଡ଼ି
■ ଯାଞ୍ଚ ଦାବିକଲେ ଅଭିଭାବକ

ଗୋପ– କୋଣାର୍କ ରାସ୍ତାର ବାୟାକୁଦା ଗାଁ ନିକଟରେ ମଙ୍ଗଳବାର ସକାଳ ସାଢ଼େ ୮ଟାବେଳେ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସ୍‌ରେ ନିଆଁ ଲାଗିଯାଇଥିଲା। ଏଥିରୁ ବସ୍‌ରେ ଥିବା ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ପ୍ରତିଦିନ ପରି ନିମାପଡ଼ା ଡିଏଭି ପବ୍ଲିକ ସ୍କୁଲର ବସ୍ ଗୋପ ବ୍ଲକ ଅଞ୍ଚଳରୁ ଛାତ୍ରୀଛାତ୍ରଙ୍କୁ ନେବାକୁ ଆସିଥିଲା। ବିଭିନ୍ନ ସ୍ଥାନରୁ ୭ ଜଣ ଛାତ୍ରୀଛାତ୍ରଙ୍କୁ ଉଠାଇ ଅନ୍ୟତ୍ର ଯାଉଥିଲା। ହଠାତ୍ କୌଣସି କାରଣରୁ ଗୋପ ବଜାର ଛକଠାରୁ ବସ୍ ପଛରୁ ଧୂଆଁ ବାହାରିବା ଦେଖି ଲୋକେ ହୋହଲ୍ଲା କରିଥିଲେ ମଧ୍ୟ ଚାଳକ ଜାଣି ପାରି ନ ଥିଲେ। ଗୋପବନ୍ଧୁ ବେହେରା ଖିର ବ୍ୟବସାୟୀ ବସ୍‌କୁ ପିଛା କରି ଚାଳକଙ୍କୁ ଏ ବାବଦରେ କହିବାରୁ ସେ ବାୟାକୁଦା ଗାଁ ନିକଟରେ ବସ୍ ଅଟକାଇଥିଲେ। ବସ୍ ଭିତରେ ଧୂଆଁ ଭରିଯାଇଥିବାରୁ ଛାତ୍ରୀଛାତ୍ର ବାହାରକୁ ଆସିଯାଇଥିଲେ। ବସ୍ ପଛ ଭାଗରେ ନିଆଁ ସହିତ ଧୂଆଁ ବାହାରୁ ଥିବାରୁ ସ୍ଥାନୀୟ ଲୋକେ ପାଣି ମାଡ଼ କରିଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଛତୁ ଫୁଟିବା ଭଳି ଘରୋଇ ଶିକ୍ଷାନୁଷ୍ଠାନ ଗଢି ଉଠିଲାଣି। ଏଥିସହ ସରକାରୀ ନିୟମକୁ ଉଲ୍ଲଂଘନ କରି ସ୍କୁଲ ଚାଲିବାବେଳେ ବିନା କାଗଜପତ୍ରରେ ଶତାଧିକ ଗାଡ଼ି ଚାଲିବା ଯୋଗୁ ଏପରି ବାରମ୍ବାର ଦୁର୍ଘଟଣା ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଏସବୁର ଯାଞ୍ଚ ନ ହୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ନ ଥାଇ ଏନ୍‌ଓସି ଦେବା, ଜିଲା ପରିବହନ ବିଭାଗ ପକ୍ଷରୁ ଗାଡ଼ିକୁ ନିୟମିତ ଯାଞ୍ଚ ନ ହେବା ଯୋଗୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରି ଯାଞ୍ଚ ପାଇଁ ଦାବି କରିଛନ୍ତି। ଏହି ଦୁର୍ଘଟଣା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ, ସେ ଏ ବାବଦରେ ଅବଗତ ନାହାନ୍ତି। ତଥାପି ଏଥିପ୍ରତି ଗୁରୁତ୍ୱ ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



## ମହାପ୍ରଭୁଙ୍କୁ ଦର୍ଶନକଲେ ଡିଜିପି

ପୁରୀ,୨୮।୧୧(ଅଜିତ ମହାନ୍ତି)

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ ମଙ୍ଗଳବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପଞ୍ଚକ ଓ କାର୍ତ୍ତିକ ପୂର୍ଣ୍ଣିମାରେ ପୋଲିସ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସଫଳ ପରିଚାଳନା ବ୍ୟବସ୍ଥା ପାଇଁ ପୋଲିସକୁ ସେ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ଇଂଲିଶ ନୂଆବର୍ଷରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ଥିବାରୁ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବଂଶଲ କହିଛନ୍ତି। ଡିଜିପି ଆହୁରି କହିଛନ୍ତି, କାର୍ତ୍ତିକ ପୂର୍ଣ୍ଣିମାରେ ୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଭକ୍ତମାନେ ପୋଲିସ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଭକ୍ତମାନେ ଯେତେ ଆଶା ନେଇ ଆସୁଛନ୍ତି, ତାହାଠାରୁ ଅଧିକ ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳା ଭାବେ ଦର୍ଶନ କରାଇବା ଆମର ଲକ୍ଷ୍ୟ। ଏସ୍‌ପି କନଓ୍ୱର ବିଶାଲ ସିଂହଙ୍କ ପରିଚାଳନାରେ ଭକ୍ତମାନେ ଭଲ ଭାବେ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫–ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ୭୦ ପ୍ଲାଟୁନ ଫୋର୍ସ ସହ ରାଜ୍ୟର ବଛା ବଛା ୩୦୦ ଅଧିକାରୀ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ନିୟୋଜିତ ଥିଲେ।



ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଡିଜିପି ସୁନୀଲ ବଂଶଲ ଶ୍ରୀମନ୍ଦିରକୁ ଯାଉଛନ୍ତି

# ଫୁଲ ସୋରେନ ଉପ ଅଧିନାୟିକା

ଭୁବନେଶ୍ୱର, ୨୮।୧୧

(ତପନ ସ୍ୱାଇଁ)

ଡିସେମ୍ବର ୧୧ରୁ ୧୫ ପର୍ଯ୍ୟନ୍ତ ମୁମ୍ବାଇରେ ଭାରତ ଓ ନେପାଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଦୃଷ୍ଟିବାଧିତ ମହିଳା ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଭାରତୀୟ ଦଳର ଅଧିନାୟିକା ଓ ଉପଅଧିନାୟିକାଙ୍କ ନାମ ଘୋଷଣା କରାଯାଇଛି। ବର୍ମିଂହାମରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍ଏ) ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ନେତୃତ୍ୱ ନେଇଥିବା ବର୍ଷାଙ୍କୁ ଆଗାମୀ ସିରିଜ ପାଇଁ ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶାର ଫୁଲ ସୋରେନ ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଫୁଲଙ୍କ ସମେତ ଓଡ଼ିଶାର ୪ ଖେଳାଳି ଭାରତୀୟ ଦଳରେ ସାମିଲ ଅଛନ୍ତି। ଅନ୍ୟ ୩ ଖେଳାଳି ହେଲେ ଝିଲି ବିରୁଆ, ବାସନ୍ତୀ ହାଁସଦା ଓ ପଦ୍ମିନୀ ଟୁଡୁ।

# ଗଣେଶଙ୍କୁ ନ୍ୟାଶନାଲ ଆଡ୍‌ଭେଞ୍ଚର ପୁରସ୍କାର



ଭୁବନେଶ୍ୱରରେ ପହଞ୍ଚିବା ପରେ ଗଣେଶ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

ଭୁବନେଶ୍ୱର, ୨୮।୧୧

(ତପନ ସ୍ୱାଇଁ)

ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହି ଗଣେଶ ଜେନା ସମ୍ମାନଜନକ ଜ୍ଞାନ ସିଂ ନ୍ୟାଶନାଲ ଆଡ୍‌ଭେଞ୍ଚର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସୋମବାର ଅପରାହ୍ନରେ ନୂଆଦିଲ୍ଲୀର ଇଣ୍ଟରନ୍ୟାଶନାଲ ୟୁଥ୍ ହଷ୍ଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗଣେଶଙ୍କୁ ପୁରସ୍କୃତ କରାଯାଇଥିଲା। ନ୍ୟାଶନାଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନ ସଭାପତି ଲ୍ୟୁଟନାଣ୍ଟ ଜେନେରାଲ ରମନ ଧାୱନ ମୁଖ୍ୟ ଅତିଥି ଏବଂ ଏନ୍ଏଏଫ୍ ୱିଙ୍ଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମାଣ୍ଡର କେ.କେ. ବର୍ମା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବାପରେ ଗଣେଶଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ହରେଶ ମିଶ୍ର ଓ ବିଜୟ କୁମାର ରାଉତ, ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ଉପସଭାପତି ଶକ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ଓପନ ଗେଟ୍‌ବଲ ଉଦ୍‌ଯାପିତ


ଦଳଗତ ଚାମ୍ପିୟନ ଓଡ଼ିଶା ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୮।୧୧

(ତପନ ସ୍ୱାଇଁ)

ଇଣ୍ଡିଆନ ଗେଟବଲ୍ ୟୁନିୟନ ଆନୁକୂଲ୍ୟରେ ସ୍ଥାନୀୟ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଷ୍ଟାଡିୟମରେ ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି ଦେଶ (ଭାରତ, ଥାଇଲାଣ୍ଡ, ଇଣ୍ଡୋନେସିଆ, ତାଇୱାନ, ଜାପାନ)ରୁ ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଦଳଗତ ଇଭେଣ୍ଟରେ ଇଣ୍ଡିଆନ ଗେଟ୍‌ବଲ ୟୁନିୟନର ଓଡ଼ିଶା ଦଳ ଚାମ୍ପିୟନ ହୋଇଥିଲା। ଡବଲ୍ସରେ ଇଣ୍ଡୋନେସିଆ ଦଳ ପ୍ରଥମସ୍ଥାନ ଅଧିକାର କରିଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଏବଂ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ସରୋଜକାନ୍ତ ମିଶ୍ର ୨ ଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌ର ପ୍ରଫେସର ଅଶୋକ ଚୌଧୁରୀ, ରୋଟାରି ଡିଜି ଆରଟିଏନ୍ ଜୟଶ୍ରୀ ମହାନ୍ତି, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ ପ୍ରିନ୍ସିପାଲ ଜୟଦୀପ ତାଲୁକଦାର, ଦେବବ୍ରତ କର (ଡିନ୍, ଏକାଡେମିକ୍), ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ମନୋରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଇଣ୍ଡିଆନ ଗେଟବଲ୍ ୟୁନିୟନ ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାସ, ଆୟୋଜକ କମିଟି ସଭାପତି ପ୍ରକାଶ ବେତାଳ, ଉପସଭାପତି ଉମାକାନ୍ତ ପାଣି, ରାମ ପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ମିଶ୍ର ଓ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟର କ୍ରୀଡ଼ା ସଂଯୋଜକ ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଜାତୀୟ ପିକଲବଲ୍‌ରେ ଭାଗନେବ ଓଡ଼ିଶା


ଜାତୀୟ ପିକଲବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୨୮।୧୧

(ତପନ ସ୍ୱାଇଁ)

ଅହମଦାବାଦର ଅଦାନୀ ସ୍ପୋର୍ଟ୍ସ ଲାଇନ୍ ରିଭର୍ଫ୍ରଣ୍ଟ ସ୍ପୋର୍ଟ୍ସ ପାର୍କରେ ଜାତୀୟ ପିକଲବଲ୍ ଚାମ୍ପିୟନଶିପ୍ ଡିସେମ୍ବର ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥରପାଇଁ ଓଡ଼ିଶା ଅଂଶଗ୍ରହଣ କରିବ। ହାଇୱେ ହୋଣ୍ଡା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନବନିର୍ମିତ ପିକଲବଲ୍ କୋର୍ଟରେ ଓଡ଼ିଶା ପିକଲବଲ୍ ଆସୋସିଏଶନ ସଭାପତି ଶକ୍ତି ରଞ୍ଜନ ଦାସ ଉକ୍ତ ପ୍ରତିଯୋଗିତା ପାଇଁ ଦଳ ଘୋଷଣା କରିଛନ୍ତି। ୪ଟି ଯାକ କୋର୍ଟ ଅତି ସୁନ୍ଦର। ହାଇୱେ ହୋଣ୍ଡା ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଦ୍ୱିତୀୟ ମହଲାରେ ଥିବା ଛାତ ବିଶିଷ୍ଟ କୋର୍ଟ ଭାରତର ପ୍ରଥମ ପିକଲବଲ୍ ରଫ୍ ଟପ୍ କୋର୍ଟ ବୋଲି ଆସୋସିଏଶନ ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଆସୋସିଏଶନ ଉପସଭାପତି ଆଦିତ୍ୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋର୍ଟ ଗୁଡ଼ିକର କାର୍ଯ୍ୟ ରେକର୍ଡ ସମୟ ମଧ୍ୟରେ ସମ୍ପନ୍ନ ହୋଇଛି ବୋଲି ସେ କହିଛନ୍ତି। ପିକଲବଲ୍ କୋର୍ଟ ଉଦ୍‌ଘାଟନ ଅବସରରେ ଶକ୍ତି ଦାସ କହିଲେ ଯେ, ଟେନିସ, ଟେବୁଲ ଟେନିସ ଓ ବ୍ୟାଡ଼ମିଣ୍ଟନ ଖେଳରେ ରୁଚିରଖୁଥିବା ଯେ କୌଣସି ବ୍ୟକ୍ତି ଏହି ଗେମ୍ ଖେଳି ପାରିବେ। ଆମେରିକା ଓ ୟୁରୋପରେ ଲୋକପ୍ରିୟତା ହାସଲ କରିଥିବା ପିକଲବଲ୍‌କୁ ଯେ କୌଣସି ବୟସ ବର୍ଗର ବ୍ୟକ୍ତି ଖେଳିପାରିବେ। ଜାତୀୟ ଚାମ୍ପିୟନଶିପ୍‌ରେ ରାଜ୍ୟପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଶକ୍ତି ରଞ୍ଜନ ଦାଶ ଓ ଶୁଭ୍ରାଂଶୁ ଷଡ଼ଙ୍ଗୀ ଯଥାକ୍ରମେ ୫୦+ ଓ ୬୦+ ବର୍ଗରେ ଖେଳିବେ। ଏକଲବ୍ୟ ମହାପାତ୍ର ଓ ଶକ୍ତି ରଞ୍ଜନ ଦାଶ ପୁରୁଷ ଡବଲ୍ସ, ସ୍ପନ୍ଦନ ଶତପଥୀ ଉଭୟ ୧୯ ବର୍ଷରୁ କମ୍ ଓ ପୁରୁଷ ସିଙ୍ଗଲ୍ସ, ଅର୍ଣ୍ଣବ ବରାଳ ଓ ପ୍ରଥୁଲ ବିଶ୍ୱାଳ ଉଭୟ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗନେବେ। ସେହିପରି ସୋହୁମ ପଟ୍ଟନାୟକ ୧୪ ଓ ୧୬ ବର୍ଷରୁ କମ୍ ସିଙ୍ଗଲ୍ସ, ବିନାୟକ ଚନ୍ଦ୍ର ବେହେରା ୧୬ ଓ ୧୯ ବର୍ଷରୁ କମ୍ ବର୍ଗ ସିଙ୍ଗଲ୍ସରେ ଅଂଶଗ୍ରହଣ କରିବେ।

# ବିବାହ ବନ୍ଧନରେ ମୁକେଶ


ସ୍ତ୍ରୀ ଦିବ୍ୟା ସିଂଙ୍କ ସହ ମୁକେଶ କୁମାର।

ଗୁଆହାଟୀ, ୨୮।୧୧

ଭାରତୀୟ ଦଳର ଷ୍ଟ୍ରାଇକ୍ ବୋଲର ମୁକେଶ କୁମାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜର ତୃତୀୟ ଟି୨୦ ମ୍ୟାଚ୍ ପୂର୍ବରୁ ମୁକେଶ ବିବାହ ପାଇଁ ଦଳରୁ ଛୁଟି ନେଇଥିଲେ। ବିହାରର ଛପ୍ରା ଅଞ୍ଚଳର ଦିବ୍ୟା ସିଂଙ୍କ ସହିତ ମୁକେଶ ବିବାହ କରୁଥିବା ବେଳେ ଉତ୍ତର ପ୍ରଦେଶର ଗୋରଖପୁରର ଏକ ହୋଟେଲରେ ଏହି ବିବାହ ହେଉଛି। ବିବାହ ପରେ ଡିସେମ୍ବର ୪ ତାରିଖରେ ମୁକେଶ ନିଜ ପୈତୃକ ଗ୍ରାମ କାକଡକୁଣ୍ଡରେ ଏକ ରିସେପ୍ସନ ପାର୍ଟି ପ୍ରଦାନ କରିବେ। ଚଳିତ ଫେବୃୟାରୀ ମାସରେ ଦିବ୍ୟାଙ୍କ ସହିତ ତାଙ୍କର ନିର୍ବନ୍ଧ ହୋଇଥିଲା। ପରବର୍ତ୍ତୀ ୩ ମ୍ୟାଚ୍‌ରୁ ମୁକେଶ ଛୁଟି ନେଇଥିବା ବେଳେ ତାଙ୍କ ସ୍ଥାନରେ ଦୀପକ ଚହରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।


इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

{ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.mstcecommerce.com

| କ୍ର. ନଂ. | ଶାଖା/ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ଚୌଧୁରୀ ବଜାର ଶାଖା /** ଋଣଗ୍ରହୀତା: ୧) ମେସର୍ସ ଜଗନ୍ନାଥ ପ୍ଲାଏ, ସ୍ୱତ୍ତ୍ୱାଧିକାରୀ: ବାମନ କୁମାର ମୁଦୁଲି, ସା: ଦୋଳମଣ୍ଡପ ସ୍କୋୟାର, କଟକ-୭୫୩୦୦୧ ୨) ବାମନ କୁମାର ମୁଦୁଲି, ପିତା: ୰ କେଲୁ ଚରଣ ମୁଦୁଲି / ଋଣଗ୍ରହୀତା/ବନ୍ଧକଦାତା: ନିରଞ୍ଜନ ମୁଦୁଲି, ପିତା: ୰ କେଲୁ ଚରଣ ମୁଦୁଲି, ସମସ୍ତଙ୍କ ଠିକଣା- ସା: ଦୋଳମଣ୍ଡପ ସ୍କୋୟାର, କଟକ-୭୫୩୦୦୧ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ରାଧାମଣୀ ମୁଦୁଲି, ସ୍ୱାମୀ: ୰ କେଲୁ ଚରଣ ମୁଦୁଲି, ଠିକଣା: ୧) ସା: ଦୋଳମଣ୍ଡପ ସ୍କୋୟାର, କଟକ-୭୫୩୦୦୧, ଠିକଣା: ୨) ସା/ପୋ: ପିଠାପୁର, ବକ୍ସି ବଜାର, ଥାନା: ପୁରୀଘାଟ, କଟକ-୭୫୩୦୦୨ | ରାଧାମଣୀ ମୁଦୁଲି, ସ୍ୱାମୀ: ୰ କେଲୁ ଚରଣ ମୁଦୁଲିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସଦର, ଥାନା: ପୁରୀଘାଟ, ସାମନ୍ତସାହି, ଜିଲ୍ଲା: କଟକ, ଖାତା ନଂ.: ୧୬୫୭, ପ୍ଲଟ୍ ନଂ.: ୬୪୯/୨୩୦୨, କ୍ଷେତ୍ର: ଏକର୦.୦୪ ଡ଼ିସିମିଲି, କିସମ: ଘରବାରୀ | ୨୪.୦୯.୨୦୧୯ / ୨୭.୧୨.୨୦୧୯ / ୨୩.୧୧.୨୦୨୩ ସୁଦ୍ଧା ଟ.୪୮,୨୯,୦୯୫/- ସହିତ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୩୬.୧୦ ଲକ୍ଷ / ଟ.୩.୬୧ ଲକ୍ଷ / ଟ. ୦.୧୦ ଲକ୍ଷ |
| ୨. | **କଟକ ଚୌଧୁରୀ ବଜାର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ପୁଷ୍ପାଞ୍ଜଳୀ ପ୍ରଧାନ, ସ୍ୱାମୀ: ୰ ସୁଧାକର ପ୍ରଧାନ / ଋଣଗ୍ରହୀତା: ସୁରେଶ ଚନ୍ଦ୍ର ପ୍ରଧାନ, ପିତା: ୰ ସୁଧାକର ପ୍ରଧାନ / ଗ୍ୟାରେଣ୍ଟିଦାତା: ୧) ସୁବାଷ ଚନ୍ଦ୍ର ପ୍ରଧାନ, ପିତା: ୰ ସୁଧାକର ପ୍ରଧାନ, ୨) ପ୍ରକାଶ ଚନ୍ଦ୍ର ପ୍ରଧାନ, ପିତା: ୰ ସୁଧାକର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ଏସ୍-୫, ନିଉ କମଳପୁର, ପୁରୀ ବସ୍ ଷ୍ଟାଣ୍ଡ ପଛରେ, ବାଦାମବାଡ଼ି, ପୋ: ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨ | ପୁଷ୍ପାଞ୍ଜଳୀ ପ୍ରଧାନ, ସ୍ୱାମୀ: ୰ ସୁଧାକର ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.: ୩୪, ଦୋଳମୁଣ୍ଡାଇ, ଡ଼ିଏସ୍ଆରଓ: କଟକ, ଥାନା: ମଧୁପାଟଣା ନଂ.: ୨, ତହସିଲ: କଟକ ସଦର ନଂ.: ୨୨୭, ଜିଲ୍ଲା: କଟକ, ଖାତା ନଂ.: ୧୭୭, ପ୍ଲଟ୍ ନଂ.: ୩୯୩/୪୫୭, କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅମରେନ୍ଦ୍ର ସେନାପତି, ଦକ୍ଷିଣ: ରାସ୍ତା, ପୂର୍ବ: ରୟ ଚୂଡ଼ାମଣୀଙ୍କ ପରିବାର, ପଶ୍ଚିମ: ଦଲିଲ୍ ଅନୁସାରେ ଗୁରୁଚରଣ ମଣ୍ଡଳ | ୦୩.୦୪.୨୦୧୯ / ୧୬.୦୭.୨୦୧୯ / ୨୩.୧୧.୨୦୨୩ ସୁଦ୍ଧା ଟ.୫,୬୧,୮୮୯/- ସହିତ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୮୧.୪୫ ଲକ୍ଷ / ଟ.୮.୧୪ ଲକ୍ଷ / ଟ. ୦.୧୦ ଲକ୍ଷ |
| ୩. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ସନ ସେଲସ୍ କର୍ପୋରେସନ, ସ୍ୱତ୍ତ୍ୱାଧିକାରୀ.: ଅଲ୍ଲୀ ଅହେଦ, ୨) ଅଲ୍ଲୀ ଅହେଦ, ପିତା: ଅସଗର ଆହାଦ, ୩) ଶାଶ୍ୱତୀ ମିଶ୍ର, ସ୍ୱାମୀ: ଅଲ୍ଲି ଅହେଦ, ବକ୍ସବାଟି ରୋଡ, ବିଶାଳ ଗାର୍ମେଣ୍ଟସ୍ ନିକଟ, କଟକ - ୭୫୩୦୦୧ / ବନ୍ଧକଦାତା: ଅଲ୍ଲୀ ଅହେଦ, ପିତା: ଅସଗର ଆହାଦ, ବକ୍ସବାଟି ରୋଡ, ବିଶାଳ ଗାର୍ମେଣ୍ଟସ୍ ନିକଟ, କଟକ - ୭୫୩୦୦୧ | ଅଲ୍ଲୀ ଅହେଦ, ପିତା: ଅସଗର ଆହାଦ ଙ୍କ ନାମରେ ଥିବା ରେସିଡେନ୍‌ସିଆଲ ଆପାର୍ଟମେଣ୍ଟର ଫ୍ଲାଟ ନଂ.: ୩୧, ତଳ ମହଲା, "ସାର୍ଥକ ଟାୱାରସ୍", ମାଛୁଆ ବଜାର, ଜିଲ୍ଲା.: କଟକ, ପ୍ଲଟ ନଂ.: ୯/୮୦୭, ଖାତା ନଂ.: ୩୮/୨, ମୌଜା: କଟକ, ଫ୍ଲାଟର ବିଲ୍ଟ ଅପ୍ ଏରିଆ: ୮୫୦ ବର୍ଗଫୁଟ, ମୋଟ ଜମି ଏକର ୦.୨୪୦ ଡିସିମିଲିର ଆନୁପାତିକ ଅବିଭକ୍ତ ଅଂଶ ଏକର ୦.୦୦୩ ଡ଼ିସିମିଲି (୧୩୦.୬୮ ଗର୍ବଫୁଟ) ଏହାର ଚାରିପାର୍ଶ୍ୱରେ ଉତ୍ତର: ରିଙ୍ଗ ରୋଡ, ଦକ୍ଷିଣ: ସୂର୍ଯ୍ୟ କିରଣ କମ୍ପ୍ଲେକ୍ସ, ପୂର୍ବ: ପର୍ଲ ଗାର୍ଡେନ, ପଶ୍ଚିମ: ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଆଶ୍ରମ, ସାମ୍ନା: କରିଡର, ଡାହାଣ: ଫ୍ଲାଟ ନଂ.: ୦୨୮, ପଛପଟେ: ଖୋଲା ସ୍ଥାନ, ବାମ ପଟ: ଖୋଲା ସ୍ଥାନ | ୦୪.୦୫.୨୦୨୧ / ୨୦.୧୧.୨୦୨୧ / ୨୩.୧୧.୨୦୨୩ ସୁଦ୍ଧା ଟ.୧,୧୭,୬୨,୧୪୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୩୨.୦୨ ଲକ୍ଷ / ଟ.୩.୨୦ ଲକ୍ଷ / ଟ.୦.୧୦ ଲକ୍ଷ |
| ୪. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତା: ମେସର୍ସ କମଳା ଫିଲଗ୍ରୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦେବବ୍ରତ ସ୍ୱାଇଁ (ବନ୍ଧକଦାତା), ପିତା: ୰ ଦୁର ସ୍ୱାଇଁ / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ଶ୍ରୀମତୀ କମଳା ସ୍ୱାଇଁ, ସ୍ୱାମୀ: ୰ ଦୁର ସ୍ୱାଇଁ, ୨) ଶ୍ରୀ କିଶୋର କୁମାର ସ୍ୱାଇଁ, ପିତା: ୰ ଦୁର ସ୍ୱାଇଁ, ସମସ୍ତଙ୍କ ଠିକଣା ସା: ବଣିଆ ସାହି, ବକ୍ସି ବଜାର, ମଙ୍ଗଳାବାଗ, ଜିଲ୍ଲା: କଟକ, ପିନ୍ -୭୫୩୦୦୧, ୩) ଶ୍ରୀମତୀ କୁନି ପରିଡ଼ା, ପିତା: ୰ ଦୁର ସ୍ୱାଇଁ, ସା: ବାଲିଘାଟ, ବାଲୁଖଣ୍ଡ, ପୁରୀ ଷ୍ଟେସନ୍ ରୋଡ଼, ପୁରୀ - ୭୫୨୦୦୨ | ଶ୍ରୀ ଦେବବ୍ରତ ସ୍ୱାଇଁ, ଶ୍ରୀମତୀ କମଳା ସ୍ୱାଇଁ, ଶ୍ରୀ କିଶୋର କୁମାର ସ୍ୱାଇଁ ଏବଂ ଶ୍ରୀମତୀ କୁନି ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୪୮/୩୬୯୪, ଖାତା ନଂ.: ୧୧୦/୧୬୧, ମୌଜା: କଟକ ସହର ୟୁନିଟ୍-୧୮ ବକ୍ସି ବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ଶ୍ରୀମତୀ ରିତା କର, ଉତ୍ତର: ରତ୍ନା ରାୟ, ପଶ୍ଚିମ: ରାସ୍ତା, ପୂର୍ବ: ରିତା କର | ୨୮.୧୨.୨୦୨୨ / ୧୮.୦୩.୨୦୨୩ / ୨୩.୧୧.୨୦୨୩ ସୁଦ୍ଧା ଟ.୬୬,୫୮,୭୬୩/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୩୧.୯୨ ଲକ୍ଷ / ଟ.୩.୨୦ ଲକ୍ଷ / ଟ.୦.୧୦ ଲକ୍ଷ |
| ୫. | **କଟକ ନୟାସଡକ ଶାଖା /** ଋଣଗ୍ରହୀତା: ମେସର୍ସ ଫୁନାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଧ୍ରୁବ ଚରଣ ସାହୁ, ପିତା: ପରମାନନ୍ଦ ସାହୁ, ୟୁନିଟ ଠିକଣା: ହୋଲଡିଙ୍ଗ୍ ନଂ.: ୬୩୦, ୱାର୍ଡ ନଂ.: ୧୮, ହରିପୁର ରୋଡ୍, ପୋ: ବକ୍ସି ବଜାର, କଟକ-୭୫୩୦୦୧/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅଞ୍ଜନା ସାହୁ, ସ୍ୱାମୀ: ଧ୍ରୁବ ଚରଣ ସାହୁ, ବାସସ୍ଥାନ ଠିକଣା- ସା: ବାଲିସାହି, ନୂଆପଡା, ପୋ/ଥାନା: ମଧୁପାଟଣା, କଟକ-୭୫୩୦୧୦ / ବନ୍ଧକଦାତାମାନେ: ୧) ଶ୍ରୀ ଧ୍ରୁବ ଚରଣ ସାହୁ, ପିତା: ପରମାନନ୍ଦ ସାହୁ, ୨) ଶ୍ରୀମତୀ ଅଞ୍ଜନା ସାହୁ, ସ୍ୱାମୀ: ଧ୍ରୁବ ଚରଣ ସାହୁ, ଉଭୟଙ୍କ ବାସସ୍ଥାନ ଠିକଣା: ସା: ବାଲିସାହି, ନୂଆପଡା, ପୋ/ଥାନା: ମଧୁପାଟଣା, କଟକ-୭୫୩୦୧୦ | ଶ୍ରୀମତୀ ଅଞ୍ଜନା ସାହୁ, ସ୍ୱାମୀ: ଧ୍ରୁବ ଚରଣ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୧୪/୩୭୧, ପ୍ଲଟ୍ ନଂ.: ୮୦୪/୨୮୯୯, ଚକବନ୍ଦି ଖାତା ନଂ.: ୧୨, ପ୍ଲଟ୍ ନଂ.: ୮୦୪, କ୍ଷେତ୍ର: ଏକର୦.୦୯୩ ଡିସିମିଲି, ମୌଜା: ନୂଆପଡା, ତହସିଲ: କଟକ(ନଂ.: ୨୪୬), ଥାନା: କଟକ ସଦର (ନଂ.: ୫୫), ଏସଆରଓ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୌରାଙ୍ଗ ଚରଣ ପଶାୟତ ଏବଂ ବିକ୍ରେତାଙ୍କ ଦ୍ୱାରା ଛଡାଯାଇଥିବା ରାସ୍ତା, ଦକ୍ଷିଣ: ଗୌରାଙ୍ଗ ଚରଣ ପଶାୟତ ଏବଂ ଶୁକଦେବ ସ୍ୱାଇଁ, ପୂର୍ବ:ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପଶ୍ଚିମ: ରାସ୍ତା | ୨୩.୦୯.୨୦୨୨/ ୨୭.୧୨.୨୦୨୨ / ୨୩.୧୧.୨୦୨୩ ସୁଦ୍ଧା ଟ.୬୩,୫୭,୨୦୯/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୮୩.୫୭ ଲକ୍ଷ / ଟ.୮.୩୬ ଲକ୍ଷ / ଟ.୦.୧୦ ଲକ୍ଷ |
| ୬. | **କଟକ ନୟାସଡକ ଶାଖା /** ଋଣଗ୍ରହୀତା: ମେସର୍ସ ଦାସ ପିଭିସି ବଲ୍ ଆଣ୍ଡ୍ ଦାସ ପ୍ଲାଷ୍ଟିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରାମଚନ୍ଦ୍ର ଦାସ, ପ୍ଲଟ୍ ନଂ.: ୧୩୨୭, ଦୁର୍ଗା ହୋଣ୍ଡା ସୋରୁମ ସମ୍ମୁଖ, ଦୋଳ ମୁଣ୍ଡାଇ, କଟକ-୭୫୩୦୦୯, ଋଣଗ୍ରହୀତା/ ବନ୍ଧକଦାତା: ଶ୍ରୀ ରାମଚନ୍ଦ୍ର ଦାସ, ପିତା: ୰ ଭାସ୍କର ଚନ୍ଦ୍ର ଦାସ, ସା/ ପୋ.: ଗୌରଗଡି, ଭାୟା: ରାଣୀତାଲ, ସହର: ମଇତାପୁର, ବାଲେଶ୍ୱର- ୭୫୬୧୧୧ / ବନ୍ଧକଦାତାମାନେ: ୧) ଶ୍ରୀ ରମାକାନ୍ତ ଦାସ, ପିତା: ୰ ଭାସ୍କର ଚନ୍ଦ୍ର ଦାସ, ୨) ଶ୍ରୀ ଉମାକାନ୍ତ ଦାସ, ପିତା: ୰ ଭାସ୍କର ଚନ୍ଦ୍ର ଦାସ, ୩) ଶ୍ରୀ ଅରୁଣ ଦାସ, ପିତା: ୰ ଭାସ୍କର ଚନ୍ଦ୍ର ଦାସ, ୪) ୰ ରେବତୀ ଦାସ, ସ୍ୱାମୀ: ୰ ଭାସ୍କର ଚନ୍ଦ୍ର ଦାସ, ସମସ୍ତଙ୍କ ଠିକଣା- ସା/ପୋ.: ଗୌରଗଡି, ଭାୟା: ରାଣୀତାଲ, ସହର: ମଇତାପୁର, ବାଲେଶ୍ୱର-୭୫୬୧୧୧, ୫) ଶ୍ରୀମତୀ ଜେନାମଣୀ ଦାସ, ସ୍ୱାମୀ: ବାଇଧର ଦାସ (ପିତା: ୰ ଭାସ୍କର ଚନ୍ଦ୍ର ଦାସ), ସା/ପୋ.: ସରସତିଆ, ଭାୟା: ଜଗଦଳପୁର, ଭଦ୍ରକ-୭୫୬୧୧୧ | ୰ ଭାସ୍କର ଚନ୍ଦ୍ର ଦାସଙ୍କ ଆଇନଗତ ଉତ୍ତରାଧିକାରୀମାନେ: ରାମଚନ୍ଦ୍ର ଦାସ, ରମାକାନ୍ତ ଦାସ, ଉମାକାନ୍ତ ଦାସ, ଅରୁଣ ଦାସ, ୰ ରେବତୀ ଦାସ, ଜେନାମଣୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୨/୩୨୫, ଖାତା ନଂ.: ୫୩, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଗୌରଗଡି, ଭାୟା: ରାଣୀତାଲ, ତହସିଲ: ସିମୁଲିଆ, ଜିଲ୍ଲା: ବାଲେଶ୍ୱର | ୦୧.୦୩.୨୦୧୮ / ୨୪.୦୭.୨୦୧୮ / ୨୩.୧୧.୨୦୨୩ ସୁଦ୍ଧା ଟ.୪୯,୨୦,୭୨୩/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୨.୨୪ ଲକ୍ଷ / ଟ.୨.୨୨ ଲକ୍ଷ / ଟ.୦.୧୦ ଲକ୍ଷ |
| ୭. | **କଟକ ନୟାସଡକ ଶାଖା /** ଋଣଗ୍ରହୀତା: ମେସର୍ସ ରୟାଲ୍ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ମହମ୍ମଦ ଆକବର, ପିତା: ଜନାବ ମହମ୍ମଦ ନିଜାମୁଦ୍ଦିନ୍, ସା: ଜୋବ୍ରା, କଲେଜ୍ ସ୍କୋୟାର, ଥାନା: ମାଲଗୋଦାମ, ଜିଲ୍ଲା: କଟକ - ୭୫୩୦୦୩ / ବନ୍ଧକାଦାତା/ଗ୍ୟାରେଣ୍ଟିଦାତା: ହସିନା ବେଗମ୍, ସ୍ୱାମୀ: ଜନାବ ମହମ୍ମଦ ନିଜାମୁଦ୍ଦିନ୍, ସା: ଜୋବ୍ରା, କଲେଜ୍ ସ୍କୋୟାର, ଥାନା: ମାଲଗୋଦାମ, ଜିଲ୍ଲା: କଟକ - ୭୫୩୦୦୩ | ୧) ହସିନା ବେଗମ୍, ସ୍ୱାମୀ: ଜନାବ ମହମ୍ମଦ ନିଜାମୁଦ୍ଦିନ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୧/୩୪୪, ପ୍ଲଟ୍ ନଂ.: ୫୭୦/୨୭୭୫, କ୍ଷେତ୍ର: ଏକର୦.୧୨୦ ଡିସିମିଲି, ମୌଜା: ଭୈରପୁର, ତହସିଲ: ସାଲେପୁର (ନଂ.: ୫୧୦), ଥାନା: ସାଲେପୁର (ନଂ.: ୧୧), ଏସ୍ଆରଓ: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜମି ମାଲିକ, ପୂର୍ବ: ରୋକେୟା ମିନାରାଙ୍କ ଜମି, ପଶ୍ଚିମ: ରାସ୍ତା | ୨୬.୦୭.୨୦୨୧ / ୦୨.୦୩.୨୦୨୨ / ୨୩.୧୧.୨୦୨୩ ସୁଦ୍ଧା ଟ.୧,୭୬,୮୫,୫୦୦/- ସହିତ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୬୩.୦୦ ଲକ୍ଷ / ଟ.୬.୩୦ ଲକ୍ଷ / ଟ. ୦.୧୦ ଲକ୍ଷ |
| ୮. | **ଜେଲରୋଡ ଶାଖା, ଭଦ୍ରକ /** ଋଣଗ୍ରହୀତା/ବନ୍ଧକଦାତା: ଅଶୋକ କୁମାର ରାଉତ, ପିତା: କୈଳାଶ ଚନ୍ଦ୍ର ରାଉତ, ସା: ପଦନପୁର, ପୋ: ବଳିବେରୁଆଁ, ଥାନା: ରାମଚନ୍ଦ୍ରପୁର, କେନ୍ଦୁଝର - ୭୫୫୧୦୯ | ଅଶୋକ କୁମାର ରାଉତ, ପିତା: ଶ୍ରୀ କୈଳାଶ ଚନ୍ଦ୍ରରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ମୌଜା: ପଦନପୁର, ଥାନା ନଂ.: ୧୫୦, ତହସିଲ: ଘଷିପୁରା, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୩୮୪/୭୩, ପ୍ଲଟ୍ ନଂ.: ୪୧୩/୧୧୮୬, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କଣ୍ଠୁରି ରାଉତ, ଦକ୍ଷିଣ: ଉଧବ ଚନ୍ଦ୍ର ରାଉତ, ପୂର୍ବ: ଉଧବଚନ୍ଦ୍ର ରାଉତ, ପଶ୍ଚିମ: ଉଧବ ଚନ୍ଦ୍ର ରାଉତ | ୨୦.୧୧.୨୦୧୮ / ୧୮.୦୭.୨୦୧୯ / ୨୩.୧୧.୨୦୨୩ ସୁଦ୍ଧା ଟ.୨୦,୪୬,୮୮୧/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୦.୪୭ ଲକ୍ଷ / ଟ.୦.୦୫ ଲକ୍ଷ / ଟ.୦.୧୦ ଲକ୍ଷ |
| ୯. | **ଯାଜପୁର ରୋଡ୍ ଶାଖା/** ଋଣଗ୍ରହୀତା: ଶ୍ରୀ ତୀର୍ଥଙ୍କର ଦାସ, ପିତା: ଗୌରି ପ୍ରସାଦ ଦାସ,ସା: ୪୩, କେଏନ୍‌ଡିଏ ହାଉସିଂ ବୋର୍ଡ କଲୋନୀ, ଉମାପଡ଼ା, ଯାଜପୁର ରୋଡ଼, ଯାଜପୁର, ଓଡ଼ିଶା / ଗ୍ୟାରେଣ୍ଟିଦାତା ଏବଂ ବନ୍ଧକଦାତା: ଗୌରି ପ୍ରସାଦ ଦାସ, ପିତା: ୰ ନରେନ୍ଦ୍ର କିଶୋର ଦାସ, ସା: ୪୩, କେଏନ୍‌ଡିଏ ହାଉସିଂ ବୋର୍ଡ କଲୋନୀ, ଉମାପଡ଼ା, ଯାଜପୁର ରୋଡ଼, ଯାଜପୁର, ଓଡ଼ିଶା | ଶ୍ରୀ ଗୌରି ପ୍ରସାଦ ଦାସ, ପିତା: ୰ ନରେନ୍ଦ୍ର କିଶୋର ଦାସଙ୍କ ନାମରେଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୭/୫୧, ପ୍ଲଟ୍ ନଂ.: ୫/୭୬୯, ଜମିର ପରିମିତ ସମୁଦାୟ କ୍ଷେତ୍ର: ଏକର ୦.୬୦୦ ଡିସିମିଲି କିମ୍ବା ୨୬୧୩୬ ବର୍ଗଫୁଟ, ମୌଜା: ନନ୍ଦିକିଶୋରପୁର, ଥାନା: ଯାଜପୁର ରୋଡ଼, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ ପ୍ଲଟ୍ ନଂ.: ୦୫, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ ପ୍ଲଟ୍ ନଂ.: ୦୫, ପଶ୍ଚିମ: ପ୍ଲଟ୍ ନଂ.: ୦୪ | ୦୬.୧୦.୨୦୨୨ / ୧୧.୦୧.୨୦୨୩ / ୨୩.୧୧.୨୦୨୩ ସୁଦ୍ଧା ଟ.୨୧,୯୬,୨୫୩/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୨୧.୬୦ ଲକ୍ଷ / ଟ.୨.୧୬ ଲକ୍ଷ / ଟ.୦.୧୦ ଲକ୍ଷ |
| ୧୦. | **ସହୀଦ୍ ପାର୍କ, ବାଲେଶ୍ୱର ଶାଖା /** ଋଣଗ୍ରହୀତା: ମେସର୍ସ ସତ୍ୟ ସାଇ ରାଇସ୍ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ମିନତୀ ବାରିକ, ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମିନତୀ ବାରିକ, ସ୍ୱାମୀ: ଶ୍ରୀ ଗୌରାଙ୍ଗ ବାରିକ, ସମସ୍ତଙ୍କ ବାସସ୍ଥାନ ଠିକଣା: ଜେ.ଏନ. ଘୋଷ ଷ୍ଟ୍ରିଟ, ପୋ:ମୋତିଗଞ୍ଜ, ଜିଲ୍ଲା: ବାଲେଶ୍ୱର - ୭୫୬୦୦୩ | ଶ୍ରୀମତୀ ମିନତୀ ବାରିକ, ସ୍ୱାମୀ: ଶ୍ରୀ ଗୌରାଙ୍ଗ ବାରିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ ଖାତା ନଂ.: ୪୯୫/୧୪୫, ହାଲ ପ୍ଲଟ୍ ନଂ.: ୧୧୮୭,କ୍ଷେତ୍ର: ଏକର.୦.୧୧ ଡିସିମିଲି, ମୌଜା: ନୁଆପୁର, ତହସିଲ: ବାଲେଶ୍ୱର, ପୋ/ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡିଶା, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରଥିନ୍ଦ୍ର ବାରିକ୍, ଦକ୍ଷିଣ: ପୋଖରୀ, ପୂର୍ବ: ଶ୍ମଶାନ ଏବଂ ପଶ୍ଚିମ: ବାବୁ ନାୟକ | ୩୧.୦୧.୨୦୨୩ / ୦୮.୦୫.୨୦୨୩ / ୨୩.୧୧.୨୦୨୩ ସୁଦ୍ଧା ଟ.୧୬,୫୪,୦୫୯/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୩.୨୭ ଲକ୍ଷ / ଟ.୦.୩୨ ଲକ୍ଷ / ଟ.୦.୧୦ ଲକ୍ଷ |
| ୧୧. | **ତିନିମୁହାଣୀ କେନ୍ଦ୍ରାପଡା ଶାଖା** ଋଣଗ୍ରହୀତାମାନେ: ୧) ମେସର୍ସ ପଲ୍ଲବ କୋଲ୍ଡ ହାଉସ୍ ଲଜିଷ୍ଟିକ୍ସ ପ୍ରା.ଲିଃ, ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୨) ଶ୍ରୀମତୀ ବ୍ୟୋମକେଶୀ ରାଉତରାୟ, (ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତା), ସ୍ୱାମୀ: ପ୍ରକାଶ କୁମାର ରାଉତରାୟ, ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୩) ଶ୍ରୀ ସନ୍ତୋଷ ରଞ୍ଜନ ନାୟକ, (ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା), ପିତା: ନିରଞ୍ଜନ ନାୟକ, ସା: ଗୁଜରପୁର, ପୋ: ଭୈରପୁର, ଜଗତପୁର, ଜିଲ୍ଲା: କଟକ - ୭୬୪୨୦୦, ୪) ଶ୍ରୀ ନିଗମାଶିଷ ସାମଲ, (ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ପିତା: ଜିତେନ୍ଦ୍ର କୁମାର ସାମଲ, ସା: କୁଳସାମନ୍ତରାପୁର, ପୋ: ସାମନ୍ତରାପୁର, ଭାୟା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର - ୭୫୪୧୬୨, ୨) ଶ୍ରୀ ରବିନ୍ଦ୍ରନାଥ ସ୍ୱାଇଁ (ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା), ପିତା: ମୁରଲିଧର ସ୍ୱାଇଁ, ସା: କଟରପଡା, ପୋ: ପିଠାପୁର, ନିଶ୍ଚିନ୍ତକୋଇଲି, କଟକ - ୭୫୪୦୦୩, ୬) ମୃତକ ତାପସ କୁମାର ରାଉତରାୟ (ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ଶ୍ରୀମତୀ ସଞ୍ଜୁକ୍ତା ପ୍ରଧାନ, ସ୍ୱାମୀ: ୰ତାପସ କୁମାର ରାଉତରାୟ, ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୭) ଶ୍ରୀ ନାରାୟଣ ଚନ୍ଦ୍ର ରାଉତ (ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୮) ଶ୍ରୀ ପ୍ରକାଶ କୁମାର ରାଉତରାୟ (ଗ୍ୟାରେଣ୍ଟିଦାତା), ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧ | ୧) ଘରବାରୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗରଦପୁର, ପାଟକୁରା, କେନ୍ଦ୍ରାପଡା, ସମୁଦାୟ ପରିମିତ କ୍ଷେତ୍ର: ଏକର ୨.୧୬ ଡିସିମିଲି ରୁ ଶ୍ରୀମତୀ ବ୍ୟୋମକେଶୀ ରାଉତରାୟ, ସ୍ୱାମୀ: ପ୍ରକାଶ କୁମାର ରାଉତରାୟଙ୍କ ନାମରେ ଥିବା କ୍ଷେତ୍ର: ଏକର ୧.୭୩୦ଡିସିମିଲି ଏବଂ ଶ୍ରୀ ନିଗମାଶିଷ ସାମଲ, ପିତା: ଜିତେନ୍ଦ୍ର କୁମାର ସାମଲ ନାମରେ ଥିବା କ୍ଷେତ୍ର: ଏକର ୦.୪୩୦ ଡିସିମିଲି, ଯାହାର ଖାତା ନଂ.: ୧୦୫୯/୬୨୯, ପ୍ଲଟ୍ ନଂ.: ୪୦୫୩/୪୨୬୫, ଖାତା ନଂ.: ୧୦୫୯/୬୩୧, ପ୍ଲଟ୍ ନଂ.: ୪୦୪୮, ୪୦୪୯, ୪୦୫୧,୪୦୫୨, ଖାତା ନଂ.: ୧୦୫୯/୬୩୨, ପ୍ଲଟ୍ ନଂ.: ୪୦୪୨, ଖାତା ନଂ.:୧୦୫୯/୬୩୩, ପ୍ଲଟ୍ ନଂ.: ୪୦୫୩/୪୦୩୭, ଖାତା ନଂ.: ୧୦୫୯/୬୩୪, ପ୍ଲଟ୍ ନଂ.: ୪୦୫୫, ୪୦୫୩/୪୨୬୬, ଖାତା ନଂ.: ୧୦୫୯/୬୩୫, ପ୍ଲଟ୍ ନଂ.: ୪୦୫୪, ଖାତା ନଂ.: ୧୦୫୯/୬୩୦, ପ୍ଲଟ୍ ନଂ.: ୪୦୫୩/୪୦୪୪,୪୦୪୫,ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା (ଗଣ୍ଡରପୁର - ହଳଦିଆ), ଦକ୍ଷିଣ: ନିଜସ୍ୱ ମୁଖ୍ୟ ଗୃହ, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: କୃଷି ଜମି,<br>୨) ଶ୍ରୀ ରବିନ୍ଦ୍ର ସ୍ୱାଇଁ, ପିତା: ମୁରଲୀଧର ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟରପଡା, ସାଲେପୁର (ବର୍ତ୍ତମାନ ନିଶ୍ଚିନ୍ତକୋଇଲି ତହସିଲ), ଜିଲ୍ଲା: କଟକ, ଖାତା ନଂ.: ୩୭୫, ପ୍ଲଟ୍ ନଂ.: ୮୦୮, ୮୧୦, ୮୧୧, ୮୧୩, ୮୮୫, ପରିମିତ କ୍ଷେତ୍ର: ଏକର୦.୩୧୭ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୮୩ ଏବଂ ୮୮୪, ଦକ୍ଷିଣ: ନିତ୍ୟାନନ୍ଦ ସ୍ୱାଇଁଙ୍କ ଗୃହ, ପୂର୍ବ: ପ୍ଲଟ୍ ନଂ.: ୮୮୬, ପଶ୍ଚିମ: ରାସ୍ତା ଏବଂ ପ୍ଲଟ୍ ନଂ.: ୫୪୦ | ୦୫.୦୭.୨୦୨୧ / ୨୧.୦୩.୨୦୨୨ / ୨୩.୧୧.୨୦୨୩ ସୁଦ୍ଧା ଟ.୩,୭୧,୮୫,୫୪୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ୧) ଟ.୨୩୨.୧୩ ଲକ୍ଷ / ଟ.୨୩.୨୨ ଲକ୍ଷ / ଟ.୦.୧୦ ଲକ୍ଷ<br>୨) ଟ.୩୮.୧୫ ଲକ୍ଷ / ଟ.୩.୮୨ ଲକ୍ଷ / ଟ.୦.୧୦ ଲକ୍ଷ |

**ଇ-ନିଲାମ ତାରିଖ ଏବଂ ସମୟ: ୧୪.୧୨.୨୦୨୩ (ଗୁରୁବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୧୩.୧୨.୨୦୨୩ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୪.୧୨.୨୦୨୩ରିଖ ଠାରୁ ତା.୧୧.୧୨.୨୦୨୩ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://www.mstcecommerce.com/auctionhome/ibapi/index.jsp and https://ibapi.in ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୧୫ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୨୮.୧୧.୨୦୨୩**

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଦୈନିକ ୧୨୦ ଲକ୍ଷ ଅଣ୍ଡା ଉତ୍ପାଦନ କରିବାକୁ ଲକ୍ଷ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୨୮।୧୧(ସୁନିତ୍ ମିଶ୍ର)



ସମ୍ପ୍ରତି ଓଡ଼ିଶା ଅଣ୍ଡା ଉତ୍ପାଦନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଓଡ଼ିଶା ପୋଲଟ୍ରି ନୀତି-୨୦୧୫ ଅନୁଯାୟୀ ଅଣ୍ଡା ଉତ୍ପାଦନ, କୁକୁଡ଼ା ଫାର୍ମରେ ପ୍ରଯୁକ୍ତିବିଦ୍ୟାର ବ୍ୟାବହାରିକ ପ୍ରୟୋଗ ଏବଂ ଭିତ୍ତିଭୂମିରେ ଉନ୍ନତି ଲାଗି ସହଯୋଗ କରାଯାଉଛି। ଏଥିଲାଗି ଉଦ୍ୟୋଗୀମାନଙ୍କୁ କୁକୁଡ଼ା ଫାର୍ମ ପାଇଁ ରାଜ୍ୟର ଯେକୌଣସି ଅଞ୍ଚଳରେ ଜମି କ୍ରୟ ଉପରେ ୧୦୦% ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯାଇଛି। ଚାଷଜମିକୁ କୁକୁଡ଼ା ଚାଷ ପାଇଁ ବାସୋପଯୋଗୀ ଜମିରେ ପରିଣତ କରିବା ଓ ଲାଭଜନକ ସବ୍‌ସିଡି ଆଦି ପ୍ରଦାନ ସହ ଅନେକ ପ୍ରୋତ୍ସାହନ କାର୍ଯ୍ୟ ସରକାରଙ୍କ ତରଫରୁ କରାଯାଉଛି। ୨୦୧୮-୧୯ରେ ବାର୍ଷିକ ୫୦ଟି ଅଣ୍ଡାରୁ ମୁଣ୍ଡପିଛା ଉପଲବ୍ଧତା ବୃଦ୍ଧିପାଇ ୨୦୨୨-୨୩ରେ ଏହା ୬୭ରେ ପହଞ୍ଚିଛି। ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ୨୦୨୪-୨୫ ସୁଦ୍ଧା ଦୈନିକ ୧୨୦ ଲକ୍ଷ ଅଣ୍ଡା ଉତ୍ପାଦନ କରିବା ଲକ୍ଷ୍ୟ ରହିଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଭୁବନେଶ୍ୱରଠାରେ ରାଜ୍ୟକୁ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ କରାଇବା ପାଇଁ ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଉଦ୍ୟୋଗୀ ସୃଷ୍ଟି କରିବାରେ ସର୍ବାଧିକ ଅଭିବୃଦ୍ଧି ହାର ସହିତ ଅଣ୍ଡାଦିଆ କୁକୁଡ଼ାପାଳନ ଏକ ଅଗ୍ରଣୀ କ୍ଷେତ୍ର ପାଲଟିଛି। ରାଜ୍ୟରେ ୨୦୧୯-୨୦ରେ ଦୈନିକ ଅଣ୍ଡା ଉତ୍ପାଦନ ପ୍ରାୟ ୬୫ ଲକ୍ଷ ଥିଲାବେଳେ ବର୍ତ୍ତମାନ ଏହା ପ୍ରାୟ କୋଟିଏରୁ ଅଧିକ ହୋଇଛି। ଗତ ୪ ବର୍ଷରେ ଅଣ୍ଡା ଉତ୍ପାଦନ ୫୮% ବୃଦ୍ଧି ହୋଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି, ରାଜ୍ୟରେ ଅଣ୍ଡା ଉତ୍ପାଦନ ପାଇଁ ଲେୟର ଫାର୍ମଗୁଡ଼ିକର ଗୁରୁତ୍ୱ ବହୁତ କିଛି ମାନେ ରଖେ। ସରକାରଙ୍କ ପ୍ରୋତ୍ସାହନ ଓ ଲେୟର ଫାର୍ମରମାନଙ୍କ ପରିଶ୍ରମ ଫଳରେ ଓଡ଼ିଶା ଆଜି ଅଣ୍ଡା ଉତ୍ପାଦନରେ ଆଗକୁ ଆଗକୁ ବଢ଼ି ଚାଲିଛି ଓ ୨୦୨୪-୨୫ ବେଳକୁ ରାଜ୍ୟ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ ହେବ। କର୍ମଶାଳାରେ ଯୋଗଦେଇ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ପୁଞ୍ଜି ବିନିଯୋଗ ଉପରେ ୪୦ରୁ ୫୦% ସବ୍‌ସିଡି ପ୍ରଦାନ କରାଯାଉଛି। ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ସହାୟତାକୁ ୫୦ ଲକ୍ଷରୁ ସର୍ବାଧିକ କୋଟିଏ ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି।

# ସୁବର୍ଣ୍ଣପୁର: ୨୪,୧୮୭ ପ୍ଲଟ୍‌ରେ ମିଛ ଧାନଚାଷ

## ସାଟେଲାଇଟ୍ ସର୍ଭେରୁ ସ୍ପଷ୍ଟ ହେଲା

ସୋନପୁର,୨୮।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ଧାନ ଚାଷନାହିଁ, ହେଲେ ଜମିରେ ଖରିଫ ଚାଷ ହୋଇଛି ଦର୍ଶାଇ ବିଭାଗ ପାଖରେ ଶତାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ହୋଇଥିବା ସାଟେଲାଇଟ୍ ସର୍ଭେ (ଉପଗ୍ରହ ସର୍ବେକ୍ଷଣ) କିନ୍ତୁ ଏହି ଜାଲିଆତି ଧରାପକାଇଛି। ପଞ୍ଜୀକରଣ ହୋଇଥିବା ଜମି କେଉଁଠି ଘାସବଣ ତ ଆଉ କେଉଁଠି କପାକ୍ଷେତ, ଆଉ ପୁଣି କେଉଁଠି ଆଟଜମି, ପଡିଆ ଓ ଜଳାଶୟ ରହିଛି। ଗୋଟିଏ କି ଦୁଇଟି ନୁହେଁ, ସୁବର୍ଣ୍ଣପୁର ଜିଲାରେ ୨୭ ହଜାର ୯୩ଟି ପ୍ଲଟରେ ଧାନଚାଷ ହୋଇଛି ବୋଲି ଦର୍ଶାଯାଇଥିଲା। ହେଲେ ସାଟେଲାଇଟ୍ ସର୍ଭେରୁ ଏହି ପ୍ଲଟଗୁଡ଼ିକରେ ଧାନଚାଷ ହୋଇ ନ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ସର୍ଭେ ଚାଲିଛି। ଆଉ କ୍ଷେତ୍ରୀୟ ସର୍ଭେ ପରେ ସତ କଥା ସାମ୍ନାକୁ ଆସିଛି।



ତରଭା ବ୍ଲକରେ ଏକ ପଡିଆ ଜମିକୁ ଧାନଚାଷ ହୋଇଥିବା ଦର୍ଶାଇ ପଞ୍ଜୀକରଣ କରାଯାଇଥିଲା।

ଖରିଫ ୨୦୨୩-୨୪ରେ ସୁବର୍ଣ୍ଣପୁର ଜିଲାରେ ପ୍ରାୟ ୭୬ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ଜିଲାର ୬୭ ହଜାର ୫୩ ଚାଷୀ ଧାନ ବିକ୍ରି କରିବାକୁ ଧାନକିଣାରେ ସାମିଲ ହୋଇଥିବା ୬୩ଟି ପାକ୍ସ ଓ ୪୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଥିଲେ। ହେଲେ ପୂର୍ବ ବର୍ଷଗୁଡିକ ଭଳି ବହୁ ଜମିର ଧାନଚାଷ ହୋଇ ନ ଥିବା ଓ ଅସାଧୁ ବ୍ୟକ୍ତି ସରକାରୀ ଦରରେ ଧାନ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ରାଜସ୍ୱ ନିରୀକ୍ଷକ ଗ୍ରାମ କୃଷି କର୍ମଚାରୀ, ପାକ୍ସ ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଜଳସମ୍ପଦ ବିଭାଗର କର୍ମଚାରୀ କ୍ଷେତ୍ରୀୟ ସର୍ଭେ ପରେ ଧାନଚାଷ ହୋଇ ନ ଥିବା ୧୭୦୦ ଏକର ଜମିର ପଞ୍ଜୀକରଣକୁ ବାତିଲ କରିଥିଲେ। ତେବେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ଅନେକ ହଜାର ହେକ୍ଟର ଚାଷଜମିକୁ ଠିକ୍ ଭାବେ ଅନୁଧ୍ୟାନ କରି ପାରି ନ ଥିଲେ। ଠିକ୍ ତଥ୍ୟ ପାଇବା ପାଇଁ ସରକାର ପୁଣି ଥରେ ସାଟେଲାଇଟ୍ ସର୍ଭେ ମାଧ୍ୟମରେ ଧାନଚାଷର ସର୍ଭେ କରିଥିଲେ। ଜିଲାର ୬ଟି ତହସିଲର ୮୬୬ଟି ଗ୍ରାମ ସର୍ଭେ ପରେ ୨୭,୦୯୩ ପ୍ଲଟରେ ଧାନଚାଷ ହୋଇ ନ ଥିବା ଜଣା ପଡିଥିଲା। ସାଟେଲାଇଟ୍ ସର୍ଭେକୁ ଆହୁରି ନିର୍ଭୁଲ୍ କରିବା ପାଇଁ ପାକ୍ସ ସମ୍ପାଦକ, ଭିଇଓ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଭିଇଓ କ୍ଷେତ୍ର ପରିଦର୍ଶନ କରି ମୋବାଇଲ୍ ଆପ ଜରିଆରେ ସର୍ଭେ କରିବାକୁ ରାଜ୍ୟ ସରକାର ଜିଲାପାଳଙ୍କ ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ଏହି କାମରେ ଜିଲାର ୨୯୪ ଜଣ ନିୟୋଜିତ ହୋଇ ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ପ୍ଲଟଗୁଡ଼ିକୁ ପୁନଃ ସର୍ଭେ କରିଥିଲେ। ଆଉ ଚାଷ ହୋଇ ନ ଥିବା ତଥା ମିଛ ଧାନଚାଷ ଜମିର ଫଟୋ ଉଠାଇ ବିଭାଗୀୟ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିଥିଲେ। ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ମୋଟ ୨୭,୦୯୩ ପ୍ଲଟରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୬,୯୪୧ ପ୍ଲଟରେ ସର୍ଭେ ସରିଛି। ସେଥି ମଧ୍ୟରୁ ୨୪,୧୮୭ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ସେହିପରି ୨,୭୫୪ ପ୍ଲଟ୍‌ରେ ଧାନଚାଷ ହୋଇଥିବା ଜଣାପଡିଛି। ବାକି ୧୫୨ଟି ପ୍ଲଟର କ୍ଷେତ୍ରୀୟ ସର୍ଭେ ବାକି ଅଛି। ଆସନ୍ତା ୩୦ ତାରିଖ ଗୁରୁବାର ସୁଦ୍ଧା ଏହି ସର୍ଭେ ସରିବ । ସର୍ଭେ ସରି ନ ଥିଲେ ସମ୍ପୃକ୍ତ ପ୍ଲଟ୍‌ଗୁଡ଼ିକ ସକାଶେ ଧାନ ବିକ୍ରି ପାଇଁ ଟୋକନ ମିଳିବ ନାହିଁ ବୋଲି ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ତେବେ ସର୍ଭେ ଅନୁସାରେ ୨୪,୧୮୭ ପ୍ଲଟରେ ଧାନଚାଷ ହୋଇ ନଥିବା ବେଳେ ଧାନ ବିକ୍ରି କରିବା ପାଇଁ ମିଥ୍ୟା ତଥ୍ୟ ନେଇ ପଞ୍ଜୀକରଣ କରାଯାଇଥିବା ସ୍ପଷ୍ଟ ହୋଇଛି।

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ।
OFFICE OF THE MUNICIPAL COUNCIL, MALKANGIRI
Odisha, Pin-764045, Ph.: 06861-230244 e-Mail: malkangiri@ulborissa.gov.in
ନିବେଦନ
ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୧. ସହରର ସମସ୍ତ ନାଗରିକ/ ବ୍ୟବସାୟୀ ନିଜ ନିଜର ଗୃହ/ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍‌ପରଦିନ ପୂର୍ବାହ୍ଣରେ ପରିଷଦର ଆବର୍ଜନା ବାହନରେ ପକାଇବେ। ୨. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା- ଗାଈ, ମହିଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡିବେ ନାହିଁ। ୩. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୪. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ। ୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ। ୬. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌର ପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟସ୍ଥଳୀରେ ଲଗାଇ ରଖିବେ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରିବା।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି
Manoj Kumar Barik, Chairman, Municipality, Malkangiri
Kabita Mahanta, Vice-Chairman, Municipality, Malkangiri
Prabhati Jhadia, BDO-cum-E.O., Municipality, Malkangiri

With Best Compliments From:
BAIBHABI Kala Kendra
We Proved
Classical (Odishi) & Semi Classical
Rojalin Panda
Odishi Dancer & Choreographer
Gopinathpur, Nuasahi
Atharanala, Puri-2
Mob No.8093189220
9337521937
E-mail:rojalinpanda64@gmail.com

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମ ଜୟନ୍ତୀ ଅବସରରେ 'ଧରିତ୍ରୀ'ର ସମସ୍ତ କର୍ମକର୍ତ୍ତା, ପାଠିକା ପାଠକ ଏବଂ ଜଟଣୀବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦ ଓ ଶୁଭେଚ୍ଛା ।
ଜିତେନ୍ଦ୍ର କୁମାର ପଟ୍ଟନାୟକ
ମା' ଲକ୍ଷ୍ମୀ ଭଣ୍ଡାର
ରାକ୍ଷୀ, ବାଣ, ଗ୍ରୀଟିଙ୍ଗସ ଏବଂ ହୋଲି ସାମଗ୍ରୀ, ଡାଏରୀ, କ୍ୟାଲେଣ୍ଡରର ଏକମାତ୍ର ନିର୍ଭରଯୋଗ୍ୟ ହୋଲସେଲ ବିକ୍ରେତା ।
ରାମଚନ୍ଦ୍ରପୁରବଜାର, ଥାନା ଛକ, ଜଟଣୀ, ଖୋରଧା
ମୋ- ୯୩୩୮୪୮୭୪୧୬

ଦୈନିକ ଖବର କାଗଜ "ଧରିତ୍ରୀ"ର ୫୦ ବର୍ଷ ପୂର୍ତ୍ତି ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି
ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ରାଜ୍ୟବାସୀଙ୍କ ନିକଟରେ ନିରନ୍ତର ନିରପେକ୍ଷ ଖବର ପହଞ୍ଚାଇବା ପାଇଁ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ସହାୟ ହୁଅନ୍ତୁ
ଠାକୁର ରଞ୍ଜିତ ଦାସ
ରାଜ୍ୟ ପ୍ରବକ୍ତା, ବିଜେପି ଓଡିଶା ପ୍ରଦେଶ

ଶୁଭେଚ୍ଛା ବାର୍ତ୍ତା
ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରର ଉନ୍ନତି କାମନା କରିବା ସହିତ ଜଟଣୀ ନିର୍ବାଚନ ମଣ୍ଡଳୀ ଓ ଖୋରଧା ଜିଲ୍ଲାବାସୀଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ସୁନୀଲ କୁମାର ରାଉତରାୟ
ଖୋରଧା ଜିଲ୍ଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ତଥା ପୂର୍ବତନ ସରପଞ୍ଚ, ଛଣଘର ପଞ୍ଚାୟତ, ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ, ଖୋର୍ଦ୍ଧା
ପ୍ରତାପ ଚନ୍ଦ୍ର ସାମନ୍ତରାୟ
ପ୍ରତିଷ୍ଠାତା ସଭାପତି
'ଧରିତ୍ରୀ' ସମ୍ବାଦପତ୍ରର ୫୦ତମ ବାର୍ଷିକ ପ୍ରକାଶନ ତଥା ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶର ଶୁଭକାମନା କରୁଅଛୁ । 'ଧରିତ୍ରୀ' ସମ୍ବାଦପତ୍ରର ଆଜ ଅବଧି ନିଷ୍ପକ୍ଷ, ନିର୍ଦ୍ଦଳୀୟ, ରାଜ୍ୟ ସ୍ୱାର୍ଥ ଅନୁକୂଳ ଭୂମିକା ପାଇଁ ଏହାର ପ୍ରତିଷ୍ଠାତା ସ୍ୱର୍ଗୀୟା ନନ୍ଦିନୀ ଶତପଥୀ ଏବଂ ବର୍ତ୍ତମାନର ସମ୍ପାଦକ ପୂର୍ବତନ ସାଂସଦ ତଥାଗତ ସତପଥୀଙ୍କ ଭୂମିକାକୁ ଆମେ ଭୂୟସୀ ପ୍ରଶଂସା କରୁଅଛୁ । ଆଗାମୀ ଦିନରେ ଏହାର ଉତ୍ତରୋତ୍ତର ସମୃଦ୍ଧି କାମନା କରୁଅଛୁ ।
ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା କର୍ମକର୍ତ୍ତାବୃନ୍ଦ ତଥା ଅଧ୍ୟକ୍ଷ ଓ ଅଧ୍ୟାପକ ଅଧ୍ୟାପିକାବୃନ୍ଦ

WITH BEST COMPLIMENTS FROM:-
BHARATIYA JANATA PARTY
Sabka Sath, Sabka Bikash
Sabka Biswas, Sabka Prayas
Soch Imandar, Kam Damdar
Bharatiya Janata Party
Er. RAJESH KUMAR MOHAKUD
Civil Engineering BJYM STATE TRESURER, ODISHA
Contact : 9437842240, 9937779068
Er Rajesh Mohakud BJP Turigadia Khaira | @Er Rajesh Mohakud @BJP Turigadia Khaira | @Er Rajesh Mohakud @BJP Turigadia Khaira

ଶୁଭେଚ୍ଛା ବାର୍ତ୍ତା
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଶୁଭମ୍
ମେଡିକାଲ ଷ୍ଟୋର
ସୀତାରାମ ଛକ, ଜଟଣୀ, ଖୋର୍ଦ୍ଧା
ମୋ-୯୪୩୭୬୭୭୩୦୮
ଏଠାରେ ସମସ୍ତ ପ୍ରକାରର ଔଷଧ ସୁଲଭ ଦରରେ ମିଳେ ।
ଉତ୍ତମ ଚିକିତ୍ସା ଓ ସଠିକ୍ ଔଷଧ ପାଇଁ ଯୋଗାଯୋଗ କରନ୍ତୁ ।

ଶୁଭେଚ୍ଛା ବାର୍ତ୍ତା
ନିରପେକ୍ଷ, ଅପ୍ରତିଦ୍ୱନ୍ଦ୍ୱୀ ଦୈନିକ ଖବରକାଗଜ 'ଧରିତ୍ରୀ'ର ୫୦ ତମ ଜନ୍ମଜୟନ୍ତୀ ଅବସରରେ ଜଟଣୀ ତଥା ଓଡ଼ିଶାର ଅଗଣିତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । 'ଧରିତ୍ରୀ' ଶତବାର୍ଷିକୀ ପାଳନ କରୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଜ୍ୟୋତି ହାଣ୍ଡଲୁମ୍
ସମସ୍ତ ପ୍ରକାର ଲୁଗାପଟାର ହୋଲସେଲ ବିକ୍ରେତା
ଇମାମବାଡ଼ା, ରାଜାବଜାର, ଜଟଣୀ, ଖୋର୍ଦ୍ଧା
ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖି ଧରିତ୍ରୀ ଆହୁରି ଆଗକୁ ଯାଉ ଏହାହିଁ କାମନା ।

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଆ ଏବଂ ଓଡ଼ିଶାବାସୀଙ୍କ ସ୍ୱର, ନିରପେକ୍ଷ ବାସ୍ତବ ଖବର ପରିବେଷଣର ଜ୍ୱଳନ୍ତ ଉଦାହରଣ, ନୀତି ଆଦର୍ଶର ପ୍ରତୀକ ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ସମସ୍ତ କର୍ମକର୍ତ୍ତା, ସମ୍ପାଦକ, ପାଠିକାପାଠକ ଏବଂ ଜଟଣୀବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
"ଆମର ଲକ୍ଷ୍ୟ ଶିକ୍ଷିତ ସମୃଦ୍ଧ ଜଟଣୀ ଆର୍ଥିକ ସାବଲମ୍ବୀ ଜଟଣୀ"
ଡ.ସନ୍ତୋଷ ଜେନା
ଅଧ୍ୟକ୍ଷ, ପାଣ୍ଡବ ଜେନା ଫାଉଣ୍ଡେସନ ତଥା ବରିଷ୍ଠ ରାଜନେତା ସମାଜସେବୀ, ଜଟଣୀ, ଖୋରଧା

With Best Compliments From:
EASTERN FOODS (P) LTD.
RANGIDASPUR, CHHATIA, JAJPUR
Prop. Subhrajit Sahoo
Regd. Office:
New Industrial Estate,
Jagatpur, Cuttack, Pin-754021
Phone- +91-671-2491605, Fax - +91 671-2491795

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶାର ଏକମାତ୍ର ଅପ୍ରତିଦ୍ୱନ୍ଦ୍ୱୀ ନିରପେକ୍ଷ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ ତମ ଜନ୍ମ ଜୟନ୍ତୀରେ ଜଟଣୀର ସମସ୍ତ ଛାତ୍ରୀଛାତ୍ର, ଅଭିଭାବିକା/ଅଭିଭାବକ ଏବଂ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଜ୍ଞାନ ଏକମାତ୍ର ଉପାଦାନ ଯାହା ମଣିଷକୁ କୌଣସି ପରିସ୍ଥିତିରେ ଛାଡ଼ିନଥାଏ । ତେଣୁ ସମସ୍ତେ ପଢ଼ନ୍ତୁ, ସମସ୍ତେ ବଢ଼ନ୍ତୁ ।
ଡ. ରାଜୀବ କର, ଅଧ୍ୟକ୍ଷ
ଜଟଣୀ ମହାବିଦ୍ୟାଳୟ, ଜଟଣୀ, ଖୋର୍ଦ୍ଧା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅନିକେତ
ପରିବାରବର୍ଗ


ପି. ପ୍ରିସ୍ମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି: ନୱାଜ

## ଛାତ୍ର କଂଗ୍ରେସର 'ନିଯୁକ୍ତିକ୍ରାନ୍ତି' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୧୧ (ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଜିଲାରେ ଛାତ୍ର କଂଗ୍ରେସର 'ନିଯୁକ୍ତିକ୍ରାନ୍ତି' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ସ୍ଥାନୀୟ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ନିଯୁକ୍ତିକ୍ରାନ୍ତି' କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶାର ବେକାର ଯୁବତୀଯୁବକଙ୍କୁ ପ୍ରତାରିତ କରିଛନ୍ତି। ଗତ ୨୪ ବର୍ଷ ହେଲା ରାଜ୍ୟ ସରକାର ଦେଇଥିବା ବର୍ଷକୁ ୨ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ପୂରଣ କରିପାରିଲେ ନାହିଁ। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଥିବା ବେଳେ ଓଡ଼ିଶାରେ ୯ ଲକ୍ଷ ପଞ୍ଜୀକୃତ ବେକାର ଯୁବତୀଯୁବକ ଚାକିରି ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ଓଡ଼ିଶାର ଶିଳ୍ପାଞ୍ଚଳ ଲୋକେ ଧୂଳି ଧୂଆଁ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ସେଠାକାର ଜଳବାୟୁ ଓ ବିଶେଷକରି ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ମାତ୍ର ସେଠାକାର ବେକାର ଯୁବତୀଯୁବକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉ ନାହିଁ। ଓଡ଼ିଶାରେ ବେସରକାରୀ ଶିଳ୍ପ-ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକାରେ ଓଡ଼ିଶାର ବେକାର ଯୁବତୀଯୁବକଙ୍କ ଭାଗ୍ୟ ଧୂଳିସାତ ହୋଇଯାଉଛି ବୋଲି ନୱାଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଏଡିଏମ୍‌ଙ୍କୁ ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ବିଜୁ ବାବୁଙ୍କ ନାଁ ଉଠିଲାନି: ସମ୍ବିତ

## ପାରାଦୀପ ପୋର୍ଟ ରାସ୍ତା କାମ ବାରମ୍ବାର କହିବା ପରେ ବି ରାଜ୍ୟ ସରକାର କରୁନାହାନ୍ତି: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୮।୧୧ (ସୁନିତ୍ ମିଶ୍ର)

ନିକଟରେ ପାରାଦୀପଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ନିଜ ଅଭିଭାଷଣରେ ବିଜୁ ପଟ୍ଟନାୟକଙ୍କ ନାଁ କାହିଁକି ନେଲେ ନାହିଁ ବୋଲି ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରଶ୍ନ କରିଛନ୍ତି। ସମ୍ବିତ କହିଛନ୍ତି, ରାଷ୍ଟ୍ରପତି ନିଜ ଅଭିଭାଷଣରେ ବିଜୁ ପଟ୍ଟନାୟକଙ୍କ ବାବଦରେ ପଦୁଟିଏ କହିଲେ ନାହିଁ। ଆଜି ଯଦି ସେହି ପୋର୍ଟ ହୋଇଛି ତାହା ବିଜୁବାବୁଙ୍କ ଯୋଗୁ ସମ୍ଭବ ହୋଇପାରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ରାଜନୈତିକ। ସେ ଯେଉଁ ଭାଷଣ ପଢ଼ିଥିଲେ ତାହା ଲେଖାଯାଇ ଦିଆଯାଇଥିଲା, ସେଥିରେ ଏହା ଲେଖିକି ନ ଦେବା ଲାଗି କୁହାଯାଇଥିଲା ବୋଲି ସମ୍ବିତ କହିଛନ୍ତି। ସମ୍ବିତଙ୍କ ଏଭଳି ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ବିଭୁପ୍ରସାଦ ତରାଇ କହିଛନ୍ତି, ରାଷ୍ଟ୍ରପତି କୌଣସି ନିର୍ଦ୍ଦିଷ୍ଟ ଦଳର ଲୋକ ନୁହନ୍ତି। ପାରାଦୀପ ବିଧାୟକ ଯେଉଁଭଳି ଭାବେ ବକ୍ତବ୍ୟ ଦେଲେ ସେ କେବଳ ରାଷ୍ଟ୍ରପତିଙ୍କୁ ଅପମାନିତ କଲେ ନାହିଁ ବରଂ ସମଗ୍ର ଭାରତବର୍ଷକୁ ଅପମାନିତ କଲେ। ସମ୍ବିଧାନ ଆଧାରିତ ଜ୍ଞାନ ତାଙ୍କ ପାଖରେ ନାହିଁ। ଏଥିନେଇ ସେ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଭୁ କହିଛନ୍ତି।

ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାୟକ ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ପାରାଦୀପ ପୋର୍ଟ ୧ ନମ୍ବର ନ ହେବା ଲାଗି ଅଣଓସାରିଆ ରାସ୍ତା ବାଧକ ସାଜିଛି। ଯେଉଁଥିଲାଗି ପୋର୍ଟରେ ବ୍ୟବସାୟ ବୃଦ୍ଧି ଘଟୁ ନାହିଁ। ପୋର୍ଟର ବିକାଶ ଲାଗି ରାଜ୍ୟ ସରକାର ସହାୟତା କରୁନାହାନ୍ତି। ରାସ୍ତାକୁ ଚଉଡା କରିବା ଲାଗି ବାରମ୍ବାର କୁହାଯାଉଥିଲେ ମଧ୍ୟ ରାଜ୍ୟ ସରକାର ଶୁଣୁନାହାନ୍ତି। ୧ ବର୍ଷ ମଧ୍ୟରେ ପାରାଦୀପ ପୋର୍ଟ ଦେଶରେ ୧ ନମ୍ବର ହେବ। ଏହା ଆଗରୁ ହୋଇସାରନ୍ତାଣି, ହେଲେ ଏଥିରେ ମୁଖ୍ୟ ରାସ୍ତା ବାଧକ ସାଜିଛି। ଅଣଓସାରିଆ ରାସ୍ତା ସକାଶେ ହିଁ ବ୍ୟବସାୟ ବଢୁନାହିଁ। ପୋର୍ଟକୁ ରାସ୍ତା ନିର୍ମାଣ କରିବା ରାଜ୍ୟ ସରକାରଙ୍କ କାମ। ଯଦି ଭଲ ରାସ୍ତା ହୋଇଯାଏ ଆସନ୍ତା ବର୍ଷ ପାରାଦୀପ ପୋର୍ଟ ୧ ନମ୍ବର ହୋଇଯିବ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଧାୟକ ସମ୍ବିତ୍ ରାଉତରାୟ କହିଛନ୍ତି, ରାଜ୍ୟ ସରକାର କେବେ ହେଲେ ପୋର୍ଟର ବିକାଶ ଲାଗି ବାଧକ ସାଜିନାହାନ୍ତି। ସରକାର ସବୁବେଳେ ସାହାଯ୍ୟ କରିଚାଲିଛନ୍ତି। ବିନା କାରଣରେ ଏଭଳି ଅଭିଯୋଗ ଅଣା ନ ଯାଉ। ନଚେତ୍ ପ୍ରତିବାଦକୁ ଓହ୍ଲାଇବୁ। ବିନା କାରଣରେ ଅଭିଯୋଗ କଲେ ପୋର୍ଟ ଅଚଳ କରିବାକୁ ୨ ଘଣ୍ଟା ବି ଲାଗିବନି ବୋଲି ସମ୍ବିତ କହିଛନ୍ତି।


ସମ୍ବିତ ରାଉତରାୟ

# ଆମ ବ୍ୟାଙ୍କ ସେବା ସରକାରଙ୍କ ଆଉ ଏକ ସୁଆଙ୍ଗ: ଭାଜପା

ଭୁବନେଶ୍ୱର, ୨୮।୧୧ (ସୁନିତ୍ ମିଶ୍ର)

୨୦୧୪, ୨୦୧୬, ୨୦୧୮ରେ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ବ୍ୟାଙ୍କ ସେବା ପ୍ରତି ପଞ୍ଚାୟତରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ସୂରଜ ପଚାରିଛନ୍ତି, ଏବେ ପୁଣି ନିର୍ବାଚନ ଆସିବାରୁ ନୂଆ ସୁଆଙ୍ଗ କାହିଁକି ଆରମ୍ଭ ହେଲା। ସମସ୍ତ ଅଣସେବା ପ୍ରାପ୍ତ ଗ୍ରାମପଞ୍ଚାୟତଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବ୍ୟାଙ୍କ ଓ ଆର୍ଥିକ ସେବା ପହଞ୍ଚାଇବା ପାଇଁ ମାର୍ଚ୍ଚ ୨୦୧୭ରେ ନବୀନ ଓଡ଼ିଶା ଜୀବିକା ମିଶନ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ବୁଝାମଣା କରିଥିଲେ। ସେ ବୁଝାମଣାର ସ୍ଥିତାବସ୍ଥା ବର୍ତ୍ତମାନ କେଉଁ ଅବସ୍ଥାରେ ଅଛି ସେକଥା ରାଜ୍ୟବାସୀଙ୍କୁ ସରକାର ପ୍ରଥମେ ଜଣାନ୍ତୁ। ରାଜ୍ୟରେ ପ୍ରଚାର ସର୍ବସ୍ୱ ସରକାର, ଲୋକଙ୍କୁ ଆର୍ଥିକ ସେବା ପ୍ରଦାନ କରିବା ଲାଗି କୌଣସି ଦୂରଦୃଷ୍ଟି, ରୋଡ୍‌ମ୍ୟାପ୍ କିମ୍ବା ରଣନୀତି ନ କରି, କେବଳ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ଏହି ସୁଆଙ୍ଗ ରଚୁଛନ୍ତି ବୋଲି ସେ କହିଛନ୍ତି।

## ମନେ ପଡ଼ନ୍ତି


ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ମାନସୀ ଲକ୍ଷ୍ମୀ ଜେନା
ମଧୁସୂଦନ ନଗର, ଖୋର୍ଦ୍ଧା
ତିରୋଧାନ: ମାର୍ଗଶିର କୃଷ୍ଣପକ୍ଷ ୨ୟ ତିଥି
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ:
ପୁଅ- ବିଶ୍ୱରଞ୍ଜନ, ସୌମ୍ୟରଞ୍ଜନ, ନାତୁଣୀ- ଖୁସି ବୋହୂ- ଲୋପିତା, ସୁନିତା
ଧ-୧୮୯୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ବିଶ୍ୱନାଥ ସିଂହ
ବାସିପିଠା (ବାରିପଦା)
ଆବିର୍ଭାବ: ୨୮।୦୭।୧୯୬୩
ତିରୋଧାନ: ୧୯।୧୧।୨୦୨୩
ତୁମର ନିଷ୍ପାପ ହୃଦୟ, ସରଳତା, ନିର୍ଭୀକ ଜନହିତୈଷା, ବନ୍ଧୁବତ୍ସଳ, ଗୁଣାନୁରାଗି, ପରୋପକାରୀ, ବ୍ୟକ୍ତିତ୍ୱର ଆକସ୍ମିକ ଅବସାନରେ ଆମେ ସମସ୍ତେ ମର୍ମାହତ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ- ମାଆ: ଶାରଦା ସିଂ, ସ୍ତ୍ରୀ: ଶାନ୍ତିଲତା ସିଂ, ଝିଅ: ବିପାସା ସିଂ ଏବଂ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୯୦୦


# ୧୮ ଲକ୍ଷ କୋଟିର ହିସାବ ଦିଅ: ମନମୋହନ

## ଖଇରାରେ ଭାଜପାର ଶକ୍ତି ପ୍ରଦର୍ଶନ


ଖଇରା ବଜାରରେ ଭାଜପାର ବିକ୍ଷୋଭ ଶୋଭାଯାତ୍ରା।

ଖଇରା, ୨୮।୧୧ (ଉତ୍କଳବନ୍ଧୁ ପଣ୍ଡା)

ବିଜେଡି ସରକାରଙ୍କ ୨୩ବର୍ଷ ଶାସନକାଳରେ ସବୁକ୍ଷେତ୍ରରେ ଦୁର୍ନୀତି ହେଉଥିବା ପ୍ରତିବାଦରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଖଇରାରେ ବିକ୍ଷୋଭ ପ୍ରଦର୍ଶନ ସହ ବ୍ଲକ ଘେରାଉ କରାଯାଇଛି। ଏଥିଲାଗି ମଙ୍ଗଳବାର ଏକ ଶୋଭାଯାତ୍ରା ଖଇରା ଦୁର୍ଗାମଣ୍ଡପରୁ ବାହାରି ବ୍ଲକ ଗେଟ୍ ସମ୍ମୁଖରେ ପହଞ୍ଚିଥିଲା। ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କେନ୍ଦ୍ର ସରକାର ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ବେଳେ ସରକାର କେଉଁ ଯୋଜନାରେ କେତେ ଖର୍ଚ୍ଚ କରିଛନ୍ତି ତାର ହିସାବ ଓଡିଶାବାସୀଙ୍କୁ ଦେବାକୁ ଦାବି କରିଥିଲେ। ଦୁର୍ନୀତି, ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀ ନିର୍ଯ୍ୟାତନା ସବୁ ସୀମା ଲଙ୍ଘିଛି ବୋଲି ମନମୋହନ କହିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ପିଏମ କିଷାନ, କାଳିଆ ଭତ୍ତା ଆଦି ପ୍ରତ୍ୟେକ ଯୋଜନାରେ ଦୁର୍ନୀତି ଚାଲିଥିବା ବେଳେ ଆକ୍ରୋଶର ପ୍ରତିଫଳନ ଆଗାମୀ ନିର୍ବାଚନରେ ରାଜ୍ୟ ସରକାରଙ୍କୁ ମିଳିବ ବୋଲି କହିଥିଲେ। ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ଜିଲା ସମ୍ପାଦକ ଈଶ୍ୱର ବେହେରା, ଯୁବମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ରାଜ୍ୟ ଉପଦେଷ୍ଟା ବିରଞ୍ଚି ନାରାୟଣ ତ୍ରିପାଠୀ, ବିଧାନସଭା ସଂଯୋଜକ ନିରାକାର ପଣ୍ଡା, ମଣ୍ଡଳ ସଭାପତି ରାଜେଶ ରାଉତ, ମହେଶ୍ୱର ନାଥ, ପତିତପାବନ କର, ବୁଲୁ ଲେଙ୍କା, ଯୁବନେତା ଅଂଶୁମାଧବ ପଣ୍ଡା, ନୀଳମାଧବ ପଣ୍ଡା, ନୀଳାମ୍ବର ପଣ୍ଡା, ସୁଶାନ୍ତ ମହାକୁଡ ଓ କୈଳାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ରାଜ୍ୟ ଓ ଜିଲାସ୍ତରୀୟ ନେତୃବୃନ୍ଦଙ୍କୁ କହିବାକୁ ସୁଯୋଗ ଦିଆଯାଇଥିବା ବେଳେ ରାଜ୍ୟସ୍ତରରେ ସଙ୍ଗଠନ ଦାୟିତ୍ୱରେ ଥିବା ଖଇରାର ଯୁବନେତା ତଥା ଭାଜପା ମୁଖପାତ୍ର ଠାକୁର ଦାସ ଓ କୋଷାଧ୍ୟକ୍ଷ ଇଂ. ମହାକୁଡଙ୍କୁ ସୁଯୋଗ ପ୍ରଦାନ କରା ନ ଯିବାରୁ ଖଇରା ବ୍ଲକର ଭାଜପା କର୍ମୀମାନେ ନିରାଶା ବ୍ୟକ୍ତ କରିଛନ୍ତି। ସେହିଭଳି ପୂର୍ବାହ୍ନ ୧୧ଟା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହେବାର ଥିବା ବେଳେ ଦେଢଟା ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ପାରିବାରୁ ବହୁ କର୍ମୀ ଅସନ୍ତୋଷ ପ୍ରକାଶ କରି ଫେରିଯାଉଥିବା ଦେଖିବାକୁ ମିଳିଥିଲା।

# ବିଜେଡିରେ ଭାଜପା, କଂଗ୍ରେସ କର୍ମୀ


ମିଶ୍ରଣ ପର୍ବରେ ବିଧାୟକ ବ୍ୟୋମକେଶ ରାୟଙ୍କ ସହ ନୂତନ କର୍ମୀ।

ତିହିଡ଼ି, ୨୮।୧୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ବାରସର ପଞ୍ଚାୟତ କେଳାସାହି ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କେଳାସାହି, ତଳଦପା, ଚକରାସାହି ଆଦି ଗ୍ରାମର ଶତାଧିକ ପରିବାର ଭାଜପା ଓ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ପଞ୍ଚାୟତ ସଭାପତି ବିପିନ ରାଉତଙ୍କ ପୌରୋହିତ୍ୟ ଓ ଯୁବ ସଭାପତି ନୀଳମଣି ମାଝୀଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ କେଳାସାହି ଗ୍ରାମରେ କୀର୍ତ୍ତନ ମଣ୍ଡପ ସମେତ ପାନୀୟ ଜଳ ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବା ସହ ପଞ୍ଚାୟତର ବିକାଶରେ ସେ ସହଭାଗୀ ହେବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଚାନ୍ଦବାଲି ବ୍ଲକ ପୂର୍ବତନ ଅଧ୍ୟକ୍ଷ ନରେଶ ମାଝୀ, ଜିଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ ଓ ପ୍ରିନ୍ସ ରାକେଶ ନାୟକ, ସମବାୟ ସମିତି ସଭାପତି ମାନସ ରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ମାନସ କୁମାର ସାହୁ, ଯୁବନେତା ହିମାଦ୍ରୀ ମିଶ୍ର, ପ୍ରଦୀପ ମିଶ୍ର, ନୃସିଂହ ମହାକୁଡ଼, ପ୍ରଫୁଲ୍ଲ ଦାସ, ଜିତେନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇଥିଲେ।

ଦୀନବନ୍ଧୁ ମହାକୁଡ଼, ଦେବେନ୍ଦ୍ର ମହାକୁଡ଼, ନୀଳକଣ୍ଠ ନାୟକ, ପ୍ରତାପ ଦାସ, ବିଶ୍ୱଜିତ ବାରିକ, ଗଣେଶ ବାରିକ, ସୁରେନ୍ଦ୍ର ବଳ, ସଦାନନ୍ଦ ବଳ, ନିରାକାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ। କେଳାସାହି ଗ୍ରାମର ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ସର୍ବେଶ୍ୱର ଦାସ, ଅଜୟ ଦାସ, ରାଜେନ୍ଦ୍ର ଦାସ, ମଧୁସୂଦନ ଦାସ, ତଳଦପାର ହରିହର ମଲିକ, କାର୍ତ୍ତିକ ମଲିକ, ଗୌରାଙ୍ଗ ମଲିକ, ବିକାଶ ଦାସ, ଚକରାସାହିର ମିଥୁନ ନାୟକ, ମୁକ୍ତିକାନ୍ତ ନାୟକ, କାଳନ୍ଦୀ ନାୟକ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।


# Classified Everyday
0674-2580101, 2549949


MATRIMONIAL

GROOM WANTED

ବୟସ 35 RI ଚାକିରି Divorce ଏକୁଟିଆ ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75308

28 ବୟସ, ଅବିବାହିତା ଖଣ୍ଡାୟତ Govt. ଚାକିରି କରୁଥିବା କନ୍ୟାଙ୍କ ପାଇଁ Married / Unmarried Divorce ବରପାତ୍ର ଆବଶ୍ୟକ। 9040185433. D-1879

Searching Kaibarta Groom for very fair Kaibarta Bride. Contact Brother (IAS Faculty in Delhi), Mob-9990161440. D-1876

Wanted groom B.Tech 35-38yrs, Govt./Pvt. Job for a beautiful girl by Caste Khajuria (Syala), 35yr., M.Tech, Caste no bar- 8917585202. D-74311

Wanted Brahmin Groom for a beautiful divorce woman, 29yr., B.tech, 5.5" fair, 8637218124. D-74313


REAL ESTATE

SALE

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

Duplex sale and plot sale near AIIMS Hospital Bhubaneswar. 9777433701. D-75273

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ-9437205314, 9937513595. D-75265

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

Residential plot for sale gharabari + compound wall + 30 feet road + electricity 7 KM from Nakhara near Pettal English Medium School, 5% Bank interest on 50% cost of land for 5 year's, 12 KM only from BBSR pay 50% & go for registration & take Patta for home construction. Few plots are available cost @ 650per sft. Personal plots no builders. 7809525454. D-75065


CONSTRUCTION

Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856. D-1789

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

Relax, Refresh your body, Mind at Saikrupa Spa with best therapies. 8984068077. D-1873

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

LOST

ଆମ୍ଭେ ବିଶ୍ୱଜିତ ହୋତା ଏବଂ ବିଶ୍ୱରଞ୍ଜନ ହୋତା, ପି- ବିଶ୍ୱନାଥ ହୋତା, ଗ୍ରାମ- ତ୍ରିଲୋଚନପୁର, ପୁରୀ, ଓଡ଼ିଶା, ଆମ୍ଭେ ବିଜ୍ଞାପନ ଦେବାର କାରଣ ଏହିକିଯେ ମୋର ଓରିଜିନାଲ କବଲା ନମ୍ବର ୧୯୧୯, ଖାତା- ନଂ ୨୨୩, ପ୍ଲଟ୍ ନଂ ୧୧୪୦, ମୁଁ ତା ୨୦।୧୧।୨୦୨୩ ଅପରାହ୍ନ ୨ ଘଟିକା ସମୟରେ ତହସିଲ ଯିବା ରାସ୍ତାରେ କବଲାଟି ହଜି ଯାଇଥିଲା। ଏଣୁ ଆପଣମାନଙ୍କ ବିନୀତ ଅନୁରୋଧ କରୁଅଛିକି ଯଦି କେହି ସହୃଦୟ ବ୍ୟକ୍ତି କବଲାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ କିମ୍ବା ନିମ୍ନମତେ ମୋ ଓକିଲଙ୍କୁ ଯୋଗାଯୋଗ କରିବେ। ଆଡଭୋକେଟ ଦୀପକ କୁମାର ସାହୁ, ମୋ: 9937058785, D22864. D-73551

AFFIDAVIT

By virtue of an Affidavit sworn before the Notary Public, Paralakhemundi, Gajapati, Odisha I Vysyaraju Sankar Kumar Raju, S/o: Vysyaraju Subramanyam Raju, Vill-Paralakhemundi, PO-Paralakhemundi Dist-Gajapati, Odisha that in the ICSE(Class-X) year 2022 Examination Admission Card, Vide Unique Id (Roll No-7727667) of my son Jigyash the surname has wrongly spell out as Vysya Raju instead of Vysyaraju, i.e.,Vysyaraju Jigyash Kumar Raju. Hence I am swearing this affidavit in order to file before the appropriate authority concerned declaring that our surname Vysyaraju i.e., Vysyaraju Jigyash Kumar Raju, S/o-Vysyaraju Sankar Kumar Raju & Vysyaraju Eswari for all records. D-1893

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOST

ମୁଁ ଯୁଧିଷ୍ଠିରପରିଡ଼ା, ୨୯।୧୦।୨୨ତାରିଖ ଦିନ ଘରୁ ମାର୍କୋଣା ବଜାରକୁ ମୋଟର ସାଇକେଲ ଯୋଗେ ଯିବା ରାସ୍ତାରେ ମୋର ୧୦ମ ଶ୍ରେଣୀ, ଡିପ୍ଲୋମା ଏବଂ ବି.ଟେକ୍ ସାର୍ଟିଫିକେଟ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ଦଧିବାମନପୁର, କନ୍ଦ୍ରେଇବିନ୍ଧା, ବାଲେଶ୍ୱର- ୭୫୬୧୬୮, ମୋବାଇଲ ନମ୍ବର- ୯୦୪୦୫୩୨୩୫୩ରେ ଜଣାଇବାକୁ ଅନୁରୋଧ। ସାର୍ଟିଫିକେଟ ପାଇଥିବା ବ୍ୟକ୍ତି ଫେରାଇ ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ଧ-୧୯୦୨

Electrical Engineeringରେ Ph.D.



ଲାଭ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ କୁରାଳ ଗ୍ରାମପଞ୍ଚାୟତ ଦଣ୍ଡୋର ଗ୍ରାମ ନିବାସୀ ଶ୍ରୀ ସ୍ୱସ୍ତିବାଚନ ପଣ୍ଡା ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ "Power System Reliability Assessment and Enhancement of Different Contingency Conditions" ପାଇଁ Electrical Engineeringରେ Ph.D. ଡିଗ୍ରୀ ଲାଭ କରିଛନ୍ତି। ସେ ରାଉରକେଲାସ୍ଥିତ National Institute of Technology(NIT)ର Prof. Sanjeeb Mohantyଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି University of Alberta, Edmonton, AB, Canadaର Prof. Yanwei(Ryan) Li ଓ IIT(BHU), Varanasiର Prof. Soumya Ranjan Mohantyଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। Dr. Swastibachan Panda ବର୍ତ୍ତମାନ ବଣିଆଟାଙ୍ଗି, ଖୋର୍ଦ୍ଧାସ୍ଥିତ Gandhi Institute for Education & Technologyରେ Asst. Prof. ଭାବେ କାର୍ଯ୍ୟରତ। ସେ ତାଙ୍କର ଏ ସଫଳତାର ସମସ୍ତ ଶ୍ରେୟ ସର୍ବଶକ୍ତିମାନ ସର୍ବନିୟନ୍ତାଙ୍କୁ ଅର୍ପଣ କରିଛନ୍ତି। ଏଥିରେ ତାଙ୍କୁ ସହଯୋଗ କରିଥିବା ତାଙ୍କର ବିଭାଗୀୟ ମୁଖ୍ୟ, ସମସ୍ତ ଅଧ୍ୟାପକ ଓ ଗୁରୁଜନ, ସହପାଠୀ ବନ୍ଧୁ, ପରିବାରର ସଦସ୍ୟ ତଥା ପତ୍ନୀ ସୋନାଳି ପ୍ରିୟଦର୍ଶିନୀ ଓ କନ୍ୟା ତନ୍ମୟସିଙ୍କୁ ସେ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଧ-୧୮୯୫

CLASSIFIED DISPLAY
MORE SPACE • SAME PRICE

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସୋରିଷ: ପୋକ ଦମନ ପ୍ରଣାଳୀ

ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ଗେଣ୍ଡୁ ଫୁଲ: ପଟାଳି ପ୍ରସ୍ତୁତି

**ଗେ**ଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତକରି ସିରାକୋଲ୍ ବି.ଏମ୍.–୨ ଏବଂ ବି.ଏମ୍.–୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗା କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦–୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛକୁ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁଫୁଲ ଗଛରେ ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ ମଧ୍ୟରେ ରହିଛି ସିରାକୋଲ୍, ଜାଏଣ୍ଟ ଡବଲ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ ଆଫ୍ରିକାନ୍ ଅରେଞ୍ଜ, ବିଏମ୍–୨ ଏବଂ ବିଏମ୍–୩ । ଗେଣ୍ଡୁ ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ । ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



# ଡାଲୁଅ ଧାନଚାଷ

**ଡା**ଲୁଅ ଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଟା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ। ମଧ୍ୟମ କିସମଗୁଡ଼ିକ ହେଲା ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ-୧୦୦୧। ଏହି ମାସ ଶେଷସୁଦ୍ଧା ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ। ଅନ୍ୟପକ୍ଷରେ ଧାନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।

**ଗହମ:** ଗହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜାହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



### ଡିସେମ୍ବର ମାସର କୃଷି ସୂଚନା

**ଆଖୁ :** ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ । ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପଡନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲିଜାତୀୟ ଫସଲ ଓ ଚିନାବାଦାମରେ ୨୫ କି.ଗ୍ରା. ବିହନ ପ୍ରତି ୧୦ ଗ୍ରାମ୍ ସୋଡିୟମ୍ ମଲିବ୍‌ଡେଟ୍ ଏବଂ ୧ ଗ୍ରାମ୍ କୋବାଲ୍ଟସ୍ କ୍ଲୋରାଇଡ୍ ପାଣିରେ ଦ୍ରବୀଭୂତ କରି ଏହା ସହ ରାଇଜୋବିୟମ୍ କଲଚର ୫୦୦ ଗ୍ରାମ୍‌ରୁ ୧ କି.ଗ୍ରା. ମିଶାଇ ମଞ୍ଜି ଉପଚାର କରି ଛାଇରେ ଶୁଖାଇ ୧ ଘଣ୍ଟା ପରେ ଉପରବେଳା ମଞ୍ଜି ବୁଣିଲେ ଭଲ ।

**କପା :** ବକରା ଫାଟିବାର ୪୦ଦିନ ମଧ୍ୟରେ ୪ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳା ଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ:** ପିଆଜ ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଫଳଚାଷ:** ଆମ୍ବବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ରୁ ୧୫ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ମାଛ ପାଇଁ ଖାଦ୍ୟ

ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।



### ଅଳ୍ପରେ...

## ଆଳୁରେ କୋଡାଖୁସା

ଆଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ୨ପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ। ଆଳୁ ଫସଲରେ ସକାଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ। ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ ବା ୧୫୦୦ ମି.ଲି. ଟ୍ରିବ୍ଲୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ହିରାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଞ୍ଜିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।



## ରବି ଚିନାବାଦାମ

ରବିଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ। ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ।



## ପ୍ରାଣୀଙ୍କୁ ଫାଟୁଆ ରୋଗ ହେଲେ...

**ଶୀ**ତଦିନରେ ଗାଈମାନଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର କାଳି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଙ୍ଗୁଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

## ଡାଳିଜାତୀୟ ଫସଲରେ ବିହନ ବିଶୋଧନ

**ଏ**କ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ + ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲଚର ପ୍ରୟୋଗ କରନ୍ତୁ। କଲଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।



## ସୂର୍ଯ୍ୟମୁଖୀରେ ରୋଗପୋକ ନିୟନ୍ତ୍ରଣ

**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶିଁବାଳୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଫୁଟିବା ସମୟରେ ବିଷାକ୍ତ ଦ୍ରବ୍ୟ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ କୀଟନାଶକ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



ଫୁର୍ସତ୍

# ଅଭିନୟରୁ ବିରତି ନେବାକୁ ଚାହୁଁଛନ୍ତି ରଣବୀର



**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣବୀର କପୁର ତାଙ୍କ ଫିଲ୍ମ 'ଆନିମଲ'କୁ ନେଇ ବହୁତ ଉତ୍ସାହିତ ଅଛନ୍ତି। ତାଙ୍କର ଏହି ଫିଲ୍ମ ରିଲିଜ୍ ପୂର୍ବରୁ ସେ ତାଙ୍କ କ୍ୟାରିୟର ବିଷୟରେ ବଡ଼ ବୟାନ ଦେଇଛନ୍ତି। ଫିଲ୍ମ ପ୍ରମୋଶନର ବ୍ୟସ୍ତତା ମଧ୍ୟରେ ସେ ତାଙ୍କ ଝିଅ ରାହାଙ୍କ ସହ ମୂଲ୍ୟବାନ ମୁହୂର୍ତ୍ତ ବିତାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ହାଇଦ୍ରାବାଦରେ ଏକ ଖବରଦାତା ସମ୍ମିଳନୀରେ ରଣବୀର ତାଙ୍କ ଝିଅଙ୍କ ଉପସ୍ଥିତିକୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ସେ ତାଙ୍କ ସମସ୍ତ କ୍ୟାରିୟରକୁ ଝିଅକୁ ଉତ୍ସର୍ଗ କରିବାକୁ ଇଚ୍ଛା କରିଥିଲେ। ରାହା ତାଙ୍କ ଜୀବନର ସବୁଠୁ ଖୁସିର ଅଧ୍ୟାୟ ବୋଲି କହିଥିଲେ। ସେ ଏହା ମଧ୍ୟ କହିଥିଲେ, ସେ ଝିଅ ପାଇଁ ଅଭିନୟରୁ ବିରତି ନେବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି।

# ୨୪ ଥରରେ ଏମ୍ଏସ୍‌ସି ପାସ୍

ଭୋପାଳ

ଜଣେ ମଣିଷ କିଛି ହାସଲ କରିବାକୁ ଚାହିଁଲେ, ସେଥିପାଇଁ ତାଙ୍କୁ ବହୁତ ବାଧାବିଘ୍ନ ଦେଇ ଗତି କରିବାକୁ ପଡ଼ିଥାଏ। ଏହାପରେ ସେ ସଫଳତା ପାଇପାରେ। ସେପରି ଜଣେ ବ୍ୟକ୍ତି ହେଉଛନ୍ତି ମଧ୍ୟପ୍ରଦେଶର ରାଜକରଣ ବରୁଆ। ସେ ୫୬ ବର୍ଷ ବୟସରେ ବେସରକାରୀ ଜଗୁଆଳି ଏବଂ ଚାକର କାମ କରି ମଧ୍ୟ ଏମ୍ଏସ୍‌ସି ପାସ୍ କରିଛନ୍ତି। ରାଜକରଣ ତାଙ୍କ ବୟସର ପ୍ରାୟ ଅଧା ସମୟ ଏମ୍ଏସ୍‌ସି ପାଇବାକୁ ନଷ୍ଟ କରି ଦେଇଛନ୍ତି। ହେଲେ ସେ କେବେ ତାଙ୍କର ଇଚ୍ଛାଶକ୍ତି ହରାଇ ନ ଥିଲେ। ତାଙ୍କ ଜୀବନରେ ଯେମିତି ବି ପରିସ୍ଥିତି ଆସିଲେ ମଧ୍ୟ ସେ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲେ। ସେ ନିରନ୍ତର ଭାବେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଚେଷ୍ଟା ଚଳାଇଥିଲେ। ୨୫ ବର୍ଷରେ ରାଜକିରଣ



ରାଜକରଣ ବରୁଆ

୨୩ ଥର ଫେଲ୍ ହେବା ପରେ ଏବେ ତାଙ୍କୁ ସଫଳତା ମିଳିଛି। ପରୀକ୍ଷାରୁ ରାଜକିରଣ ପ୍ରୟାସ ଏବଂ ଧୈର୍ଯ୍ୟ ୨ଟି ଜିନିଷ ଶିଖିଥିବା କହିଛନ୍ତି। ୧୯୯୬ରେ ରାଜକିରଣ ଗଣିତରେ ସ୍ନାତକ ହାସଲ ପାଇଁ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟରେ ଏମ୍ଏସ୍‌ସିରେ ନାମ ଲେଖାଇଲେ। ଏହାପରେ ୧୯୯୭ରେ ସେ ପ୍ରଥମ ଥର ଏମ୍ଏସ୍‌ସି ପରୀକ୍ଷା ଦେଇଥିଲେ। ହେଲେ ସେଥିରେ ସେ ଫେଲ୍ ହୋଇଥିଲେ। ଆଗାମୀ ୧୦ ବର୍ଷରେ ସେ ୫ଟି ବିଷୟରୁ କେବଳ ୨ଟି ବିଷୟରେ ପାସ୍ କରିଥିଲେ। ଶେଷରେ ସେ ୨୦୨୧ରେ ଏମ୍ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ। ହେଲେ ଏହି ସଫଳତା ପଛରେ ତାଙ୍କୁ ବହୁତ କଷ୍ଟ ସହିବାକୁ ପଡ଼ିଛି। ସେ ରହିବା ଏବଂ ଖାଇବା ପାଇଁ ଏକ ବଙ୍ଗଳାରେ ଚାକର କାମ କଲେ। ଏଥିରୁ ତାଙ୍କୁ ପ୍ରାୟ ୧୫୦୦ ଟଙ୍କା ମିଳୁଥିଲା। ଏଥିସହ ସେ ରାତିରେ ଜଗୁଆଳି କାମ କରୁଥିଲେ। ଯେଉଁଥିରୁ ତାଙ୍କୁ ୫ ହଜାର ଟଙ୍କା ମିଳୁଥିଲା। ଏହି ଟଙ୍କାରେ ସେ ତାଙ୍କ ଘର ଚଳାଉଥିଲେ। ତା' ଭିତରୁ କିଛି ସଞ୍ଚୟ କରି ବହି କିଣୁଥିଲେ। ଏହି ୨୫ ବର୍ଷ ମଧ୍ୟରେ ସେ ପାଠ ପଢ଼ିବାକୁ ପ୍ରାୟ ୨ ଲକ୍ଷ ଖର୍ଚ୍ଚ କରିଛନ୍ତି।

# ୨୬୦୦ କେସ୍ କରି କୋଟିପତି

**ନ୍ୟୁୟର୍କ:** ଲୋକେ ଟଙ୍କା ରୋଜଗାର ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ତେବେ ଆମେରିକାର ଜଣେ ବ୍ୟକ୍ତି ରୋଜଗାର ପାଇଁ ଆଇନକୁ ହତିଆର ବନେଇଛନ୍ତି। ସେ ବର୍ଷ ବର୍ଷ ଧରି ଲୋକଙ୍କ ଉପରେ କେସ୍ କରି ଟଙ୍କା ରୋଜଗାର କରୁଛନ୍ତି। ଜୋନାଥନ ଲି ରିଚେସ୍ ବ୍ୟକ୍ତି ଏପର୍ଯ୍ୟନ୍ତ ୨୬୦୦ଟି କେସ୍ କରିଛନ୍ତି। ସେଥିମଧ୍ୟରୁ ଅଧିକାଂଶ କେସ୍ ଜିତି ସେ କୋଟି କୋଟି ଟଙ୍କା ମଧ୍ୟ ରୋଜଗାର କଲେଣି। ସର୍ବ ପ୍ରଥମରେ ଜୋନାଥନ ତାଙ୍କ ମା'ଙ୍କ ଉପରେ ଖରାପ ପରିବେଶର ଆରୋପ ଲଗାଇ କେସ୍ କରିଥିଲେ। ସେ ଏପରି ଅନେକ ମାନହାନି କେସ୍ କରି ଟଙ୍କା ରୋଜଗାର କରୁଛନ୍ତି। ତେବେ ଜୋନାଥନ ବହୁତ ଲୋକଙ୍କ ଉପରେ କେସ୍ କରି ଗିନିଜ୍ ରେକର୍ଡ ମଧ୍ୟ କରିଛନ୍ତି। ଗିନିଜ୍ ବୁକ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁସାରେ, ଜୋନାଥନଙ୍କ ନାମ ଦୁନିଆର ସବୁଠୁ ଅଧିକ କେସ୍ ଫାଇଲ କରିଥିବା ବ୍ୟକ୍ତି ଭାବେ ସାମିଲ ହୋଇଛି। ଏବେ ସେ ଗିନିଜ୍ ରେକର୍ଡକୁ ନେଇ ମଧ୍ୟ ଏକ କେସ୍ କରିଛନ୍ତି। ମଜାଦାର କଥା ହେଉଛି, ଯେତେବେଳେ କେହି ଜଜ୍ ତାଙ୍କ ବିରୋଧରେ ମୋକଦ୍ଦମାର ବିଚାର କରନ୍ତି, ସେ ବ୍ୟକ୍ତି ଜଜ୍‌ଙ୍କ ବିରୋଧରେ ମଧ୍ୟ କେସ୍ କରିଦିଅନ୍ତି।



















































# ମ୍ୟାକ୍ସୱେଲଙ୍କ ଶତକ: ଅଷ୍ଟ୍ରେଲିଆ ବିଜୟୀ

ଗୁଆହାଟୀ,୨୮।୧୧

ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଦମଦାର ଶତକ ବଳରେ ଭାରତ ବିପକ୍ଷ ତୃତୀୟ ଟି୨୦ ମ୍ୟାଚକୁ ୫ ଉଇକେଟରେ ଜିତି ନେଇଛି ଅଷ୍ଟ୍ରେଲିଆ। ଓପନର ଋତୁରାଜ ଗାଏକ୍ୱାଡଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ ବଳରେ ଭାରତ ୩ ଉଇକେଟରେ ୨୨୨ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଇନିଂସର ଅନ୍ତିମ ବଲରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚର ଇନିଂସ ରିପ୍ଲେ ସହିତ ମ୍ୟାକ୍ସୱେଲ ଅପରାଜିତ ଶତକ ହାସଲ କରିଥିଲେ। ଟସ୍ ଜିତି ଅଷ୍ଟ୍ରେଲିଆ ବୋଲିଂ କରିଥିବା ବେଳେ ଭାରତ ୨୪ ରନ୍‌ରେ ଯଶସ୍ୱୀ ଜୟସ୍ୱାଲ(୬) ଓ ଇଶାନ କିଶନ୍(୦)ଙ୍କ ଉଇକେଟ ହରାଇଥିଲା। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୩୯) ଓ

## ତୃତୀୟ ଟି୨୦

ଋତୁରାଜ ଗାଏକ୍ୱାଡ(୧୨୩*) ତୃତୀୟ ଉଇକେଟରେ ୫୭ ରନ୍ ଯୋଡି ସ୍ଥିତି ସୁଧାରିଥିଲେ। ୮୧ ରନରେ ତୃତୀୟ ଉଇକେଟର ପତନ ପରେ ଗିୟର ବଦଳାଇଥିଲେ ଗାଏକ୍ୱାଡ। ଟି୨୦ ତଥା ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ସହ ଚତୁର୍ଥ ଉଇକେଟରେ ତିଳକ ବର୍ମା(୩୧)ଙ୍କ ସହିତ ୧୪୧ ରନ୍ ଯୋଡିଥିଲେ। ଋତୁରାଜ ୫୭ ବଲ୍ ଖେଳି ୧୩ ଚୌକା ଓ ୭ ଛକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କେନ୍ ରିଚାର୍ଡସନ୍, ଜାସନ୍ ବେହେରେନ୍ଡ୍ରଫ ଓ ଆରୋନ୍ ହାର୍ଡି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୩ ରନ୍ ଲକ୍ଷ୍ୟକୁ ନେଇ ଅଷ୍ଟ୍ରେଲିଆ ୬୮ ରନରେ ୩ ଓ ୧୩୪ ରନ୍‌ରେ ପଞ୍ଚମ ଉଇକେଟ ହରାଇଥିଲା। ଅନ୍ତିମ ୬ ଓଭରରେ ୯୦ରୁ ଅଧିକ ରନ୍ ଆବଶ୍ୟକ ଥିବା ବେଳେ ମ୍ୟାକ୍ସୱେଲ ଖେଳିଥିଲେ ଏକ ଅବିଶ୍ୱସନୀୟ ଇନିଂସ। ୪୮ ବଲ୍ ଖେଳି ୮ ଲେଖାଏ ଛକା ଓ ଚୌକା ସହିତ ସେ ୧୦୪ ରନ୍ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ୪୭ ବଲ୍‌ରେ ଶତକ ପୂରଣ କରିବା ସହ ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ଶତକରେ ଜୋଶ ଇଂଲିସ ଓ ଆରେନ୍ ଫିଞ୍ଚଙ୍କ ସମକକ୍ଷ ହୋଇଥିଲେ। ଶେଷ ଆଡକୁ ଅଧିନାୟକ ମାଥ୍ୟୁ ୱେଡ୍ ଅପରାଜିତ ୨୮ ରନ୍ କରିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ୨ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ, ଆଭେଶ ଖାନ୍ ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୨/୩ (ଋତୁରାଜ ଗାଏକ୍ୱାଡ-୧୨୩*, ସୂର୍ଯ୍ୟକୁମାର ଯାଦବ-୩୯, ତିଳକ ବର୍ମା-୩୧*, କେନ୍ ରିଚାର୍ଡସନ୍-୧/୩୪, ଜାସନ୍ ବେହେରେନ୍ଡ୍ରଫ-୧/୧୨, ଆରୋନ୍ ହାର୍ଡି -୧/୬୪)। ଅଷ୍ଟ୍ରେଲିଆ ୨୦ ଓଭରରେ ୨୨୫/୫ (ଗ୍ଲେନ୍ ମ୍ୟାକ୍ସୱେଲ-୧୦୪*, ଟ୍ରାଭିସ୍ ହେଡ୍-୩୫, ମାଥ୍ୟୁ ୱେଡ୍-୨୮*, ରବି ବିଷ୍ଣୋଇ-୨/୩୨, ଅକ୍ଷର ପଟେଲ-୧/୩୭, ଆଭେଶ ଖାନ୍-୧/୩୭, ଅର୍ଶଦୀପ ସିଂ-୧/୪୪)।


ଶତକ ହାସଲ ପରେ ଭାରତର ଋତୁରାଜ ଗାଏକ୍ୱାଡ୍।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଗ୍ଲେନ୍ ମ୍ୟାକ୍ସୱେଲ୍।

# ଯୁବବର୍ଗ ପାଇଁ ସରକାରଙ୍କ ନୂଆ ପଦକ୍ଷେପ

## ପୁରୁଷ ଓ ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ଲାଗି ୪୭,୦୦୦ରୁ ଊର୍ଦ୍ଧ୍ୱ ଟିମ୍ ପଞ୍ଜୀକୃତ

ଭୁବନେଶ୍ୱର, ୨୮।୧୧

(ବିଜୟ ରଣା)

ଓଡ଼ିଶାର ଯୁବକମାନଙ୍କୁ ସଂଗଠିତ କରିବା ଏବଂ ସେମାନଙ୍କ ସଶକ୍ତିକରଣ ଦିଗରେ ସରକାର ଆଉ ଏକ ନୂଆ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ନିକଟରେ 'ନୂଆ ଓ' କାର୍ଯ୍ୟକ୍ରମର ଘୋଷଣା କରିଥିଲେ। ଏଥିରେ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ସମଗ୍ର ରାଜ୍ୟରେ ଏହା କାର୍ଯ୍ୟକାରୀ ହେବ। ୧୩ରୁ ୩୫ ବର୍ଷ ବୟସ ବର୍ଗରେ ୬ଟି ବିଭାଗରେ ଖେଳ ଯଥା ଖୋ-ଖୋ, କ୍ରିକେଟ, ହକି, ଫୁଟ୍‌ବଲ, ଭଲିବଲ୍ ଅନୁଷ୍ଠିତ ହେବ। ପୁରୁଷ ଓ ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ଲାଗି ବର୍ତ୍ତମାନ ୪୭,୦୦୦ରୁ ଉର୍ଦ୍ଧ୍ୱ ଟିମ୍ ପଞ୍ଜୀକୃତ କରିଛନ୍ତି। ତନ୍ମଧ୍ୟରୁ ୧୯,୭୦୧ ଦଳ କ୍ରିକେଟ, ୮,୩୮୫ ଦଳ ଫୁଟ୍‌ବଲ, ୭,୫୬୭ ଦଳ ଭଲିବଲ ଏବଂ ୬୨୦୨ ଦଳ କବାଡ଼ିରେ ଭାଗ ନେବାକୁ ଥିବାବେଳେ ଖୋ ଖୋ ଓ ହକିରେ ଯଥାକ୍ରମେ ୪,୨୦୯ ଏବଂ ୧,୬୮୩ ଦଳ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ମହିଳା କାଟେଗୋରିରେ ୫,୦୦୦ ଟିମ୍ ପଞ୍ଜୀକୃତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଯଥା ବ୍ଲକ ଲେଭଲ/ୟୁବି ଲେଭଲ, ଇନଷ୍ଟିଚ୍ୟୁଶନାଲ ଲେଭଲ, ଡିଷ୍ଟ୍ରିକ୍ଟ ଲେଭଲ ୪ଟି ସ୍ତରରେ ହେବ। ବ୍ଲକ/ୟୁବି ଲେଭଲରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ହେବ। ଇନଷ୍ଟିଚ୍ୟୁଶନାଲ ସ୍ତରରେ ସମାଜସେବା ଓ କାର୍ଯ୍ୟକଳାପ ବ୍ୟବସ୍ଥା ରହିଛି। ଜିଲା ଓ ରାଜ୍ୟସ୍ତରରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ହେବ। ଏଥିରେ ସାମାଜିକ ସଚେତନତା ପାଇଁ ୟୁଥ ଫେଷ୍ଟିଭାଲ, ଡିଜିଟାଲ ଏନଗେଜମେଣ୍ଟ ଏବଂ ସୋସିଆଲ ମିଡିଆ ପ୍ରତିଯୋଗିତା ରହିବ। ଏହି ପ୍ରୋଗ୍ରାମରେ ମାଗଣା ସ୍ପୋର୍ଟ୍ସ କିଟ୍ ସହ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। 'ନୂଆ ଓ' କାର୍ଯ୍ୟକ୍ରମକୁ ସଫଳତାର ସହ ଆଗେଇନେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ହାୟର ଏଜୁକେଶନ, ସ୍କୁଲ ଆଣ୍ଡ ମାସ୍ ଏଜୁକେଶନ, ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍‌ନିକାଲ ଏଜୁକେଶନ, ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍‌ନିକାଲ ଏଜୁକେଶନ, ଏସ୍‌ଟି ଆଣ୍ଡ ଏସ୍‌ସି ଡେଭଲପମେଣ୍ଟ, ହେଲ୍‌ଥ ଆଣ୍ଡ ଫ୍ୟାମିଲି ୱେଲଫେୟାର, ଏଗ୍ରିକଲଚର ଆଣ୍ଡ ଫାର୍ମର୍ସ ଏମ୍ପାୱାରମେଣ୍ଟ ବିଭାଗ ବ୍ୟତୀତ କ୍ରୀଡ଼ା ଯୁବସେବା ବିଭାଗ, ଜିଲା ପ୍ରଶାସନ ଓ ରାଜ୍ୟ କ୍ରୀଡ଼ା ଆସୋସିଏଶନ ମିଳିତ ଭାବେ କାର୍ଯ୍ୟକରିବେ।

# ଅଷ୍ଟ୍ରେଲିଆ ଟି୨୦ ଦଳରେ ପରିବର୍ତ୍ତନ

ଗୁଆହାଟୀ, ୨୮।୧୧ (ପି.ଟି.)

ଭାରତରେ ବର୍ତ୍ତମାନ ଟି୨୦ ସିରିଜ ଖେଳୁଥିବା ଅଷ୍ଟ୍ରେଲିଆ କ୍ରିକେଟ ଦଳର ପାଖାପାଖି ଅଧା ଖେଳାଳି ମଙ୍ଗଳବାର ତୃତୀୟ ମ୍ୟାଚ ଖେଳି ସାରିବା ପରେ ନିଜ ଦେଶକୁ ଫେରିଯାଇଛନ୍ତି। ଫଳରେ ଅବଶିଷ୍ଟ ଦୁଇଟି ଗେମ୍ ପାଇଁ ବିଶ୍ୱକପ୍ ବିଜୟୀ ଦଳର କେବଳ ଜଣେ ମାତ୍ର ଖେଳାଳି ଟ୍ରାଭିସ ହେଡ୍ ରହିବେ। ସିରିଜର ଚତୁର୍ଥ ଓ ପଞ୍ଚମ ମ୍ୟାଚ ଯଥାକ୍ରମେ ରାୟପୁର (ଡିସେମ୍ବର୧) ଓ ବେଙ୍ଗାଲୁରୁ (ଡିସେମ୍ବର ୩)ଠାରେ ଖେଳାଯିବ। ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ୭ ଜଣ ଖେଳାଳି ନଭେମ୍ବର ୧୯ ଫାଇନାଲ ପରେ ଭାରତରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବା ପାଇଁ ରହିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୬ଜଣ ରାୟପୁର ଓ ବେଙ୍ଗାଲୁରୁ ମ୍ୟାଚରେ ସ୍ଥାନ ପାଇବେ ନାହିଁ। ବିଶ୍ୱକପ୍‌ରେ ୨୩ ଉଇକେଟ ଅକ୍ତିଆର କରି ଜଣେ ସ୍ପିନର ହିସାବରେ ଗୋଟିଏ ସଂସ୍କରଣରେ ସର୍ବାଧିକ ଉଇକେଟ ହାସଲ କରିବାରେ ମୁଥୟା ମୁରଲୀଧରନଙ୍କ ରେକର୍ଡ ସମକକ୍ଷ ହୋଇଥିବା ଆଡାମ ଜାମ୍ପା ଇତିମଧ୍ୟରେ ଷ୍ଟିଭ ସ୍ମିଥ୍‌ଙ୍କ ସହ ସ୍ୱଦେଶ ଫେରିଯାଇଛନ୍ତି। ଅନ୍ୟ ୪ ଖେଳାଳି ମଙ୍ଗଳବାର ଗୁଆହାଟୀରେ ମ୍ୟାଚ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିଲା। ଉଇକେଟକିପର-ବ୍ୟାଟର ଜୋଶ ଫିଲିପ୍ ଏବଂ ବେନ୍ ମ୍ୟାକଡରମଟ ଇତିମଧ୍ୟରେ ଅଷ୍ଟ୍ରେଲିଆ ଦଳରେ ଯୋଗଦେଇ ସାରିଛନ୍ତି। ରାୟପୁରରେ ଚତୁର୍ଥ ମ୍ୟାଚ ପୂର୍ବରୁ ବେନ୍ ଡ୍ୱାରସୁଇସ୍ ଓ ସ୍ପିନର କ୍ରିସ୍ ଗ୍ରୀନ୍ ଦଳରେ ଯୋଗ ଦେବେ। **ଅଷ୍ଟ୍ରେଲିଆର ପରିବର୍ତ୍ତିତ ଦଳ:** ମାଥ୍ୟୁ ୱେଡ୍ (ଅଧିନାୟକ), ଜାସନ ବେହରେନଡ୍ରଫ୍, ଟିମ୍ ଡେଭିଡ୍, ବେନ୍ ଡ୍ୱାରସୁଇସ୍, ନାଥାନ ଏଲିସ, କ୍ରିସ୍ ଗ୍ରୀନ, ଆରୋନ୍ ହାର୍ଡି, ଟ୍ରାଭିସ ହେଡ୍, ବେନ୍ ମ୍ୟାକଡରମଟ, ଜୋଶ ଫିଲିପ୍, ତନଭୀର ସାଙ୍ଘା, ମ୍ୟାଟ୍ସ ଶର୍ଟ, କେନ୍ ରିଚାର୍ଡସନ।

# ଆଜାମଙ୍କୁ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା


ଆଜମ ଖାଁଙ୍କ ବ୍ୟାଟ୍‌ରେ ପାଲେଷ୍ଟାଇନ୍ ପତାକା ଷ୍ଟିକର।

## ବ୍ୟାଟରେ ପାଲେଷ୍ଟାଇନ୍ ପତାକା ଷ୍ଟିକର

କରାଚୀ, ୨୮।୧୧ (ପି.ଟି.)

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଙ୍ଗଳବାର ଆଜାମ ଖାଁଙ୍କୁ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା କରିଛି। ସେ ନ୍ୟାଶନାଲ ଟି୨୦ ଚାମ୍ପିୟନଶିପ୍‌ରେ ଖେଳୁଥିବା ବେଳେ ତାଙ୍କ ବ୍ୟାଟ୍‌ରେ ପାଲେଷ୍ଟାଇନ୍ ପତାକାର ଛବି ରହିଥିବା ଦେଖିବାକୁ ମିଳିଥିଲା। ଆଜାମ ହେଉଛନ୍ତି ପୂର୍ବତନ ପାକିସ୍ତାନ ଅଧିନାୟକ ମୋଇନ୍ ଖାଁଙ୍କ ପୁତ୍ର। ଦୁଇ ଦିନ ପୂର୍ବେ ପିସିବି ମ୍ୟାଚ ରେଫରି ଆଜାମଙ୍କୁ ତାଙ୍କ ବ୍ୟାଟ୍‌ରୁ ପାଲେଷ୍ଟାଇନ୍ ପତାକା ଷ୍ଟିକର ହଟାଇବାକୁ କହିଥିଲେ। ମାତ୍ର ସେ ଏହି ଷ୍ଟିକରକୁ ହଟାଇବା ଲାଗି ମନା କରିଦେଇଥିଲେ। କରାଚୀସ୍ଥିତ ନ୍ୟାଶନାଲ ବ୍ୟାଙ୍କ ଷ୍ଟାଡିୟମରେ ଲାହୋର ବ୍ଲୁ ବିପକ୍ଷ ମ୍ୟାଚରେ ଉଇକେଟକିପର ବ୍ୟାଟର ଆଜାମ କରାଚୀ ହ୍ୱାଇଟ୍ସ ପକ୍ଷରୁ ଖେଳୁଥିବା ବେଳେ ଏହା ଦେଖିବାକୁ ମିଳିଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିୟମାନୁସାରେ ଉଭୟ ଖେଳାଳି ଅବା କ୍ରିକେଟ ଆସୋସିଏଶନର ଟିମ୍ ଅଫିସିଆଲ ଏବଂ ପିସିବି କ୍ରିକେଟ ଅପରେଶନ ଡିପାର୍ଟମେଣ୍ଟର ଅନୁମୋଦ ବିନା ଖେଳାଳି କିମ୍ବା ଟିମ୍ ଅଫିସିଆଲ ସେମାନଙ୍କ ସରଞ୍ଜାମରେ ବ୍ୟକ୍ତିଗତ ବାର୍ତ୍ତା କିମ୍ବା ଛବି ପ୍ରଦର୍ଶନ କରିପାରିବେ ନାହିଁ। ଏହି ଜରିମାନାକୁ ନେଇ ସୋସିଆଲ ମିଡିଆରେ ହଙ୍ଗାମା ସୃଷ୍ଟି ହୋଇଥିଲା। ଲୋକେ ଏଥିପାଇଁ ବୋର୍ଡକୁ ସମାଲୋଚନା କରିଥିଲେ। ଆଜାମ ଖେଳିଥିବା ଏହି ମ୍ୟାଚଟିର ଟେଲିଭିଜନରେ ସିଧା ପ୍ରସାରଣ ହୋଇଥିଲା। ଆଜାମ ଯଦିଓ ୨୦୨୧ଠାରୁ ଜାତୀୟ ଦଳ ପାଇଁ ଖେଳି ନାହାନ୍ତି, ଟି୨୦ ଫର୍ମାଟରେ ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ସେ ପାକିସ୍ତାନ କ୍ରିକେଟ ମହଲରେ ବେଶ୍ ପରିଚିତ। ବିଶ୍ୱବ୍ୟାପୀ ସେ ଫ୍ରାଞ୍ଚାଇଜ କ୍ରିକେଟ ମଧ୍ୟ ଖେଳିଆନ୍ତି। ନିକଟରେ ଭାରତରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନ ଉଇକେଟକିପର-ବ୍ୟାଟର ମହମ୍ମଦ ରିଜୱାନ ଗାଜାରେ ପାଲେଷ୍ଟାଇନ୍ ଲୋକଙ୍କୁ ସମର୍ଥନ କରି ଟୁଇଟ୍ କରିଥିଲେ।

# କ୍ଷତିପୂରଣକୁ ନେଇ ଏସିସି-ପିସିବି ମୁହାଁମୁହିଁ

କରାଚୀ,୨୮।୧୧(ପି.ଟି.)

ଏସିଆ କପ୍ ସ୍ଥାନାନ୍ତର ସମ୍ପର୍କିତ କ୍ଷତିପୂରଣକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଓ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି) ମୁହାଁମୁହିଁ ହୋଇଛନ୍ତି। ପାକିସ୍ତାନରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ ହାଇବ୍ରିଡ୍ ମୋଡ୍‌ରେ ଖେଳାଯାଇଥିଲା। ଅର୍ଦ୍ଧାଧିକ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯାଇଥିବା ବେଳେ ଶ୍ରୀଲଙ୍କା ଓ ପାକିସ୍ତାନ ଦଳ ପାଇଁ ଅତିରିକ୍ତ ଚାର୍ଟର୍ଡ ବିମାନ ବୁକ୍ କରିବାକୁ ପଡିଥିଲା। ଏହାକୁ ନେଇ ପିସିବି ଅତିରିକ୍ତ କ୍ଷତିପୂରଣ ଦାବି କରୁଛି। ଟୁର୍ନାମେଣ୍ଟ ଓ ମ୍ୟାଚ୍ ସ୍ଥାନାନ୍ତର ବାବଦରେ ୨ ଲକ୍ଷ ୫୦ ହଜାର ଡଲାରର କ୍ଷତିପୂରଣ ଦାବି କରାଯାଇଥିବା ବେଳେ ସ୍ପନସରଶିପ୍ ଓ ଅନ୍ୟାନ୍ୟ କ୍ଷତିପୂରଣ ଦାବି କରିଛି। ଏହା ମଧ୍ୟରେ ହୋଟେଲ ଓ ପରିବହନ ଖର୍ଚ୍ଚ ମଧ୍ୟ ସାମିଲ ରହିଛି। ତେବେ ଏସିସି କୌଣସି ଅନ୍ୟାନ୍ୟ କ୍ଷତିପୂରଣ ନ ଦେବାକୁ ଅଡି ବସିଛି। ଶ୍ରୀଲଙ୍କାର କ୍ଲାସିକ୍ ଟ୍ରାଭେଲ ନାମକ ଏକ କମ୍ପାନୀକୁ ଖେଳାଳିଙ୍କ ଯାତାୟାତ ପାଇଁ ପିସିବି ୨ ଲକ୍ଷ ୮୧ ହଜାର ଡଲାର ପ୍ରଦାନ କରିଛି। ଏହି ଅର୍ଥ ପିସିବି ବହନ କରିବା ନେଇ ଅସହମତି ପ୍ରକାଶ କରିଛି। ପାକିସ୍ତାନରେ ଖେଳିବାକୁ ଭାରତ ରାଜି ନ ହେବା କାରଣରୁ ହାଇବ୍ରିଡ୍ ମଡେଲରେ ଏହି ଟୁର୍ନାମେଣ୍ଟ ଖେଳାଯାଇଥିବା ବେଳେ ଖର୍ଚ୍ଚ ମଧ୍ୟ ବଢି ଯାଇଥିଲା। ପାକିସ୍ତାନ ଭୁଲରୁ ଏଭଳି ହୋଇ ନାହିଁ। ତେଣୁ କ୍ଷତି ସହିବାକୁ ଅନିଚ୍ଛା ପ୍ରକାଶ କରିଛି ପିସିବି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ